ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧୭/୨୦୨୩ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 17/2023 Page 20 ₹ 7.00

୪୯ଶ ଭାଗ ୨୦୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 202 ମୂଲ୍ୟ₹୭/-




KP GROUP
Quality Since 1965
KAMLA PASAND
PAN MASALA
NEW PACK
KP
कमला पसन्द
अनोखा स्वाद
KP GROUP
Quality Since 1965
पान मसाला
Anokha Swad
Watch at:
YouTube
NOT FOR MINOR * 0% TOBACCO AND NO ADDED NICOTINE * CHEWING OF PAN MASALA INJURIOUS TO HEALTH

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧୭/୨୦୨୩ | Bhubaneswar, Saturday, June 17/2023 | ପୃଷ୍ଠା-୧




**ଗ୍ରୀନ୍‌କାର୍ଡ ଯୋଗ୍ୟତା କୋହଳ କଲେ ବାଇଡେନ୍**
ଆମେରିକାରେ ଗ୍ରୀନ୍ କାର୍ଡକୁ ଅପେକ୍ଷା କରିଥିବା ଭାରତୀୟଙ୍କ ଲାଗି ରାଷ୍ଟ୍ରପତି ଜୋ ବାଇଡେନ୍ ଯୋଗ୍ୟତା ମାନଦଣ୍ଡରେ କୋହଳ କରିଛନ୍ତି। ୦୬

୧୦ **ଜୋ ରୁଟ୍‌ଙ୍କ ଦୃଢ଼ ବ୍ୟାଟିଂ**
ଅଷ୍ଟ୍ରେଲିଆ ବିପକ୍ଷ ଆଶେସ ସିରିଜରେ ଦୃଢ଼ ବ୍ୟାଟିଂ କରି ଇଂଲଣ୍ଡକୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଛନ୍ତି ଜୋ ରୁଟ୍।



# ନକଲି ମହାପ୍ରସାଦକୁ ନେଇ ଚିନ୍ତା

**ମହାପ୍ରଭୁଙ୍କ ଅବଢ଼ା ନାଁ ଶୁଣିଦେଲେ ମନରେ ଭରିଯାଏ ଭକ୍ତି। ଟିକେ ମହାପ୍ରସାଦ ପାଇଗଲେ ଜୀବନ ଧନ୍ୟ ହୋଇଯିବା ଭଳି ମନେ ହୁଏ। ହେଲେ ମହାପ୍ରସାଦ ବି ନକଲି ପ୍ରସ୍ତୁତ ହେବା ସହ ବିକ୍ରି ହେଉଥିବା ଅଭିଯୋଗ ଉଠିଛି। ଶ୍ରୀମନ୍ଦିରରେ ଯେପରି ଅନ୍ନ, ଡାଲି, ବେସର, ମହୁର, ଖଟା ପ୍ରସ୍ତୁତ ହୁଏ, ସେହିଭଳି ଅବିକଳ ପ୍ରସ୍ତୁତ କରାଯାଉଛି। ଏଭଳି କାର୍ଯ୍ୟକୁ ଭକ୍ତ, ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତମାନେ ମହାପ୍ରଭୁଙ୍କୁ ଅପମାନ ବୋଲି କହିବା ସହ ଘଟଣାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।**



ଟେଣ୍ଟରେ ମହାପ୍ରସାଦ ଭଳି ପ୍ରସ୍ତୁତ ହେଉଥିବା ବ୍ୟଞ୍ଜନ । (ଫଟୋ: ଯଜ୍ଞେଶ୍ୱର)

## ଭକ୍ତଙ୍କ ଭାବାବେଗ ସହ ଖେଳ
## ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ସେବାୟତ

ପୁରୀ,୧୬।୬ (ଅଜିତ୍ ମହାନ୍ତି)

ପୁରୀ ବାଶେଳିସାହି ଥାନା ଅନ୍ତର୍ଗତ ପାଇକସାହିର ଏକ ସ୍ଥାନରେ ଗୋଟିଏ ଅସ୍ଥାୟୀ ଟେଣ୍ଟରେ ଅନ୍ନ, ଡାଲି, ବେସର, ଅନ୍ୟାନ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଥିବା ଶୁକ୍ରବାର ଦେଖିବାକୁ ମିଳିଛି। ଏହାକୁ ଭକ୍ତଙ୍କୁ ବିକ୍ରି ପାଇଁ ଉଦ୍ଦିଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଶ୍ରୀମନ୍ଦିର ପରିସରରେ ପ୍ରସ୍ତୁତ ହେଉଥିବା ମହାପ୍ରସାଦ ଭଳି ଅବିକଳ କୁଡୁଆ ମାଟି ହାଣ୍ଡିରେ ମହାପ୍ରସାଦ ତିଆରି କରାଯାଉଛି। ମହାପ୍ରଭୁଙ୍କ ଅଣସର ଚାଲିଥିବାବେଳେ ଶ୍ରୀମନ୍ଦିରରେ ମହାପ୍ରସାଦ ମିଳୁ ନ ଥିବା ଭକ୍ତମାନଙ୍କୁ କୁହାଯାଉଛି। ଅନେକ ଭକ୍ତ ଏନେଇ କିଛି ଜାଣି ନ ଥିବାବେଳେ କେତେଜଣ ଏହାର ଫାଇଦା ଉଠାଉଛନ୍ତି। ସେମାନେ କେତେଜଣ ସେବାୟତଙ୍କ ସହ ମିଶି ବାହାରେ ଅନ୍ନ, ଡାଲି, ଅନ୍ୟାନ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରୁଛନ୍ତି। ଏନେଇ ସୁଆର ଓ ମହାସୁଆର ନିଯୋଗ ପକ୍ଷରୁ ସିଂହଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲେ ହେଁ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ କିଛି ଦିନ ହେବ ପାଇକସାହିଠାରେ ଉକ୍ତ ଟେଣ୍ଟରେ ବରାଦ ରଖାଯାଇ ମହାପ୍ରସାଦ ପ୍ରସ୍ତୁତ କରାଯାଇ ବାହାରକୁ ପଠାଯାଉଛି। ଏ ସମ୍ପର୍କରେ ଖବର ସଂଗ୍ରହ ପାଇଁ ଉକ୍ତ ସ୍ଥାନରେ ପହଞ୍ଚିବା କ୍ଷଣି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିମାନେ ଉକ୍ତ ସ୍ଥାନରୁ ସମସ୍ତ ଜିନିଷ ଛାଡ଼ି ପଳାଇଥିଲେ। ସେଠାରେ ମାଟି କୁଡୁଆରେ ☞ପୃଷ୍ଠା-୨

# ୨୧ରେ ଖୋଲିବ ସ୍କୁଲ

ଭୁବନେଶ୍ୱର,୧୬।୬
(ଅନୁରାଧା ମହାରଣା)

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ ଆସନ୍ତା ୨୧ ତାରିଖରେ ଖୋଲିବ। ଏନେଇ ଶୁକ୍ରବାର ରାଜ୍ୟ ସରକାର ପରିବର୍ତ୍ତିତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଜ୍ୟରେ ଉଚ୍ଚ ତାପମାତ୍ରା ସହ ଗ୍ରୀଷ୍ମ ପ୍ରବାହ କାରଣରୁ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଖରାଛୁଟି ଦିଆଯାଇଥିଲା। ଶିକ୍ଷାବର୍ଷ କ୍ୟାଲେଣ୍ଡର ଅନୁସାରେ ମେ’ ୫ରୁ ଜୁନ୍ ୧୭ ଯାଏ ଖରାଛୁଟି ନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପ୍ରିଲ ୨୧ରୁ ଆଗୁଆ ଖରାଛୁଟି ଘୋଷଣା କରିଥିଲେ। ଆସନ୍ତା ୧୮ ତାରିଖ ରବିବାର ହୋଇଥିବାବେଳେ ୧୯ ତାରିଖ ସୋମବାରକୁ ବାଦ୍‌ଦେଲେ ୨୦ ତାରିଖରେ ରଥଯାତ୍ରା ପଡୁଥିବାରୁ ୨୧ରୁ ବିଦ୍ୟାଳୟଗୁଡ଼ିକ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ରାଜ୍ୟରେ ଗ୍ରୀଷ୍ମପ୍ରବାହ ପୂର୍ବପରି ଜାରି ରହିଲେ ନିଷ୍ପତ୍ତିରେ ପରିବର୍ତ୍ତନ ହୋଇପାରେ ବୋଲି ସୂଚନା ଦିଆଯାଇଛି।

# ପୂର୍ବତନ ଏମ୍‌ପି ଅନାଦି ଦାସଙ୍କ ପରଲୋକ

- **ଯାଜପୁରରୁ ୫ଥର ଏମ୍‌ପି ହୋଇଥିଲେ**
- **ବିଭିନ୍ନ ମହଲରେ ଶୋକ**

ଯାଜପୁର,୧୬।୬
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଲୋକ ସଭା କ୍ଷେତ୍ରର ପୂର୍ବତନ ସଦସ୍ୟ ତଥା ପ୍ରବୀଣ ରାଜନୀତିଜ୍ଞ ଅନାଦି ଚରଣ ଦାସଙ୍କ ଶୁକ୍ରବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଅପରାହ୍ନ ପ୍ରାୟ ୫ଟା୨୦ରେ ପରଲୋକ ହୋଇଯାଇଛି। ତାଙ୍କୁ ୯୭ ବର୍ଷ ବୟସ ହେଉଥିଲା। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ରହି ଚିକିତ୍ସାଧୀନ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ନେତ୍ରମଣୀ ଦାସ, ଝିଅ ରେଣୁବାଳା ଦାସ, ସାନ ପୁଅ ହେମନ୍ତ ଦାସ, ନାତି ଅସିତ୍ କୁମାର ଦାସ ଓ ଅମିତ୍ କୁମାର ଦାସଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ଦାସ ୧୯୩୫ ଜାନୁୟାରୀ ୪ରେ ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ ଖଣ୍ଡରା



ଅନାଦି ଚରଣ ଦାସ

ପଞ୍ଚାୟତ ବିଞ୍ଝିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ୫ଥର ଯାଜପୁରରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ପଦାନୁକ୍ରମ ଚିନ୍ତା




**ଆଜିର ମନ୍ତବ୍ୟ**

ମଣିପୁରରେ ଭାଜପାର ଡବଲ୍ ଇଞ୍ଜିନ ସରକାର ଫେଲ୍ ମାରିଛି। ହିଂସା ପ୍ରଭାବିତ ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟର ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେବେ ମୁହଁ ଖୋଲିବେ? **-ପି. ଚିଦାମ୍ବରମ୍, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଲେଇ ଗଲା**
**ମାଲେଇ ଗଲା।**

ବେଳେବେଳେ ବ୍ୟକ୍ତିଙ୍କ ସକଳ ଚେଷ୍ଟା, ଉଦ୍ୟମ ସବୁ ନିରାଶାରେ ପରିଣତ ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ସବୁ ଆଶା ଲୋପ ପାଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖପୁରୀ ଲୋ**
**କେତେ ହେଉଥାଉ ଛୋପରି ଲୋ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରି ନ ଥାନ୍ତି। ନିଜେ ଯେତେ ନୁହେଁ କି ଯାହା ନୁହେଁ ତାକୁ ଅତିରଞ୍ଜିତ କରି ବଡ଼ିମା ଦେଖେଇ ବୃଥା ପ୍ରଶଂସା ସାଉଁଟିବାକୁ ଉଦ୍ୟମ ଚଳାଇଥାନ୍ତି। ତୁଚ୍ଛାଟାରେ ଅନ୍ୟ ଆଗରେ ଆତ୍ମବଡ଼ିମା ଦେଖେଇ ହେଉଥିବା ମହିଳାଙ୍କ ଏତାଦୃଶ ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପୁରୀରେ ନକଲି ମହାପ୍ରସାଦ




**ପ୍ରଥମ ପୃଷ୍ଠାରୁ...**

## ନକଲି ମହାପ୍ରସାଦକୁ ...

ମହାପ୍ରସାଦ ଭଳି ଅନ୍ନ, ଡାଲି ପ୍ରସ୍ତୁତ ହୋଇ ରହିଥିବାବେଳେ ଖଟା ପାଇଁ ସପୁରି ଥୁଆ ହୋଇଥିଲା। ନଡିଆ କୋରା ହେବା ସହ ବିଭିନ୍ନ ପରିବା କଟା ହୋଇ ଥୁଆ ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରଥମେ ଟପ୍‌ଗୁଡ଼ିକରେ ରୋଷେଇ ପରେ କୁଡୁଆରେ ଭର୍ତ୍ତି କରାଯାଇ ମହାପ୍ରସାଦ ବା ଅବଢ଼ାର ରୂପ ଦେବା ପାଇଁ ଚେଷ୍ଟା କରାଯାଉଥିବା ଦେଖିବାକୁ ମିଳିଥିଲା। ଏନେଇ ରୋଷେୟା ବଳିଆଙ୍କୁ ପଚାରିବାରୁ ତାଙ୍କ ସାହିରେ ଜଣେ ବ୍ୟକ୍ତିଙ୍କ ଶୁଦ୍ଧି କାର୍ଯ୍ୟ ରହିଥିବାରୁ ରୋଷେଇ ହେଉଛି, ତାହା ମହାପ୍ରସାଦ ନୁହେଁ ବୋଲି ସେ କହିଛନ୍ତି। ତେବେ ଟପ୍‌ରେ ରାନ୍ଧି କୁଡିଆଗୁଡ଼ିକରେ କାହିଁକି ଭର୍ତ୍ତି କରାଯାଉଛି ବୋଲି ପଚାରିବାରୁ ବାହାରୁ ଲୋକ ଆସିବାର କାର୍ଯ୍ୟକ୍ରମ ରହିଛି, ତେଣୁ ଏପରି ଅନ୍ନ, ଡାଲିଗୁଡ଼ିକୁ କୁଡୁଆରେ ଭର୍ତ୍ତି କରିଛୁ ବୋଲି ସେ କହିଛନ୍ତି। ତାଙ୍କ କହିବା ଅନୁଯାୟୀ ଶୁକ୍ରବାର ଘଣାଲାଗି ଶ୍ରୀମନ୍ଦିରରେ ଅବଢ଼ା ବନ୍ଦ ଥିବାରୁ ଶୁଦ୍ଧି କାର୍ଯ୍ୟରେ ୩୦୦ଲୋକଙ୍କ ପାଇଁ ରନ୍ଧା ହୋଇଥିଲା। ୧୦ଟି ମଠ କୁଡିଆ ଅନ୍ନ, ୨୦ ହାଣ୍ଡି ଡାଲି, ବେସର ଆଦି ପ୍ରସ୍ତୁତ କରାଯାଉଛି। ଏହି ରୋଷେଇ ପାଇଁ ତାଙ୍କୁ ଶ୍ରୀମନ୍ଦିରର ଜଣେ ସେବାୟତ ଡାକିଥିଲେ। ଏହା ବିକ୍ରି କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇନାହିଁ ବୋଲି ବଳିଆ କହିଛନ୍ତି। ଅପରପକ୍ଷରେ ଜଣେ ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ଗୁରୁବାର ରାତିରୁ ୩୦ଜଣ ଲୋକ ରୋଷେଇ କାର୍ଯ୍ୟରେ ନିୟୋଜିତ ଥିଲେ। ଟ୍ରଲି ସାହାଯ୍ୟରେ ଅବଢ଼ା ଯାଇଥିବା ସେ ଦେଖିଛନ୍ତି। ତେବେ ଏପରି କାର୍ଯ୍ୟ ଠିକ୍ ନୁହେଁ। ଭକ୍ତଙ୍କ ମନକୁ ଏପରି ଘଟଣା ଆଘାତ ଦେଉଛି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ନକଲି ମହାପ୍ରସାଦ ପ୍ରସ୍ତୁତି ଓ ବିକ୍ରିରୁ ଅସାଧୁ ବ୍ୟକ୍ତି କ୍ଷାନ୍ତ ରୁହନ୍ତୁ। ପୂର୍ବରୁ ଅନେକ ସମୟରେ ପରିଚାଳନା କମିଟି ବୈଠକରେ ବାହାରେ ଅବଢ଼ା ବିକ୍ରି ହେବାକୁ ନେଇ ବିରୋଧ କରାଯାଇଛି। ଫଳରେ ତାହା ବନ୍ଦ ରହିଥିଲା। ତେଣୁ ଏଥିପ୍ରତି ସୁଆର ମହାସୁଆର ନିଯୋଗ ଧ୍ୟାନ ଦେବା ସହ ଏପରି କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ତେବେ ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ନକଲି ମହାପ୍ରସାଦ ପ୍ରସ୍ତୁତ ହୋଇ ବିକ୍ରି ହେଉଥିବା ନେଇ ନିର୍ଦ୍ଦିଷ୍ଟ ଭାବରେ ଅଭିଯୋଗ ଆସିଲେ ଏହାଉପରେ ତଦନ୍ତ କରାଯିବ। ତେବେ ମହାପ୍ରସାଦ କହି କେହି ବିକୁଥିବାର ଦୃଶ୍ୟ ହୁଏ, ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ପୂର୍ବତନ ଏମ୍‌ପି ଅନାଦି ...

ତାଙ୍କ ରାଜନୈତିକ ଜୀବନ କଂଗ୍ରେସରୁ ଆରମ୍ଭ ହୋଇଥିବାବେଳେ ସେ ୧୯୭୧, ୧୯୮୦ ଓ ୧୯୮୪ରେ ଲୋକ ସଭା ସଦସ୍ୟ ହୋଇଥିଲେ। ପରେ କଂଗ୍ରେସ ଦଳ ପରିତ୍ୟାଗ କରି ଜନତା ଦଳରେ ଯୋଗଦେଇ ୧୯୮୯ ଓ ୧୯୯୧ରେ ଯାଜପୁର ଏମ୍‌ପି ହୋଇଥିଲେ। ଏହାପରେ ଜନତାଦଳ ପରିତ୍ୟାଗ କରି ପୁଣି କଂଗ୍ରେସରେ ଯୋଗଦେଇ ୧୯୯୩ରେ କେନ୍ଦ୍ରର ପି.ଭି. ନରସିଂହ ରାଓ ସରକାରଙ୍କୁ ଆସ୍ଥା ଭୋଟ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ବିଶ୍ୱନାଥ ପ୍ରତାପ ସିଂହଙ୍କ ସରକାର ସମୟରେ ଦାସ ସର୍ବଭାରତୀୟ ଏସ୍‌ସି/ଏସ୍‌ଟି କମିଶନର ଅଧ୍ୟକ୍ଷ ଭାବେ କାର୍ଯ୍ୟ ନିର୍ବାହ କରିବା ସହିତ ରେଳ ପରାମର୍ଶଦାତା ଷ୍ଟାଣ୍ଡିଂ କମିଟିର ସଭ୍ୟ ରହିଥିଲେ। ଦାସଙ୍କ ପରଲୋକ ଖବର ଜଣାପଡ଼ିବା ପରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ, ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ, ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରଣବ ବଳବନ୍ତରାୟ, ମନ୍ତ୍ରୀ ପ୍ରମିଳା ମଲ୍ଲିକ, ପ୍ରୀତିରଞ୍ଜନ ଘଡ଼ାଇ, ବିଧାୟିକା ସୁନନ୍ଦା ଦାସ, ବିଧାୟକ ଅଶୋକ କୁମାର ବଳ, ପୂର୍ବତନ ଏମ୍‌ପି ରୀତା ତରାଇ, ଅଞ୍ଚଳ ଦାସ, ରାମଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଭାଜପା ଜିଲା ସଭାପତି ଗୌତମ ରାୟ, ଦଶରଥପୁର ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମଲ, ଜିଲା ସମ୍ପାଦକ ସୁଦୀପ୍ତ ପଣ୍ଡା, ବିଜେଡି ଜିଲା ସଭାପତି ସରୋଜ କୁମାର ମହାପାତ୍ର, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଯାଜପୁର ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ସନ୍ତୋଷ କୁମାର ନନ୍ଦ, ନାରାୟଣ ଚନ୍ଦ୍ର ସାମନ୍ତ, ବଳଭଦ୍ର ଦାସ, ଶିଶିର କୁମାର ନାୟକ, ଦିଗାମ୍ବର କର ଓ କିଷାନ ପଣ୍ଡା ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଚୋରି ହେଉଛି ନିରାମୟ ଦାମୀ ଔଷଧ

- **ଧରାପଡ଼ିଲେ ଫାର୍ମାସିଷ୍ଟ, ବିଭାଗୀୟ ତଦନ୍ତ ଆରମ୍ଭ**
- **ମାଗଣା ସଂକେତ ନ ଥିବାରୁ ଚୋରି ସୁଯୋଗ**

ବରଗଡ଼,୧୬।୬
(ପ୍ରେମାନନ୍ଦ ଖମାରୀ)

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ବ୍ୟତୀତ ଅନ୍ୟମାନଙ୍କୁ ମାଗଣାରେ ଔଷଧ ଯୋଗାଣ ପାଇଁ ଓଡ଼ିଶା ସରକାର ନିରାମୟ ଯୋଜନା କରିଛନ୍ତି। ୨୦୧୫ରୁ ରାଜ୍ୟରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ୫୭୩ ପ୍ରକାର ଜୀବନ ରକ୍ଷାକାରୀ ଔଷଧ ରୋଗୀଙ୍କୁ ଯୋଗାଇବାର ପ୍ରାବଧାନ ରହିଛି। ମାତ୍ର କିଛି ବିଭାଗୀୟ କର୍ମଚାରୀ ଏହାର ବେଶ୍ ଫାଇଦା ଉଠାଉଥିବା ଭଳି ଘଟଣା ସାମ୍ନାକୁ ଆସିଛି। ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ଫାର୍ମାସିଷ୍ଟ ନିରାମୟ କକ୍ଷରୁ ବହୁ ଦାମିକିଆ ଔଷଧ ଧରି ଯାଉଥିବାବେଳେ ସ୍ଥାନୀୟ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଛନ୍ତି। ସମ୍ପୃକ୍ତ ଫାର୍ମାସିଷ୍ଟ ବୁଧବାରଠାରୁ ଧରାପଡ଼ି ଥିବାବେଳେ ଏପର୍ଯ୍ୟନ୍ତ ତାଙ୍କ ବିରୋଧରେ କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ କି ପୋଲିସରେ ଏତଲା ମଧ୍ୟ ଦିଆଯାଇନାହିଁ। ଫଳରେ ଏହି ଘଟଣାରେ ବିଭାଗୀୟ କାର୍ଯ୍ୟକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ନିରାମୟ କେନ୍ଦ୍ରକୁ ପୂର୍ବରୁ ଆସୁଥିବା ଔଷଧରେ ନଟ୍ ଫର୍ ସେଲ୍ (ବିକ୍ରି ପାଇଁ ନୁହେଁ) ସଙ୍କେତ ରହୁଥିଲା। ମାତ୍ର ଏବେ ତାହା ନ ରହି ସିଧାସଳଖ ଔଷଧର ଏମ୍‌ଆର୍‌ପି (ମେକ୍ସିମମ୍ ରିଟେଲ୍ ପ୍ରାଇସ୍) ଉଲ୍ଲେଖ ରହୁଥିବାରୁ ତାହା ନିରାମୟ ଔଷଧ ଚୋରି କରି ବାହାରେ ବିକ୍ରି କରିବାକୁ ସୁଯୋଗ ଦେଉଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି। ସୂଚନା ଅନୁଯାୟୀ, ସହର ଉପକଣ୍ଠ ଖେଦାପାଲି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନିରାମୟ କେନ୍ଦ୍ର ରହିଛି। ଏଠାରେ ଔଷଧ ବିତରଣ ପାଇଁ ଫାର୍ମାସିଷ୍ଟ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ରହିଛନ୍ତି। ଡାକ୍ତରଙ୍କ ପରାମର୍ଶକ୍ରମେ ଉକ୍ତ କେନ୍ଦ୍ରରେ ଉପଲବ୍ଧ ଔଷଧ ରୋଗୀଙ୍କୁ ମାଗଣାରେ ଦିଆଯିବାର ନିୟମ ରହିଛି। ତେବେ ବୁଧବାର ଏଠାରେ କାର୍ଯ୍ୟରତ ଫାର୍ମାସିଷ୍ଟ ବହୁ ପରିମାଣର ଦାମିକିଆ ଔଷଧକୁ ବସ୍ତାରେ ଲୁଚାଇ ନେଉଥିଲେ ଏବଂ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଥିଲେ। ସେହି ଔଷଧ ମଧ୍ୟରେ ଦାମିକିଆ ଭିଟାମିନ୍, ସିରପ୍, ଇଞ୍ଜେକ୍ସନ, ସାଲାଇନ୍ ଆଦି ରହିଥିଲା। ଧରାପଡ଼ିବା ପରେ ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ ହୋଇଥିଲା। ମାତ୍ର ସମ୍ପୃକ୍ତ ଫାର୍ମାସିଷ୍ଟ ସେଥିରେ ସଫଳ ହୋଇ ନ ଥିଲେ। କଥାଟି ଉପରିସ୍ଥ ଅଧିକାରୀଙ୍କ ପାଖକୁ ଯାଇଥିଲା ଏବଂ ତଦନ୍ତ ଆରମ୍ଭ ହୋଇଥିଲା। ନିରାମୟ କେନ୍ଦ୍ରରୁ ଏଭଳି ଔଷଧ ଚୋରି ରୋକିବା ଦିଗରେ ରାଜ୍ୟ ସରକାର ଠୋସ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସାମାଜିକ କର୍ମୀ ବିକାଶ ଅଗ୍ରୱାଲ କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡ଼ିଏମ୍‌ଓ) ଡା. ଚାରୁବାଳା ରଥଙ୍କୁ ପଚାରିବାରୁ କହିଥିଲେ, ଫାର୍ମାସିଷ୍ଟ ନିର୍ମଳ ପ୍ରଧାନଙ୍କ ବିରୋଧରେ ସେଭଳି ଅଭିଯୋଗ ଆସିଛି। ଏହି ଘଟଣାକୁ ଗୁରୁତ୍ୱର ସହିତ ନିଆଯାଇଛି। ନିରାମୟ ଯୋଜନାର ଔଷଧ ଚୋରି କରିବା ବଡ଼ ଅପରାଧ। ଏଥିରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ନେଇ ଏଡ଼ିଏମ୍‌ଓ ଡା. ବିଭୂତି ଭୂଷଣ ମେହେରଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ହେବ ଏବଂ ବିଭାଗୀୟ ତଦନ୍ତ ସରିବା ପରେ ପୋଲିସ ଏତଲା ନେଇ ବିଚାର କରାଯିବ ବୋଲି ସିଡ଼ିଏମଓ ରଥ କହିଥିଲେ। ସେ ଛୁଟିରେ ଥିଲେ ଏବଂ ଶୁକ୍ରବାର ଯୋଗଦାନ ପରେ ଅଭିଯୋଗ ପାଇବା କ୍ଷଣି ସେଭଳି ନିର୍ଦ୍ଦେଶ ଦେଇଛନ୍ତି ବୋଲି ସିଡ଼ିଏମ୍‌ଓ ପ୍ରକାଶ କରିଛନ୍ତି।

# ସଂଶୋଧନ ହେଲା ପ୍ରଧାନମନ୍ତ୍ରୀ ଆବାସ କିସ୍ତି

**ପ୍ରଥମ କିସ୍ତିରେ ମିଳିବ ୪୦ ହଜାର ଟଙ୍କା**

ଭୁବନେଶ୍ୱର,୧୬।୬
(ଅନିଲ ଦାସ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) (ପିଏମ୍‌ଏୱାଇ-ଜି)ରେ ହିତାଧିକାରୀମାନଙ୍କୁ ପକ୍କାଘର ପାଇଁ ଦିଆଯାଉଥିବା ଇନ୍‌ଷ୍ଟାଲମେଣ୍ଟ(କିସ୍ତି) ଆର୍ଥିକ ସହାୟତାରେ ରାଜ୍ୟ ସରକାର ସଂଶୋଧନ କରିଛନ୍ତି। ଏ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୱାର୍କଅର୍ଡର ଦେବା ସହିତ ପ୍ରଥମ କିସ୍ତିରେ ହିତାଧିକାରୀଙ୍କୁ ୪୦ ହଜାର ଟଙ୍କା ଦିଆଯିବ। ସେହିପରି ଘର କାମ ଛାତ ପର୍ଯ୍ୟନ୍ତ ଶେଷ ହେଲେ ଦ୍ୱିତୀୟ କିସ୍ତି ବାବଦରେ ୬୫ ହଜାର ଟଙ୍କା ଏବଂ ପାଇଖାନା ସହ ଘର ନିର୍ମାଣ ଶେଷ ହେବା ପରେ ହିତାଧିକାରୀ ସେହି ଘରେ ରହିବା ପରେ ତୃତୀୟ କିସ୍ତି ବାବଦରେ ଆଇଏପି ଅଞ୍ଚଳ ପାଇଁ ୨୫ ହଜାର ଓ ନନ୍‌ଆଇଏପି ଅଞ୍ଚଳ ପାଇଁ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ୨୦୨୧-୨୨ ଏବଂ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଏହା ଲାଗୁ କରାଯିବ। ଏହା ପୂର୍ବରୁ ଦିଆଯାଉଥିବା କିସ୍ତି ଅପରିବର୍ତ୍ତିତ ରହିବ। ଏ ନେଇ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିତୀୟଭାବସ୍ଥ ଚତୁର୍ଥେଶ ଯୋଗୁ ବନ୍ଧୁମିଳନ ସହ ସୁସ୍ୱାଦୁ ଭୋଜନର ସୁଯୋଗ ମିଳିବ। ଆଜିର କାମରେ ନିଶ୍ଚିତ ସଫଳତା ମିଳିବ କିନ୍ତୁ ବୁଧ ମୁଖଭାବସ୍ଥ ହେତୁ କହିବାର ଶୈଳୀ କଠୋର ନ ହେବା ଦରକାର। କଷ୍ଟ ସ୍ୱୀକାରପୂର୍ବକ କୌଣସି ବ୍ୟକ୍ତି ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିପାରନ୍ତି।

**ବୃଷ**
ସ୍ୱଗୃହୀ କର୍ମାଧିପ ଯୋଗୁ ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ସମାଧାନପୂର୍ବକ କାମ ହାସଲ କରିବାରେ ସମର୍ଥ ହେବେ। ବନ୍ଧୁଙ୍କ କାର୍ଯ୍ୟକଳାପ ଦୁଃଖ ଦେଇପାରେ, କିନ୍ତୁ କିଛି କହିପାରିବେ ନାହିଁ। ବାଣିଜ୍ୟରେ ଉନ୍ନତି କରିବେ,କିନ୍ତୁ ପରିବହନରେ ଝଗଡ଼ାର ସମ୍ଭାବନା ରହିଛି। ବନ୍ଧୁଙ୍କ ଜରିଆରେ ବକେୟା ଅର୍ଥ ପାଇବେ।

**ମିଥୁନ**
ରାଶିରେ ରବି କୌଣସି ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟରୁ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିବେ। କଠିନ ପରିଶ୍ରମ ଓ ଟାଣଖରା ଜନିତ ଦେହଟା ଟିକିଏ ଭଲ ଲାଗି ନପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ପାରିବାରିକ ସମସ୍ୟା କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ**
ଶୁକ୍ର ଓ ମଙ୍ଗଳଙ୍କ ରାଶ୍ୟାବସ୍ଥାନରୁ କେତେକ ନୂତନ ସୁବିଧା ପାଇ ମନ ହାଲୁକା ହୋଇଯିବ। ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବାକୁ ପଡ଼ିପାରେ। ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ଆରମ୍ଭ କରିବାକୁ ମନ ବଳାଇ ଖୁସି ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ସମସ୍ୟାବହୁଳ ରହିବ।

**ସିଂହ**
ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ପ୍ରଭାବରୁ ପ୍ରତିବନ୍ଧକ ମଧ୍ୟରେ କେତେକ ସ୍ଥଗିତ କାମ ସକାଶେ ଚିନ୍ତିତ ରହିପାରନ୍ତି। ଅଫିସରେ ମନ କଥା ମନରେ ମାରି ରହିବାକୁ ବାଧ ହେବେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଥିଲେ ମଧ ସମ୍ପୂର୍ଣ୍ଣ ଭଲ ହୋଇ ନ ଥିବାରୁ ବ୍ୟସ୍ତତା ଅନୁଭବ କରିବେ।

**କନ୍ୟା**
ଅଷ୍ଟମସ୍ଥ ଗୁରୁଚାଣ୍ଡାଳ ଯୋଗ ହେତୁ ପାରିବାରିକ କ୍ଷେତ୍ରରେ ଅର୍ଥସଂକଟ ଦେଖାଦେବ। ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ସାହାଯ୍ୟରେ ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଚିନ୍ତା ଦୂର ହେବ। ପ୍ରତିଦ୍ୱନ୍ଦ୍ୱିତା ନ କରି ଆଲୋଚନା ମଧ୍ୟରେ କାମ କରିବା ଭଲ ହେବ।

**ତୁଳା**
ଆଜି ଚନ୍ଦ୍ର ଓ ବୁଧ ଦୁଃସ୍ଥାନସ୍ଥ ଯୋଗୁ ସ୍ଥଗିତ କର୍ମ ସମ୍ପାଦନ କରିବାରେ ସମସ୍ୟାର ସମ୍ମୁଖୀନ ହେବେ। ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଖୁସି ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ କାମର ଚାପରେ ସାମୟିକ ବିବ୍ରତ ହେବାର ଆଶଙ୍କା ରହିଛି। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି।

**ବିଛା**
ଭାଗ୍ୟାଧିପତି ଉଚ୍ଚସ୍ଥ ହେତୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜିର କାମ କରିବାରେ ସଫଳତା ପାଇବେ। ଇଚ୍ଛା ଅନୁଯାୟୀ କାମଗୁଡ଼ିକ ହେବା କାରଣରୁ ମାନସିକ ସ୍ଥିରତା ରହିବ। ଜ୍ୟେଷ୍ଠା ନକ୍ଷତ୍ର ନୀରବରେ ବସି ରହିଲେ ସମସ୍ୟାରେ ଛନ୍ଦି ହେବାକୁ ପଡ଼ିପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସଫଳତା ହାସଲ କରିବେ।

**ଧନୁ**
ଶୁକ୍ରଙ୍କ ଦ୍ୱାରା ବିପରୀତ ରାଜଯୋଗ ସୃଷ୍ଟି ହେଉଥିବାରୁ କୌଣସି ସମସ୍ୟା କାମକୁ ଅଟକାଇ ପାରିବନାହିଁ। ସକାଳୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। ଛୋଟ କଥାକୁ କେନ୍ଦ୍ରକରି ନିଜ ଲୋକଙ୍କ ସହ ଯୁକ୍ତିତର୍କ ଠିକ୍ ହେବନାହିଁ। ଆନୁଷ୍ଠାନିକ କାମରେ ସୁଯୋଗ ପାଇ ଆନନ୍ଦିତ ହୋଇପାରନ୍ତି।

**ମକର**
ପାରିବାରିକ ଅଶାନ୍ତିଜନିତ ଅନ୍ତର୍ଦ୍ୱନ୍ଦ୍ୱ ମାନସିକ ଅସୁସ୍ଥତାକୁ ବଢ଼ାଇଦେଇପାରେ। ତଥାପି ବହୁ ଦିନରୁ ଅଟକି ରହିଥିବା କାର୍ଯ୍ୟଟି ଆକସ୍ମିକ ଭାବରେ ଆଜି ସମାଧାନ ହୋଇଯିବ। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଓ ଖାଲି ହାତରେ ଫେରିବେ ନାହିଁ। ଆର୍ଥିକ ସ୍ଥିତି ପୂର୍ବପରି ଲାଗି ରହିବା କାରଣରୁ ଧାର, କରଜ କରିବାକୁ ପଡ଼ିପାରେ।

**କୁମ୍ଭ**
କର୍ମାଧିପତି ଷଷ୍ଠ ଯୋଗୁ କର୍ମକ୍ଷେତ୍ରରେ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଘର ପାଇଁ ହେଉ କିମ୍ବା ବନ୍ଧୁ ପାଇଁ ଯେତେ ଭଲ କାମ କଲେ ମଧ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅନ୍ୟମନସ୍କ ନ ରହି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ମୀନ**
ଶୁଭଚନ୍ଦ୍ର କାରଣରୁ ବିଭିନ୍ନ ଦିଗରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ରାହୁଯୁକ୍ତ ଗୁରୁ ହେତୁ ଭୁଲ୍ ବୁଝାମଣା ହେତୁ ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦ ଉପୁଜିପାରେ। ବ୍ୟବସାୟ, ପରିବହନ, ଜମିଜମା କ୍ଷେତ୍ରରୁ ସଫଳତା ହାସଲ କରିବେ। ଆଶା ପୂରଣ ହେତୁ ରେବତୀ ନକ୍ଷତ୍ରର ମାନସିକ ସ୍ଥିତି ପ୍ରାୟତଃ ଠିକ୍ ରହିବ।

ଆଜି ବସୁମତି ସ୍ନାନ, ଶ୍ରୀମନ୍ଦିରରେ ଅନବସର ଚତୁର୍ଦ୍ଦଶୀ, ଚକା ଅପସାରଣ, ଅମାବାସ୍ୟାର ନିଶାପାଳନ, ବାର, ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା, ଶନିବାର, ଜୁନ୍ ୧୭ ତାରିଖ, ରାଶି ନକ୍ଷତ୍ର -ରୋହିଣୀ/ବୃଷ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୧୦।୦୮ ଗତେ ଘ. ୧୨।୧୩ ମଧ୍ୟେ, ଘ.୦୩।୦୫ ଗତେ ଘ. ୦୩।୪୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୨୯ ଗତେ ଘ.୧୦।୦୮ ମଧ୍ୟେ ରାହୁକାଳ।

# ପେଣ୍ଟାଗନ୍‌ର ଗୁପ୍ତ ଦସ୍ତାବିଜ ପ୍ରଘଟକାରୀ ୨୧ ବର୍ଷୀୟ

**ନିଜ ସାମରିକ କ୍ୟାରିୟରର ମାତ୍ର ୩ ବର୍ଷ ମଧ୍ୟରେ ଜାକ୍ ଡୋଗଲାସ୍ ଟେକ୍ସେରା ଆମେରିକାର ସବୁଠୁ ସମ୍ବେଦନଶୀଳ ଗୋଇନ୍ଦା ଅପରେଶନ ତଥ୍ୟ ହାସଲ ପରେ ପ୍ରଘଟ କରିଛନ୍ତି। ଏଣିକି ଦେଶର କେଉଁମାନେ ଏଭଳି ଗୋପନୀୟ ତଥ୍ୟ ପାଇପାରିବେ ସେନେଇ ପେଣ୍ଟାଗନ୍ ସମୀକ୍ଷା କରିବା ପାଇଁ ବାଧ ହୋଇଛି।**

ୱାଶିଂଟନ୍,୧୬।୬

ହାତରେ ହ୍ୟାଣ୍ଡକଫ୍ ଓ ଦୁଇଗୋଡ଼ରେ ଶିକୁଳି। ୨୧ ବର୍ଷୀୟ ଜାକ୍ ଟେକ୍ସେରା ବୋଷ୍ଟନର ଜନଗହଳିପୂର୍ଣ୍ଣ କୋର୍ଟରୁମ୍‌ରେ ପ୍ରଥମ ହାଜିରା ବେଳେ ବିଚଳିତ ଦେଖାଯାଉଥିଲେ। ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟ 'ପେଣ୍ଟାଗନ୍'ର ଗୋପନୀୟ ଦସ୍ତାବିଜ ପ୍ରଘଟ ଅଭିଯୋଗରେ ଏପ୍ରିଲ ୧୩ରେ ଦେଶର ପ୍ରମୁଖ ତଦନ୍ତକାରୀ ସଂସ୍ଥା ଫେଡେରାଲ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋ (ଏଫ୍‌ବିଆଇ) ମାସାଚ୍ୟୁସେଟ୍ସର ଡିଘଟନ୍‌ରୁ ତାଙ୍କୁ ଗିରଫ କରିଥିଲା। ଜୁନ୍ ୧୫ରେ ତାଙ୍କ ବିରୋଧରେ ଅଭିଯୋଗ ଧାର୍ଯ୍ୟ ହୋଇଛି। ପ୍ରତିରକ୍ଷା ସମ୍ପର୍କିତ ଗୋପନୀୟ ତଥ୍ୟ ପ୍ରଘଟ ନେଇ ଆପରାଧିକ ମାମଲାରେ ପ୍ରତିବାଦୀ ଭାବେ ମାସାଚ୍ୟୁସେଟ୍ସ ନ୍ୟାଶନାଲ ଗାର୍ଡ ଏୟାରମ୍ୟାନ୍ ଜାକ୍‌ଙ୍କୁ ତାଙ୍କ ଅଧିକାର ଉପରେ ଅବଗତ କରାଯିବା ମାତ୍ରେ ସେ କହିଥିଲେ 'ହଁ'। ଶୁଣାଣି ପରେ ଭିଡ଼ ଭିତରୁ ଜଣେ ବ୍ୟକ୍ତି ଉଚ୍ଚସ୍ୱରରେ କହିଥିଲେ, 'ଆଇ ଲଭ୍ ୟୁ ଜାକ୍'। ପଛକୁ ନ ଅନାଇ ଜାକ୍ ଉତ୍ତର ଦେଇଥିଲେ, 'ୟୁ ଟୁ ଡାଡ୍'।

ଜାକ୍‌ଙ୍କ ବିରୋଧରେ ଇଚ୍ଛାକୃତ ଭାବେ ଜାତୀୟ ପ୍ରତିରକ୍ଷା ସମ୍ପର୍କିତ ଗୋପନୀୟ ତଥ୍ୟ ହାସଲ ଓ ସ୍ଥାନାନ୍ତର କରିବା ନେଇ ଗ୍ରାଣ୍ଡ ଜୁରି ୬ଟି ଅଭିଯୋଗ ଧାର୍ଯ୍ୟ କରିଛନ୍ତି। ସରକାରୀ ଓକିଲଙ୍କ ଅଭିଯୋଗ ହେଲା, ଅନ୍‌ଲାଇନ ଗେମିଂର ଅହଂକାରୀ ସଂସ୍କୃତିରେ ଧରାପଡ଼ିଥିବା ଜାକ୍ ଅନେକ ଶହ ଗୁପ୍ତ ଦସ୍ତାବିଜ ଏକ ଡିସ୍‌କର୍ଡ ଚାର୍ଟ ସର୍ଭରରେ ଶେୟାର କରିଥିଲେ। ଏହାକୁ ଆମେରିକା ଇତିହାସରେ ଦଶନ୍ଧିର ସବୁଠୁ ବଡ଼ ଗୋଇନ୍ଦା ଡେଟା ଲିକ୍ କୁହାଯାଉଛି। ପୂର୍ବରୁ ୨୦୧୩ରେ କମ୍ପ୍ୟୁଟର ଇଣ୍ଟେଲିଜେନ୍ସ କନ୍‌ସଲଟାଣ୍ଟ ଏଡ୍‌ୱାର୍ଡ ସ୍ନୋଡେନ୍ ନ୍ୟାଶନାଲ ସିକ୍ୟୁରିଟି ଏଜେନ୍ସିର ଗୁପ୍ତ ଦସ୍ତାବିଜ ପ୍ରଘଟ କରି ଚର୍ଚ୍ଚିତ ହୋଇଥିଲେ।

ନ୍ୟାଶନାଲ ଗାର୍ଡରେ ଜଣେ ନିମ୍ନପାହ୍ୟାର 'ସାଇବର ସିକ୍ୟୁରିଟି ଜର୍ନିମ୍ୟାନ୍' ଭାବେ କାର୍ଯ୍ୟରତ ଜାକ୍ ୨୦୨୧ରୁ ସବୁଠୁ ଗୋପନୀୟ ସୁରକ୍ଷା ମଞ୍ଜୁରୀ ତଥ୍ୟ ହାସଲ କରିଥିଲେ। ଏହା ବଳରେ ସେ ଉଚ୍ଚ ପଦସ୍ଥ ରାଜନେତାଙ୍କ ଅବସ୍ଥିତି ଓ ଗତିବିଧି ଏବଂ ସାମରିକ ବଳର ଟେକ୍ନିକାଲ୍ ଅପ୍‌ଡେଟ୍ସ ଉପରେ ଅନେକ କଥା ଜାଣିପାରିଥିଲେ। ସଂଘୀୟ ତଦନ୍ତକାରୀମାନଙ୍କ ଅଭିଯୋଗ ହେଲା, ଜାକ୍ ଗତ ଡିସେମ୍ବରରୁ କ୍ଲାସିଫାଏଡ୍ ରିପୋର୍ଟଗୁଡ଼ିକୁ କପି କରି ଏକ ପ୍ରାଇଭେଟ୍ ଡିସ୍‌କର୍ଡ ଚାଟ୍ ଗ୍ରୁପ୍‌ରେ ଶେୟାର କରିବା ଆରମ୍ଭ କରିଥିଲେ। ଉକ୍ତ ମେସେଜିଂ ସୋସିଆଲ ପ୍ଲାଟ୍‌ଫର୍ମ ଗ୍ରୁପ୍‌ରେ ୨୦ରୁ ୩୦ କିଶୋର ଓ ଯୁବ ସଦସ୍ୟ ରହିଥିଲେ। କୋଭିଡ୍-୧୯ ମହାମାରୀ ସମୟରେ ସେମାନେ ବନ୍ଧୁକ, ଭଗବାନ ଓ ଗେମିଂ ନାମରେ ଏକାଠି ହୋଇଥିଲେ। ଜାକ୍ ଏଥିରେ ନିଜ ଛଦ୍ମନାମ ରଖିଥିଲେ 'ଓଜି'। ଟୁଇଟର, ଫେସ୍‌ବୁକ୍, ୟୁଟ୍ୟୁବ୍ ସମେତ ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଏସବୁ ସାମ୍ନାକୁ ଆସିବା ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ୟୁକ୍ରେନ୍ ପଲିସିର ବିଫଳତା ଧରାପଡ଼ିଥିଲା। ଜାତୀୟ ସୁରକ୍ଷା ବିପନ୍ନ ହୋଇଥିବାରୁ ୱାଶିଂଟନ୍‌କୁ ବିଦେଶରେ ମଧ ହଟହଟା ହେବାକୁ ପଡ଼ିଥିଲା।

ଗତ ଜାନୁୟାରୀରେ ଜାକ୍ ସାମରିକ ମାନଚିତ୍ର ଓ ଚାଟ୍‌ଗୁଡ଼ିକର ଫଟୋ ଉତ୍ତୋଳନ କରି ସେଥିରେ ପୋଷ୍ଟ କରିଥିଲେ। ୟୁକ୍ରେନ୍‌ର ଏୟାର ଡିଫେନ୍ସ ସିଷ୍ଟମ୍ସ ଏବଂ ଆମେରିକା ପକ୍ଷରୁ ଏହି ଯୁଦ୍ଧ ପ୍ରଭାବିତ ରାଷ୍ଟ୍ରକୁ ଯୋଗାଇ ଦିଆଯାଉଥିବା ଅନ୍ୟ ଅସ୍ତ୍ରଶସ୍ତ୍ର, ଇଜିପ୍ଟ ଓ ଇସ୍ରାଏଲ୍ ଭଳି ସହଯୋଗୀ ରାଷ୍ଟ୍ର ସମ୍ପର୍କିତ ରାଜନୈତିକ ସମ୍ବେଦନଶୀଳ ଗୋଇନ୍ଦା ତଥ୍ୟ ମଧ୍ୟ ସେ ଏଥିରେ ପୋଷ୍ଟ କରୁଥିଲେ। ମାର୍ଚ୍ଚ ସୁଦ୍ଧା ସେ ଡିସ୍‌କର୍ଡ ଆପ୍‌ରେ ଏପରି ୩୦ ଗୁପ୍ତ ଦସ୍ତାବିଜ ପୋଷ୍ଟ କରିଥିବା ନେଇ ନେଦରଲାଣ୍ଡ୍ସର ଅନୁସନ୍ଧାନକାରୀ ଖବରଦାତା ଗୋଷ୍ଠୀ ବେଲିଂକ୍ୟାଟ୍ ପ୍ରଘଟ କରିଛି। ଏହା ପୂର୍ବରୁ ଫେବୃୟାରୀରେ ସେ ରୁଷୀୟ ଟେଲିଗ୍ରାମ୍ ଚ୍ୟାନେଲଗୁଡ଼ିକରେ କେତେକ ପୋଷ୍ଟ କରିଥିଲେ। ସେଥିମଧ୍ୟରୁ ଗୋଟିଏର ଶୀର୍ଷକ ଥିଲା 'ରୁଷିଆ-ୟୁକ୍ରେନ୍: ବ୍ୟାଟେଲ ଫର୍ ଦି ଡୋନ୍‌ବାସ ରିଜିୟନ୍ ଲାଇକ୍‌ଲି ହେଡିଂ ଫର୍ ଦି ଷ୍ଟେଲମେଟ୍ ଥ୍ରୁଆଉଟ୍ ୨୦୨୩'। ୟୁକ୍ରେନ୍‌ରେ ଆମେରିକା ପକ୍ଷରୁ ଚାଲିଥିବା ଅପରେଶନ୍‌ରେ ସୃଷ୍ଟି ହୋଇଥିବା ଆହ୍ୱାନଗୁଡ଼ିକ ସମ୍ପର୍କରେ ଏଥିରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଥିଲା। ସେହିପରି ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ଆମେରିକା ଏବଂ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ପକ୍ଷରୁ କିଭ୍‌କୁ କେତେ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଇଛି, ଆଗକୁ କେତେ ଓ କିପରି ସାମରିକ ସହାୟତା ପ୍ରଦାନ କରାଯିବ ସବୁ କିଛି ପଦାକୁ ଆସିଛି। ୟୁକ୍ରେନ୍ ଯୁଦ୍ଧରେ ଉଭୟ ପକ୍ଷ ସୈନ୍ୟଙ୍କ ମୃତ୍ୟୁସଂଖ୍ୟା ସହ କିଭ୍ ପାଖରେ ଥିବା ମିଶାଇଲ୍ ଓ ଅନ୍ୟ ଯୁଦ୍ଧାସ୍ତ୍ର ଖୁବ୍‌ଶୀଘ୍ର ଶେଷ ହୋଇଯିବ ବୋଲି ଲିକ୍ ଦସ୍ତାବିଜରୁ ପ୍ରଘଟ ହୋଇଛି।


ଜାକ୍ ଡୋଗଲାସ୍ ଟେକ୍ସେରା

## ଜାକ୍ ଟେକ୍ସେରାଙ୍କ ପରିଚୟ

ଜାକ୍ ଟେକ୍ସେରା ମାସାଚ୍ୟୁସେଟ୍ସ ଏୟାର ନ୍ୟାଶନାଲ ଗାର୍ଡର ଜଣେ ମେମ୍ବର। ୨୦୧୯ରେ ସର୍ଭିସରେ ଯୋଗଦେବା ପରେ ସେ ନ୍ୟାଶନାଲ ଗାର୍ଡ ବେସ୍‌ରେ ସାମରିକ ନେଟ୍‌ୱର୍କର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ। ତାଙ୍କ ପରିବାରର ଅନେକ ସଦସ୍ୟ ସେନାରେ କାର୍ଯ୍ୟ କରୁଛନ୍ତି କିମ୍ବା ପୂର୍ବରୁ ସେବା ପ୍ରଦାନ କରିଛନ୍ତି। ଏଫ୍‌ବିଆଇ ଏଜେଣ୍ଟମାନେ ଗତ ଏପ୍ରିଲ ୧୩ରେ ଜାକ୍‌ଙ୍କ ଘରେ ଚଢ଼ାଉ କରିବା ସହ ଦଣ୍ଡ କୋହଳ କରାଇବା ପ୍ରତିଶ୍ରୁତି ଦେଇ ତାଙ୍କୁ ଗିରଫ କରିଥିଲେ। ଗିରଫଦାରି ବେଳେ ଜାକ୍ ଏକ ଟି-ଶାର୍ଟ ଓ ଶର୍ଟ୍ସ ପିନ୍ଧିଥିଲେ। ଜାତୀୟ ଗୁପ୍ତ ପ୍ରତିରକ୍ଷା ଦସ୍ତାବିଜଗୁଡ଼ିକୁ ବେଆଇନ ଭାବେ ହାସଲ କରି ଅନ୍ୟତ୍ର ପ୍ରେରଣ କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ଆଟର୍ନି ଜେନେରାଲ ମେରିକ୍ ଗାର୍ଲେଣ୍ଡ ସୂଚନା ଦେଇଛନ୍ତି। ତେବେ ଏହି ଲୋ-ର୍‍ୟାଙ୍କିଙ୍ଗ୍ ସର୍ଭିସ୍ ମେମ୍ବର ଅଭିଯୁକ୍ତ ରୂପେ ଆବିର୍ଭାବ ହେବା ଦଶନ୍ଧିର ସବୁଠୁ ହାଇଏଷ୍ଟ ପ୍ରୋଫାଇଲ ଇଣ୍ଟେଲିଜେନ୍ସ ଲିକ୍‌କୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଣେ ନିମ୍ନପାହ୍ୟାର ପ୍ରତିରକ୍ଷା ବିଭାଗ କର୍ମଚାରୀ ଏଭଳି ସମ୍ବେଦନଶୀଳ ତଥ୍ୟ ହାସଲ କରିବା ସମସ୍ତଙ୍କୁ ଚକିତ କରିଦେଇଛି। ସାଇବର ଟ୍ରାନ୍ସପୋର୍ଟ ସିଷ୍ଟମ୍ସ ଜର୍ନିମ୍ୟାନ୍ ଭାବେ କାର୍ଯ୍ୟ କରିବା ପାଇଁ ହାଇସ୍କୁଲ ଡିଗ୍ରୀ, ଡ୍ରାଇଭିଂ ଲାଇସେନ୍ସ ଓ ୧୯ ମାସର ତାଲିମ ଆବଶ୍ୟକ ହୋଇଥାଏ। ସେହି ଯୋଗ୍ୟତା ସବୁ ଜାକ୍ ହାସଲ କରିଥିଲେ କି ନାହିଁ, ତାହା ଏବେ ତଦନ୍ତ ସାପେକ୍ଷ।

# ରଥଯାତ୍ରା ପାଇଁ ପୁରୀକୁ ଚାଲିବ ୧୫ ସ୍ପେଶାଲ ଟ୍ରେନ୍

ଭୁବନେଶ୍ୱର,୧୬।୬(ଅଭିଜିତ ଦାସ)

■ଦକ୍ଷିଣ-ପୂର୍ବତଟ ରେଳପଥ ପକ୍ଷରୁ କୌଣସି ସ୍ପେଶାଲ ଟ୍ରେନ୍ ନାହିଁ

■ଦୂରଦୂରାନ୍ତର ଭକ୍ତଙ୍କ ପାଇଁ ରେଲ୍‌ୱେ ଗେଷ୍ଟହାଉସ୍‌ର ବ୍ୟବସ୍ଥା

ଆସନ୍ତା ୨୦ ତାରିଖରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ଏଥିପାଇଁ ପୂର୍ବତଟ ରେଳପଥ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ପୁରୀକୁ ୧୫ଟି ସ୍ପେଶାଲ ଟ୍ରେନ୍ ଚଳାଚଳ ଲାଗି ବ୍ୟବସ୍ଥା କରାଯାଇଛି। ୦୮୯୦୭ ପାରାଦୀପ-ପୁରୀ ସ୍ପେଶାଲ, ୦୮୦୧୯ ଅନୁଗୋଳ-ପୁରୀ ସ୍ପେଶାଲ, ୦୮୦୪୧ ଭଦ୍ରକ-ପୁରୀ ସ୍ପେଶାଲ, ୦୮୦୩୩ ଖୋର୍ଦ୍ଧାରୋଡ୍-ପୁରୀ ସ୍ପେଶାଲ, ୦୮୦୫୧ ନୂଆଗାଁ ରୋଡ୍-ପୁରୀ ସ୍ପେଶାଲ, ୦୮୦୨୧ ଅନୁଗୋଳ-ପୁରୀ ସ୍ପେଶାଲ, ୦୮୦୪୩ ଭଦ୍ରକ-ପୁରୀ ସ୍ପେଶାଲ, ୦୮୦୨୩ ବ୍ରହ୍ମପୁର-ପୁରୀ ସ୍ପେଶାଲ, ୦୮୯୦୯ ପାରାଦୀପ-ପୁରୀ ସ୍ପେଶାଲ, ୦୮୫୪୯ ପଲାସା-ପୁରୀ ସ୍ପେଶାଲ, ୦୮୦୪୫ କେନ୍ଦୁଝରଗଡ଼-ପୁରୀ ସ୍ପେଶାଲ, ୦୮୦୨୯ ଗୁଣୁପୁର-ପୁରୀ ସ୍ପେଶାଲ, ୦୮୯୧୧ ଯାଜପୁର କେନ୍ଦୁଝର ରୋଡ୍-ପୁରୀ ସ୍ପେଶାଲ, ୦୮୦୨୫ ବ୍ରହ୍ମପୁର-ପୁରୀ ସ୍ପେଶାଲ ଓ ୦୮୦୩୭ ଖୋର୍ଦ୍ଧାରୋଡ୍-ପୁରୀ ସ୍ପେଶାଲ ଟ୍ରେନ୍ ନିଜ ଗନ୍ତବ୍ୟ ସ୍ଥାନରୁ ପୁରୀ ଅଭିମୁଖେ ଯାତ୍ରା କରିବ। ସେହିପରି ପୂର୍ବତଟ ରେଳପଥ ଦ୍ୱାରା ରଥଯାତ୍ରା ଲାଗି ଦୂରଦୂରାନ୍ତରୁ ଆସୁଥିବା ଭକ୍ତଙ୍କ ପାଇଁ ରେଲ୍‌ୱେ ଗେଷ୍ଟହାଉସ୍‌ର ମଧ୍ୟ ବନ୍ଦୋବସ୍ତ କରାଯାଇଛି।

ଅନ୍ୟପକ୍ଷରେ ରଥଯାତ୍ରାରେ ଅଧିକାଂଶ ଲୋକ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ବିହାର ରାଜ୍ୟରୁ ଆସିଥାନ୍ତି। କିନ୍ତୁ ଗତ ୨ ତାରିଖରେ ବାହାନଗା ରେଳ ଦୁର୍ଘଟଣା ଯୋଗୁ ଦକ୍ଷିଣ ପୂର୍ବ ରେଳପଥ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଏନେଇ ଦକ୍ଷିଣ ପୂର୍ବ ରେଳପଥର ସିପିଆର୍‌ଓ ଆଦିତ୍ୟ ଚୌଧୁରୀ କହିଛନ୍ତି ବର୍ତ୍ତମାନ ସୁଦ୍ଧା କୌଣସି ସ୍ପେଶାଲ ଟ୍ରେନ୍‌ର ଆୟୋଜନ କରାଯାଇନାହିଁ। ବାହାନଗା ଦୁର୍ଘଟଣାରେ ଯୋଗୁ ବିଭିନ୍ନ ସ୍ଥାନରେ ସିଗ୍‌ନାଲ ବ୍ୟବସ୍ଥାଗୁଡିକର କାର୍ଯ୍ୟ ଚାଲିଛି। ଏଥିସହ ଘଟଣାସ୍ଥଳରେ ଟ୍ରାକ୍‌ଗୁଡିକର ମଧ୍ୟ କାର୍ଯ୍ୟ ଜାରି ରହିଛି। ସେଥିଲାଗି ଅନେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ ଆଉ କେତେକର ଗତିପଥ ମଧ୍ୟ ପରିବର୍ତ୍ତନ କରାଯାଇଥିବା ଚୌଧୁରୀ ସୂଚନା ଦେଇଛନ୍ତି।

# ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କୁ ହତ୍ୟା, ସାନଭାଇ ଗୁରୁତର

ଗୁଣପୁର,୧୬।୬(ପ୍ରଦୀପ କୁମାର ପାଢ଼ୀ)

## ଦାଦନ ଦୁଃଖ

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ନନ୍ଦରାମପୁର ଅଞ୍ଚଳର ୨ ଭାଇ ଦାଦନ ଖଟିବାକୁ ବେଙ୍ଗାଲୁରୁ ଯାଇଥିବାବେଳେ ସେଠାରେ କେତେଜଣ ଅଟୋ ଚାଳକ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗତ ୧୧ ତାରିଖରେ ଅଟୋ ଚାଳକଙ୍କ ଆକ୍ରମଣରେ ବଡ଼ଭାଇ ଆମଦ କରାଡ଼ (୨୮)ଙ୍କର ମୃତ୍ୟୁ ହୋଇଥିବାବେଳେ ସାନଭାଇ ଆୟବ କରାଡ଼ (୨୩) ଗୁରୁତର ଆହତ ହୋଇଛନ୍ତି। ମୃତଦେହ ଓଡ଼ିଶାକୁ ପଠାଇବା ପାଇଁ ସେଠାକାର ସରକାର କୌଣସି ପଦକ୍ଷେପ ନେଇ ନ ଥିବାବେଳେ ସେଠାରେ ଅନ୍ତିମ ସଂସ୍କାର କରି ନିଜ କାମ ସାରିଦେଇଛନ୍ତି। ଏପଟେ ପୁଅକୁ ନ ଦେଖି ମା'ବାପା ଦୁଃଖରେ ଭାଙ୍ଗିପଡିଛନ୍ତି। ଗୁରୁତର ଆୟବଙ୍କୁ ଓଡ଼ିଶା ଫେରାଇ ଆଣିବା ପାଇଁ ତାଙ୍କ ବଡ଼ଭାଇ ଆମସ କରାଡ଼ ଓ ଗ୍ରାମବାସୀ ଶୁକ୍ରବାର ଉପଜିଲାପାଳ ଲଳିତ କୁମାର କହଁରଙ୍କୁ ଭେଟି ନିବେଦନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଜିଲାପାଳ, ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଗତ କିଛିମାସ ତଳେ ଆମଦ ଓ ଆୟବ ଦାଦନ ଖଟିବାକୁ ବେଙ୍ଗାଲୁରୁ ଯାଇଥିଲେ । ଗତ ୧୧ ତାରିଖ ରାତିରେ ୨ଭାଇ ଏକ ଅଟୋରେ ଯାଉଥିବାବେଳେ ଅଟୋଭଡ଼ା ବାବଦରେ ଅଟୋବାଲା ତାଙ୍କୁ ୩୦୦୦ ଟଙ୍କା ମାଗିଥିଲେ। ସେମାନେ ୧୦୦ ଟଙ୍କା ଦେଇ ଯାତାୟାତ କରୁଥିବାବେଳେ ଏତେ ଟଙ୍କା କାହିଁକି ଦେବେ ବୋଲି କହି ପ୍ରତିବାଦ କରିଥିଲେ। ଏହାପରେ ଅଟୋ ଚାଳକ ଏସ୍.ଆର୍. ଆଶ୍ୱଥ ଏବଂ ତାଙ୍କର ଅନ୍ୟ ସହଯୋଗୀମାନେ ୨ଭାଇଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଆମଦଙ୍କର ମୃତ୍ୟୁ ହୋଇଥିବାବେଳେ ଆୟବ ଗୁରୁତର ହୋଇପଡିଥିଲେ । ସେହି ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ ସେମାନଙ୍କୁ ଉଦ୍ଧାରକରି ମାଲେଶ୍ୱରମସ୍ଥିତ କେ.ସି. ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଆମଦଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଘଟଣାରେ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଅଟୋ ଚାଳକଙ୍କୁ ଗିରଫ କରିଛି। ହେଲେ ଅନ୍ୟମାନଙ୍କୁ ଗିରଫ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହ ଆୟବ ସେଠାରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବାବେଳେ ଆର୍ଥିକ ଅଭାବ କାରଣରୁ ତାଙ୍କ ପରିବାର ଲୋକେ ବେଙ୍ଗାଲୁରୁ ଯାଇପାରୁନାହାନ୍ତି। ତେଣୁ ତାଙ୍କର ଏପରି ଦୁଃସ୍ଥିତିରେ ପ୍ରଶାସନ ଆର୍ଥିକ ସହାୟତା ସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ପ୍ରଦାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ବାହାନଗା ଟ୍ରେନ୍ ଦୁର୍ଘଟଣା

# ଏସ୍‌ସିବିରେ ଆଉ ଜଣେ ଯାତ୍ରୀଙ୍କ ମୃତ୍ୟୁ

କଟକ,୧୬।୬ (କାର୍ତ୍ତିକ ସାହୁ)

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆଉ ଜଣେ ଯାତ୍ରୀଙ୍କର ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ବିହାର ବାସିନ୍ଦା ପ୍ରକାଶ ରାମ(୧୭)। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା ବୋଲି ଏସ୍‌ସିବି ମେଡିକାଲର ଡ. ଅବିନାଶ ରାଉତ ସୂଚନା ଦେଇଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କ ମୃତଦେହକୁ ସ୍ୱତନ୍ତ୍ର ଗାଡ଼ିରେ ବିହାରସ୍ଥିତ ତାଙ୍କ ଗ୍ରାମକୁ ପଠାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଏହି ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ବିହାର ରାଜ୍ୟ ମୋତିହାରିର ବିଜୟ ପାଶୱାନ(୩୫)ଙ୍କର ମଙ୍ଗଳବାର ମୃତ୍ୟୁ ଘଟିଥିଲା। ତେବେ ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୨୯୦ରେ ପହଞ୍ଚିଛି।






ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। -ଶ୍ରୀଅରବିନ୍ଦ



# ପଦାନୁକ୍ରମ ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବିଭିନ୍ନ ମନ୍ତ୍ରଣାଳୟ କିମ୍ବା ବିଭାଗଗୁଡ଼ିକରେ ପଦୋନ୍ନତି ପ୍ରକ୍ରିୟା ଜାରି ରହିଛି ଏବଂ ସଂସ୍ଥାଗୁଡ଼ିକର ଅଧ୍ୟକ୍ଷମାନେ ଏ ସଂକ୍ରାନ୍ତୀୟ ବୈଠକରେ ଭାଗ ନେଉଛନ୍ତି। ତେବେ ଏହି ପ୍ରକ୍ରିୟାକୁ ନେଇ ଗୁଞ୍ଜରଣ ପ୍ରକାଶ ପାଇଛି । କୁହାଯାଉଛି, ବୈଠକରେ ଅନ୍ୟମାନଙ୍କ ତୁଳନାରେ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି)ର ଜଣେ କନିଷ୍ଠ ସଦସ୍ୟ ଉପସ୍ଥିତ ରହିବା ଏକ ଲଜ୍ଜାଜନକ ବିଷୟ । ପଦାନୁକ୍ରମ ଓ ପ୍ରଦର୍ଶନ ଭିତ୍ତିରେ ସବୁକିଛି ଚାଲୁଥିବା ବ୍ୟବସ୍ଥାରେ ବାବୁମାନେ ଏହି ବିଷୟକୁ ନେଇ ଚିନ୍ତାରେ ଅଛନ୍ତି। ଗତ ମାସରେ ୧୯୯୦ ବ୍ୟାଚ୍ ଆଇଆର୍‌ଏସ୍ ଅଧିକାରୀ ସୁମନ୍ ଶର୍ମାଙ୍କୁ ୟୁପିଏସ୍‌ସିର ସଦସ୍ୟ ଭାବେ ନିଯୁକ୍ତ କରାଯାଇଥିଲା। ଏହା ତାଙ୍କ ଆଲାଏଡ୍ ସର୍ଭିସ୍‌ରେ ଥିବା ବରିଷ୍ଠମାନଙ୍କ ମଧ୍ୟରେ ପ୍ରବଳ ନିରାଶାର କାରଣ ହୋଇଛି। ଏଣୁ ୟୁପିଏସ୍‌ସି ବୈଠକରେ ସୁମନ ସେମାନଙ୍କ ସମାସ୍କନ୍ଦ ଅଧିକାରୀ ଭାବେ ବସିଲେ ସେମାନଙ୍କୁ ସେଠାରେ ରହିବାକୁ ଖରାପ ଲାଗୁଛି। ସୂତ୍ରରୁ ଜଣାପଡ଼ିଛି, ଗୁଜରାଟରେ ଶର୍ମା ଜଣେ ଆଇଆର୍‌ଏସ୍ ଅଧିକାରୀ ଭାବେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କୁ ବେଳେବେଳେ କିଛି ଅଧିକ କ୍ଷମତା ପ୍ରଦାନ କରାଯାଏ। ଏକ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦବୀକୁ ତାଙ୍କର ଏବକାର ଆଖିଦୃଶିଆ ଉତ୍‌ଥାନରୁ ଏହା ସ୍ପଷ୍ଟ ବୋଲି ୟୁପିଏସ୍‌ସିରେ କାର୍ଯ୍ୟରତ ବାବୁମାନେ କହନ୍ତି। ଏପରିକି ୟୁପିଏସ୍‌ସିର ଅଧ୍ୟକ୍ଷ ଭାବେ ମନୋଜ ସୋନିଙ୍କ ନିଯୁକ୍ତି ନିଶ୍ଚିତ ହେବା ଏବଂ ତା'ପରବର୍ତ୍ତୀ ସମୟରେ ଶର୍ମା ଓ ୧୯୮୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ ବିଦ୍ୟୁତ୍ ବିହାରୀ ସ୍ୱାଇଁ ସଦସ୍ୟ ଭାବେ ନିଯୁକ୍ତି ପାଇବା ପରେ ବି ୟୁପିଏସ୍‌ସିରେ ଆଉ ୪ଟି ପ୍ରମୁଖ ପଦବୀ ଖାଲି ରହିଛି। ୟୁପିଏସ୍‌ସିର ଜଣେ ସଦସ୍ୟଙ୍କ କାର୍ଯ୍ୟକାଳ ୬ ବର୍ଷ କିମ୍ବା ୬୫ ବର୍ଷ ଯାଏ ଜଣେ ରହିପାରିବେ। ଏହା ମଧ୍ୟରୁ ଯେଉଁଠି ଶୀଘ୍ର ପଡ଼ିପାରେ। କୁହାଯାଉଛି , ଶର୍ମା ୟୁପିଏସ୍‌ସି ସଦସ୍ୟ ଭାବେ ମେ ୨୦୨୯ ପର୍ଯ୍ୟନ୍ତ ରହିବେ।

### ଶାସନରେ ବାଧା

ଡିସେମ୍ବର ୨୦୨୩ ସୁଦ୍ଧା ୧୦ ଲକ୍ଷ ନିଯୁକ୍ତି ଦେବାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଥିବାବେଳେ ଗତବର୍ଷ ଡିସେମ୍ବର ସୁଦ୍ଧା ସେକ୍ସନ ଅଫିସର ଗ୍ରେଡ୍‌ର ୧୬୧୭ ପଦବୀ ଖାଲି ରହିଥିବା କାର୍ମିକ ଓ ପ୍ରଶିକ୍ଷଣ ମନ୍ତ୍ରଣାଳୟ (ଡିଓପିଟି) ସ୍ୱୀକାର କରିଛି। ସୂତ୍ରରୁ ଜଣାପଡ଼ିଛି ଯେ, ସେକ୍ସନ ଅଫିସର ଗ୍ରେଡ୍‌ରୁ ଅଣ୍ଡର୍ ସେକ୍ରେଟାରି ଗ୍ରେଡ୍‌କୁ ପଦୋନ୍ନତି ଦିଆଗଲେ ଜୁଲାଇରେ ଆଉ ୩୦୦ ପଦବୀ ଖାଲି ପଡ଼ିବା ସମ୍ଭାବନା ଅଛି। ଏହାକୁ ମିଶାଇଲେ ମୋଟ ଖାଲି ପଦବୀ ସଂଖ୍ୟା ୧୮୦୦ରୁ ଅଧିକ ହେବ, ଯାହା ନିର୍ଦ୍ଧାରିତ ପଦବୀ ସଂଖ୍ୟାର ପ୍ରାୟ ଅଧା। ସେକ୍ସନ ଅଫିସରମାନେ ବିଭିନ୍ନ ମନ୍ତ୍ରଣାଳୟର ୟୁନିଟ୍ କିମ୍ବା ବିଭାଗରେ ମୁଖ୍ୟ ଭୂମିକା ତୁଲାଇଥାନ୍ତି। ପିଏମ୍‌ଓ ମନ୍ତ୍ରୀ ଜିତେନ୍ଦ୍ର ସିଂ ସ୍ୱୀକାର କରିଛନ୍ତି ଯେ, ସେକ୍ସନ ଅଫିସରଙ୍କ ଅଭାବ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକୁ ଅଚଳ କରିଦେଉଛି, ଯାହାଦ୍ୱାରା ସାଧାରଣ ସେବା ଯୋଗାଣ ପ୍ରଭାବିତ ହେଉଛି। ସୂତ୍ରରୁ ଜଣାପଡ଼ିଛି , ସେଣ୍ଟ୍ରାଲ ସେକ୍ରେଟାରିଏଟ୍ ସର୍ଭିସ୍(ସିଏସ୍‌ଏସ୍) ଅଧିକାରୀମାନଙ୍କର ଏକ ପ୍ରତିନିଧିତ୍ୱ ସଂସ୍ଥା ସିଏସ୍‌ଏସ୍ ଫୋରମ୍ ଏହାକୁ ନେଇ ଚିନ୍ତା ପ୍ରକଟ କରିବା ସହ ସିଂ ଉକ୍ତ ବିଷୟକୁ ପ୍ରାଥମିକତା ଦିଅନ୍ତୁ ବୋଲି ଦାବି କରିଛନ୍ତି। ଏହା ସ୍ପଷ୍ଟ ଯେ, ଯଦି ୧ ଜୁଲାଇ ୨୦୨୩ ପୂର୍ବରୁ ଯୋଗ୍ୟ ଅଧିକାରୀମାନଙ୍କୁ ପଦୋନ୍ନତି ଦିଆ ନ ଯାଏ, ତେବେ ସେମାନେ ମାସକୁ ୧୦,୦୦୦ ଟଙ୍କା ଆର୍ଥିକ କ୍ଷତି ସହିବେ। ଏହାସହ କ୍ୟାଡର ସମୀକ୍ଷା ଯୋଗୁ ଆସନ୍ତା ମାସଗୁଡ଼ିକରେ ଖାଲି ହେବାକୁ ଥିବା ପଦବୀକୁ ବିଚାରକୁ ନେଲେ ସେକ୍ସନ ଅଫିସର ଗ୍ରେଡ୍‌ରେ ଶୂନ୍ୟ ପଦବୀ ସଂଖ୍ୟା ୩,୦୦୦ ହେବ ବୋଲି ଆକଳନ କରାଯାଉଛି। ଏଭଳି ହେଲେ ଏହି ସ୍ଥିତି କେନ୍ଦ୍ର ସରକାରଙ୍କ କାର୍ଯ୍ୟରେ ଗଭୀର ବାଧା ସୃଷ୍ଟି କରିବ।

### ଦୁଃଖ ସରୁନାହିଁ

କେରଳ ସରକାର ଏବଂ ଅବସରପ୍ରାପ୍ତ ଉଚ୍ଚ ପୋଲିସ ଅଧିକାରୀରୁ ଲେଖକ ପାଲଟିଥିବା ଜାକବ ଥୋମାସଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଏବକାର ବିବାଦ ହେଉଛି, ବିନା ଅନୁମତିରେ ବହି ଲେଖିଥିବାରୁ ସରକାର ଥୋମାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛନ୍ତି। ତେବେ ଏହି ପୂର୍ବତନ ଆଇପିଏସ୍ ଅଧିକାରୀ କ'ଣ ରାଜନୈତିକ ଶିକାର ହେଉଛନ୍ତି କି ? ଏହି ପ୍ରଶ୍ନକୁ ନେଇ ଏବେ ରାଜ୍ୟର ବାବୁମାନେ ଚିନ୍ତାପ୍ରକଟ କରୁଛନ୍ତି। ଥୋମାସଙ୍କ ପ୍ରଥମ ବହି 'ସୁଇମିଂ ୱିଥ୍ ଦି ସାର୍କ' ତାଙ୍କ ବ୍ୟସ୍ତବହୁଳ କାର୍ଯ୍ୟକାଳ ମଧ୍ୟରେ ଅନ୍ୟମାନଙ୍କୁ ଚିନ୍ତାରେ ପକାଇଥିଲା। ଏହି ବହିକୁ ପ୍ରକାଶ କରିଥିବାରୁ ତାଙ୍କୁ ୨ ଥର ନିଲମ୍ବନ ବି କରାଯାଇଥିଲା। ଏବେ ପୁଣି ରାଜ୍ୟ ସରକାର ଥୋମାସଙ୍କ ଦ୍ୱାରା ଲିଖିତ ଆଉ ଦୁଇଟି ବହିକୁ ନେଇ କଡ଼ା ବିରୋଧ କରିଛନ୍ତି। ଏପରିକି ଅବସର ନେବାର ୩ ବର୍ଷ ପରେ ବି ସରକାର ତାଙ୍କ ବିରୋଧରେ ଲାଗିଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା, ମୁଖ୍ୟମନ୍ତ୍ରୀଙ୍କ ପୂର୍ବତନ ପ୍ରମୁଖ ସଚିବ ଏମ୍. ଶିବଶଙ୍କର ଏକ ବଡ଼ ସ୍ମଗ୍‌ଲିଂ ର୍‍ୟାକେଟ୍ ସହ ଜଡ଼ିତ ଥିବା ଅଭିଯୋଗରେ ଗିରଫ ହୋଇ ଜେଲରୁ ବାହାରିବା ପରେ ପ୍ରକାଶ କରିଥିବା ଏକ ବହିକୁ ନେଇ ତାଙ୍କ ବିରୋଧରେ କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଘିଅରେ ନିଆଁ ଢାଳିବା ଭଳି ଏବେ ଏକ ଦଶନ୍ଧି ପୂର୍ବେ ଏକ ଡ୍ରେଜର କିଣା ଅନିୟମିତତା ଅଭିଯୋଗରେ ଥୋମାସଙ୍କ ବିରୋଧରେ ତଦନ୍ତ ଚାଲିଛି। ଏଣୁ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ଦୁଃଖ ସରୁନାହିଁ। ସମ୍ଭବତଃ ସରକାରଙ୍କ ସହ ଝଗଡ଼ା କରିବାର ମୂଲ୍ୟ ତାଙ୍କୁ ଦେବାକୁ ପଡୁଛି।

Email: dilipcherian@gmail.com

# ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍ ପରିପ୍ରେକ୍ଷୀରେ ଓଡ଼ିଶା



ଡ. ଜ୍ଞାନରଞ୍ଜନ ପଣ୍ଡା

କୌଣସି ରାଷ୍ଟ୍ର ଆର୍ଥିକ ଓ ସାମରିକ ଭାବେ ଶ୍ରେଷ୍ଠ ସେତେବେଳେ ହୁଏ, ଯେତେବେଳେ ସେହି ରାଷ୍ଟ୍ରର ବୈଷୟିକ ଜ୍ଞାନ ବିଶେଷ ଭାବେ ସମୃଦ୍ଧ ହୋଇଥାଏ। ବୈଷୟିକ ଜ୍ଞାନର ବିକାଶ ସହିତ ଅତି ଉନ୍ନତ ଜ୍ଞାନକୌଶଳ ହାସଲ କରିବା ପାଇଁ ବିଶ୍ୱବିଦ୍ୟାଳୟ କିମ୍ବା ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ମୌଳିକ ବିଜ୍ଞାନ ଓ ଗବେଷଣାକୁ ପ୍ରାଥମିକତା ଦେବାରେ ଆବଶ୍ୟକତା ରହିଛି। ଗବେଷଣା ଓ ନୂତନ ଉଦ୍ଭାବନ ବିନା ଶିକ୍ଷାର ବିକାଶ ହୋଇଛି ବୋଲି କୁହାଯାଇପାରିବ ନାହିଁ। ଏହି ପରିପ୍ରେକ୍ଷୀରେ ଭାରତର କିଛି ପୁରୁଣା ଆଇଆଇଟି, ଆଇଆଇଏସ୍‌ସି ବାଙ୍ଗାଲୋର, ଆଇଜର, ନାଇଜର, ଜେଏନ୍‌ୟୁ, ବିଏଚ୍‌ୟୁ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଯାଦବପୁର ବିଶ୍ୱବିଦ୍ୟାଳୟ, କଲିକତା ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟ ସମେତ କିଛି ଘରୋଇ ବିଶ୍ୱବିଦ୍ୟାଳୟକୁ ବାଦ୍‌ଦେଲେ ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍‌ରେ ଆସିପାରି ନ ଥାନ୍ତି। ଅଧୁନା ଭାରତରେ ୧୧୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟ(୨୩୫ଟି କେନ୍ଦ୍ର ସରକାରଙ୍କ, ୪୨୨ ରାଜ୍ୟ ସରକାରଙ୍କ, ୪୪୬ ବେସରକାରୀ ଅଣଅନୁଦାନପ୍ରାପ୍ତ, ୨୦ ବେସରକାରୀ ସରକାରୀ ଅନୁଦାନପ୍ରାପ୍ତ) ମଧ୍ୟରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ କିଛି ଶିକ୍ଷା ସଂସ୍ଥାକୁ ବାଦ୍‌ଦେଲେ ସରକାରୀ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ ଓ ଗବେଷଣାର ମାନ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ଥିତି ଅତ୍ୟନ୍ତ ଶୋଚନୀୟ। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ନ୍ୟାଶନାଲ୍ ର୍‍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍-୨୦୨୩) ଏବେ ପ୍ରକାଶପାଇଛି। ୧୩ଗୋଟି ବର୍ଗ (ସାମଗ୍ରିକ ମାନ୍ୟତା, ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ, ଶ୍ରେଷ୍ଠ ମହାବିଦ୍ୟାଳୟ, ଶ୍ରେଷ୍ଠ ଗବେଷଣା ପ୍ରତିଷ୍ଠାନ, ଶ୍ରେଷ୍ଠ ଇଞ୍ଜିନିୟରିଂ, ଶ୍ରେଷ୍ଠ ମେଡିକାଲ, ଡେଣ୍ଟାଲ୍, ଫାର୍ମା, ମ୍ୟାନେଜ୍‌ମେଣ୍ଟ, ଆଇନ, କୃଷି ଶିକ୍ଷାନୁଷ୍ଠାନ, ଆର୍କିଟେକ୍ଟର ଓ ପ୍ଲାନିଂ, ନୂତନ ଉଦ୍ଭାବନା)ନେଇ କରାଯାଇଥିବା ର୍‍ୟାଙ୍କିଙ୍ଗ୍‌ରେ ଓଡ଼ିଶାର ଦୁଇଗୋଟି ଘରୋଇ ବିଶ୍ୱବିଦ୍ୟାଳୟ (ସୋଆ ଓ କିଟ୍) ଆଶାନୁରୂପକ ସଫଳତା ହାସଲ କରିଛନ୍ତି। ୧୩ଟି ବର୍ଗରୁ କେବଳ ଶ୍ରେଷ୍ଠ କୃଷି ଶିକ୍ଷାନୁଷ୍ଠାନ ମଧ୍ୟରେ ଓଡ଼ିଶାର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ୨୨ତମ ସ୍ଥାନ ହାସଲ କରିବା ଏକ ଆଶ୍ୱାସନାର ବିଷୟ।

ସାମଗ୍ରିକ ମାନ୍ୟତାରେ ସୋଆ ୨୬ତମ ସ୍ଥାନ, କିଟ୍ ୨୯ତମ, ଏନ୍‌ଆଇଟି ରାଉର୍‌କେଲା ୩୭ତମ, ଆଇଆଇଟି ୯୧ତମ ସ୍ଥାନ ହାସଲ କରିଛନ୍ତି। ସେହିଭଳି ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗର ସରକାରଙ୍କ ଅଧୀନରେ ଥିବା ଯାଦବପୁର ବିଶ୍ୱବିଦ୍ୟାଳୟ ୧୩ତମ ଓ କଲିକତା ବିଶ୍ୱବିଦ୍ୟାଳୟ



୨୧ତମ ସ୍ଥାନ ହାସଲ କରିଛନ୍ତି। ସେହିପରି ଆନ୍ଧ୍ର ବିଶ୍ୱବିଦ୍ୟାଳୟ ୭୬ତମ ସ୍ଥାନ ହାସଲ କରିଛି। ବିଶ୍ୱବିଦ୍ୟାଳୟ ମାନ୍ୟତାରେ ଗତବର୍ଷ ୮୮ତମ ସ୍ଥାନରେ ଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ୯୩ତମ ସ୍ଥାନ ହାସଲ କରିଥିଲେ ମଧ୍ୟ ଓଡ଼ିଶାର ଅନ୍ୟ କୌଣସି ସରକାରୀ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ୧୦୦ ମଧ୍ୟକୁ ଆସିପାରିନାହିଁ। ପ୍ରଶ୍ନ ଉଠୁଛି, ଯଦି ପଡ଼ୋଶୀ ଦୁଇ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ ଭଲ ପ୍ରଦର୍ଶନ କରିପାରୁଛନ୍ତି, ତେବେ ଆମ ଶିକ୍ଷାନୁଷ୍ଠାନ କ'ଣ ପାଇଁ କରିପାରୁନାହାନ୍ତି। ଏହି ପରିପ୍ରେକ୍ଷୀରେ କିଛି ବିଷୟ ଉପରେ ଆଲୋକପାତ କରିବା ।

୧.ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ପୂର୍ଣ୍ଣକାଳୀନ ବୈଜ୍ଞାନିକ ଓ ବରିଷ୍ଠ ପ୍ରଫେସରମାନଙ୍କୁ ନିଯୁକ୍ତି ଦେବା ସହିତ ଗବେଷଣା କ୍ଷେତ୍ରରେ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରୁଥିବାରୁ ସେମାନେ ଭଲ ଗବେଷଣା କରିପାରୁଛନ୍ତି। କିନ୍ତୁ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣକାଳୀନ ଅଧ୍ୟାପକ ପଦବୀ ଖାଲି। ସରକାରୀ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନର ଚାପ ଯୋଗୁ ଅଧ୍ୟାପକମାନେ ଗବେଷଣା ପାଇଁ ସମୟ ବାହାର କରିପାରୁନାହାନ୍ତି। ସ୍ଥାୟୀ ଅଧ୍ୟାପକ ପଦବୀ ଖାଲି ଯୋଗୁ ଅଧିକାଂଶ ଛାତ୍ର ଗବେଷଣା କରିବା ପାଇଁ ଆସିପାରୁନାହାନ୍ତି। ଓଡ଼ିଶା ବାହାରେ ଅବସ୍ଥିତ ଓଡ଼ିଆ ପ୍ରଫେସର ଓ ବୈଜ୍ଞାନିକ ଯେଉଁମାନେ ତାଙ୍କ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ହାସଲ କରିଛନ୍ତି, ସେମାନଙ୍କୁ ସରକାର ଭିଜିଟିଙ୍ଗ ପ୍ରଫେସର ଭାବେ ନିଯୁକ୍ତି ଦେଇପାରିବେ।

୨.ପ୍ରତ୍ୟେକ ବିଶ୍ୱବିଦ୍ୟାଳୟକୁ ଅଟୋନୋମୀ ମିଳିବା ଦରକାର, ଯାହାଫଳରେ ସେମାନଙ୍କର ଶୈକ୍ଷିକ, ଗବେଷଣା ଓ ଭିତ୍ତିଭୂମିର ବିକାଶ ପାଇଁ ସେମାନେ କିଛି ଟାର୍ଗେଟ୍ ପ୍ରସ୍ତୁତ କରି ତାହା ହାସଲ କରିପାରୁଛନ୍ତି କି ନାହିଁ, ତା'ର ନିରନ୍ତର ସମୀକ୍ଷା କରିବା ଉଚିତ।

୩.ଓଡ଼ିଶାର ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଗବେଷଣା ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ସମ୍ବଳ ପ୍ରଦାନ ଲାଗି ରାଜ୍ୟ ସରକାରଙ୍କ ବୀତସ୍ପୃହତା ମଧ୍ୟ ମୁଖ୍ୟ କାରଣ। GATE and NEET ଭଳି ସର୍ବଭାରତୀୟସ୍ତରରେ ସଫଳତା ହାସଲ କରୁଥିବା ପିଲା IIT, IISER, NITଭଳି ସଂସ୍ଥାକୁ ଗବେଷଣା ପାଇଁ ଚାଲିଯାଉଛନ୍ତି। ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ସରକାରୀ ବିଶ୍ୱବିଦ୍ୟାଳୟରେ ଗବେଷଣା କରିବା ପାଇଁ ଦୁଇପ୍ରକାର ଫେଲୋଶିପର ବ୍ୟବସ୍ଥା ରହିଅଛି। NETLS / GATE ରେ ସଫଳତା ପାଇଥିବା ଛାତ୍ରଙ୍କ ପାଇଁ ଏକପ୍ରକାର ଓ ନନ୍ ନିଟ୍ ଛାତ୍ରଙ୍କ ଲାଗି ଆଉ ଏକପ୍ରକାର। ଓଡ଼ିଶା ସରକାର OURIP ସ୍କିମ୍‌ରେ ମାତ୍ର NETLS ଯୋଗ୍ୟ ଛାତ୍ରଙ୍କ ପାଇଁ ମାତ୍ର ୧୭୫ଟି ଷ୍ଟେଟ ଜୁନିୟର ରିସର୍ଚ୍ଚ ଫେଲୋଶିପ ପ୍ରଦାନ କରୁଥିବାରୁ ତାହା ସମୁଦ୍ରକୁ ଶଙ୍ଖେ ବୋଲି ମନେହୁଏ।

୪.ସେହିପରି ଯୁବ ଅଧ୍ୟାପକମାନଙ୍କ ଗବେଷଣା ପାଇଁ ମାତ୍ର ୫,୦୦,୦୦୦ ପର୍ଯ୍ୟନ୍ତ ସିଡ ଗ୍ରାଣ୍ଟ ଦୁଇ ବର୍ଷ ଲାଗି ପ୍ରଦାନ କରୁଛନ୍ତି। ଏହା ବହୁତ କମ୍ ଅଧ୍ୟାପକଙ୍କୁ ମିଳୁଥିବାରୁ ଯୁବ ଅଧ୍ୟାପକମାନେ ଗବେଷଣା ପାଇଁ ସୁଯୋଗ ପାଇପାରନ୍ତି ନାହିଁ।

୫.ଓଡ଼ିଶାର ଉଚ୍ଚ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ପାରସ୍ପରିକ ସମନ୍ୱୟର ଅଭାବ ଲକ୍ଷ୍ୟ କରାଯାଏ। ଯେମିତି ଓୟୁଏଟିରେ ପ୍ରାଣୀ ସ୍ୱାସ୍ଥ୍ୟ ଉପରେ ଗବେଷଣା ହେଉଥିବା ବେଳେ ନବଗଠିତ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ମାନବ ସ୍ୱାସ୍ଥ୍ୟ ଉପରେ ଧ୍ୟାନକେନ୍ଦ୍ରିତ କରେ। ରାଜ୍ୟ ସରକାର କେମିତି ବିଶ୍ୱବିଦ୍ୟାଳୟମାନଙ୍କ ଭିତରେ ସମନ୍ୱୟ ରକ୍ଷାକରି ମଲ୍ଟି ଡିସିପ୍ଲିନାରି ଗବେଷଣା ହୋଇପାରିବ ସେଥିପ୍ରତି ଧ୍ୟାନ ଦେବା ଉଚିତ।

୬.ଗବେଷଣା ପାଇଁ ଆବଶ୍ୟକୀୟ ଜର୍ନାଲ ଓ ପୁସ୍ତକର ଆବଶ୍ୟକତା ରହିଛି। ଗୋଟିଏ ବିଶ୍ୱବିଦ୍ୟାଳୟର ପାଠାଗାର ଏ ସମସ୍ତ ଜର୍ନାଲକୁ କିଣିବା ଅସମ୍ଭବ। ତେଣୁ ଓଡ଼ିଶାରେ ଲାଇବ୍ରେରି କନସୋର୍ଟିୟମLକରି ଯେପରି ସର୍ବାଧିକ ସଂଖ୍ୟାରେ ନିବନ୍ଧ ମିଳିପାରିବ ସେ ଦିଗରେ ଚେଷ୍ଟା କରିବା ଉଚିତ।

୭.ରାଜ୍ୟ ସରକାର ବିଜ୍ଞାନ କ୍ଷେତ୍ରରେ ଗବେଷଣା ପାଇଁ ଏକ ଉନ୍ନତମାନର (ସେଣ୍ଟ୍ରାଲ୍ ରିସର୍ଚ୍ଚ ଫାସିଲିଟି/ ସେଣ୍ଟ୍ରାଲ ଇନ୍‌ଷ୍ଟ୍ରୁମେନଶନ ଫାସିଲିଟି), ଯେଉଁଠି ଗବେଷଣା କରିବା ପାଇଁ ସମସ୍ତ ପ୍ରକାରର ଇନ୍‌ଷ୍ଟ୍ରୁମେଣ୍ଟ ରହିବ, ତାହା ପ୍ରତି ଉଚିତ ପଦକ୍ଷେପ ନେବା ଦରକାର। ଓଡ଼ିଶାରେ ଥିବା ଜାତୀୟସ୍ତରର ଗବେଷଣା ଅନୁଷ୍ଠାନ ସହିତ ଏମଓୟୁ କରି ଅଧ୍ୟାପକମାନେ ମଧ୍ୟ ଉନ୍ନତମାନର ଗବେଷଣା କାର୍ଯ୍ୟ କରିପାରିବେ।

୮.ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୦ରୁ ଆୟୋଜନ କରାଯାଉଥିବା ସ୍କଲାର୍ସ କନ୍‌କ୍ଲେଭ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଯାହାଫଳରେ ଗବେଷକମାନେ ସେମାନଙ୍କର ଗବେଷଣାକୁ ସମସ୍ତଙ୍କ ସାମ୍ନାରେ ପ୍ରଦର୍ଶନ କରିପାରିବେ।

୯.ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ପାଇଁ ଏକ ମେଣ୍ଟର ଗ୍ରୁପ୍ ଗଠନ କରାଯାଉ। ଆଲୁମ୍ନିମାନଙ୍କର ସହଯୋଗ ଓ ସାହାଯ୍ୟ ମଧ୍ୟ ନିତାନ୍ତ ଆବଶ୍ୟକ ଓ ଏଥିପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସହଯୋଗର ହାତ ଦେଖାଇବା ଉଚିତ।

ପରିଶେଷରେ ବିଶ୍ୱବିଦ୍ୟାଳୟରେ ଖାଲିଥିବା ପଦବୀର ପୂରଣ, ଉତ୍ତମ ଗବେଷଣା ପାଇଁ ଭିତ୍ତିଭୂମି ସ୍ଥାପନ, ଅଧ୍ୟାପକମାନଙ୍କର ନିରନ୍ତର ପ୍ରଶିକ୍ଷଣ ବ୍ୟବସ୍ଥା, ଗବେଷଣା ପାଇଁ ପାଇଁ ଉପଯୁକ୍ତ ପଦକ୍ଷେପ ଓ ପ୍ରାକ୍ତନୀମାନଙ୍କର ସହଯୋଗ ଆବଶ୍ୟକ।

**ଅଧ୍ୟାପକ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ**
**କଟକ, ମୋ-୭୮୯୦୫୬୧୭୯୮**

# ତୋଗଲକୀ ସିଦ୍ଧାନ୍ତ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

କେତେଜଣ ଐତିହାସିକଙ୍କ ମତରେ ମହମ୍ମଦ ତୋଗଲକଙ୍କ ଦିଲ୍ଲୀରୁ ଦୌଲତାବାଦକୁ ରାଜଧାନୀ ସ୍ଥାନାନ୍ତର କରିବାର ସିଦ୍ଧାନ୍ତ ଅନେକ ଦୃଷ୍ଟିରୁ ବିଜ୍ଞତାର ପରିଚାୟକ ଥିଲା। କାରଣ ଦିଲ୍ଲୀ ସର୍ବଦା ବୈଦେଶିକ ଆକ୍ରମଣକାରୀଙ୍କ ପାଇଁ ସହଜ ଲକ୍ଷ୍ୟ ଥିଲା। ତା'ଛଡ଼ା ଦୌଲତାବାଦ ସାମ୍ରାଜ୍ୟର ମଧ୍ୟସ୍ଥଳରେ ଥିବାରୁ ରାଜ୍ୟ ଶାସନ ନିମନ୍ତେ ଅଧିକ ଉପଯୋଗୀ ବିବେଚିତ ହୋଇଥିଲା। କିନ୍ତୁ ଦୌଲତାବାଦରୁ ପୁନର୍ବାର ଦିଲ୍ଲୀକୁ ରାଜଧାନୀ ଉଠାଇନେବାର ସିଦ୍ଧାନ୍ତ ଥିଲା ଅସ୍ଥିର ବୁଦ୍ଧିର ପରିଚାୟକ। କୌଣସି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଗ୍ରହଣ କରିବା ପୂର୍ବରୁ ତାହାର ବର୍ତ୍ତମାନ ଏବଂ ଭବିଷ୍ୟତ ପରିଣତି ତଥା ଶୁଭାଶୁଭ ପ୍ରତିକ୍ରିୟା ଇତ୍ୟାଦି ବିଚାରକରି ସିଦ୍ଧାନ୍ତ ଗ୍ରହଣ କରିବା ବିଜ୍ଞତାର ପରିଚାୟକ। ତେଣୁ କୁହାଯାଏ 'ବୁଝି ବିଚାରୀ କାର୍ଯ୍ୟ କଲେ ପ୍ରମାଦ ନ ପଡ଼ଇ ଭଲେ'। ଅନେକ ସମୟରେ ଦେଖାଯାଏ ଆମ ଦେଶରେ ଗୋଟିଏ ରାଜନୈତିକ ଦଳ ଶାସନ କ୍ଷମତାରେ ଥିବା ସମୟରେ ଯେଉଁ ସବୁ କାର୍ଯ୍ୟକ୍ରମ ଆରମ୍ଭ କରନ୍ତି ପରବର୍ତ୍ତୀ ସରକାର ଆସିଲେ ସେଗୁଡ଼ିକୁ ବନ୍ଦକରି ଦିଅନ୍ତି ଅଥବା ସେଥିପ୍ରତି ଗୁରୁତ୍ୱ ପ୍ରଦାନ କରନ୍ତି ନାହିଁ, ଯାହା ଫଳରେ କୋଟି କୋଟି ଟଙ୍କା ପାଣିରେ ପଡିଥାଏ।

ବହୁଦିନରୁ ପୈତୃକ ସମ୍ପତ୍ତିର ଭାଗ ବଣ୍ଟାଆରା ଫଳରେ ଆମର ଚାଷଜମି ଗୁଡ଼ିକ ହିଡ଼ ସର୍ବସ୍ୱ ଟୁକୁରା ଟୁକୁରା ଜମିରେ ପରିଣତ ହୋଇ ସାଧାରଣ କୃଷି ଉପଯୋଗିତା ହରାଇ ବସିଥିଲା। ଏପରି ଜମି ଦେଖାଯାଇଛି ଯେଉଁଥିରେ ଗୋଟିଏ ହଳ ମଧ୍ୟ ବୁଲି ପାରିବ ନାହିଁ। ଏହା ଉନ୍ନତ ମାନର ଯାନ୍ତ୍ରିକ କୃଷି ବ୍ୟବସ୍ଥାର ଘୋର ଅନ୍ତରାୟ ବୋଲି ଅନେକ ଅର୍ଥନୀତିଜ୍ଞ ମତବ୍ୟକ୍ତ କରନ୍ତି। ଏ ସମସ୍ତ କଥା ବିଚାରକରି ବର୍ଷ ବର୍ଷ ମାପଚୁପ, ଅଦଳବଦଳ, ହିସାବନିକାଶ କରି କୋଟି କୋଟି ଟଙ୍କା ଖର୍ଚ୍ଚକରି ଚକବନ୍ଦୀ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲା। ବିଭିନ୍ନ ସ୍ଥାନରେ ଟୁକୁରା ଟୁକୁରା ଜମିକୁ ଅନ୍ୟ ସହିତ ବଦଳ କରି ଜଣେ ଜମି ମାଲିକ ଗୋଟିଏ ସ୍ଥାନରେ ବଡ଼ ଜମିଟିଏ ପାଇଲେ, ଫଳରେ ଟ୍ରାକ୍ଟର, ପାୱାର ଟିଲର, କ୍ରପ୍ ହାର୍ଭେଷ୍ଟର ଇତ୍ୟାଦିର ଉପଯୋଗ ତଥା ଉପଯୁକ୍ତ ସାର, ବିହନ, ପୋକମରା ବିଷ ଇତ୍ୟାଦିର ପ୍ରୟୋଗ ଏବଂ ଉଠାଜଳସେଚନ ସୁବିଧା ହେତୁ ରାଜ୍ୟର କୃଷି ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଲା। କିନ୍ତୁ ଏହାର ଏକ ବିଶେଷ ଅସୁବିଧା ହେଲା, ଲୋକମାନେ ନିଜ ପ୍ରୟୋଜନରେ ଜମିର କିଛି ଅଂଶ ବିକ୍ରୟକରି ଅର୍ଥର ଆବଶ୍ୟକତା ପୂରଣ କରି ନ ପାରି ହଇରାଣ ହେଲେ। ବିଲ୍‌ଡରମାନଙ୍କ ପକ୍ଷରେ ମଧ୍ୟ ଅବାଧରେ ଚାଷଜମି କିଣି ଆପାର୍ଟମେଣ୍ଟ ବନେଇବାରେ ଅସୁବିଧା ହେଲା। କାରଣ ଓଡ଼ିଶା ଚକବନ୍ଦୀ ଅଧିନିୟମ, ୧୯୭୨ର ଧାରା ୩୪(୧)ରେ କୁହାଯାଇଛି - କୌଣସି ଅଞ୍ଚଳର କୌଣସି କୃଷି ଉପଯୋଗୀ ଜମି ଭାଗହୋଇ ଟୁକୁରା ଟୁକୁରା ହୋଇପାରିବ ନାହିଁ। ଧାରା ୩୪(୨) ରେ କୁହାଯାଇଛି - ଚକଜମିର କୌଣସି ଅଂଶ କେବଳ



ପାର୍ଶ୍ୱସ୍ଥ ଚକ ମାଲିକ ବ୍ୟତୀତ ଆଉ କାହାରିକୁ ବିକ୍ରୟ ବା ହସ୍ତାନ୍ତର ହୋଇପାରିବ ନାହିଁ। ଧାରା ୩୪(୩) ରେ କୁହାଯାଇଛି କୌଣସି ବ୍ୟକ୍ତି ନିଜ ଚକଜମିର କୌଣସି ଅଂଶ ବିକ୍ରୟ ବା ହସ୍ତାନ୍ତର କରିବାକୁ ଚାହିଁଲେ ସମ୍ପୃକ୍ତ ତହସିଲଦାରଙ୍କୁ ଦରଖାସ୍ତ କରିବେ ଏବଂ ତହସିଲଦାର ଦରଖାସ୍ତ ପାଇବାର ୪୫ ଦିନ ମଧ୍ୟରେ ଉକ୍ତ ଜମିର ପ୍ରଚଳିତ ମୂଲ୍ୟ ନିର୍ଦ୍ଧାରଣକରି ପାର୍ଶ୍ୱସ୍ଥ ଚକମାଲିକମାନଙ୍କୁ ନିଲାମ ମାଧ୍ୟମରେ ତାହା ବିକ୍ରୟ କରିଦେବାର ବନ୍ଦୋବସ୍ତ କରିବେ। ଧାରା ୩୪(୪) ରେ କୁହାଯାଇଛି ଯଦି ନିଲାମ ମାଧ୍ୟମରେ ଉକ୍ତ ବିଭାଜିତ ଅଂଶ ବିକ୍ରୟହୋଇ ନ ପାରେ ତେବେ ରାଜ୍ୟ ସରକାର ସେହି ଅଂଶକୁ ତହସିଲଦାରଙ୍କ ଦ୍ୱାରା ସ୍ଥିରୀକୃତ ବଜାର ଦରରେ କ୍ରୟକରି ନିଜ ଅକ୍ତିଆରରେ ରଖିବେ। ଅଧିନିୟମର ୩୫ ଧାରାରେ କୁହାଯାଇଛି ଧାରା ୩୪କୁ ଉଲ୍ଲଂଘନ କରି ଯଦି କୌଣସି ଜମି ବିକ୍ରି ଅଥବା ବିଭାଜିତ ହୋଇଥାଏ ତାହା ଅବୈଧ ହେବ।

ମୋଟ କଥା ଚକଜମିର ବିଭାଜୀକରଣ ଏବଂ ବିଖଣ୍ଡୀକରଣକୁ ସମ୍ପୂର୍ଣ୍ଣ ନିଷିଦ୍ଧକରି ରାଜ୍ୟର କୃଷିର ସ୍ୱାର୍ଥଦୃଷ୍ଟିରୁ ସମସ୍ତ ଚକଜମିକୁ ଅକ୍ଷୁଣ୍ଣ ରଖିବାର ବ୍ୟବସ୍ଥା ଆଇନରେ ଲିପିବଦ୍ଧ ହୋଇଛି। ସେଥିସହ ଜମି ମାଲିକମାନଙ୍କର ସ୍ୱାର୍ଥରକ୍ଷା ଏବଂ ଅସୁବିଧା ଦୂରକରିବା ନିମନ୍ତେ ଧାରା ୩୪(୩) ଏବଂ ଧାରା ୩୪(୪)ରେ ଅନେକ ବିକଳ୍ପ ବ୍ୟବସ୍ଥା ଉପଲବ୍ଧ। କିନ୍ତୁ ଜନସାଧାରଣଙ୍କର ସମ୍ପତ୍ତି ଅଧିକାର କ୍ଷୁଣ୍ଣ ହେବା ତଥା ନାନା ଅସୁବିଧା ଏବଂ ବିଶେଷକରି ବିଲ୍‌ଡରମାନଙ୍କ କୃଷିଜମି ଅଧିଗ୍ରହଣ କରିବାର ପ୍ରତିବନ୍ଧକ ଦୂରକରିବା ନିମନ୍ତେ ୨୯।୦୫।୨୩ରେ କ୍ୟାବିନେଟ୍ ବୈଠକରେ ସରକାର ଚକବନ୍ଦୀ ଅଧିନିୟମର ୩୪ ଏବଂ ୩୫ ଧାରାକୁ ଉଚ୍ଛେଦ କରିଛନ୍ତି। ଫଳରେ ଜମି ମାଲିକ ମାନେ ଚକଜମି ବିକ୍ରି ଅଥବା ବିଭାଜନ କରିପାରିବେ। ଏହାଦ୍ୱାରା ସେହି 'ପୁନର୍ମୂଷିକ ଭବ' ଭଳି ଅବସ୍ଥା ସୃଷ୍ଟିହେବ। ଜମିଗୁଡ଼ିକ ପୁନର୍ବାର ଖଣ୍ଡ ଖଣ୍ଡ ହୋଇ କୃଷି ଉପଯୋଗିତା ହରାଇବ। ବିଲ୍‌ଡରମାନେ ସହରାଞ୍ଚଳର ୫୦ କି.ମି. ମଧ୍ୟରେ କୌଣସି ଚାଷଜମି ରଖାଇ ଦେବେ ନାହିଁ। ୨ ଏକର ଚକ ଜମି ୪ ପୁଅଝିଅଙ୍କ ମଧ୍ୟରେ ଭାଗହୋଇ ୫୦ ଡିସିମିଲ ଲେଖା ହେବ ଏବଂ ପୁଣି ପରବର୍ତ୍ତୀ ବଂଶଧରମାନେ ତାହାକୁ ଆହୁରି ବିଭାଜିତକରି ୫ ଡିସିମିଲରେ ପହଞ୍ଚାଇ ଦେବେ। କୁହାଯାଉଛି ଏହାଦ୍ୱାରା ଜମି ରେଜେଷ୍ଟ୍ରି ଶୁଳ୍କ ଏବଂ ଅନ୍ୟାନ୍ୟ ଶୁଳ୍କର ବୃଦ୍ଧି ଘଟି ସରକାରଙ୍କର ଆୟ ବଢ଼ିବ। ରାଜ୍ୟର କୃଷିର ଭବିଷ୍ୟତ କଥା ଚିନ୍ତାକଲେ ଏଭଳି ଚିନ୍ତାଧାରା ହାସ୍ୟାସ୍ପଦ ମନେହୁଏ। ଜନସାଧାରଣଙ୍କର ବର୍ତ୍ତମାନ ସୁଖ ସୁବିଧା ଦେଖିବା ସଙ୍ଗେ ସଙ୍ଗେ ସେମାନଙ୍କର ଭବିଷ୍ୟତର ଦାୟିତ୍ୱ ସରକାରଙ୍କର। ତେଣୁ ଚକଜମିଗୁଡ଼ିକର ଅଖଣ୍ଡତା ରକ୍ଷାକରି ଲୋକଙ୍କର ଅସୁବିଧା ଦୂରକରିବା ପାଇଁ କୌଣସି ବିକଳ୍ପ ପନ୍ଥା ଚିନ୍ତା କରାଯାଇପାରେ। ମାଟ କଥା କୃଷିର ସ୍ୱାର୍ଥ ଦୃଷ୍ଟିରୁ ଚକଜମିଗୁଡ଼ିକୁ ଟୁକୁରା ଟୁକୁରା ହେବାରୁ ରକ୍ଷା କରିବା ଏକାନ୍ତ ପ୍ରୟୋଜନ ମନେହୁଏ।

**ନୟାପଲ୍ଲୀ, ଭୁବନେଶ୍ୱର**
**ମୋ- ୯୪୩୭୨୮୭୯୬୪**

## ଏଇ ଭାରତରେ

ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକକୁ ନିଷିଦ୍ଧ କରାଯିବାର ବହୁ ପୂର୍ବରୁ ବେଙ୍ଗାଲୁରୁ ସ୍ଥିତ ଷ୍ଟାର୍ଟଅପ୍ 'ସନ୍‌ବ୍ରିଡ୍ ଷ୍ଟ୍ର' ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ଲାଗି ଏକ ନିଆରା ପଦ୍ଧତି ଆବିଷ୍କାର କରିଛି। ଏହା ମାଧ୍ୟମରେ ନଡ଼ିଆ ପତ୍ରରୁ ଷ୍ଟ୍ର ତିଆରି କରାଯାଉଛି। ଏହି ଷ୍ଟାର୍ଟଅପ୍‌ର ପ୍ରତିଷ୍ଠାତା ହେଉଛନ୍ତି କ୍ରାଏଷ୍ଟ ୟୁନିଭର୍ସିଟି ବେଙ୍ଗାଲୁରୁର ସହକାରୀ ପ୍ରାଧ୍ୟାପକ ସାଜି ଭର୍ଗିସ୍। ସାଜିଙ୍କ ବୟସ ୫୧। ସେ ୟୁନିଭର୍ସିଟି ପରିସରରେ ଶୁଖିଲା ନଡ଼ିଆ ବାହୁଙ୍ଗା ସବୁ ପଡ଼ିଥିବାର ଲକ୍ଷ୍ୟକରି ଏହାର ପରିବେଶ ଉପଯୋଗୀ ଉପଯୋଗ କରିବାକୁ ୨୦୧୭ରେ ନିଷ୍ପତ୍ତି ନେଇଥିଲେ। ୨୦୧୯ ସୁଦ୍ଧା 'ସନ୍‌ବ୍ରିଡ ଷ୍ଟ୍ର' ଷ୍ଟାର୍ଟଅପ ପ୍ରତିଷ୍ଠା କରି ତା' ମାଧ୍ୟମରେ ନଡ଼ିଆ ପତ୍ରକୁ ବ୍ୟବହାର କରି ଷ୍ଟ୍ର ତିଆରି କରିବା ଆରମ୍ଭ କରିଥିଲେ। ଗୋଟିଏ ନଡ଼ିଆ ବାହୁଙ୍ଗାରେ ଯେତିକି ପତ୍ର ଅଛି ସେଥିରୁ ୨୦୦ ଷ୍ଟ୍ର ତିଆରି କରାଯାଇପାରୁଛି। ସମ୍ପୂର୍ଣ୍ଣ ରସାୟନ ମୁକ୍ତ ପଦ୍ଧତିରେ ଏହାକୁ ତିଆରି କରାଯାଉଛି। ଏହି ଷ୍ଟ୍ର ମାଟିରେ ବି ମିଶିଯାଉଛି। ଏହା କୌଣସି ଦ୍ରବଣରେ ତିନିଘଣ୍ଟା ଯାଏ ରହିପାରୁଛି। ଗୋଟିଏ ଷ୍ଟ୍ରର ମୂଲ୍ୟ ରହିଛି ୫ ଟଙ୍କା। ଏବେ ସୁଦ୍ଧା ସାଜି ୧୦ଟିରୁ ଊର୍ଦ୍ଧ୍ୱ ଦେଶରୁ ୨ କୋଟିରୁ ଅଧିକ ଅର୍ଡର ପାଇସାରିଲେଣି। ଷ୍ଟ୍ର ତିଆରି କାର୍ଯ୍ୟରେ ସେ କେରଳ, ତାମିଲନାଡୁ ଓ କର୍ନାଟକର ୧୦୦ ଗ୍ରାମୀଣ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ଏହି ପରିବେଶ ଉପଯୋଗୀ ଷ୍ଟ୍ର ଲାଗି ସାଜିଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଜୁନ୍ ୧୯୯୮

- ରାଷ୍ଟ୍ରପତି ଏବଂ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ତଥା ଶିକ୍ଷକ ପ୍ରାଣବଲ୍ଲଭ ପାଢ଼ୀଙ୍କୁ ମ୍ୟାନ୍ ଅଫ୍ ଦି ଇୟର ପୁରସ୍କାର।
- ପ୍ରଖ୍ୟାତ ଫୁଟବଲ ତାରକା ରାମେନ୍ଦ୍ର ଚନ୍ଦ୍ର ଦେ ଓରଫ ନାନୁଙ୍କ ୭୯ ବର୍ଷ ବୟସରେ ପରଲୋକ।
- ମେଘାଳୟ ମନ୍ତ୍ରିମଣ୍ଡଳରୁ ପିଡବ୍ଲ୍ୟୁଡି ମନ୍ତ୍ରୀ ଟର୍ବାଲିନ ଲିଙ୍ଗଦୋ ମଙ୍ଗଲେଡଙ୍କ ଇସ୍ତଫା।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 1 | | | 6 | |
| | 8 | | | | 2 | 5 | | |
| | | | | | | | | |
| | | 8 | | | | 7 | | 6 |
| 7 | | 2 | | | 4 | 8 | | |
| | | 4 | | | 9 | 3 | | |
| 5 | | | | | | | 7 | |
| | | | | 6 | | 2 | 3 | |
| | 3 | | | 7 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 6 | 3 | 8 | 1 | 7 | 9 | 2 |
| 9 | 2 | 3 | 7 | 4 | 6 | 5 | 8 | 1 |
| 1 | 8 | 7 | 2 | 9 | 5 | 6 | 3 | 4 |
| 6 | 4 | 8 | 5 | 1 | 3 | 9 | 2 | 7 |
| 2 | 1 | 5 | 4 | 7 | 9 | 3 | 6 | 8 |
| 3 | 7 | 9 | 6 | 2 | 8 | 4 | 1 | 5 |
| 7 | 9 | 4 | 8 | 6 | 2 | 1 | 5 | 3 |
| 8 | 3 | 1 | 9 | 5 | 7 | 2 | 4 | 6 |
| 5 | 6 | 2 | 1 | 3 | 4 | 8 | 7 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ହଜିଯାଉଛି ମଣିଷପଣିଆ

ମହାଶୟ,

ଜୀବନ ସାରା ଆମକୁ ପରିବେଶ ଭିତରେ ଚଳିବାକୁ ହେବ। ଚଳିବାକୁ ହେବ ନିଜ ବ୍ୟକ୍ତିତ୍ୱର ପରାକାଷ୍ଠାକୁ ନେଇ। ମଣିଷ ଗୋଟେ ସାମାଜିକ ପ୍ରାଣୀ । ହେଲେ ମଣିଷ ଠିକ୍ କରିବାକୁ ଯେତିକି ଅଗ୍ରସର ହେଉନାହିଁ। ବରଂ ଅଧିକ ଭୁଲ୍ କରୁଛି। ୩୧୬ ନମ୍ବର ରାଜପଥରେ ନିକଟ ଅତୀତରେ ଜଣେ ବାଇକ ଆରୋହୀ ରାଜରାସ୍ତାରେ ଯାଉଥିବାବେଳେ ଜଣେ କାର୍ ଆରୋହୀ ତାଙ୍କୁ ଧକ୍କା ଦେଲା। ବାଇକ୍ ଆରୋହୀ ବିଚରା ପଡ଼ି ଛଟପଟ ହେଉଛି। ତାଙ୍କର ତୁରନ୍ତ ଚିକିତ୍ସା ବଦଳରେ ଗାଡ଼ି କ୍ଷୟକ୍ଷତି ପାଇଁ କ୍ଷତିପୂରଣ ମାଗୁଛନ୍ତି ଲୋକେ। ଆଘାତରେ କ୍ଷତବିକ୍ଷତ ହୋଇଥିବା, ମୁମୂର୍ଷୁ ବ୍ୟକ୍ତିଙ୍କୁ ଡାକ୍ତରଖାନା ନେବା କଥା କାହାରି ମୁଣ୍ଡରେ ଜୁଟୁନି। ଯାହା ହେବା କଥା ହେଲା। ହେଲେ ସେମାନଙ୍କ ମଣିଷପଣିଆ ଗଲା କୁଆଡ଼େ ? ବିଚାରା ଆପଣମାନଙ୍କର ! ଏ ହେଉଛି ଆମର ମଣିଷପଣିଆ। ଉପସ୍ଥିତ ବ୍ୟକ୍ତିଙ୍କ ମତରେ ଭୁଲ ଠିକ୍ ବିଚାର ପର କଥା। ଆଗେ ସେ ଲୋକକୁ ଚିକିତ୍ସା ପାଇଁ ଜାତୀୟ ରାଜପଥ ପାର୍ଶ୍ୱ ଡାକ୍ତରଖାନାକୁ ନେବା ଉଚିତ।

**-ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହେ ଜଳ-ପବନ-ଅଗ୍ନି
ମୃତ୍ତିକା-ଆକାଶ-ମହାଭୂତ
ଯାହା ଘେନି ଧରେ ପ୍ରାଣ,
ଯାହା ଛାଡ଼ି ଶେଷେ ହୁଏ ମୃତ।
(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ରବି ଜେନା ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି**

ଭୁବନେଶ୍ୱର,(ଅନିଲ ଦାସ): ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ଭାବେ ରବି ନାରାୟଣ ଜେନାଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଜ୍ୟୋତିଷ ଚନ୍ଦ୍ର ଦାସଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଉକ୍ତ ନିଯୁକ୍ତି ଦିଆଯାଇଥିବା ଶୁକ୍ରବାର ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।



# ଆଗୁଆ ଲୋକ ସଭା ନିର୍ବାଚନ କରାଇପାରେ ଭାଜପା: ନୀତୀଶ



ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର

ପାଟନା, ୧୬।୬

୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପା ବିରୋଧରେ ସମସ୍ତ ବିରୋଧୀ ଦଳଙ୍କୁ ଏକାଠି କରିବାକୁ ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ଉଦ୍ୟମ ଚଳାଇଛନ୍ତି। ଏଥିରେ ଭୟଭୀତ ଶାସକ ଦଳ ଆଗୁଆ ନିର୍ବାଚନ କରାଇପାରନ୍ତି ବୋଲି ନୀତୀଶ ଶୁକ୍ରବାର ପୂର୍ବାନୁମାନ କରିଛନ୍ତି। ଆଗୁଆ ନିର୍ବାଚନ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ବିରୋଧୀ ଏକତା ଉଦ୍ୟମ ସଫଳ ହେଲେ ଏହା ଭାଜପାକୁ ବଡ଼ କ୍ଷତି ପହଞ୍ଚାଇବ। ସେଥିପାଇଁ ସେମାନେ ଆଗୁଆ ନିର୍ବାଚନ କରାଇପାରନ୍ତି ବୋଲି ୨୩ ତାରିଖ ବିରୋଧୀ ବୈଠକ ପୂର୍ବରୁ ନୀତୀଶ କହିଛନ୍ତି। ଜେଡିୟୁ ବିଧାୟକ ରତ୍ନେଶ ସାଦା ବିହାର କ୍ୟାବିନେଟରେ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଜିତନରାମ ମାଞ୍ଝିଙ୍କ ପୁଅ ସନ୍ତୋଷ ସୁମନଙ୍କ ଇସ୍ତଫା ପରେ ମନ୍ତ୍ରିମଣ୍ଡଳରେ ଗୋଟିଏ ପଦବୀ ଖାଲି ପଡ଼ିଥିଲା। ସନ୍ତୋଷଙ୍କ ହାତରେ ଥିବା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ରତ୍ନେଶଙ୍କୁ ଦିଆଯାଇଛି।

## ଭାଜପା ପାଇଁ ଗୁପ୍ତଚରଗିରି କରୁଥିଲେ ମାଞ୍ଝି

**ନୀତୀଶ କୁମାରଙ୍କ ଅଭିଯୋଗ**

**ପାଟନା, ୧୬।୬:** ହିନ୍ଦୁସ୍ତାନୀ ଆୱାମୀ ମୋର୍ଚ୍ଚା (ଧର୍ମନିରପେକ୍ଷ) ଦଳର ପ୍ରତିଷ୍ଠାତା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନରାମ ମାଞ୍ଝି ଭାଜପାର ସୁବିଧା ପାଇଁ ମହାମେଣ୍ଟ ଉପରେ ଗୁପ୍ତଚରଗିରି କରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅଭିଯୋଗ କରିଛନ୍ତି। ସେ ମେଣ୍ଟରୁ ଓହରିଯାଇଥିବାରୁ ମେଣ୍ଟକୁ ମୁକ୍ତି ମିଳିଥିବା ନୀତୀଶ କହିଛନ୍ତି। ଜୁନ୍ ୨୩ରେ ପାଟନାରେ ହେବାକୁ ଥିବା ବିରୋଧୀ ଦଳଗୁଡ଼ିକର ବୈଠକରେ ମାଞ୍ଝି ଯୋଗଦେବାକୁ ଚାହୁଁଥିଲେ। ସେ ଉକ୍ତ ବୈଠକର ଆଲୋଚନା ସମ୍ପର୍କରେ ଭାଜପାକୁ ଜଣାଇଦେଇପାରନ୍ତି ବୋଲି ନୀତୀଶ ଆଶଙ୍କା କରିଥିଲେ। ସେଥିପାଇଁ ସେ ଏଚ୍‌ଏଏମ୍(ଏସ୍)କୁ ଜେଡିୟୁ ସହ ମିଶ୍ରଣ ପାଇଁ କହିଥିଲେ ବୋଲି ବିହାର ମୁଖ୍ୟମନ୍ତ୍ରୀ କହିଛନ୍ତି। ମାଞ୍ଝି ଏଥିରେ ରାଜି ନ ହେବାରୁ ସେ ତାଙ୍କୁ ମେଣ୍ଟରୁ ଓହରିଯିବାକୁ କହିଥିଲେ ବୋଲି ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ମାଞ୍ଝିଙ୍କ ପୁଅ ସନ୍ତୋଷ କୁମାର ସୁମନ ରାଜ୍ୟ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ନୀତୀଶ ତାଙ୍କ ଦଳକୁ ଜେଡିୟୁରେ ମିଶ୍ରଣ ପାଇଁ ପ୍ରସ୍ତାବ ଦେବାରୁ ସେ ମନ୍ତ୍ରିମଣ୍ଡଳ ଛାଡୁଥିବା କହିଥିଲେ।

# ଟାଟା ଷ୍ଟିଲ୍ ପ୍ଲାଣ୍ଟ ଦୁର୍ଘଟଣାର ତଦନ୍ତ ନ ହେବା ଶ୍ରମିକଙ୍କୁ ଉପହାସ: କଂଗ୍ରେସ

ଭୁବନେଶ୍ୱର, ୧୬।୬(ସୁନିତ୍ ମିଶ୍ର)

ଢେଙ୍କାନାଳ ଜିଲା ମେରାମଣ୍ଡଳୀଠାରେ ଗତ ୧୩ ତାରିଖରେ ଟାଟା ଷ୍ଟିଲ୍ ପ୍ଲାଣ୍ଟର ବ୍ଲାଷ୍ଟ ଫର୍ନେସ ଦୁର୍ଘଟଣା ଯୋଗୁ ୧୯ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ସରକାର ଏନେଇ କୌଣସି ତଦନ୍ତ ନିର୍ଦ୍ଦେଶ ନ ଦେବା ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ଶ୍ରମିକ ଏବଂ ତାଙ୍କ ପରିବାର ପ୍ରତି ଏକ କ୍ରୁର ଉପହାସ ବୋଲି କଂଗ୍ରେସ ନେତା ରଜନୀ କୁମାର ମହାନ୍ତି କହିଛନ୍ତି।

କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରଜନୀ କହିଛନ୍ତି, ଦୀର୍ଘ ୫ଦିନ ବିତିଗଲା ପରେ ମଧ୍ୟ ରାଜ୍ୟ ସରକାର ଏଭଳି ଦୁର୍ଘଟଣାକୁ ସମ୍ପୂର୍ଣ୍ଣ ଚାପିଦେବା ଏବଂ ତଦନ୍ତ ନିର୍ଦ୍ଦେଶ ନ ଦେବା ଅତ୍ୟନ୍ତ ଦୁଃଖଦାୟକ। ଏ ସରକାର ସ୍ୱଚ୍ଛତାର ଡିଣ୍ଡିମ ପିଟୁଥିବା ବେଳେ ଏହି ଘଟଣାରେ ଏତେ ଲୁଚକାଳି ଖେଳ କାହିଁକି ଓ କାହା ସ୍ୱାର୍ଥକୁ ରାଜ୍ୟ ସରକାର ଜଗିଛନ୍ତି। ରାଜ୍ୟର ୧୯ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାଜ୍ୟ ଶ୍ରମ ବିଭାଗର ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀ ସମ୍ପୂର୍ଣ୍ଣ ନୀରବ ରହିବାରୁ ବୁଝାପଡୁଛି ରାଜ୍ୟ ସରକାର ଶ୍ରମିକମାନଙ୍କ ସ୍ୱାର୍ଥ ରକ୍ଷା କରିବାପାଇଁ କାର୍ଯ୍ୟ କରିବା ପରିବର୍ତ୍ତେ ଟାଟା କମ୍ପାନୀର ସ୍ୱାର୍ଥକୁ ରକ୍ଷା କରିବା ପାଇଁ ଲାଗିପଡ଼ିଛନ୍ତି। ନିର୍ବାଚନ ପାଣ୍ଠି ଯୋଗାଡ଼ କରିବା ବିଜେଡି ସରକାରର ଏକ ମାତ୍ର କାମ। ତେଣୁ ରାଜ୍ୟର ଶ୍ରମିକମାନେ ମଲେ ବା ବଞ୍ଚିଲେ ଏଥିରେ ସରକାରଙ୍କ କିଛି ଯାଏ ଆସେ ନାହିଁ। ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ଟାଟା କମ୍ପାନୀ ନିଜେ ହିଁ ନିଜ ଦୋଷର ତଦନ୍ତ କରୁଛି ବୋଲି ସେ କହିଛନ୍ତି। କଂଗ୍ରେସ ମୁଖପାତ୍ର ରଶ୍ମି ମହାପାତ୍ର କହିଛନ୍ତି, ନବୀନବାବୁଙ୍କ ଟାଟା ପ୍ରୀତି ଯୋଗୁ ଆଜି ରାଜ୍ୟର ଶ୍ରମିକମାନେ ଅକାରଣରେ ଗୁରୁତର ଆହତ ଓ ମୃତ୍ୟୁବରଣ କରୁଛନ୍ତି। ରାଜ୍ୟର ବିଭିନ୍ନ ଶିଳ୍ପାଞ୍ଚଳରେ ବହୁ ସମୟରେ ଦୁର୍ଘଟଣା ଘଟୁଛି ବୋଲି ସେ କହିଛନ୍ତି।

# ସୋନପୁର ଜିଲା ବିଜେଡି କମିଟି ପୁନର୍ଗଠିତ

**ସରୋଜ କାମ୍ପା ସଭାପତି**

**■ ୧୫ ସାଧାରଣ ସମ୍ପାଦକ, ୧୭ ଯୁଗ୍ମ ସମ୍ପାଦକ, ୨୩ ରାଜ୍ୟ ସମ୍ପାଦକ ନିଯୁକ୍ତ**

ଭୁବନେଶ୍ୱର, ୧୬।୬(ଅନିଲ ଦାସ)

ସୋନପୁର ଜିଲା ବିଜେଡି କମିଟିର ପୁନର୍ଗଠନ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଜିଲା ସମେତ ବିଭିନ୍ନ ବ୍ଲକ,ଏନ୍‌ଏସି, ମ୍ୟୁନିସିପାଲିଟିରେ ସଭାପତିଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ଶୁକ୍ରବାର ଦଳ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

ଏଥିସହିତ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ୧୫, ଯୁଗ୍ମ ସମ୍ପାଦକ ଭାବେ ୧୭ ଏବଂ ସମ୍ପାଦକ ଭାବେ ୨୩ ଜଣଙ୍କୁ ନିଯୁକ୍ତି ଦିଆଯାଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସୋନପୁର ଜିଲା ବିଜେଡି ସଭାପତି ଭାବେ ସରୋଜ କୁମାର କାମ୍ପା, ହିମାଂଶୁ ଶେଖର ବିଶ୍ୱାଳ ଡୁଙ୍ଗୁରିପାଲି, ଶଙ୍କର ପ୍ରସାଦ ସା(କବି) ସୋନପୁର, ହେମନ୍ତ କୁମାର ସାହୁ ତରଭା, ଝସକେତନ ବାଘର ଉଲୁଣ୍ଡା, ଦ୍ୱାରିକାନାଥ ସାହୁ ବିନିକା ଏବଂ ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କୁ ବିଏମ୍‌ପୁର ବ୍ଲକ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସୋନପୁର ମ୍ୟୁନିସିପାଲିଟି ସଭାପତି ଭାବେ ଜନ୍ମେଜୟ ପାତ୍ର, ଗଗନ ଅଗ୍ରୱାଲ ତରଭା ଏନ୍‌ଏସି ଏବଂ ସୋମନାଥ ମିଶ୍ରଙ୍କୁ ବିନିକା ଏନ୍‌ଏସି ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଅଭିମନ୍ୟୁ କୁଶଲଙ୍କୁ ସୋନପୁର ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଉପସଭାପତି ଭାବେ ରମେଶ ପୂଜାରୀ, ବିଜୟାନନ୍ଦ ମିଶ୍ର, କାଇରୁ ସ୍ୱାଇଁ, ମଧୁସୂଦନ ମିଶ୍ର, ଶୈଳେନ୍ଦ୍ର ସାହୁ ଏବଂ ରଞ୍ଜିତ କୁମାର ରଥଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଜିଲାର ଡିଜିଟାଲ ମିଡିଆ ସମ୍ପାଦକ ତଥା କାର୍ଯ୍ୟକାରୀ ସଭାପତି ଭାବେ ବିହାରୀଲାଲ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଡିଜିଟାଲ ମିଡିଆ ସେକ୍ରେଟାରି ଭାବେ ମଧୁ ଓତା, କ୍ୟାଶିୟର ଭାବେ ପ୍ରହଲ୍ଲାଦ ନାୟକ, ଅଫିସ ସେକ୍ରେଟାରି ଭାବେ ମାନଭଞ୍ଜନ ବେଡବକ, କୃଷକ ସେଲ୍ ସଭାପତି ଭାବେ କରମଚାନ୍ଦ ମହାନ୍ତି, ଏସ୍‌ସି ସେଲ୍ ସଭାପତି ଭାବେ ରାଜକୁମାର ସେନା, ଓବିସି ସେଲ୍ ସଭାପତି ଭାବେ ରାଜନ ଥେଲାଙ୍କୁ ନିଯୁକ୍ତି ଦିଆଯାଇଛି।

# 'ସଷ୍ଟେନେବଲ୍ ଡେଭଲପମେଣ୍ଟ ଗୋଲ୍' ପୂରଣ କହିବା ହାସ୍ୟାସ୍ପଦ: ଭାଜପା

ଭୁବନେଶ୍ୱର, ୧୬।୬(ସୁନିତ୍ ମିଶ୍ର)

ଗ୍ରୀଷ୍ମପ୍ରବାହରେ ସାଧାରଣ ଲୋକେ ଅସ୍ତବ୍ୟସ୍ତ। 'ପାୱାର କଟ୍'କୁ ନେଇ ସମଗ୍ର ରାଜ୍ୟ ହୁଲସ୍ଥୁଲ୍ ହେଲାଣି। ବିଜୁଳି ବିତରଣ କମ୍ପାନୀ ଟାଟା ପାୱାର, ଶକ୍ତି ବିଭାଗ ଏବଂ ରାଜ୍ୟ ସରକାରଙ୍କ ଭିତିରି ବୁଝାମଣା ଯୋଗୁ ଘନ ଘନ ଅଘୋଷିତ ବିଜୁଳି କାଟ୍ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନୀରବ ରହିଛନ୍ତି। ରାଜ୍ୟ ସରକାର ଯେଉଁ ସଷ୍ଟେନେବୁଲ୍ ଡେଭଲପ୍‌ମେଣ୍ଟ ଗୋଲ୍‌ର କଥା କହି ମିଛ ଡିଣ୍ଡିମ ପିଟୁଛନ୍ତି, ସେଥିରେ 'ନିରବିଚ୍ଛିନ୍ନ ବିଜୁଳି ସେବା' ମଧ୍ୟ ଅନ୍ୟତମ। ବାସ୍ତବରେ ରାଜ୍ୟବାସୀଙ୍କୁ ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ ଗୋଲ୍ ପୂରଣ ହୋଇଛି କହିବା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଦୁର୍ଭାଗ୍ୟଜନକ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ଓଡ଼ିଶା ବିଦ୍ୟୁତ୍ ବଳକା ରାଜ୍ୟ ବୋଲି ରାଜ୍ୟ ସରକାର କହି ବୁଲୁଛନ୍ତି। ତେବେ ବିଦ୍ୟୁତ୍ ବଳକା ରାଜ୍ୟରେ ବାରମ୍ବାର ଏମିତି ବିଜୁଳି କାଟ୍ କାହିଁକି ହେଉଛି। ଗ୍ରାମାଞ୍ଚଳ ସମେତ ସହରାଞ୍ଚଳ ଏବଂ ରାଜଧାନୀ ଭୁବନେଶ୍ୱରରେ ଘନ ଘନ ବିଜୁଳି କାଟ୍, ଲୋ ଭୋଲ୍‌ଟେଜର ଉପଭୋକ୍ତା କାହିଁକି ଶିକାର ହେଉଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସଭାରେ 'ପାୱାର କଟ୍' ହେବା ଦ୍ୱାରା ଦେଶରେ ରାଜ୍ୟବାସୀଙ୍କୁ ଲଜ୍ଜିତ ହେବାକୁ ପଡ଼ିଲା। ମାତ୍ର ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଇଣ୍ଟରକଣ୍ଟିନେଣ୍ଟାଲ ଫୁଟ୍‌ବଲ ମ୍ୟାଚ ସମୟରେ ବାରମ୍ବାର 'ପାୱାର କଟ୍' ହେବା ଦ୍ୱାରା ଖେଳ ବାଧାପ୍ରାପ୍ତ ହେବା ସହିତ ସମଗ୍ର ବିଶ୍ୱରେ ରାଜ୍ୟବାସୀ ନିନ୍ଦିତ ହେଲେ। ଟାଟା କମ୍ପାନୀ ନିଜ ଲାଭ ପାଇଁ ଓଡ଼ିଶାରେ ବିତରଣ ଦାୟିତ୍ୱ ନେଇଛି। କିନ୍ତୁ ଓଡ଼ିଶା ସରକାର ଫାଇଦା ବା ଲାଭ ପାଇଁ ନୁହେଁ, ବରଂ ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟ କରିବା ଜରୁରୀ। ବିଜୁଳି ବିଭ୍ରାଟ ପ୍ରସଙ୍ଗରେ ନିଜ ମୁଣ୍ଡରୁ ଦୋଷ ଖସାଇଦେଇ ଘରୋଇ ଟାଟା ପାୱାର କମ୍ପାନୀ ଉପରେ ରାଜ୍ୟ ସରକାର କାହିଁକି ଦୋଷ ଲଦି ଦେଉଛନ୍ତି ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି।

# ଖାର୍ଗେଙ୍କୁ ଅଭିଯୋଗ ଜଣାଇଲେ ତାରା



ନୂଆଦିଲ୍ଲୀଠାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କୁ ସାକ୍ଷାତ କରୁଛନ୍ତି ବିଧାୟକ ତାରା ବାହିନୀପତି ଓ ତାଙ୍କ ସ୍ତ୍ରୀ ମୀନାକ୍ଷୀ ବାହିନୀପତି।

ଭୁବନେଶ୍ୱର, ୧୬।୬(ସୁନିତ୍ ମିଶ୍ର)

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଦିଲ୍ଲୀ ଯାଇ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)ର ବରିଷ୍ଠ ନେତାଙ୍କୁ ଭେଟି ଅଭିଯୋଗ କରିବାରେ ଲାଗିଛନ୍ତି। ତାରାଙ୍କ ସ୍ତ୍ରୀ ମୀନାକ୍ଷୀ ବାହିନୀପତିଙ୍କୁ କୋରାପୁଟ ଜିଲା କଂଗ୍ରେସ ସଭାପତି ପଦରୁ ବିଦା କରାଯିବା ପରେ ବିବାଦ ବଢ଼ିବାରେ ଲାଗିଛି। ତାରା ଗୁରୁବାର ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କୁ ଭେଟିଥିବା ବେଳେ ଶୁକ୍ରବାର ଏଆଇସିସି ଅଧ୍ୟକ୍ଷ ମଲିକାର୍ଜୁନ ଖାର୍ଗେଙ୍କୁ ଭେଟିଛନ୍ତି। ଖାର୍ଗେଙ୍କୁ ଭେଟିବା ସମୟରେ ତାରା ସବୁ କଥା ପୁଣି କହିବା ସହ ଏକ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। ଏଥିସହ ଖାର୍ଗେଙ୍କୁ ଓଡ଼ିଶା ଗସ୍ତରେ ଆସିବା ଲାଗି ମଧ୍ୟ ସେ ଅନୁରୋଧ କରିଥିବା ଜଣାପଡ଼ିଛି। ଏହି ଅବସରରେ ତାରାଙ୍କୁ ବୁଝାଶୁଝା କରାଯାଇଥିବା ଶୁଣିବାକୁ ମିଳିଛି। ଦିଲ୍ଲୀରେ ଥିବା ତାରାଙ୍କ ଜଣେ ସମର୍ଥକଙ୍କ କହିବାନୁଯାୟୀ, ମୀନାକ୍ଷୀଙ୍କୁ ଆଉ ଜିଲା ସଭାପତି କରାଯିବା ଭଳି ମନେ ହେଉନାହିଁ। କାରଣ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ କଂଗ୍ରେସ ଏବେ କାମ କରୁଛି। ତେଣୁ ତାଙ୍କ ସୁପାରିସ ବିରୋଧରେ ପୁଣି ମୀନାକ୍ଷୀଙ୍କୁ ଜିଲା ସଭାପତି କରିବା ସହଜ ନୁହେଁ। ଏପରି ହେଲେ ବିବାଦ ଆହୁରି ବଢ଼ିବ ବୋଲି ଜାତୀୟ ନେତାମାନେ କହିଥିଲେ। ତେଣୁ ଦିଲ୍ଲୀରେ ତାରା କରିଥିବା ଲବି ବିଫଳ ହେଲେ ଏହାର ଏକ ଖରାପ ପ୍ରଭାବ କୋରାପୁଟ ଜିଲା ରାଜନୀତି ଉପରେ ପଡିବ ବୋଲି ସେ ଆଶଙ୍କା ପ୍ରକଟ କରିଛନ୍ତି।

ଅନ୍ୟପଟେ ତାରା ଶୁକ୍ରବାର ସକାଳୁ ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲାକୁମାରଙ୍କୁ ମଧ୍ୟ ଭେଟିଥିଲେ। ତାଙ୍କୁ ସମସ୍ତ ଘଟଣା ସମ୍ପର୍କରେ ଅବଗତ କରାଇବା ସହ ଏହା ଉପରେ ତୁରନ୍ତ ବିଚାରକରି ନିଷ୍ପତ୍ତି ପରିବର୍ତ୍ତନ ପାଇଁ କହିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, କିଛିଦିନ ତଳେ ତାରା ଏବଂ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ସମର୍ଥକମାନେ ପୃଥକ୍ ପୃଥକ୍ ଭାବେ ଭୁବନେଶ୍ୱର ଆସି ରାଜ୍ୟ କଂଗ୍ରେସ ମୁଖ୍ୟାଳୟରେ ଶକ୍ତି ପ୍ରଦର୍ଶନ କରିଥିଲେ। ପିସିସି ସଭାପତି ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରିଥିଲେ। ଏବେ ଏହି କଳି ଯାଇ ଦିଲ୍ଲୀରେ ପହଞ୍ଚି ସାରିଛି। ତାରା ତାଙ୍କ ସମର୍ଥକଙ୍କ ସହ ଯାଇ ନୂଆଦିଲ୍ଲୀରେ ଡେରା ପକାଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ତାରା ଗୁରୁବାର କହିଥିଲେ, ଏହା ଏକ ଔପଚାରିକ ସାକ୍ଷାତ ଥିଲା। କାହା ବିରୋଧରେ କିଛି କହିନାହୁଁ। କଂଗ୍ରେସ କିଭଳି କ୍ଷମତାକୁ ଆସିବ, ସେନେଇ ଆଲୋଚନା କରାଯାଇଛି ବୋଲି ସେ କହିଥିଲେ।

# ଟାଟା ପାୱାର ଅଫିସ ଆଗରେ ଭାଜପାର ବିକ୍ଷୋଭ




ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ଟାଟା ପାୱାର କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

ବ୍ରହ୍ମପୁର, ୧୬।୬(ନରସିଂହ ସାହୁ)

ଅଘୋଷିତ ବିଦ୍ୟୁତ କାଟ୍ ପ୍ରତିବାଦରେ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ବ୍ରହ୍ମପୁରସ୍ଥିତ ଟାଟା ପାୱାର ଦକ୍ଷିଣାଞ୍ଚଳ କର୍ପୋରେଟ କାର୍ଯ୍ୟାଳୟ ଆଗରେ ଶୁକ୍ରବାର ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆନ୍ଦୋଳନକାରୀ ଅଫିସ ଭିତରକୁ ପଶିବା ଉଦ୍ୟମ ବେଳେ କମ୍ପାନୀର ସୁରକ୍ଷା କର୍ମୀ ଓ ଉପସ୍ଥିତ ପୋଲିସ ମଧ୍ୟରେ ଧସ୍ତାଧସ୍ତି ମଧ୍ୟ ହୋଇଥିଲା। ଦୀର୍ଘ ସମୟ ଧରି ସେଠାରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ଟାଟା ପାୱାର ପଦାଧିକାରୀ ବିକ୍ଷୋଭସ୍ଥଳକୁ ଆସି ଦାବିପତ୍ର ନେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦାବି ପୂରଣ ଲାଗି ପଦକ୍ଷେପ ନିଆଯିବ ବୋଲି ଟାଟା ପାୱାର କର୍ତ୍ତୃପକ୍ଷ ଆଶ୍ୱାସନା ଦେଇଛନ୍ତି।

ପୂର୍ବାହ୍ନରେ ପୂର୍ବତନ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ କମାପଲ୍ଲୀ ରେଲୱେ ଓଭରବ୍ରିଜ ନିକଟରୁ ଶତାଧିକ କର୍ମୀ ଶୋଭାଯାତ୍ରାରେ ବାହାରି ଥିଲେ। ଟାଟା ପାୱାରର ଅଘୋଷିତ ବିଦ୍ୟୁତ କାଟକୁ ନିନ୍ଦା କରାଯାଇ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ବିଦ୍ୟୁତ୍ କାଟ୍‌ରେ ଲୋକେ ଅତିଷ୍ଠ ହୋଇ ପଡ଼ିଲେଣି। ବିଦ୍ୟୁତ ବଣ୍ଟନ ଦାୟିତ୍ୱ ସରକାର ଟାଟାକୁ ଟେକି ଦେଇ ଲୋକଙ୍କୁ କଲବଲ କରାଉଛନ୍ତି। ସରକାରଙ୍କ ନିୟନ୍ତ୍ରଣ ବାହାରେ ଥିବାରୁ ଘରୋଇ କମ୍ପାନୀ ମନଇଚ୍ଛା ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରୁଛି। ଏଥିସହ କମ୍ପାନୀ ଦରବୃଦ୍ଧି କରି ଦୀର୍ଘଦିନରୁ ଉପଭୋକ୍ତାଙ୍କୁ ଶୋଷଣ କରୁଛି ବୋଲି ଭାଜପା ଅଭିଯୋଗ କରିଛି। ପତ୍ର ହଲିଲେ ତୁରନ୍ତ ବିଜୁଳି କାଟ କରାଯାଉଛି। ଉପଭୋକ୍ତାମାନେ ବହୁବାର ଏହାର ପ୍ରତିବାଦ କରିଛନ୍ତି। ସବଷ୍ଟେଶନ ମରାମତି ଆଳ ଦେଖାଇ କମ୍ପାନୀ ଚୁପ୍ ରହୁଛି। ଏଥିପାଇଁ ଭାଜପା ରାଜ୍ୟ ସରକାରଙ୍କୁ ମଧ୍ୟ ଦୋଷ ଦେଇଛି। ପ୍ରତିଦିନ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ସେବା ଯୋଗାଇ ଦିଆ ନଗଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆନ୍ଦୋଳନରେ ଜିଲା ଉପସଭାପତି ସୁନୀଲ ସାହୁ, ରାମ କୁମାର ପାତ୍ର, ସୁବାସ ସାହୁ, ମନୋଜ ପଟ୍ଟନାୟକଙ୍କ ସମେତ ପ୍ରଭାତ ଷଡ଼ଙ୍ଗୀ, ପ୍ରଶାନ୍ତ କର, ଗଂଗାଧର ଶତପଥୀ, ପ୍ରଦୀପ ଶତପଥୀ, ବାଳକୃଷ୍ଣ ସାମନ୍ତରା, ରାମ ପ୍ରସାଦ ସାମଲ, ଶିବ ଶଙ୍କର ନାୟକ ଏବଂ ଛାମୁଆ ସଂଗଠନର କାର୍ଯ୍ୟକର୍ତ୍ତାମାନେ ସାମଲ ହୋଇଥିଲେ।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**Urgently Required**
Salon & Spa therapist, Manager & House Keeping staff for Bhubaneswar Center.
Only Female Candidate can Contact for details.
9178760530
9178760540

**ଆବଶ୍ୟକ**
ଭୁବନେଶ୍ୱରରେ ଲଣ୍ଡ୍ରି କମ୍ପାନୀ ପାଇଁ ଡେଲିଭରୀ ବୟ ଆବଶ୍ୟକ।
Mobile:
୯୦୭୮୦୦୦୧୦୮/ ୮୨୮୦୦୮୨୮୦୦

**WANTED**
ଆମକୁ ଏକ ଦମ୍ପତି ଦରକାର, ଯେଉଁମାନେ ରନ୍ଧନ ଏବଂ ବାସନ ସଫା କରିବା ଦାୟିତ୍ୱ ସମ୍ଭାଳି ପାରିବେ ରହିବା ପାଇଁ ଏକ ପୃଥକ ସୁସଜ୍ଜିତ କ୍ୱାର୍ଟର ଉପଲବ୍ଧ।
9132933333, 9132460000
ରେ ଆମ ସହିତ ଯୋଗାଯୋଗ କରନ୍ତୁ

DHARITRI
DISPLAY CLASSIFIED
COLOR INSERTIONS EVERY FRIDAY.
Monthly Package :
26 B/W + 4 Color Insertions.

**WALK IN INTERVIEWS**
JOIN OUR TEAM
ankura hospital for women & children | 9M by ankura hospital Birth & beyond
India's fastest growing hospital for Women & Children is now recruiting for its upcoming **Bhubaneswar** center
17th & 18th Jun | 10am to 4pm
Nursing, Pharmacy, Operations, Quality, OT Tech, PRE, HR, Floor Managers, Front office, Billing, Marketing, IT, Lab Tech, MOD, Accountant & Internal Audit, Tele Caller
Address: **Ankura Hospital for Women & Children**
Janpath Rd, near Sishu Bhawan Square, Bapuji Nagar, Bhubaneswar, Odisha
9121053131 | job@ankurahospital.com
Scan for Location
Hyderabad | Pune | Vijayawada | Tirupati | Khammam

**JOB REQUIREMENT**
1. CIVIL ENGINEER FOR PIPE LINE WORK
2. NORMAL SUPERVISOR FOR PIPE LINE
3. ACCOUNTANT
4. OPERATOR FOR JCB, HYDRA, HYVA ETC.
5. SECURITY
TO APPLY FOR THE SAME, MESSAGE YOUR BIO-DATA AND WORK EXPERIENCE IN THE BELOW MENTIONED WHATSAPP NUMBER 7205058526

**ODISHA ADARSHA VIDYALAYA GONDHIPALLY, MALKANGIRI**
Dist.: Malkangiri, Odisha, PIN Code: 764045
Email: oavgondhipally@gmail.com
Contact No.: 7077270403, 9090216331
Advertisement No. 1/2023, Dt.16.06.2023
**WALK-IN-INTERVIEW**
A Walk-in-Interview will be conducted in the vidyalaya premises on **Dt.23.06.2023 at 11.00 A.M.** to fill up the vacant posts of **PGTs (Mathematics, Chemistry, English, Economics, Commerce - 01 Post each) & TGT (Mathematics - 1 Post, English - 02 Posts) purely on part time contractual basis** for the Academic Session 2023-24 or till the joining of regular teacher whichever is earlier. The interested candidates below 65 years of age can attend the interview with their complete Bio-Data and all original certificate along with the photo copies of the same. For details about (Elegibility, Qualification, Age, Remuneration, Application Form etc.), please Visit: **www.malkangiri.nic.in**. The candidate is required to bring the filled in application form to the interview along with 02 Nos. of Passport sized photos. For any query, they can Contact to **7077270403, 9090216331, 7325993152**. No TA/DA will be given for attending the interview. Selection will be done in accordance with the revised guidelines as given by OAVS.
Sd./- Principal
OAV, Gondhipally, Malkangiri

**WE ARE HIRING FOR OUR HYUNDAI, MAHINDRA & HONDA DEALERSHIP**

| POSITION | LOCATION | ELIGIBILITY | NO. OF VACANCIES |
|---|---|---|---|
| SALES MANAGER-PERSONAL & COMMERCIAL | Bhubaneswar, Cuttack & Keonjhar | Graduation with 5-7 years experience in sales function and team handling in Automobile dealership | 4 |
| TEAM LEADER | Bhubaneswar & Berhampur | Graduation with 3-5 years experience in sales function and team handling in Automobile dealership | 3 |
| CRM/CX MANAGER | Bhubaneswar, Cuttack, Jajpur, Berhampur & Barbil | Graduation with 3-5 years experience in customer relations in Automobile dealership | 4 |
| SALES TRAINER | Bhubaneswar | Graduation with 3-5 years experience in similar profile with good communication, presentable and technical skill in Automobile dealership | 2 |
| SALES CONSULTANT | Bhubaneswar, Cuttack, Jajpur, Nayagarh, Keonjhar, Barbil & Berhampur | Graduation with 1-3 years experience in sales in Automobile dealership | 30 |
| SERVICE ADVISOR & BODYSHOP ADVISOR | Bhubaneswar, Cuttack, Jajpur, Keonjhar, Barbil & Berhampur | Degree/Diploma in Engineering with 2-3 years experience in customer handling in Automobile dealership | 10 |
| FLOOR SUPERVISOR | Keonjhar & Barbil | Degree/Diploma in Engineering with 4-6 years experience in shop floor management in Automobile dealership | 4 |
| FLOOR QUALITY CONTROLLER | Keonjhar & Barbil | Degree/Diploma in Engineering with 3-5 years experience in vehicle diagnosis & shop floor management in Automobile dealership | 4 |
| WARRANTY INCHARGE | Bhubaneswar & Nayagarh | Diploma in Engineering with 2-3 years experience in similar profile in Automobile dealership | 3 |
| TECHNICAL ADVISOR-BODYSHOP | Bhubaneswar & Berhampur | Degree/Diploma in Engineering with 2-3 years experience in similar profile in Automobile dealership | 2 |
| TECHNICIAN | Bhubaneswar, Cuttack, Jajpur, Keonjhar & Barbil | ITI with 2-3 years of relevant experience in Automobile dealership | 18 |
| ELECTRICIAN | Bhubaneswar, Cuttack, Jajpur, Keonjhar & Barbil | ITI with 2-3 years of relevant experience in Automobile dealership | 6 |
| TECHNICIAN TRAINEE | Bhubaneswar, Keonjhar & Barbil | ITI with fresher or 1 year experience in Automobile dealership | 10 |
| DRIVER | Bhubaneswar | Driving Experince with valid four wheeler driving licence | 6 |
| WASHING ASSOCIATE | Bhubaneswar, Keonjhar & Barbil | 10th pass with fresher or 1 year experience in Automobile dealership | 5 |

Walk in Interview: 19th, 21st, 22nd, 23rd & 24th of June 2023
Place of Interview: Utkal Automobiles Pvt. Ltd., S3/61, Mancheswar Industrial Estate, Rasulgarh, Bhubaneswar, Odisha, Land mark- Near Mancheswar Police Station.
Salary is Negotiable and best in the Industries.
Send your Resume to:
hrexecutive@utkalautomobiles.com, hrexecutive.hyundai@utkalautomobiles.com
Contact No.: 7064008721 / 7440038756 / 7440038748

**IDBI BANK**
ଆଞ୍ଚଳିକ କାର୍ଯ୍ୟାଳୟ : ଜନପଥ, ଭୁବନେଶ୍ୱର-୭୫୧୦୨୨
ଆବଶ୍ୟକ ବିଜିନେସ୍ ଫାସିଲିଟେଟର/ବିଜିନେସ କରେସପଣ୍ଡେଣ୍ଟ (ବ୍ୟବସାୟ ପ୍ରତିନିଧି)(ବ୍ୟବସାୟ ସହଯୋଗୀ)
BC/BFs ଯୋଗଦାନ ପାଇଁ ବିଜ୍ଞାପନ
ଆଇଡିବିଆଇ ବ୍ୟାଙ୍କ ଲିଃ ଏହାର ଭୁବନେଶ୍ୱର, ବ୍ରହ୍ମପୁର ଏବଂ ସମ୍ବଲପୁର ଅଞ୍ଚଳର ଶାଖାଗୁଡିକ ନିମନ୍ତେ ବିଜିନେସ୍ ଫାସିଲିଟେଟର/ବିଜିନେସ୍ କରେସପଣ୍ଡେଣ୍ଟ କାର୍ଯ୍ୟ ନିମନ୍ତେ ଦରଖାସ୍ତ ଅହ୍ୱାନ କରୁଅଛି।
ଭୁବନେଶ୍ୱର ଅଞ୍ଚଳର ଶାଖା ଗୁଡିକ: ଧାମରା, ଡୁବୁରୀ, ବାଲେଶ୍ୱର, ଭଦ୍ରକ,ବାଲିଆ, ଜଗତସିଂହପୁର, ଯାଜପୁର ରୋଡ, ଜଳେଶ୍ୱର, କେନ୍ଦ୍ରାପଡା, ଖୋର୍ଦ୍ଧା, କାକଟପୁର, ମହଙ୍ଗାଦପୁର, ନିଆଳି, ଦାଣ୍ଡମୁକୁନ୍ଦପୁର, ଯାଜପୁର ଟାଉନ୍, ଆଠଗଡ, ପାରିଆ ଏବଂ ଜଇଶୋଳ ଶାଖା
ଯୋଗାଯୋଗ ବ୍ୟକ୍ତି: ଶ୍ରୀ ରଜତ କର୍ମକାର, ମୋ.: ୯୯୦୩୩୬୬୩୭୩
ବ୍ରହ୍ମପୁର ଅଞ୍ଚଳର ଶାଖାଗୁଡିକ: ବ୍ରହ୍ମପୁର, ରାୟଗଡା, ବଲାଙ୍ଗୀର, ବାଲୁଗାଁ, ଭବାନୀପାଟଣା, ଫୁଲବାଣୀ, ଜୟପୁର, ନୟାଗଡ, ଗୁଣୁପୁର, ପାରଳାଖେମୁଣ୍ଡି, ସରମୁହାଣ, ନବରଙ୍ଗପୁର, ବଡବଜାର, ବେନ୍ଦ୍ରା, ସୁନାଥର, ମୋତାବାଡି, ବୌଦ୍ଧ, ବାଲଡିହମାଳ ଶାଖା
ଯୋଗାଯୋଗ ବ୍ୟକ୍ତି: ଶ୍ରୀ ଦୀପକ ପତି, ମୋ.: ୯୬୬୮୫୧୯୩୭୩
ସମ୍ବଲପୁର ଅଞ୍ଚଳର ଶାଖାଗୁଡିକ: ବରଗଡ, କେନ୍ଦୁଝର, ଦେବଗଡ, ସୁବର୍ଣ୍ଣପୁର, ସୁନ୍ଦରଗଡ, କରଞ୍ଜିଆ ତାବଲା, ଭୋଇପାଲି, ଖେମାଳ ଏବଂ ଗୋଟମା ଶାଖା
ଯୋଗାଯୋଗ ବ୍ୟକ୍ତି: ଶ୍ରୀମତୀ ଅରୁଣା ଦାସ, ମୋ.: ୯୦୯୦୯୬୦୬୫୯
ଯୋଗ୍ୟତା: ଅବସର ପ୍ରାପ୍ତ ବ୍ୟାଙ୍କ କର୍ମଚାରୀ, ଅବସର ପ୍ରାପ୍ତ ଶିକ୍ଷକ, ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ପ୍ରାକ୍ତନ ସେବାନିବୃତ୍ତ କର୍ମଚାରୀ, କିରାନା / ମେଡ଼ିକାଲ / ସୁଲଭମୂଲ୍ୟ ଦୋକାନର ବ୍ୟକ୍ତି ବିଶେଷ, ପିସିଓ ଅପରେଟର ବ୍ୟକ୍ତି, ସରକାରୀ ସ୍ୱଳ୍ପ ସଞ୍ଚୟ ଯୋଜନା / ବୀମା କମ୍ପାନୀର ଏଜେଣ୍ଟ, ପେଟ୍ରୋଲ ପମ୍ପର ବ୍ୟକ୍ତି ବିଶେଷ, ସୁପରିଚାଳିତ (ଏସ୍‌ଏଚ୍‌ଜି) ସ୍ୱୟଂ ସହାୟକ ଗୋଷ୍ଠୀର କ୍ଷମତାପ୍ରାପ୍ତ କାର୍ଯ୍ୟକର୍ତ୍ତା ଯେଉଁମାନଙ୍କର ବ୍ୟାଙ୍କ ସହିତ ସମ୍ପର୍କ ରହିଛି। ଜନସେବା କେନ୍ଦ୍ର ପରିଚାଳନା ବ୍ୟକ୍ତିବିଶେଷ ଯେଉଁମାନେ କି ବ୍ୟାଙ୍କର ସୁବିଧାଜନକ ଏବଂ ବ୍ୟବସାୟ ପରିଚାଳନା ନିମନ୍ତେ ଯୋଗ୍ୟ ସାପେକ୍ଷ ଅଟନ୍ତି।
ବୟସ: ୨୧ ରୁ ୫୦ ବର୍ଷ ବୟସ, ଶିକ୍ଷାଗତ ଯୋଗ୍ୟତା ୧) ସର୍ବନିମ୍ନ ୧୦ମ ପାସ, ୨) IIBF ଠାରୁ ମୌଳିକ ପ୍ରମାଣପତ୍ର।
କାର୍ଯ୍ୟ ପରିସର
୧) ବ୍ୟବସାୟିକ ସହଯୋଗୀ (BFs) ପାଇଁ
• ସଠିକ ଗ୍ରାହକ ଚିହ୍ନଟ। • ଋଣ ଦରଖାସ୍ତ, ଆକାଉଣ୍ଟ ଖୋଲିବା ଫର୍ମ ସଂଗ୍ରହ ଏବଂ ପ୍ରାଥମିକ ପ୍ରୋସେସିଙ୍ଗ, ଆବଶ୍ୟକ କାଗଜପତ୍ର ପୁରଣ, ପ୍ରାଥମିକ ସୂଚନା ଯାଞ୍ଚ ସହିତ ବ୍ୟାଙ୍କରେ ଦାଖଲ। • ଋଣ ପ୍ରଦାନ ପରେ ମନିଟରିଂରେ ସହାୟତା ଏବଂ ଋଣ ଆଦାୟ ସହାୟତା। • ସ୍ୱୟଂ ସହାୟକ ଗୋଷ୍ଠୀ/ମିଳିତ ଦେୟତା ଗ୍ରୁପକୁ ସହାୟତା ଏବଂ ବିକାଶ। • ବ୍ୟାଙ୍କର କର୍ତ୍ତୃପକ୍ଷଙ୍କ ଦ୍ୱାରା ବୈଧ ଅନୁମୋଦିତ ହୋଇଥିବା ବ୍ୟାଙ୍କ ପକ୍ଷରୁ ଯେକୌଣସି ସେବା।
୨) ବ୍ୟବସାୟିକ ପ୍ରତିନିଧି (BCs) ପାଇଁ
ବ୍ୟବସାୟିକ ସହଯୋଗୀଙ୍କ ପାଇଁ ତାଲିକାଭୁକ୍ତ ଉପରୋକ୍ତ କାର୍ଯ୍ୟାବଳୀ ସହିତ ବ୍ୟବସାୟିକ ପ୍ରତିନିଧିମାନେ ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ କରିବେ।
୧) ସ୍ୱଳ୍ପରାଶିର ଜମା ସଂଗ୍ରହ ଏବଂ ଗ୍ରାହକମାନଙ୍କୁ ସେମାନଙ୍କର ଆକାଉଣ୍ଟରୁ ଚାହିଦା ମୁତାବକ ନଗଦଅର୍ଥ ଯୋଗାଣ। ୨) ସ୍ୱଳ୍ପରାଶିର ଋଣ ବଣ୍ଟନ। ୩) ମୂଳ ପରିଶୋଧ / ସୁଧ ଆଦାୟ। ୪) ମାଇକ୍ରୋ ଇନସ୍ୟୁରାନ୍ସ / ମ୍ୟୁଚୁଆଲ ଫଣ୍ଡ ପ୍ରଡ଼କ୍ଟ / ପେନସନ ପ୍ରଡ଼କ୍ଟ / ଅନ୍ୟ ତୃତୀୟ ପକ୍ଷର ପ୍ରଡ଼କ୍ଟ ବିକ୍ରୟ। ୫) ସ୍ୱଳ୍ପରାଶିର ଅର୍ଥ / କ୍ୟାଶ / ଅନ୍ୟାନ୍ୟ ପେମେଣ୍ଟ ଇନଷ୍ଟ୍ରୁମେଣ୍ଟ ଗ୍ରହଣ ଓ ପ୍ରେରଣ। ୬) ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ବ୍ୟାଙ୍କର ଅନ୍ୟାନ୍ୟ ସେବା।
ଆଇଡ଼ିବିଆଇ ଶାଖାମାନଙ୍କରେ ଦରଖାସ୍ତ ଫର୍ମ ଉପଲବ୍ଧ।
ଯୋଗ୍ୟ ପାର୍ଥୀମାନେ ଆଇଡ଼ିବିଆଇ ବ୍ୟାଙ୍କର ବିଜ୍ଞପିତ ନିକଟବର୍ତ୍ତୀ ଶାଖାମାନଙ୍କରେ ତା.୨୦.୦୬.୨୦୨୩ ସୁଦ୍ଧା ସମ୍ପୂର୍ଣ୍ଣ ପୂରଣ ଦରଖାସ୍ତଗୁଡିକ ଦାଖଲ କରିପାରିବେ।

See Career Appointment on every Wednesday & Saturday



୨୦୦ କୋଟି ଟଙ୍କା ଠକେଇ ମାମଲାରେ ଜେଲରେ ଥିବା ମହାଠକ ସୁକେଶ ଚନ୍ଦ୍ରଶେଖର ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା ଆହତଙ୍କୁ ଆର୍ଥିକ ସହାୟତା ଦେବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଏ ନେଇ ସୁକେଶ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖିଛନ୍ତି। ଟ୍ରେନ୍ ଦୁର୍ଘଟଣା ଆହତମାନଙ୍କ ସହାୟତା ଲାଗି ସୁକେଶ ନିଜ ବୈଧ ସମ୍ପତ୍ତିରୁ ୧୦ କୋଟି ଟଙ୍କା ଦାନ କରିବାକୁ ଚାହୁଁଛନ୍ତି। ସେ ଦାନ କରିବାକୁ ଥିବା ଟଙ୍କାକୁ ଦୁର୍ଘଟଣାରେ ଅନାଥ ହୋଇଥିବା ପିଲାଙ୍କ ଶିକ୍ଷା କ୍ଷେତ୍ରରେ ବିନିଯୋଗ କରିବାକୁ ସୁକେଶ କହିଛନ୍ତି।

# ଅନ୍ଧାରରେ ହଜାରେ ଗାଁ



ଗୁଜରାଟ କଚ୍ଛ ଜିଲାରେ ବାତ୍ୟା 'ବିପର୍ଯ୍ୟୟ' ଭୂପୃଷ୍ଠ ଛୁଇଁବା ପରେ ଭୀଷଣ ଝଡ଼ବର୍ଷା ଯୋଗୁ ବହୁ ଘର ଭାଙ୍ଗିଯାଇଛି।

## ବିପର୍ଯ୍ୟୟ ରାଜସ୍ଥାନମୁହାଁ

ଅହମଦାବାଦ୍/ଜୟପୁର,୧୬।୬

ଭୀଷଣ ସାମୁଦ୍ରିକ ବାତ୍ୟା 'ବିପର୍ଯ୍ୟୟ' ଗୁରୁବାର ଗୁଜରାଟରେ ସ୍ଥଳଭାଗ ଛୁଇଁବା ସହ ବ୍ୟାପକ କ୍ଷୟକ୍ଷତି କରିଛି। ସେଠାରେ ୨ ଜଣଙ୍କ ମୃତ୍ୟୁ ହେବା ସହ ୨୨ ଜଣ ଆହତ ହୋଇଛନ୍ତି। ଗଛ ପଡ଼ି ବହୁ ଗାଡ଼ି ଓ ଘର ଭାଙ୍ଗିଯାଇଛି। ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିବାରୁ ହଜାରେରୁ ଊର୍ଦ୍ଧ୍ୱ ଗାଁ ଅନ୍ଧକାରରେ ରହିଛି। ବିପର୍ଯ୍ୟୟ ଦୁର୍ବଳ ହୋଇ ଡିପ୍ ଡିପ୍ରେଶନରେ ପରିଣତ ହେବା ସହ ଶୁକ୍ରବାର ସନ୍ଧ୍ୟାରେ ରାଜସ୍ଥାନରେ ପ୍ରବେଶ କରିଛି।

ଗୁଜରାଟର ସୌରାଷ୍ଟ୍ର ଓ କଚ୍ଛ ଅଞ୍ଚଳରେ ବାତ୍ୟା ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବିଭିନ୍ନ ସ୍ଥାନରେ ୫୨୪ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିପଡ଼ିଛି। ଫଳରେ ୧,୦୦୦ ଗ୍ରାମକୁ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଇଛି। ଭାବନଗର ଜିଲାରେ ଜଣେ ଛେଳି ଜଗୁଆଳି ଓ ତାଙ୍କ ପୁଅ ଛେଳିଙ୍କୁ ରକ୍ଷା କରିବାକୁ ଯାଇ ପ୍ରାଣ ହରାଇଛନ୍ତି। ବାତ୍ୟା ଗୁରୁବାର ସନ୍ଧ୍ୟାରେ ଜଖାଉ ବନ୍ଦର ନିକଟରେ ସ୍ଥଳଭାଗ ଛୁଇଁବା ବେଳେ ପବନର ବେଗ ୧୨୫ରୁ ୧୪୦ କିଲୋମିଟର ଥିଲା। ବିଳମ୍ବିତ ରାତିରେ ଏହାର ବେଗ ୧୦୦ କିଲୋମିଟରକୁ ହ୍ରାସ ପାଇଥିଲା। ଏବେ ଏହା ଡିପ୍ ଡିପ୍ରେଶନର ରୂପ ନେଇଥିବାରୁ ରାଜସ୍ଥାନରେ ଦୁଇଦିନ ପ୍ରବଳ ବର୍ଷିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେଲିଫୋନ୍ ଯୋଗେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସହ କଥା ହୋଇ ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ଗିର୍ ଜଙ୍ଗଲର ସିଂହ ସମେତ ବନ୍ୟପ୍ରାଣୀଗୁଡ଼ିକର ସୁରକ୍ଷା ପାଇଁ କ'ଣ ପଦକ୍ଷେପ ନିଆଯାଇଛି, ମୋଦି ଜାଣିବାକୁ ଚାହିଁଥିଲେ। ଉପକୂଳର ଖାଲୁଆ ଅଞ୍ଚଳରୁ ୯୪,୦୦୦ ଲୋକଙ୍କୁ ବିଭିନ୍ନ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ଯୋଗୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ୧୮ ଏନ୍‌ଡିଆର୍‌ଏଫ୍ ଟିମ୍ ସମେତ ୧୨ଟି ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଟିମ୍, ରାଜ୍ୟ ସଡ଼କ ଓ କୋଠା ବିଭାଗର ୧୧୫ ଟିମ୍, ରାଜ୍ୟ ବିଦ୍ୟୁତ୍ ବିଭାଗର ୩୯୭ ଜଣ ଉପକୂଳ ଜିଲାରେ ନିୟୋଜିତ ଅଛନ୍ତି।



## ବିପର୍ଯ୍ୟୟରେ ଜନ୍ମନେଲେ ୭୦୭ ଶିଶୁ

ଗାନ୍ଧୀନଗର, ୧୬।୬

ଗୁଜରାଟ କଚ୍ଛ ଜିଲାରେ ଗୁରୁବାର ଅତି ଭୀଷଣ ସାମୁଦ୍ରିକ ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ୭୦୭ ନବଜାତ ଜନ୍ମ ନେଇଛନ୍ତି। ବାତ୍ୟା ବିପର୍ଯ୍ୟୟ ଯୋଗୁ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରୁ ଏହି ଗର୍ଭବତୀମାନଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସରକାରୀ ସୂଚନାନୁସାରେ ପାଖାପାଖି ୮ ଜିଲାରୁ ୧,୧୫୨ରୁ ୧,୧୭୧ ଗର୍ଭବତୀଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ବାତ୍ୟା ବିପର୍ଯ୍ୟୟ ସ୍ଥଳଭାଗ ଛୁଇଁବା ପୂର୍ବରୁ ଉପକୂଳ ଅଞ୍ଚଳରୁ ଲକ୍ଷାଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା।

## କେନ୍ଦ୍ରକୁ ତଥ୍ୟ ମାଗିଲେ ଆଇନ କମିଶନ

### ସହମତି ବୟସ

ନୂଆଦିଲ୍ଲୀ, ୧୬।୬

ସହମତି ବୟସ ପ୍ରସଙ୍ଗର ଅନୁଧ୍ୟାନ କରୁଥିବା ୨୨ତମ ଆଇନ କମିଶନ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ଅଧିକାରୀମାନଙ୍କ ସହ ବୈଠକ କରିଛନ୍ତି। ଏନେଇ କମିଶନ ମନ୍ତ୍ରଣାଳୟକୁ ସବିଶେଷ ତଥ୍ୟ ମାଗିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍‌ସୋ) ଆଇନରେ ୧୮ ବର୍ଷରୁ କମ୍ ବୟସ୍କଙ୍କୁ ନାବାଳକ ଦର୍ଶାଯାଇଛି। କିଶୋର କିଶୋରୀଙ୍କ ମଧ୍ୟରେ ସମ୍ପର୍କକୁ ନେଇ ସହମତି ଭୂମିକା ଉପରେ ଅନେକ ସମୟରେ ଦ୍ୱନ୍ଦ୍ୱ ଉପୁଜିଥାଏ। ତେଣୁ ସହମତି ବୟସ ସମ୍ପର୍କରେ ଆଇନ କମିଶନ ସରକାରଙ୍କଠାରୁ କେତେକ ତଥ୍ୟ ମାଗିଛନ୍ତି। ଶିଶୁଙ୍କୁ ଯୌନ ଶୋଷଣରୁ ସୁରକ୍ଷା ଦେବା ପୋକ୍‌ସୋ ଆଇନର ଉଦ୍ଦେଶ୍ୟ। ଏହାର ଅର୍ଥ କିଶୋର କିଶୋରୀଙ୍କ ମଧ୍ୟରେ ସହମତିରେ ପ୍ରେମ ସମ୍ପର୍କକୁ ଅପରାଧୀକରଣ କରାଯାଇପାରିବ ନାହିଁ ବୋଲି ଗତବର୍ଷ ଦିଲ୍ଲୀ ହାଇକୋର୍ଟ କହିଥିଲେ।

## ସହମତି ପ୍ରଦାନ ବୟସ ବଢ଼ାଇଲା ଜାପାନ

ଟୋକିଓ, ୧୬।୬

ଜାପାନର ଆଇନ ପ୍ରଣେତାମାନେ ଯୌନ ଅପରାଧ ଆଇନରେ କେତେକ ସଂସ୍କାରକୁ ଶୁକ୍ରବାର ଅନୁମୋଦନ କରିଛନ୍ତି। ସେଠାରେ ଯୌନସମ୍ପର୍କ ସ୍ଥାପନ ପାଇଁ ସହମତି ପ୍ରଦାନ ବୟସ ବିଶ୍ୱରେ ସର୍ବନିମ୍ନ ୧୩ ବର୍ଷ ରହିଥିବାବେଳେ ଏହାକୁ ୧୬ ବର୍ଷକୁ ବୃଦ୍ଧି କରାଯାଇଛି। ଉକ୍ତ ସଂସ୍କାର ଜାପାନ ପାର୍ଲାମେଣ୍ଟର ଉଚ୍ଚ ସଦନରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ଏହି ସଂସ୍କାରକୁ ସଚେତନ ପ୍ରଚାରକମାନେ ସ୍ୱାଗତ କରିଥିବାବେଳେ ଟୋକିଓର ବର୍ତ୍ତମାନର ମାନବାଧିକାର ସଂଗଠନ ଏହାକୁ ବଡ଼ ପଦକ୍ଷେପ କହିଛି। ଏହା ଦ୍ୱାରା ପିଲାମାନଙ୍କ ପ୍ରତି ବୟସ୍କଙ୍କ ଯୌନ ହିଂସା ଗ୍ରହଣୀୟ ନୁହେଁ ବୋଲି ଏକ ବାର୍ତ୍ତା ସମାଜକୁ ଯାଇଥିବା ଗ୍ରୁପ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୧୬ରୁ କମ୍ ବର୍ଷ ବୟସରେ ଯୌନକ୍ରିୟାକୁ ବୈଧାନିକ ଭାବେ ବଳାତ୍କାର ବିବେଚନା କରାଯିବ। ବ୍ରିଟେନରେ ଯୌନ ସମ୍ପର୍କ ସ୍ଥାପନ ଲାଗି ସହମତି ପ୍ରଦାନ ବୟସ ୧୬ ବର୍ଷ ହୋଇଥିବାବେଳେ ଫ୍ରାନ୍ସରେ ୧୫ ଏବଂ ଜର୍ମାନୀ ଓ ଚାଇନାରେ ୧୪ ବର୍ଷ ରହିଛି।

## କେନ୍ଦ୍ରମନ୍ତ୍ରୀଙ୍କ ଘର ଜାଳିଦେଲେ

ଇମ୍ଫାଲ, ୧୬।୬



ଇମ୍ଫାଲସ୍ଥିତ ମନ୍ତ୍ରୀଙ୍କ ବାସଭବନରେ ଦଙ୍ଗାକାରୀମାନେ ନିଆଁ ଲଗାଇ ଦେଇଛନ୍ତି।



ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଆର୍.କେ. ରଞ୍ଜନ ସିଂ

ମଣିପୁରରେ ପାଖାପାଖି ଦେଢ଼ମାସ ହେଲା ହିଂସାକାଣ୍ଡ ଜାରି ରହିଥିବାବେଳେ ଥମିବାର ନାଁ ନେଉନି। ଶୁକ୍ରବାର ସନ୍ଧ୍ୟାରେ ରାଜଧାନୀ ଇମ୍ଫାଲରେ ଦଙ୍ଗାକାରୀ ଏବଂ ରାପିଡ୍ ଆକ୍ସନ ଫୋର୍ସ (ଆର୍‌ଏଏଫ୍) ଯବାନଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଦଙ୍ଗାକାରୀମାନେ ଏକ ୱେର୍‌ହାଉସ୍‌କୁ ଜାଳିଦେବା ସହ ଅନ୍ୟ ସମ୍ପତ୍ତିକୁ ଟାର୍ଗେଟ କରିବାରୁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଇମ୍ଫାଲ ପ୍ୟାଲେସ୍ ଗ୍ରାଉଣ୍ଡରେ ଏହି ହିଂସାକାଣ୍ଡ ଦେଖାଦେଇଛି। ଅଗ୍ନିଶମ କର୍ମଚାରୀ ଓ ସୁରକ୍ଷା ବଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ସମ୍ପତ୍ତି ଜଣେ ହାଇପ୍ରୋଫାଇଲ୍ ଆଇଏଏସ୍ ଅଫିସରଙ୍କର ଥିଲା।

ଗତ ବିଳମ୍ବିତ ରାତିରେ ଦଙ୍ଗାକାରୀମାନେ କେନ୍ଦ୍ର ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଆର୍.କେ. ରଞ୍ଜନ ସିଂଙ୍କର ଇମ୍ଫାଲସ୍ଥିତ ଘରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇଦେଇଥିଲେ। କର୍ଫ୍ୟୁ ଜାରି ସତ୍ତ୍ୱେ ଉତ୍ତ୍ୟକ୍ତ ଲୋକେ କୋଙ୍ଗବାସ୍ଥିତ ମନ୍ତ୍ରୀଙ୍କ ଘରେ ପହଞ୍ଚିଥିଲେ। ସେଠାରେ ସୁରକ୍ଷା ଯବାନମାନେ ନିୟୋଜିତ ଥିବାରୁ ଦଙ୍ଗାକାରୀମାନେ ବିଭିନ୍ନ ଦିଗରୁ ପେଟ୍ରୋଲ ବୋମା ମାଡ଼ କରିଥିଲେ। ଉତ୍ତ୍ୟକ୍ତ ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ସୁରକ୍ଷା ବଳ ସେମାନଙ୍କୁ ଅଟକାଇବାରେ ବିଫଳ ହୋଇଥିଲା। ପ୍ରାୟ ୧୨୦୦ ଦଙ୍ଗାକାରୀ ସବୁ ଦିଗରୁ ପେଟ୍ରୋଲ ବୋମା ଫିଙ୍ଗିବା ସହ ସମ୍ମୁଖ ପ୍ରବେଶପଥ ଦେଇ ଘରେ ପଶିଥିଲେ ବୋଲି ଏସ୍କର୍ଟ କମାଣ୍ଡର କହିଛନ୍ତି। ମଣିପୁରରେ ଦଙ୍ଗାକାରୀମାନେ ଦ୍ୱିତୀୟଥର ପାଇଁ ଜଣେ ମନ୍ତ୍ରୀଙ୍କ ଘର ଉପରେ ଆକ୍ରମଣ କରିଛନ୍ତି। ଗତ ମାସରେ ବହିର୍ବ୍ୟାପାର ଓ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଆର୍.କେ. ରଞ୍ଜନ ସିଂ ମଣିପୁରର ମେଇତି ଏବଂ କୁକି ସମ୍ପ୍ରଦାୟର ବୁଦ୍ଧିଜୀବୀମାନଙ୍କ ସହ ବୈଠକ କରିଥିଲେ। ମଣିପୁର ହିଂସା ପାଇଁ ଦାୟୀ ରାଜନୈତିକ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ନିନ୍ଦା କରିବା ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଥିଲେ।

## ୟୁକ୍ରେନ୍‌ରେ ରାମାଫୋସା, ବିସ୍ଫୋରଣରେ ଥରିଲା କିଭ୍

କିଭ୍/ମସ୍କୋ,୧୬।୬

(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା ଶୁକ୍ରବାର ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ଗସ୍ତ କରିଛନ୍ତି। ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ସକାଶେ ମଧ୍ୟସ୍ଥତା ଲାଗି ତାଙ୍କ ଆଫ୍ରିକୀୟ ନେତାମାନଙ୍କ ଏକ ପ୍ରତିନିଧି ଦଳ କିଭ୍ ଯାଇଛି। ଏହି ହାଇପ୍ରୋଫାଇଲ୍ କୂଟନୈତିକ ଟିମ୍‌ର ଗସ୍ତବେଳେ ରୁଷିଆ ସୈନ୍ୟଙ୍କ ରକେଟ୍ ମାଡ଼ରେ କିଭ୍ ଥରିଉଠିଛି।

ଦକ୍ଷିଣ ଆଫ୍ରିକା ନେତା ସିରିଲ ରାମାଫୋସାଙ୍କ ନେତୃତ୍ୱାଧୀନ ଟିମ୍‌ରେ ସେନେଗାଲ ରାଷ୍ଟ୍ରପତି ମାକି ସାଲ୍, ଜାମ୍ବିଆ ରାଷ୍ଟ୍ରପତି ହାକାଇଣ୍ଡେ କୋମୋରୋସ୍ ରାଷ୍ଟ୍ରପତି ତଥା ଆଫ୍ରିକୀୟ ସଂଘର ବର୍ତ୍ତମାନ ଅଧ୍ୟକ୍ଷ ଥିବା ଅଜାଲି ଅସୋଉମାନି ରହିଛନ୍ତି। ସେହିପରି ଅନ୍ୟ ୩ ରାଷ୍ଟ୍ରପତି ଉଗାଣ୍ଡାର ୟୋୱେରି ମୁସେଭେନି, ଇଜିପ୍ଟର ଅବଦେଲ ଫତହ ଅଲ୍-ସିସି ଏବଂ କଙ୍ଗୋ-ବ୍ରାଜାଭିଲ୍ଲେର ଡାନିସ୍ ସାସୋଉ ନଗୁଏସୋ ମଧ୍ୟ ଶାନ୍ତି ଆଲୋଚନା ପାଇଁ କିଭ୍ ଯିବାର ଥିଲା। କିନ୍ତୁ ସେମାନେ ଯାଇ ନ ପାରିବାରୁ ନିଜ ପ୍ରତିନିଧିଙ୍କୁ ପଠାଇଛନ୍ତି। ରୁଷିଆ ସହ ୧୬ ମାସ ଧରି ଚାଲିଥିବା ଯୁଦ୍ଧର ଅବସାନ ଏବଂ ୟୁକ୍ରେନ୍‌ରୁ ଆଫ୍ରିକାକୁ ଖାଦ୍ୟ ଓ ସାର ଯୋଗାଣ ସୁନିଶ୍ଚିତ କରିବା ହେଉଛି ଏହି ପିସ୍ ମିଶନର ଲକ୍ଷ୍ୟ। ସେମାନେ ଶୁକ୍ରବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ସାକ୍ଷାତ କରିଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଶନିବାର ସେଣ୍ଟ ପିଟର୍ସବର୍ଗରେ ଭେଟିବା କାର୍ଯ୍ୟକ୍ରମ ରହିଛି। ପୁଟିନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବେଳେ ରାମାଫୋସା ତାଙ୍କୁ ବ୍ରିକ୍ସ ସମ୍ମିଳନୀକୁ ଡାକିବେ।

ପ୍ରତିନିଧି ଦଳ କିଭ୍‌ରେ ପହଞ୍ଚିବା ପରେ ଆକାଶମାର୍ଗରୁ ଦୁଇଟି ମିଶାଇଲ ମାଡ଼ ହୋଇଥିଲା। ଆଗକୁ ଆହୁରି କେତେକ ମିଶାଇଲ୍ କିଭ୍ ଆଡ଼କୁ ଅଗ୍ରସର ହୋଇପାରେ ବୋଲି ମେୟର ଭିଟାଲି କ୍ଲିଟ୍‌ସ୍କୋ ଆଶଙ୍କା ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ୟୁକ୍ରେନ୍ ସଂଘର୍ଷର ସମାଧାନ ପାଇଁ ପୁଟିନ୍ ଏବେ ମଧ୍ୟ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି କ୍ରେମ୍‌ଲିନ ପକ୍ଷରୁ କୁହାଯାଇଛି। କିନ୍ତୁ ୟୁକ୍ରେନୀୟ ଭୂଖଣ୍ଡରୁ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର ନ କରିବା ଯାଏ ଶାନ୍ତି ଆଲୋଚନା ଅସମ୍ଭବ ବୋଲି କିଭ୍ ସ୍ପଷ୍ଟ କରିଛି।



ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ବୁଚାସ୍ଥିତ ଏକ ଚର୍ଚ୍ଚରେ ଆଲୋଚନା କରୁଛନ୍ତି। ଗତବର୍ଷ ମାର୍ଚ୍ଚରେ ରୁଷୀୟ ସୈନ୍ୟଙ୍କ ବର୍ବର ଆକ୍ରମଣରେ ପ୍ରାଣ ହରାଇଥିବା ୪୫୮ ଜଣଙ୍କ ମୃତଦେହ ଏହି ୟୁକ୍ରେନୀୟ ସହରରେ ଠାବ ହୋଇଥିଲା।



ସେଣ୍ଟ ପିଟର୍ସବର୍ଗରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍-ନାହ୍ୟାନ୍।

## ବେଲାରୁଷକୁ ପଠାଯାଇଛି ଆଣବିକ ଅସ୍ତ୍ର: ପୁଟିନ୍

### ନିନ୍ଦାକଲା ଆମେରିକା

ସହଯୋଗୀ ରାଷ୍ଟ୍ର ବେଲାରୁଷକୁ ରୁଷିଆ ଆଣବିକ ଅସ୍ତ୍ର ପଠାଇସାରିଥିବା ଶୁକ୍ରବାର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସ୍ପଷ୍ଟ କରିଛନ୍ତି। ସେଣ୍ଟ ପିଟର୍ସବର୍ଗ ଇଣ୍ଟରନ୍ୟାଶନାଲ ଇକୋନୋମିକ୍ ଫୋରମ୍‌କୁ ସମ୍ବୋଧିତ କରି ସେ କହିଛନ୍ତି, ବେଲାରୁଷକୁ ପ୍ରଥମ ପର୍ଯ୍ୟାୟରେ ଆଣବିକ ଅସ୍ତ୍ର ପଠାଯାଇଛି। ସବୁକିଛି ଯୋଜନା ମୁତାବକ ଚାଲିଛି। ଗ୍ରୀଷ୍ମ ଶେଷ ସୁଦ୍ଧା ଯୁଦ୍ଧାବସାନ ହେବ ଏବଂ ଆମେ ଟେକ୍ନିକାଲ ଆଣବିକ ଅସ୍ତ୍ର ପ୍ରେରଣ ପ୍ରକ୍ରିୟା ଶେଷ କରିବୁ। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଇହୁଦୀମାନଙ୍କୁ ଅପମାନିତ କରୁଥିବା ଜଣେ ବ୍ୟକ୍ତି। କିଭ୍ ଯୁଦ୍ଧ ଜିତିବାର ଆଦୌ ସମ୍ଭାବନା ନାହିଁ। ଅନ୍ୟପକ୍ଷେ ପୁଟିନ୍‌ଙ୍କ ଏହି ମନ୍ତବ୍ୟକୁ ହ୍ୱାଇଟ୍ ହାଉସ୍ ନିନ୍ଦା କରିଛି। ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି, ରୁଷିଆ ଆଣବିକ ଅସ୍ତ୍ର ପ୍ରୟୋଗ ପାଇଁ ପ୍ରସ୍ତୁତ ହେବାର କୌଣସି ଯଥାର୍ଥତା ନାହିଁ। ୱାଶିଂଟନ୍ ନିଜ ଆଣବିକ ଅସ୍ତ୍ର ମୁତୟନର ଅବସ୍ଥିତିକୁ ନେଇ କୌଣସି ସାଲିସ କରିନାହିଁ।

## ସଂକ୍ଷେପରେ

### ଏନ୍‌କାଉଣ୍ଟରରେ ୫ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୬।୬:** ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା ନିକଟରେ ଶୁକ୍ରବାର ସୁରକ୍ଷା ବଳ ସହ ଗୁଳି ବିନିମୟ ବେଳେ ୫ ଆତଙ୍କବାଦୀ ନିହତ ହୋଇଛନ୍ତି। ଜୁମାଗୁଣ୍ଡ ଅଞ୍ଚଳରେ ଆତଙ୍କବାଦୀ ଲୁଚିରହିଥିବାର ନିର୍ଦ୍ଦିଷ୍ଟ ସୂଚନା ପାଇ ଶୁକ୍ରବାର ଭୋର ସମୟରେ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଘେରିଯାଇ ଅଭିଯାନ ଆରମ୍ଭ କରିଥିଲା। ଏହି ଏନ୍‌କାଉଣ୍ଟରରେ ୫ ବିଦେଶୀ ଆତଙ୍କବାଦୀ ନିହତ ହୋଇଥିବା ଜମ୍ମୁ-କଶ୍ମୀରର ଅତିରିକ୍ତ ପୋଲିସ ଡିଜି ବିଜୟ କୁମାର ଟୁଇଟ୍ କରିଛନ୍ତି।

### ସିକିମରେ ବନ୍ୟା: ୩,୦୦୦ ପର୍ଯ୍ୟଟକ ଫସିଛନ୍ତି

**ଗାଙ୍ଗଟକ୍, ୧୬।୬:** ପ୍ରବଳ ବର୍ଷା ଯୋଗୁ ଉତ୍ତର ସିକିମ୍‌ରେ ପ୍ରଳୟଙ୍କରୀ ବନ୍ୟା ଆସିଛି। ପେଗୋଙ୍ଗ ସର୍ବାଧିକ ପ୍ରଭାବିତ ହୋଇଥିବାବେଳେ ୧୦ ନମ୍ବର ଜାତୀୟ ରାଜପଥ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ୩,୦୦୦ ପର୍ଯ୍ୟଟକ ରାଜପଥର ବିଭିନ୍ନ ସ୍ଥାନରେ ଅଟକି ରହିଛନ୍ତି। ଲଗାଣ ବର୍ଷା ଯୋଗୁ କେତେକ ସ୍ଥାନରେ ଭୂସ୍ଖଳନ ଘଟିଛି। ଲାଚୁଙ୍ଗ ଏବଂ ଲାଚେନ୍ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଫସିରହିଥିବା ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରିବା ଲାଗି ସରକାର ଉଦ୍ୟମ ଚଳାଇଛନ୍ତି। ପଶ୍ଚିମ ସିକିମ୍‌ର ରିମ୍ବି ନଦୀରେ ଜଣେ ୯୦ ବର୍ଷୀୟ ଗୋପାଳକ ଭାସିଯାଇଛନ୍ତି।

### ଗ୍ରୀନ୍‌କାର୍ଡ ଯୋଗ୍ୟତା କୋହଳ କଲେ ବାଇଡେନ୍



**ୱାଶିଂଟନ, ୧୬।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପୂର୍ବରୁ ଆମେରିକାରେ ରହିବା ଏବଂ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଯେଉଁମାନେ ଗ୍ରୀନ୍ କାର୍ଡ ପାଇଁ ଦୀର୍ଘଦିନ ହେଲା ଅପେକ୍ଷା କରିଛନ୍ତି, ସେମାନଙ୍କ ପାଇଁ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ଯୋଗ୍ୟତା ମାନଦଣ୍ଡରେ କୋହଳ କରିଛନ୍ତି। ଏଥି ସକାଶେ ଆମେରିକା ସିଟିଜେନ୍‌ଶିପ୍ ଆଣ୍ଡ ଇମିଗ୍ରେଶନ ସର୍ଭିସେସ୍ ପକ୍ଷରୁ ନୀତି ମାର୍ଗଦର୍ଶନ ଜାରି କରାଯାଇଛି। ଏହା ଦ୍ୱାରା ଗ୍ରୀନ୍ କାର୍ଡ ବା ସ୍ଥାୟୀ ବସତି ପାଇଁ ଅପେକ୍ଷା କରିଥିବା ହଜାର ହଜାର ଭାରତୀୟ ପ୍ରଯୁକ୍ତି ପେସାଦାରମାନେ ଉପକୃତ ହେବେ ବୋଲି ଆଶା କରାଯାଉଛି। ମୋଦି ଜୁନ୍ ୨୧ରୁ ୨୪ ଆମେରିକା ଗସ୍ତରେ ଯାଉଛନ୍ତି। ତାଙ୍କ ସମ୍ମାନାର୍ଥେ ବାଇଡେନ୍ ଓ ଆମେରିକାର ପ୍ରଥମ ମହିଳା ଜିଲ୍ ୨୨ରେ ଷ୍ଟେଟ୍ ଡିନରର ଆୟୋଜନ କରିଛନ୍ତି। ସେହିଦିନ ମୋଦି ଆମେରିକା କଂଗ୍ରେସର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ।

### ଯୌନ ନିର୍ଯାତନା ମାମଲା: ତାମିଲନାଡୁର ପୂର୍ବତନ ଡିଜିପିଙ୍କୁ ୩ ବର୍ଷ ଜେଲ



ରାଜେଶ ଦାସ

**ଚେନ୍ନାଇ, ୧୬।୬ :** ମହିଳା ପୋଲିସ ଅଫିସରଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ତାମଲନାଡୁର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ରାଜେଶ ଦାସଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଛି। ଭିଲ୍ଲୁପୁରମ୍‌ର ଏକ ଅଦାଲତ ନିଲମ୍ବିତ ଆଇପିଏସ୍ ଅଫିସର ରାଜେଶଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୦,୦୦୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିବା ସହ ରାୟ ବିରୋଧରେ ଅପିଲ୍ କରିବା ପାଇଁ ୩୦ ଦିନ ସମୟ ଦେଇଛନ୍ତି। ପୂର୍ବତନ ଡିଜିପିଙ୍କ ବିରୋଧରେ ମହିଳା ଆଇପିଏସ୍ ଅଫିସର ୨୦୨୧ ଫେବୃୟାରୀରେ ଅଭିଯୋଗ ଦାଏର କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏଡାପ୍ପାଡି କେ. ପାଲାନିସ୍ୱାମୀଙ୍କ ସୁରକ୍ଷା ପାଇଁ ମହିଳା ଅଫିସର ଜଣକ ପାଟ୍ରୋଲିଂ ଡ୍ୟୁଟିରେ ଯାଇଥିବାବେଳେ ଡିଜିପି ତାଙ୍କ ପ୍ରତି ଯୌନ ଅଗ୍ରସର ହୋଇଥିଲେ ବୋଲି ସେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଏଆଇଏଡିଏମ୍‌କେ ସରକାର ଡିଜିପି ରାଜେଶଙ୍କୁ ନିଲମ୍ବନ କରିବା ସହ ତଦନ୍ତ ପାଇଁ ୬ ଜଣିଆ କମିଟି ଗଠନ କରିଥିଲେ।

### ଅରୁନ୍ଧତୀ ରାୟଙ୍କୁ ୟୁରୋପିଆନ୍ ଏସେ ପ୍ରାଇଜ୍

**ନୂଆଦିଲ୍ଲୀ, ୧୬।୬ (ପି.ଟି.):** ଲେଖିକା ଅରୁନ୍ଧତୀ ରାୟଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ପାଇଁ ୪୫ତମ ୟୁରୋପିଆନ୍ ଏସେ ପ୍ରାଇଜ୍ ପାଇଁ ମନୋନୀତ ହୋଇଛନ୍ତି। ଚାର୍ଲ୍ସ ଭିଲନ୍ ଫାଉଣ୍ଡେଶନ ଏହା ଘୋଷଣା କରିଛି। ସେପ୍ଟେମ୍ବର ୧୨ରେ ସୁଇଜରଲାଣ୍ଡର ଲାଉସାନେ ସହରରେ ଅନୁଷ୍ଠିତ ଉତ୍ସବରେ ସେ ଏହି ପୁରସ୍କାର ସହ ପ୍ରାୟ ୧୮ ଲକ୍ଷ ଟଙ୍କା ଗ୍ରହଣ କରିବେ।



ତାଙ୍କର ୨୦୨୧ର ପ୍ରବନ୍ଧ ସଂକଳନ 'ଆଜାଦି'ର ଫ୍ରେଞ୍ଚ ଅନୁବାଦ ନିମନ୍ତେ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କର ଶବ୍ଦ ସଂଯୋଜନାକୁ ପ୍ରିକ୍ସ ୟୁରୋପିଆନ୍ ଡେ ଏଲ୍' ଏସାଇର ଜୁରିମାନେ ଉଚ୍ଚ ପ୍ରଶଂସା କରିଛନ୍ତି। କର୍ତ୍ତୃତ୍ୱବାଦ ବଢୁଥିବା ପୃଥିବୀରେ ଅରୁନ୍ଧତୀ ସ୍ୱାଧୀନତାର ଅର୍ଥକୁ ପ୍ରତିଫଳିତ କରିଛନ୍ତି। ଦିଲ୍ଲୀର ଏହି ଲେଖିକା ତାଙ୍କର ପୁସ୍ତକ 'ଦି ଗଡ୍ ଅଫ୍ ଅଲ୍ ଥିଙ୍ଗ୍‌ସ' ପାଇଁ ବୁକର ପ୍ରାଇଜ ପାଇଥିଲେ। ଉକ୍ତ ପୁସ୍ତକ ସହ 'ଦି ମିନିଷ୍ଟ୍ରି ଅଫ୍ ଅଟମୋଷ୍ଟ ହାପିନେସ୍' ଏବଂ 'ମାଇଁ ସେଡିଟିଅସ୍ ହାର୍ଟ' ପାଇଁ ଅରୁନ୍ଧତୀ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିଲେ।

### ଛାତ୍ରଙ୍କୁ ଜାଳିଦେଲେ

**ବିଜୟୱାଡ଼ା, ୧୬।୬:** ଆନ୍ଧ୍ରପ୍ରଦେଶର ବାପଟ୍‌ଲା ଜିଲାରେ ଶୁକ୍ରବାର ସକାଳେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ ୪ ଜଣ ନାବାଳକ ପେଟ୍ରୋଲ ଢାଳି ଜାଳିଦେଇଛନ୍ତି। ପୋଲିସ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଖବର ଅନୁଯାୟୀ ଉପ୍ପଲଭାରିପାଲମ ଅଞ୍ଚଳର ଉପ୍ପଲ ଅମରନାଥ (୧୫) ସ୍ଥାନୀୟ ସରକାରୀ ସ୍କୁଲ୍‌ରେ ଦଶମ ଶ୍ରେଣୀରେ ପଢୁଥିଲେ। ଶୁକ୍ରବାର ସକାଳେ ସେ ଟିଉଶନ ହେବାକୁ ପାଖ ଗ୍ରାମକୁ ଯାଉଥିବାବେଳେ ତାଙ୍କର ଜଳିଯାଇଥିବା ମୃତଦେହ ମିଳିଛି। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ନିଆଁ ଲିଭାଇବା ସହ ଅମରନାଥଙ୍କୁ ଗୁଣ୍ଟୁର ହସ୍ପିଟାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁକାଳୀନ ଜମାନବନ୍ଦୀ ବେଳେ ଅମରନାଥ ରାଜାଭୋଲୁରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ଭେଙ୍କଟେଶ୍ୱର ରେଡ୍ଡୀ(୨୧)ଙ୍କ ନାଁ ନେଇଛି। ତେବେ ତାଙ୍କ ଦେହରେ ନିଆଁ ଲଗାଇଦିଆଗଲା କି ସେ ନିଜେ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବାକୁ ଯାଉଥିଲେ, ତାହା ସ୍ପଷ୍ଟ ହୋଇନାହିଁ।

### ଅସହ୍ୟ ତାତିରେ ୩୪ ମୃତ

**ଲକ୍ଷ୍ନୌ,୧୬।୬:** ଉତ୍ତର ପ୍ରଦେଶ ବାଲିଆରେ ଅସହ୍ୟ ଗରମ ଯୋଗୁ ୩୪ ଜଣଙ୍କ ମୃତ୍ୟୁ ଘଟିଛି। ଭୀଷଣ ତାତିରେ ଅସୁସ୍ଥ ହୋଇପଡ଼ିବା ପରେ ଉକ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ୨୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ବାକି ୧୧ଜଣ ପ୍ରାଣ ହରାଇଛନ୍ତି। ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କହିଛି।

### ପଶ୍ଚିମବଙ୍ଗରେ ରାଜନୈତିକ ହିଂସା ବନ୍ଦ ହେଉ: ରାଜ୍ୟପାଳ

**କୋଲକାତା, ୧୬।୬ (ପି.ଟି.):** ପଶ୍ଚିମବଙ୍ଗରେ ରାଜନୈତିକ ହିଂସା ବନ୍ଦ ହେବା ଜରୁରୀ ବୋଲି ରାଜ୍ୟପାଳ ଡ. ସି.ଭି. ଆନନ୍ଦ ବୋଷ ଶୁକ୍ରବାର କହିଛନ୍ତି। ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟୁଛି। ଦିନକ ପୂର୍ବରୁ ଭାଙ୍ଗୋରରେ ଦୁଇ ରାଜନୈତିକ ଦଳର କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଭାଙ୍ଗୋରକୁ ଗସ୍ତରେ ଯାଇଥିବା ରାଜ୍ୟପାଳ କହିଛନ୍ତି, ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଆଲୋଚନା କରିଛନ୍ତି।



ସି.ଭି. ଆନନ୍ଦ ବୋଷ

ପଶ୍ଚିମବଙ୍ଗର କେତେକ ଅଞ୍ଚଳରେ ଅବାଞ୍ଛିତ ଘଟଣାମାନ ଘଟିଛି। କୌଣସି ହିଂସାକୁ ବରଦାସ୍ତ କରାଯିବନି, ଏହାକୁ ବନ୍ଦ କରିବାକୁ ହେବ ବୋଲି ରାଜ୍ୟପାଳ ଖବରଦାତା ସମ୍ମିଳନୀରେ କହିଛନ୍ତି। ପୂର୍ବରୁ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ଭାଙ୍ଗୋରରେ ଇଣ୍ଡିଆନ୍ ସିକ୍ୟୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍) ଏବଂ ଶାସକ ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା।

# ହର୍ଷପୁରରେ ରଜବତୀ ବିବାହ



ଗ୍ରାମର ଦେହୁରୀ ରଜବତୀଙ୍କ ବିବାହ କରାଉଛନ୍ତି।

**କେନ୍ଦୁଝର,୧୬।୬**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାରେ ରଜପର୍ବ ଧୁମଧାମରେ ପାଳିତ ହେଉଛି। ଏ ନେଇ ଗାଁରୁ ସହର ଉତ୍ସବମୁଖର ହୋଇଥିବା ବେଳେ ଜିଲାର ସଦର ବ୍ଲକ୍ ହର୍ଷପୁର ଗ୍ରାମରେ ରଜବତୀ ବିବାହ ପରି ନିଆରା ପରମ୍ପରା ଦେଖିବାକୁ ମିଳିଛି। ୧୯୭୨ରୁ ଗାଁରେ ଉକ୍ତ ପରମ୍ପରା ଚାଲିଆସୁଥିବା ବେଳେ ଗ୍ରାମବାସୀ ମିଳିତ ଭାବରେ ପାଳନ କରୁଛନ୍ତି। ଚଳିତ ବର୍ଷ ରଜବତୀଙ୍କ ପିତା ଭାବେ ରଞ୍ଜନ ନାଏକ ଓ ବରପିତା ଭାବେ ମେଘୁଆ ନାଏକ ବିବାହ ପରିଚାଳନା କରୁଥିବା ବେଳେ ତୃତୀୟ ରଜ ଦିନ ବିବାହ ସମ୍ପନ୍ନ ହୋଇଛି।

ପ୍ରକାଶ ଯେ, ଗ୍ରାମରେ ବିବାହ ପାଇଁ ରଜ ପୂର୍ବରୁ ଗ୍ରାମ ମୁଣ୍ଡରେ ରଙ୍ଗବେରଙ୍ଗ ଆଲୋକସଜ୍ଜା ସାଙ୍ଗକୁ ଆକର୍ଷଣୀୟ ତୋରଣ ଲଗାଯାଇଛି। ବାହାଘର ପାଇଁ ବେଦି ନିର୍ମାଣ ହୋଇଥିଲା। ଶେଷ ରଜରେ ରଜବତୀ ଠାକୁରାଣୀଙ୍କୁ କନ୍ୟା ବେଶରେ ସଜ୍ଜିତ କରି ଗ୍ରାମର ଝିଅ ଓ ବୋହୂମାନେ ବିମାନରେ ବସାଇ ଗ୍ରାମ ପରିକ୍ରମା କରାଇଥିଲେ। ବର ଦଳ ପାରମ୍ପରିକ ବ୍ୟାଣ୍ଡ୍ ବଜାଇ ଶୋଭାଯାତ୍ରାରେ ଆସିଥିଲେ। ମଣ୍ଡପରେ ବିବାହ ସମ୍ପନ୍ନ ହୋଇଥିଲା। ଗ୍ରାମର ସମସ୍ତେ ଭାଇଚାରାର ମନୋଭାବ ରଖି ଭୋଜିଭାତ ଖାଇ ବିବାହ ଉତ୍ସବରେ ସାମିଲ ହୋଇଥିଲେ। ଝିଅ ଓ ବୋହୂମାନେ ପିଠାପଣା ଖାଇ ଦୋଳି ଖେଳିବା ସହ ଏହି ନିଆରା ବିବାହରେ ସାମିଲ ହୋଇ ପୂଜା କରିଥିଲେ। ବିବାହ ଦେଖିବାକୁ ଆଖାପାଖ ଅଞ୍ଚଳ ତଥା ବାହାରୁ ଲୋକଙ୍କ ଭିଡ଼ ଜମିଥିଲା। ରଜବତୀ ଖୁସି ହେଲେ ଗ୍ରାମ ତଥା ଉକ୍ତ ଅଞ୍ଚଳର ମଙ୍ଗଳ ହେବ ଏବଂ ଭଲ ଚାଷ ହେବ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଗ୍ରାମ ଦେହୁରୀ ହଳଧର ନାୟକ କୁହନ୍ତି, ଉତ୍ସବ ପ୍ରତ୍ୟେକ ବର୍ଷ ରଜରେ ପାଳନ ହୁଏ। ଏଥିପାଇଁ ୩ ଦିନ ଆଗରୁ ପ୍ରସ୍ତୁତି କରାଯାଇଥାଏ। ଘରଦ୍ୱାରା ଲିପାପୋଛା କରାଯାଏ। ନିଜ ଝିଅ ବିବାହ ଭଳି ଆୟୋଜନ କରାଯାଏ। ରଜ ପରଦିନ ଶନିବାର ପଡୁଥିବାରୁ ଚଳିତ ବର୍ଷ ରବିବାର ବିସର୍ଜନ ହେବ।

## ରଜରେ ନିଆରା ପରମ୍ପରା

ଗ୍ରାମର ବାସିନ୍ଦା ରାଇବାରି ନାଏକ, ଆଶା ନାଏକ କୁହନ୍ତି, ଏହା ଗ୍ରାମରେ ଏକତା ରକ୍ଷା କରିବା ସହ ଏକ ଭିନ୍ନ ପରିବେଶ ସୃଷ୍ଟି କରିଥାଏ। ଗ୍ରାମବାସୀ ଦିନରେ ରଜଦୋଳି ଖେଳିବା ସହ ବିବାହ ଉତ୍ସବରେ ସାମିଲ ହୋଇଥାନ୍ତି। ବରିଷ୍ଠ ଅଧ୍ୟାପକ ବିପିନ ସାହୁ କହିଛନ୍ତି, ଏହି ପରମ୍ପରା ବହୁ ପୁରୁଣା। ପ୍ରାୟ ଶହେ ବର୍ଷ ହେଲା ଉକ୍ତ ଗ୍ରାମରେ ଏହି ରଜବତୀ ବିବାହ ଉତ୍ସବ ପାଳନ ହୋଇଆସୁଛି।



ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରେ ଅନୁଷ୍ଠିତ ରଜ ଉତ୍ସବରେ ଦୁଇ ଯୁବତୀ ଦୋଳି ଖେଳୁଛନ୍ତି।



କେନ୍ଦୁଝର ଲାଲାବାଙ୍ଗାଠାରେ ଖାଇ ଦୋଳି ଖେଳ ଚାଲିଛି।



ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରେ ଅନୁଷ୍ଠିତ ରଜ ଉତ୍ସବରେ ସମ୍ବଲପୁରୀ ନୃତ୍ୟ।



ଭୁବନେଶ୍ୱର କାନନବିହାର ଲେଡିଜ୍ ଫୋରମ୍ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ପିଠା ପ୍ରତିଯୋଗିତା।



କେନ୍ଦୁଝର ଢେଙ୍କିକୋଟ ଟିକିରା ରଜ ପଡ଼ିଆରେ ଅନୁଷ୍ଠିତ ରଜ ପର୍ବ।







କଟକ ଧବଳେଶ୍ୱରଗଡ଼ାଠାରେ ଅନୁଷ୍ଠିତ ରଜ ଉତ୍ସବରେ ଜଣେ ବାଳିକା ଦୋଳି ଖେଳୁଛନ୍ତି। | କଟକ ସିଡିଏ ସେକ୍ଟର-୯ ତାରିଣୀଗଡ଼ା ବସ୍ତିରେ ଅନୁଷ୍ଠିତ ରଜ ଉତ୍ସବରେ ୨ ବାଳିକା ଦୋଳି ଖେଳୁଛନ୍ତି ଏବଂ ବାଳିକାମାନେ ସଜବାଜ ହେଉଛନ୍ତି(ଡାହାଣ)।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜୁଲାଇ ୩ରେ ଜିଆଇଏଫ୍ଆଇ

**ଭୁବନେଶ୍ୱର,୧୬।୬**

ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍ସ୍ୟୁରାନ୍ସ ପକ୍ଷରୁ ପ୍ରଥମ ଥର ପାଇଁ ଭାରତରେ ଜେନେରାଲ ଇନ୍ସ୍ୟୁରାନ୍ସ ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ (ଜିଆଇଏଫ୍ଆଇ)ର ଆୟୋଜନ କରାଯାଉଛି। ୨୦୨୩ ଜୁଲାଇ ୩ରେ ଜିଆଇଏଫ୍ଆଇ ପୁଣେଠାରେ ଆୟୋଜନ ହେବ। ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍ସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ତପନ ସିଂଘେଲ୍ କହିଛନ୍ତି, ଆମେ ପ୍ରଥମ ଥର କରି ଜିଆଇଏଫ୍ଆଇର ପରିକଳ୍ପନା କରିଛୁ, ଯେଉଁଠାରେ ଆମେ ସର୍ବୋତ୍ତମ ଆଡଭାଇଜରମାନଙ୍କୁ ଜିଙ୍ଗି ପୁରସ୍କାର ମାଧ୍ୟମରେ ସମ୍ମାନିତ କରିବୁ। ଆମେ ଆଡଭାଇଜରମାନଙ୍କୁ ଏହି ପୁରସ୍କାର ପାଇଁ ଆବେଦନ କରିବାକୁ ପ୍ରୋତ୍ସାହିତ କରୁଛୁ ଓ ସେମାନଙ୍କର କଠିନ ପରିଶ୍ରମ ଏବଂ ସମର୍ପଣ ମନୋଭାବକୁ ଆମ ସହିତ ପାଳନ କରିବା ପାଇଁ ଅନୁପ୍ରେରିତ କରୁଛୁ। ଏହି ଦିନିକିଆ କାର୍ଯ୍ୟକ୍ରମରେ ବିଭିନ୍ନ ଇଣ୍ଟରାକ୍ଟିଭ୍ କାର୍ଯ୍ୟକଳାପ ସହ ପ୍ରସିଦ୍ଧ ବକ୍ତାଙ୍କ ଦ୍ୱାରା ପ୍ରେରଣାଦାୟକ ସେସନର ମଧ୍ୟ ଆୟୋଜନ କରାଯିବ।



ବିଶିଷ୍ଟ ଶିଳ୍ପପତି ତଥା ଏସ୍‌ବିଏସ୍ ବାୟୋଟେକ୍ ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ପ୍ରତିଷ୍ଠାତା ଡା. ସଞ୍ଜୀବ ଜୁନେଜାଙ୍କ ଚଣ୍ଡିଗଡ଼ସ୍ଥିତ ବାସଭବନରେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅନ୍ୟମାନେ ଜୁନେଜାଙ୍କୁ ଭେଟିଛନ୍ତି। ଏହି ପରିପ୍ରେକ୍ଷୀରେ ନଡ୍ଡାଙ୍କ ସମେତ ସଞ୍ଜୀବଙ୍କ ମାଆ ଉଷା ଜୁନେଜା, ଭଉଣୀ ରାଧିକା ଚିମା,ଝିଅ ଦିବିତା ଜୁନେଜା ଓ ପୁଅ ଦିବମ ଜୁନେଜା ଉପସ୍ଥିତ ଅଛନ୍ତି।

**(Ph.D) ଲାଭ**



କୃତୀଙ୍କ ନାମ: ମଧୁସ୍ମିତା ମାଝି, ସ୍ୱର୍ଗତ ଅମରଜିତ ମାଝି (ବ୍ୟବସାୟିକ ଟିକସ କାର୍ଯ୍ୟାଳୟ (ଟ୍ରିବ୍ୟୁନାଲ), ପୁରୀର ପୂର୍ବତନ ଆସିଷ୍ଟାଣ୍ଟ କମିଶନର) ଏବଂ ବସୁଧା ମାଝିଙ୍କ ସୁପୁତ୍ରୀ, ଗ୍ରାମ- ଜୋରବନ୍ଧ, ବ୍ଲକ୍- ଚନ୍ଦାହାଣ୍ଡି, ଜିଲ୍ଲା- ନବରଙ୍ଗପୁର ଉତ୍କଳ ବିଶ୍ୱବିଦ୍ୟାଳୟର ପି.ଜି. ଡିପାର୍ଟମେଣ୍ଟ ଅଫ୍ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନ୍‌ରୁ ଡକ୍ଟରେଟ୍ ଅଫ୍ ଫିଲୋସୋଫି ଡିଗ୍ରୀ ହାସଲ କରିଛନ୍ତି। ତାଙ୍କର ବିଷୟ ଥିଲା ''ବ୍ୟାଙ୍କିଙ୍ଗ୍ ସେବାରେ ସୂଚନା ପ୍ରଯୁକ୍ତିର ଭୂମିକା ଏବଂ ତ୍ରି-ସ୍ତରୀୟ ଏଚ୍‌ଆରଡି କାର୍ଯ୍ୟପଦ୍ଧତି ଉପରେ ତାହାର ପ୍ରଭାବ - ମନୋନୀତ ସରକାରୀ ଏବଂ ବେସରକାରୀ କ୍ଷେତ୍ରର ବ୍ୟାଙ୍କର ଏକ ତୁଳନାତ୍ମକ ଅଧ୍ୟୟନ''। ଉତ୍କଳ ବିଶ୍ୱବିଦ୍ୟାଳୟର ପିଏମ୍ ଆଣ୍ଡ ଆଇଆର୍ ରିଡର୍ ଡା. ବିଜୟ କୁମାର ସୁନ୍ଦରାୟଙ୍କ ତତ୍ତ୍ୱାବଧାନରେ ସେ ତାଙ୍କର ପିଏଚ୍‌ଡି କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟ, କୋଲକାତା, ପଶ୍ଚିମବଙ୍ଗର ବିଜ୍‌ନେସ୍ ମ୍ୟାନେଜମେଣ୍ଟ ବିଭାଗର ପ୍ରଫେସର ଡା. ଶର୍ମିଷ୍ଠା ବାନାର୍ଜୀ ତାଙ୍କର ଏକ୍ସଟର୍ନାଲ୍ ଥିଲେ। ସେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିବା ଗଣ୍ଡ ଜନଜାତିର ପ୍ରଥମ ଆଦିବାସୀ ଝିଅ ହେବା ସହିତ ନିଜ ପିତୃ ଏବଂ ମାତୃବଂଶର ପ୍ରଥମ ଝିଅ ଅଟନ୍ତି। ସେ ତାଙ୍କ ପରିବାରରେ ଉଚ୍ଚଶିକ୍ଷା ହାସଲ କରିଥିବା ଦ୍ୱିତୀୟ ପିଢ଼ି ଏବଂ ନିଜ ଗାଁରେ ଉଚ୍ଚଶିକ୍ଷାରେ ଡିଗ୍ରୀ ହାସଲ କରିଥିବା ପ୍ରଥମ ଝିଅ ଅଟନ୍ତି। ସେ ନିଜର ସଫଳତା ପାଇଁ ସମ୍ପ୍ରତି ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଡା. ବିଧୁ ଭୂଷଣ ମିଶ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆହୁରି ମଧ୍ୟ, ଅଭିଜିତ ମହାନ୍ତି ଓ ତାଙ୍କ ଯାତ୍ରାରେ ସମର୍ଥନ ଯୋଗାଇଥିବା ସାଙ୍ଗସାଥୀ ଓ ଶୁଭେଚ୍ଛୁବୃନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧ-୦୫୯୨

# ରିଲାଏନ୍ସ ଜୁଏଲ୍ସର ସ୍ୱତନ୍ତ୍ର ରଜ କଲେକ୍ସନ

**ଭୁବନେଶ୍ୱର,୧୬।୬**
**(ଅଭୟ ଦାଶ)**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ସ୍ୱତନ୍ତ୍ର ରଜ କଲେକ୍ସନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ରଜପର୍ବ ଉପଲକ୍ଷେ ରିଲାଏନ୍ସ ଜୁଏଲ୍ସ ଆକର୍ଷଣୀୟ ଡିଜାଇନ ଓ ମନଲୋଭା ଗହଣାର ବ୍ୟାପକ ସମ୍ଭାର ଗ୍ରାହକଙ୍କ ପାଇଁ ଉପଲବ୍ଧ କରାଇଛି। ଏପରିକି ରିଲାଏନ୍ସ ଜୁଏଲ୍ସର ଆକର୍ଷଣୀୟ ସୁନାହାର ସେଟ୍ ଏବଂ ଚୁଡ଼ିର ଏକ ଚମତ୍କାର ସଂସ୍କରଣ ଉପସ୍ଥାପନ କରିଛି, ଯାହା ଚଳିତ ରଜରେ ମହିଳାମାନଙ୍କୁ ବେଶ୍ ଆକର୍ଷଣୀୟ କରିବା ସହିତ ରଜ ଉତ୍ସବରେ ଉଜ୍ଜ୍ୱଳତାର ପ୍ରତୀକ ଆଣିଦେବ। ସେହିଭଳି ଆମେ ଆମର ପୃଷ୍ଠପୋଷକମାନଙ୍କୁ ଜୁନ୍ ୧୫ ରୁ ୧୯ ମଧ୍ୟରେ ଓଡ଼ିଶାର ସମସ୍ତ ରିଲାଏନ୍ସ ଜୁଏଲ୍ସ ଶୋ'ରୁମ୍ ପରିଦର୍ଶନ ସହ ଆମର ଏହି ଉତ୍କୃଷ୍ଟ ରଜ ସଂଗ୍ରହକୁ ଅନୁସନ୍ଧାନ କରିବା ଏବଂ ଆପଣଙ୍କ ଶୈଳୀ ଓ



ପସନ୍ଦ ସହିତ ମେଳ ଖାଉଥିବା ଉପଯୁକ୍ତ ଅଂଶ ଆବିଷ୍କାର କରିବାକୁ ଆମନ୍ତ୍ରଣ କରୁଛୁ। ଏପରିକି ଏହି ସଂକଳନରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପ୍ରତିଫଳିତ ହୋଇଛି, ଯାହା ଆମ କାରିଗରଙ୍କ କଳାକୃତିରେ ଗଢ଼ାଯାଇ ରାଜା ଉତ୍ସବ ପାଇଁ ସ୍ମରଣୀୟ କୃତି ସୃଷ୍ଟି କରିଥାଏ। ପ୍ରତ୍ୟେକ ଅଳଙ୍କାର ସୃଷ୍ଟି ଉତ୍ସବର ପ୍ରକୃତ ଭାବନାକୁ ଜାଗ୍ରତ କରିବା ଏବଂ ସମ୍ପ୍ରଦାୟ ମଧ୍ୟରେ ଏକତାର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଚିନ୍ତାକରି ଡିଜାଇନ କରାଯାଇଛି। ବିଶେଷକରି ୨୨କ୍ୟାରେଟ୍ ସୁନାରେ ନିର୍ମିତ ଏହି ଉତ୍କୃଷ୍ଟ ସଂଗ୍ରହଗୁଡ଼ିକରେ ଆକର୍ଷଣୀୟ ନେକ୍‌ଲେସ୍ ସେଟ୍ ଏବଂ ଜଟିଳ ଡିଜାଇନ୍ ବିବରଣୀରେ ସଜ୍ଜିତ ଚୁଡ଼ି ଦେଖିବାକୁ ମିଳିଛି। ଏହି ଅଳଙ୍କାରଗୁଡ଼ିକ ଉତ୍ସବର ଆକର୍ଷଣ ବଢ଼ାଇବା ଏବଂ ଯେକୌଣସି ପୋଷାକରେ ସୁନ୍ଦରତାର ଆଭାସ ଯୋଡିବା ପାଇଁ ଉପଯୁକ୍ତ। ସେହିପରି ରଜ ସଂଗ୍ରହ ସହିତ ଆମ ଓଡ଼ିଶା ଶୋରୁମ୍‌ଗୁଡ଼ିକରେ ବିଭିନ୍ନ ପ୍ରକାର ପାରମ୍ପରିକ ସୁନା ଅଳଙ୍କାର ଏବଂ ଉତ୍କୃଷ୍ଟ ହୀରା ଡିଜାଇନ ମଧ୍ୟ ଉପଲବ୍ଧ ରହିଛି, ଯାହା କି ବିଭିନ୍ନ ସ୍ୱାଦ ଓ ପସନ୍ଦକୁ ପୂରଣ କରିଥାଏ। ଏହି ସ୍ୱତନ୍ତ୍ର କଲେକ୍ସନ ଉପଲକ୍ଷେ ରିଲାଏନ୍ସ ଜୁଏଲ୍ସର ସ୍ୱତନ୍ତ୍ର ରଜ ଅଫର ପ୍ରଦାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ପ୍ରତି ୮ ଗ୍ରାମ ସୁନା ଅଳଙ୍କାର କ୍ରୟ ଉପରେ ଗ୍ରାହକମାନେ ଏକ ମାଗଣା ସୁନାମୁଦ୍ରା ଏବଂ ହୀରା ଅଳଙ୍କାରର ପ୍ରତ୍ୟେକ କ୍ରୟ ଉପରେ ୮,୦୦୦ ଟଙ୍କାର ସୁନା ମୁଦ୍ରା ପାଇପାରିବେ ବୋଲି ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ବିଓଆଇର ମିନି ଆର୍‌ବିସି ଉଦ୍‌ଘାଟିତ

**ଭୁବନେଶ୍ୱର,୧୬।୬**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଏକ ମିନି-ଆର୍‌ବିସି ନିକଟରେ କଟକର କଲେଜ ସ୍କୋୟାର ଶାଖାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏନ୍‌ବିଜି ଓଡ଼ିଶାର ମହାପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଆଇ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଏସ୍.ମଳୟ ଦାସ, ଉପ ଆଞ୍ଚଳିକ ପ୍ରବନ୍ଧକ ଅଶୋକ କୁମାର ଜେନା, ମିନି ଆର୍‌ବିସିର ବରିଷ୍ଠ ପ୍ରବନ୍ଧକ ରମେଶ ଚନ୍ଦ୍ର ମହାରଣା, ଆଞ୍ଚଳିକ କାର୍ଯ୍ୟାଳୟର ମାର୍କେଟିଂ ଅଧିକାରୀଙ୍କ ସମେତ ବିଭିନ୍ନ ଶାଖାର ଶାଖା ମୁଖ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଉକ୍ତ ମିନି ଆର୍‌ବିସି ଜରିଆରେ ରିଟେଲ ଗ୍ରାହକମାନଙ୍କୁ ସେମାନଙ୍କର ଆବଶ୍ୟକତାର ବିତ୍ତୀୟ ସମାଧାନ ଅଭିଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଦାନ କରାଯିବା ସହିତ କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ୨୬ଟି ଶାଖାରେ ଗୃହଋଣ, ଗାଡ଼ି ଋଣ, ଶିକ୍ଷାଋଣ, ବ୍ୟକ୍ତିଗତ ଋଣ ଓ ବନ୍ଧକ ଋଣ ଆଦି ପ୍ରଦାନ କରାଯାଇପାରିବ। ସେହିଭଳି ଏହା ଜରିଆରେ ରିଟେଲ ଋଣ ପ୍ରଦାନକରି ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରିବାକୁ ବିଓଆଇ ପ୍ରତିଶ୍ରୁତିବଦ୍ଧ ରହିଛି। ସେହିପରି ବିଓଆଇର ରିଟେଲ ଗ୍ରାହକ ଏବଂ ସର୍ବସାଧାରଣ ଏହି ନୂତନ ମିନି ଆର୍‌ବିସିକୁ ଆସିବା ସହିତ ରିଟେଲ ସେଗ୍‌ମେଣ୍ଟର ଅଭିବୃଦ୍ଧିରେ ଅଂଶଗ୍ରହଣ କରିବାକୁ ବ୍ୟାଙ୍କ ପକ୍ଷରୁ ଉତ୍ସାହିତ କରାଯାଉଛି।

# ଏମ୍‌ଏସ୍ଆଇଏଲ୍ ପକ୍ଷରୁ ଜିମ୍‌ନିର ମୂଲ୍ୟ ଘୋଷଣା

**ଭୁବନେଶ୍ୱର,୧୬।୬**

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍‌ଏସ୍ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଫ୍ ରୋଡ୍ ଜିମ୍‌ନିର ମୂଲ୍ୟ ଘୋଷଣା କରାଯାଇଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୧୨,୭୪,୦୦୦ ଟଙ୍କା ରହିଥିବାବେଳେ ଏମ୍‌ଏସ୍ଆଇଏଲ୍‌ର ନେକ୍ସା ଶୋ'ରୁମ୍ ଜରିଆରେ ଜିମ୍‌ନିର ଡେଲିଭରି ଦିଆଯାଉଛି।



ଏ ସମ୍ପର୍କରେ ଏମ୍‌ଏସ୍ଆଇଏଲ୍‌ର ଏମ୍‌ଡି ତଥା ସିଇଓ ହିଶାସୀ ତାକେଉଚି କହିଛନ୍ତି,ଭାରତୀୟ ବଜାରରେ ଆମେ ଲିଜେଣ୍ଡାରି ଜିମ୍‌ନିର ମୂଲ୍ୟ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଜିମ୍‌ନି (୫ଡୋର) ଆମର ଏସ୍‌ୟୁଭି ପୋର୍ଟଫୋଲିଓରେ ଏକ ଅବିଶ୍ୱସନୀୟ ମାଇଲଖୁଣ୍ଟ ଓ ଏହା ଦେଶର ସର୍ବବୃହତ୍ ଏସ୍‌ୟୁଭି ନିର୍ମାତା ଭାବେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ସୁଜୁକି ମୋଟର କର୍ପୋରେଶନ ପାଇଁ ଭାରତ କେବଳ ଏକ ଘରୋଇ ବଜାର ରୂପେ ନୁହେଁ ବରଂ ଏକ ବିଶ୍ୱସ୍ତରୀୟ ରପ୍ତାନି ବେସ୍ ଭାବେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏପରିକି ସୁଜୁକିର ଅଲଗ୍ରିପ ପ୍ରୋ (୪ଡବ୍ଲୁଡି) ଟେକ୍ନୋଲୋଜି ଦ୍ୱାରା ସମର୍ଥିତ ଏହାର ଟାଇମଲେସ ଡିଜାଇନ ଓ ଅତୁଳନୀୟ ଅଫ୍-ରୋଡ୍ କ୍ଷମତା ସହିତ ଚିନ୍ତାଧାରାକୁ ମଧ୍ୟ ଭଙ୍ଗ କରିଛି। ସେହିଭଳି ଭାରତ ଜିମ୍‌ନି (୫-ଡୋର)ର ଉତ୍ପାଦନକାରୀ ପ୍ଲାଣ୍ଟ ଭାବେ କାର୍ଯ୍ୟ କରିବ ଓ ଏହାର ଶୁଭାରମ୍ଭ ପାଇଁ ପ୍ରଥମ ବଜାର ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଜିମ୍‌ନି ସବୁ ରାସ୍ତାରେ ଯିବାର କ୍ଷମତା ରଖିବା ସହ ହାସ୍‌ଟାଗ୍ ନେଭର ଟର୍ନ ବ୍ୟାକ୍ ସ୍ପିରିଟ୍ ଭାବେ ପରିଚିତ ହୋଇପାରିଛି। ସେହିଭଳି ଜିମ୍‌ନି (୫-ଡୋର) ଉଭୟ ଜେଟା ଓ ଆଲ୍‌ଫା ଭାରିଆଣ୍ଟରେ ଅଟୋମାଟିକ ଏବଂ ମାନୁଆଲ ଟ୍ରାନ୍ସମିସନ ବିକଳ୍ପରେ ଉପଲବ୍ଧ। ନେକ୍ସାର ଡିଜାଇନ 'କ୍ରାଫ୍ଟେଡ ଫ୍ୟୁଚରଜିମ୍' ଦର୍ଶନକୁ ଆଗକୁ ବଢ଼ାଇବା ସହ ଜିମ୍‌ନି ନେକ୍ସାର ଏସ୍‌ୟୁଭି ପୋର୍ଟଫୋଲିଓରେ ଏକ ନୂଆ ଡିଜାଇନ ରୂପରେଖ ଉପରେ ଧ୍ୟାନ ଆକର୍ଷିତ କରିଛି। ଏହା ମଧ୍ୟ ତିନୋଟି ପ୍ରମୁଖ ସ୍ତମ୍ଭ ଯଥା ନେକ୍ସପ୍ରେସନ, ନେକ୍ସଟେକ୍ ଏବଂ ନେକ୍ସପେରିଏନ୍ସକୁ ଅନ୍ତର୍ଭୁକ୍ତ କରିଛି। ଏଥିରେ ଏକ ପ୍ରମାଣିତ ୧.୫ ଲି. କେ-ସିରିଜ ଇଞ୍ଜିନ ସହିତ ଆଇଡିଲ ଷ୍ଟାର୍ଟ ଷ୍ଟପ ଟେକ୍ନୋଲୋଜି ଅନ୍ତର୍ଭୁକ୍ତ ରହିଛି।

# ଟିଏସ୍‌ଏମ୍‌ଏଲ୍‌ର ସ୍ୱତନ୍ତ୍ର ସମ୍ମାନ ସମାରୋହ

**ଭୁବନେଶ୍ୱର,୧୬।୬**



ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍) ପକ୍ଷରୁ ଗୁରୁବାର 'ଖଣି କ୍ଷେତ୍ର ମହିଳାଙ୍କ ପାଇଁ ଆନ୍ତର୍ଜାତିକ ଦିବସ' ପାଳିତ ହୋଇଯାଇଛି। ବିଶେଷକରି ଖଣି ଶିଳ୍ପରେ କାର୍ଯ୍ୟରତ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ସମ୍ମାନ ଜଣାଇ କମ୍ପାନୀ ବିଶ୍ୱ ସମୁଦାୟ ସହ ୨୦୨୩ ଜୁନ୍ ୧୫ରେ ଉପରୋକ୍ତ ଦିବସ ପାଳନ କରିଛି। ଏପରିକି ଖଣି କ୍ଷେତ୍ରରେ ସଫଳ ମହିଳାମାନଙ୍କୁ ସମ୍ମାନିତ କରିବା ଲାଗି କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଟିଏସ୍‌ଏମ୍‌ଏଲ୍‌ର ସମସ୍ତ ୟୁନିଟ୍‌ରେ ଆୟୋଜନ କରାଯାଇଥିଲା। ପ୍ରତି ବର୍ଷ ଜୁନ୍ ୧୫ରେ ପାଳନ କରାଯାଉଥିବା ବେଳେ ଖଣି ଶିଳ୍ପର ଭବିଷ୍ୟତ ଗଠନ କରିବାରେ ମହିଳାମାନଙ୍କ ପ୍ରମୁଖ ଭୂମିକାକୁ ସମ୍ମାନ ଜଣାଇବା ଲାଗି ଖଣି କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କ ପାଇଁ ଆନ୍ତର୍ଜାତିକ ଦିବସ ପାଳନ କରାଯାଉଛି। ଏପରିକି ଅନ୍ୱେଷଣ ଓ ଉତ୍ତୋଳନରୁ ଆରମ୍ଭକରି ପ୍ରକ୍ରିୟାକରଣ ଓ ପରିଚାଳନା ପର୍ଯ୍ୟନ୍ତ କମ୍ପାନୀ ପରିଚାଳନା ପ୍ରତି ମହିଳାମାନଙ୍କ ମୂଲ୍ୟବାନ୍ ଯୋଗଦାନକୁ ଟିଏସ୍‌ଏମ୍‌ଏଲ୍ ସବୁବେଳେ ମାନ୍ୟତା ପ୍ରଦାନ କରିଆସୁଛି। କମ୍ପାନୀର ସଫଳତାରେ ସେମାନଙ୍କ ପ୍ରତିଭା ଓ ସମର୍ପଣ ଭାବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସେହିପରି ଖଣି ଶିଳ୍ପରେ ମହିଳାମାନଙ୍କୁ ସଶକ୍ତ କରିବା ଲାଗି ଆମ ପ୍ରତିବଦ୍ଧତାର ଅଂଶ ସ୍ୱରୂପ,ସେମାନଙ୍କ ପେସାଦାର ଅଭିବୃଦ୍ଧି ଓ ଉନ୍ନତିକୁ ସହାୟତା ପ୍ରଦାନ କରିବା ପାଇଁ ଟିଏସ୍‌ଏମ୍‌ଏଲ୍ ପକ୍ଷରୁ ବିଭିନ୍ନ ଅଭିଯାନ କାର୍ଯ୍ୟକାରୀ କରାଯାଇଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଖଣି କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କ ପାଇଁ ଆନ୍ତର୍ଜାତିକ ଦିବସ ପାଳନ କରିବା ଏବଂ ଖଣି ଶିଳ୍ପ ପ୍ରତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରଦାନ କରିଥିବା ବିଶିଷ୍ଟ ମହିଳାମାନଙ୍କୁ ସମ୍ମାନ ପ୍ରଦାନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଟାଟା ଷ୍ଟିଲ ମାଇନିଂରେ ଆମେ ବିବିଧତା ବିକାଶ ସହ ସମସ୍ତ କର୍ମଚାରୀଙ୍କ ସଫଳତା ପାଇଁ ସମାନ ସୁଯୋଗ ଓ ଅନୁକୂଳ ପରିବେଶ ସୃଷ୍ଟି ଉପରେ ଦୃଢ଼ ବିଶ୍ୱାସ କରୁ ବୋଲି ସତିଜା ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

**Classified Everyday**
**0674-2580101, 2549949**


**REAL ESTATE**

**SALE**

Resale 2/3BHK GF Flat, Garage, Mahatab Road, 1k.m. Lingaraj Temple, Old Town, Bhubaneswar. 64 Lakhs. 9337124748. D-73771

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873

**1/2/3 BHK ready to move apartment for sale at DHPL Platinum, Pahal. 1BHK starting at Rs. 33,50,000/-. Contact 9937059891.** D-0495

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft-3,60,000/-, ଛତାବର 1200sqft-3,00,000/- ନଖରା- 300/- 6371569855. D-74870

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


**CONSTRUCTION**

**Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate-SNV Construction Pvt. Ltd., 9439295469.** D-74862




Two Room, One Toilet, Dining, Kitchen, First floor Family, Chintamaniswar, near Jalaram Sweets, Bhubaneswar. 9437026669. D-6590

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open Salon/ SPA with expert therapist (health benefits). 8114322659. D-75120

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74695

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Spa full body Massage only best therapist Gents & ladies@699/- Bhubaneswar. Kajal-9337672475. D-0552

Newly open health benefits SPA special offer @ 799 Jaydev Vihar. 8018429809. D-75117

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of my affidavit Notary Public, Bhubaneswar 7th June 2023 and marriage with Sri Rajat Rath. Henceforth my name has been changed to Reena Rath instead of Reena for all purposes. D-0589

By an affidavit I Santosh Kumar Mishra, At-Bhubaneswarpur Sasan, P.S.- Bonth, Dist.- Bhadrak declare that my name is recorded as Santosh Mishra in Bank Account. As per Aadhaar my name will be corrected as Santosh Kumar Mishra for all purposes. D-0596

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରମିଳା ପାତ୍ର ଶତପଥୀ (ପମି)**
ମହାଦେବ ନଗର, ଭୁବନେଶ୍ୱର
ତିରୋଧାନ- ତା୦୧।୦୭।୨୦୧୫
ସମୟ ସ୍ରୋତରେ ଆଠବର୍ଷ ତଳେ ସ୍ୱାମୀ, ପୁତ୍ର, କନ୍ୟା ଇତ୍ୟାଦିଙ୍କୁ ଛାଡ଼ି କେଉଁ ଅପହଞ୍ଚ ଅଜଣା ରାଇଜକୁ ଚାଲିଗଲ। କାଳର ସୀମାହୀନ ପରିଧିରେ ହଜିଗଲା ତୁମ ଇହ ଜନ୍ମର କାହାଣୀ। ତୁମ ଉପସ୍ଥିତିରେ ଭାରିଭାରି ଲାଗୁଥିବା ଗୃହ ଅଗଣା ଆଜି ଶୂନ୍ୟ ପଞ୍ଜୁରୀ। କିନ୍ତୁ ଛାଡ଼ି ଯାଇଥିବା ଅଭୁଲା ସ୍ମୃତି ସବୁ ରୂପାଜନ୍ମ ହୋଇ ତୁମକୁ ଜୀବିତ କରି ରଖିଅଛି। ବିଧିର ବିଧାନ ମାନିବାକୁ ବାଧ୍ୟ ଆମେସବୁ ଅକିଞ୍ଚନ ଲିନୁ, ବବି, କିଟି, ମକର ସମସ୍ତେ ଆଜିର ଦିନରେ ତୁମକୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଅଛୁ। ତୁମର ମୁକ୍ତି ପାଇଁ ବିଭୁ ପଦାରବିନ୍ଦରେ ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ।**
ଧ-୦୫୩୮

**ଦ୍ୱାଦଶାହ ଉପଲକ୍ଷେ**



**୰କିଶୋର ଚନ୍ଦ୍ର ନାଥ**
ବିଷ୍ଣୁପୁରବିନ୍ଧା, ଅର୍ଣ୍ଣପାଳ, ଭଦ୍ରକ
ଆବିର୍ଭାବ: ୦୨।୦୮।୧୯୫୧
ତିରୋଧାନ: ୦୬।୦୬।୨୦୨୩
ଆପଣ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଚାଲିଗଲେ ପଛରେ ପୂରା ପରିବାରକୁ ଶୋକ ସାଗରରେ ବୁଡେଇ। ଆପଣଙ୍କ ଆତ୍ମା ଚିରଶାନ୍ତି ଲଭୁ, ଏତିକି ବିଶ୍ୱନିୟନ୍ତାଙ୍କ ନିକଟରେ ଆକୁଳ ନିବେଦନ।
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁପରିଜନ, ଆତ୍ମୀୟସ୍ୱଜନ।
ଧ-୦୫୪୮

# ସାହିତ୍ୟ ସୁନ୍ଦରୀ: ଦର୍ଶନ ଓ ଦେଶହିତର ଦଲିଲ୍

**ଅତୀତର ବହି**



ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

୧୮୯୦ ବେଳକୁ 'ସମ୍ବଲପୁର ହିତୈଷିଣୀ'ରେ ଧାରାବାହିକ ପ୍ରକାଶ ପାଉଥାଏ 'ପାର୍ବତୀ' କାବ୍ୟ। କାବ୍ୟଟିର ଲୋକପ୍ରିୟତା ଖୁବ୍ ଅଧିକ ଥିଲା। ଏହି କାବ୍ୟର କେତୋଟି ବ୍ୟାକରଣଗତ ଦୋଷ ଦର୍ଶାଇ ଲକ୍ଷ୍ମଣ ମିଶ୍ର ଓଡ଼ିଆ ପାଠକଙ୍କୁ ସ୍ତବ୍ଧ କରିଦେଇଥିଲେ। ଓଡ଼ିଆ ସାରସ୍ୱତ ଆକାଶରେ ଉଜ୍ଜ୍ୱଳ ଜ୍ୟୋତିଷ୍କ ପରି ପ୍ରତିଭାତ ରାଧାନାଥଙ୍କ ପ୍ରତି ଏହା ଥିଲା ପ୍ରଥମ ଆହ୍ୱାନ। ସେ 'ପାର୍ବତୀ' କାବ୍ୟର ଅସାଦୃଶ୍ୟ ଦୋଷ, ପ୍ରମାଣନ୍ୟୂନତା ଦୋଷ, ବିରୁଦ୍ଧସ୍ୱଭାବ ଦୋଷ, ପୁନରୁକ୍ତତା ଦୋଷ, ଅମତ ପୂରିତାର୍ଥତା ଦୋଷ, ପ୍ରସିଦ୍ଧିତ୍ୟାଗ ଦୋଷ, ଅନୌଚିତ୍ୟ ଦୋଷ ଏବଂ ଅପ୍ରଯୁକ୍ତତା ଦୋଷ ଦର୍ଶାଇ ନିଜର ପାଣ୍ଡିତ୍ୟ ପ୍ରଦର୍ଶନ କରିଥିଲେ। ଗଙ୍ଗାଧର, ମିଶ୍ରଙ୍କ ଦୃଷ୍ଟିକୋଣ ଦ୍ୱାରା ପ୍ରଭାବିତ ହୋଇନାହାନ୍ତି ବରଂ ରାଧାନାଥ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଛନ୍ତି। କିନ୍ତୁ ରାଧାନାଥ ଲକ୍ଷ୍ମଣଙ୍କ ସମାଲୋଚନାକୁ ହଜମ କରିପାରି ନଥିବା ଜଣାପଡ଼େ। ଲକ୍ଷ୍ମଣ ମିଶ୍ରଙ୍କ ସମାଲୋଚନାର ପ୍ରତିବାଦ କରି ରାମକୃଷ୍ଣ ସାହା, ଗଣେଶ୍ୱର ପଟ୍ଟନାୟକ ପ୍ରମୁଖ ଲେଖକ 'ସମ୍ବଲପୁର ହିତୈଷିଣୀ'ରେ ନିଜ ମତ ପ୍ରଦାନ କରିଛନ୍ତି। ରାଧାନାଥ ମଧ୍ୟ ଗଙ୍ଗାଧରଙ୍କୁ ପ୍ରଦତ୍ତ ତା୨୯.୭.୧୮୯୭ ପତ୍ରରେ ଲକ୍ଷ୍ମଣ ମିଶ୍ରଙ୍କ 'ସାହିତ୍ୟ ସୁନ୍ଦରୀ' କାବ୍ୟ ସମ୍ପର୍କରେ ଲେଖିଛନ୍ତି ଏବଂ ଅଭିଯୋଗ କରିଛନ୍ତି, ସେ ଦେଇଥିବା ମନ୍ତବ୍ୟର ପ୍ରଶଂସା ମାତ୍ର କବି ମୁଖବନ୍ଧରେ ଉଦ୍ଧାର କରିଛନ୍ତି। ସେମିତି 'ସମ୍ବଲପୁର ହିତୈଷିଣୀ' (୧୧.୮.୧୮୯୭) ପତ୍ରିକାର 'ଅକବିର କବିତା' ଶୀର୍ଷକ ରଚନାରେ ପ୍ରକୃତ କବି ପ୍ରଶଂସା ଖୋଜି ବୁଲେ ନାହିଁ ବୋଲି ଲକ୍ଷ୍ମଣ ମିଶ୍ରଙ୍କୁ ଆକ୍ଷେପ କରିଛନ୍ତି। ଏହି ସମସ୍ତ ପରବର୍ତ୍ତୀ ମନ୍ତବ୍ୟ ଲକ୍ଷ୍ମଣ ମିଶ୍ରଙ୍କ 'ପାର୍ବତୀ' କାବ୍ୟର ଦୋଷଦର୍ଶନଜନିତ ବିରକ୍ତିକର ଉଦ୍‌ଗାର ବୋଲି ଗ୍ରହଣ କରାଯାଇପାରେ। ଅନେକ ମାମୁଲି କାବ୍ୟକୁ ପ୍ରଶଂସାରେ ପୋତି ପକାଇଥିବା ରାଧାନାଥଙ୍କ ଲକ୍ଷ୍ମଣ ମିଶ୍ରଙ୍କ ପ୍ରତି ଏହି ପ୍ରତିକୂଳ ଦୃଷ୍ଟି ଅଧିକ ଆଲୋଚନାର ଅପେକ୍ଷା ରଖେ। ଲକ୍ଷ୍ମଣ ମିଶ୍ର ଜଣେ ସଂସ୍କୃତ ପଣ୍ଡିତ ଏବଂ 'ପ୍ରାତଃସ୍ମରଣଂ' (୧୮୯୦) ଶୀର୍ଷକ ପୁସ୍ତକ ସେ ସଂସ୍କୃତରେ ରଚନା କରିଥିଲେ।

ଲକ୍ଷ୍ମଣ ମିଶ୍ରଙ୍କ 'ସାହିତ୍ୟ ସୁନ୍ଦରୀ' ଏକ ଚମତ୍କାର କାବ୍ୟ। ଲକ୍ଷ୍ମଣ ମିଶ୍ର (୧୮୪୯–୧୯୩୫) ବରପାଲି ନିକଟସ୍ଥ ଡୁମୁରିପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ୧୮୯୦ ବେଳକୁ ସେ ବରପାଲି ସେକେଣ୍ଡଗ୍ରେଡ୍ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଅଧ୍ୟାପକ ଥିଲେ। ସେ ଗଙ୍ଗାଧରଙ୍କ ଶିକ୍ଷକ ଥିଲେ ଓ ତାଙ୍କୁ ପ୍ରାଚୀନ ଓଡ଼ିଆ ସାହିତ୍ୟ, ସଂସ୍କୃତକାବ୍ୟ ସହିତ ରାଧାନାଥ ସାହିତ୍ୟ ସହିତ ପରିଚୟ କରାଇଥିଲେ। ଲକ୍ଷ୍ମଣ ମିଶ୍ର କବି, ସାହିତ୍ୟିକ, ସଂସ୍କୃତ ପଣ୍ଡିତ ସହିତ ଥିଲେ ଜ୍ୟୋତିଷାଳଙ୍କାର। 'ସମ୍ବଲପୁର ହିତୈଷିଣୀ' (ବାମଣ୍ଡା–୧୮୮୯)ରେ ତାଙ୍କର ରଚନା ଧାରାବାହିକ ପ୍ରକାଶ ପାଉଥିଲା। ଅନେକ ସାରସ୍ୱତ ବିତର୍କରେ ସେ ଭାଗ ନେଇଥିଲେ। ଗଙ୍ଗାଧରଙ୍କୁ 'ସମ୍ବଲପୁର ହିତୈଷିଣୀ' ଓ ବିଦ୍ୟାରତ୍ନଙ୍କ ସହିତ ପରିଚୟ କରାଇଥିଲେ ଲକ୍ଷ୍ମଣ ମିଶ୍ର।


ଓ ତତ୍ସତ୍
ସାହିତ୍ୟ ସୁନ୍ଦରୀ।
ବରପାଲ ମିଡଲ ସ୍କୁଲର
ପ୍ରଧାନ ଶିକ୍ଷକ
ଶ୍ରୀଯୁକ୍ତ ଲକ୍ଷ୍ମଣମିଶ୍ର ଜ୍ୟୋତିଷାଳଂକାରଙ୍କ
ଦ୍ୱାରା ପ୍ରଣୀତ।
ସନ ୧୮୯୭ ମସିହା।
ବାମଣ୍ଡା ସୁଜଳ ପ୍ରେସରେ ମୁଦ୍ରିତ।
ସାହିତ୍ୟ ସଙ୍ଗୀତ ରସାନଭିଜ୍ଞଃ
ସାକ୍ଷାତ୍ ପଶୁଃପୁଚ୍ଛ ବିଷାଣ ହୀନଃ
ଚରତ୍ୟସୌ ଯତ୍ତୁ ତୃଣାନ୍ୟ ଭୁଂକ୍ତେ
ବରଂ ପଶୂନା ମିହ ଭାଗ୍ୟ ମେତତ୍।

ଏତିକି ସୂଚନା ସହ ଆମେ ଆସିବା 'ସାହିତ୍ୟ ସୁନ୍ଦରୀ' ପୁସ୍ତକକୁ। ୧୮୯୭ରେ ବାମଣ୍ଡା ସୁଜଳ ପ୍ରେସ୍‌ରୁ ଏହି ପୁସ୍ତକଟି ପ୍ରକାଶିତ। ପୁସ୍ତକର ପ୍ରଚ୍ଛଦରେ ନିମ୍ନ ଶ୍ଳୋକଟି ଉଦ୍ଧୃତ– "ସାହିତ୍ୟ ସଙ୍ଗୀତ ରସାନଭିଜ୍ଞଃ / ସାକ୍ଷାତ୍ ପଶୁଃପୁଚ୍ଛ ବିଷାଣହୀନଃ / ଚରତ୍ୟସୌ ଯତ୍ତୁ ତୃଣାନ୍ୟ ଭୁଂକ୍ତେ / ବରଂ ପଶୂନା ମିହ ଭାଗ୍ୟ ମେତତ୍।"

ପୁସ୍ତକ ପ୍ରକାଶନ ପୂର୍ବରୁ କବି ରାଧାନାଥଙ୍କ ଅଭିମତ ଯାଚଞ୍ଜା କରିଥିଲେ। ରାଧାନାଥ ପୁସ୍ତକ ସମ୍ପର୍କରେ କହିଥିଲେ, "ଆପଣଙ୍କ ପ୍ରେରିତ 'ସାହିତ୍ୟ ସୁନ୍ଦରୀ' ପାଠକରି ଅତ୍ୟନ୍ତ ପ୍ରୀତ ହେଲି। ଏହି କବିତାଟି ଆପଣଙ୍କ ସୂକ୍ଷ୍ମଦର୍ଶିତା ଏବଂ ଦେଶ–ହିତୈଷିତାର ସମ୍ୟକ୍ ପରିଜ୍ଞାପକ ଅଟେ। ଉତ୍କଳର ସାହିତ୍ୟ–ଦରିଦ୍ରତା ଏବଂ ଉତ୍କଳବାସୀଙ୍କର ଅଳୀକ ଅଭିମାନ ଏବଂ ଔଦାସୀନ୍ୟ ଦେଖି ଆପଣଙ୍କ ହୃଦୟରେ କିପରି ନିର୍ବେଦ ଜାତ ହୋଇଅଛି, ଏହି କବିତାରୁ ତାହାର ସ୍ପଷ୍ଟ ପରିଚୟ ମିଳୁଅଛି।"

'ସାହିତ୍ୟ ସୁନ୍ଦରୀ' କବିତାରେ ସାହିତ୍ୟକୁ ଏକ ସୁନ୍ଦରୀ ଭାବେ ବର୍ଣ୍ଣନା କରାଯାଇଛି ଏବଂ ବର୍ଣ୍ଣମାଳା, ବ୍ୟାକରଣ, ରସ, ଅଳଙ୍କାର ପ୍ରଭୃତି ତା'ର ସୌନ୍ଦର୍ଯ୍ୟ ବୃଦ୍ଧି କରିବାର କବି ସୂଚନା ଦିଅନ୍ତି। ପୁନଶ୍ଚ ସଂସ୍କୃତ ଓ ପ୍ରାକୃତ ଭାଷା ଦ୍ୱାରା ଏହା ଋଦ୍ଧିମନ୍ତ। ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ମଧ୍ୟ ପ୍ରକାରାନ୍ତରେ ଆମ ସାହିତ୍ୟକୁ ସମୃଦ୍ଧ କରିଛି।

ବିଦେଶୀୟ ଉପହାରକୁ ଧରି ଉତ୍କଳ–ବାସୀ
ଜନସମାଜରେ ଗଣିତ ହେଉଅଛନ୍ତି ଆସି।
ଯେତେ ଭୂତପୂର୍ବ ଉତ୍କଳ ଜାତ ବିଜ୍ଞ ଯୁବକ
ସାହିତ୍ୟ ସୁନ୍ଦରୀ ଛାମୁରୁ ଲଭିଥିଲେ ପଦକ।
ସେ ପଦକ ନାନା ଧାତୁରେ ହୋଇଥିଲା ନିର୍ମାଣ
ନାନା ରସପୁଟେ ଶୋଧିଣ ଦେଇଥିଲେ ରଷାଣ।

'ସାହିତ୍ୟ ସୁନ୍ଦରୀ'ଙ୍କ ଉପଯୁକ୍ତ ଆରାଧନା ଯୋଗୁଁ ଇଂରେଜ ଜାତି ସମୃଦ୍ଧ। ସେମିତି ପାଶ୍ଚାତ୍ୟ ଶିକ୍ଷା ତଥା ଆମର ପ୍ରାଚୀନ ଶିକ୍ଷାକୁ ଭୁଲି ଆଜି ଉତ୍କଳୀୟ ଦରିଦ୍ର। ଅନ୍ୟପକ୍ଷରେ ବଙ୍ଗଳା, କର୍ଣ୍ଣାଟ, ମରାଠା ପ୍ରଭୃତି ପ୍ରାଦେଶିକ ଜାତି ସାହିତ୍ୟ ସୁନ୍ଦରୀ ଉପାସନା କରି ଉନ୍ନତିର ଚରମସୀମାରେ ଉପନୀତ। ଏହି କବିତା ମାଧ୍ୟମରେ ଭାଷାସାହିତ୍ୟ ଦିଗରେ ଆମର ନିରୁତ୍ସାହୀ ଉଦ୍ୟମକୁ କବି ସମାଲୋଚନା କରିଛନ୍ତି। ରାଧାନାଥ, ମଧୁ ରାଓଙ୍କ ପରି କିଛି ସୁସାହିତ୍ୟିକ ବାହାରିଲେ ଦେଶର ଉନ୍ନତି ହେବ। ସାହିତ୍ୟ ସୁନ୍ଦରୀଙ୍କ ସେବାରେ ଉତ୍କଳୀୟମାନେ ଉଦ୍ୟମ ନ କଲେ ଦେଶ ଓ ଜାତିର ଉନ୍ନତି ସମ୍ଭବ ନୁହେଁ। ଏଣୁ ସେ କବି–ସାହିତ୍ୟିକମାନଙ୍କୁ ଆହ୍ୱାନ ଦେଇଛନ୍ତି ଦେଶର ମୁଖୋଜ୍ଜ୍ୱଳ କରିବା ପାଇଁ। ଓଡ଼ିଶା ପରି ସମ୍ବଲପୁର ଅଞ୍ଚଳର ସାରସ୍ୱତ ଦୁରବସ୍ଥା ମଧ୍ୟ କବି ଚିତ୍ରଣ କରିଛନ୍ତି। ସମ୍ବଲପୁର ଅଞ୍ଚଳର ଏକମାତ୍ର କବି ଗଙ୍ଗାଧରଙ୍କ ଆର୍ଥିକ ଅସ୍ୱଚ୍ଛଳତା ପାଇଁ ସେ ଦୁଃଖ ପ୍ରକାଶ କରିଛନ୍ତି ଏବଂ ମହତ ଲୋକଙ୍କୁ ସାରସ୍ୱତ ପୃଷ୍ଠପୋଷକତା ଯୋଗାଇବା ପାଇଁ ଅନୁରୋଧ କରିଛନ୍ତି।

ସାହିତ୍ୟ ସୁନ୍ଦରୀ ଦେଶର ଉନ୍ନତିରେ ସାରସ୍ୱତ ଚିନ୍ତନକୁ ଗୁରୁତ୍ୱ ଦେଇଛି। ସଂସ୍କୃତ, ଇଂରାଜୀ ଓ ବିଭିନ୍ନ ପ୍ରାଦେଶିକ ଭାଷା–ସାହିତ୍ୟ ଅଧ୍ୟବସାୟ ଯୋଗୁ ଉନ୍ନତିଲାଭ କରିଥିବା କବି ସ୍ୱୀକାର କରନ୍ତି। କବିତାର ଆବଶ୍ୟକସ୍ଥଳେ ପାଦଟୀକା ଦେଇ ନିଜର ବକ୍ତବ୍ୟକୁ ପ୍ରାମାଣିକଭାବେ ଉପସ୍ଥାପନ କରିଛନ୍ତି। ଊନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷା ସାହିତ୍ୟ ନୂତନ ଦିଗନ୍ତର ଅନ୍ୱେଷଣ ପୃଷ୍ଠପୀଠିକାରେ 'ସାହିତ୍ୟ ସୁନ୍ଦରୀ' ଏକ ଚିନ୍ତାମୂଳକ କାବ୍ୟ।

୬୭, ସରସ୍ୱତୀ କୁଞ୍ଜ, ଜାଗମରା
ଖଣ୍ଡଗିରି, ଭୁବନେଶ୍ୱର–୩୦
ମୋ: ୯୪୩୭୨୫୬୧୭୬

## କ ବି ତା

### କେମିତି ଲେଖିହୁଏ ପ୍ରେମ

**ତେଜସ୍ୱିନୀ ପଣ୍ଡା**

କେମିତି ଲେଖିହୁଏ ପ୍ରେମ ?
ଆଶ୍ୱିନର କାଶତଣ୍ଡୀରେ ନା
ପୁରୁଣା ଡାଇରୀ ପୃଷ୍ଠାରେ !
ପ୍ରେମ ଆସେ ରୂପସୀ
ନାରୀର ଖିଆଲି ସ୍ୱପ୍ନରେ
ପ୍ରେମ ଆସେ ସଦ୍ୟଜନ୍ମ ବଉଳର
ମହମହ ବାସ୍ନାରେ।

କେମିତି ଲେଖିହୁଏ ପ୍ରେମ ?
ବନ୍ଦୀ ନାୟକର ବିରହ
ଯାତ୍ରାରେ ଲେଖିହୁଏ ପ୍ରେମ
ନବବିବାହିତା ଝିଅର ସିନ୍ଥିରେ।
ଲେଖିବା ପୂର୍ବରୁ ସନ୍ଧି
କରେ ପ୍ରେମ ରକ୍ତ ଓ ମାଟି ସହ
କାଳେ ନୀରବରେ
ଘଟିବ ଶୀତଳଯୁଦ୍ଧ
ଆଉ ଆହତ ହେବ ପ୍ରେମ !

ଲେଖିବା ପରବର୍ତ୍ତୀ ଯନ୍ତ୍ରଣା
ଅସନ୍ତୁଷ୍ଟ କାଳ ମଧ୍ୟରେ
ଘୋଟିବା ଭଳି ଲାଗେ...
ପ୍ରେମର ରକ୍ତ ଶରୀରର
ଶିରା ପ୍ରଶିରାରେ ଅତୀତ,
ବର୍ତ୍ତମାନ, ଭବିଷ୍ୟତର ମାୟାରେ
ଚଳଚଞ୍ଚଳ ହୁଏ...।

କେମିତି ଲେଖିହୁଏ ପ୍ରେମ ?
ଗାଁ ନଈପଠାରେ ନା
ଗାଉଁଲି ଝିଅର ହାତବୁଣା
ଫ୍ରକ୍‌ରେ....!

ମୋ:୯୬୯୨୩୬୧୪୦୪

### କେଜାଣି କାହା ଅପେକ୍ଷାରେ

**ରମାକାନ୍ତ ଦାସ**

କେଜାଣି କାହା ଅପେକ୍ଷାରେ
ମୋ' ମନ ସାଉଁଟେ
ଅସଜଡ଼ା ସ୍ମୃତିସବୁକୁ
ଖୋଲା ଆକାଶର
ଅଝଟ ଲହରିସବୁକୁ
କଳ୍ପନାରେ ଆସୁଥିବା
ଅଜଣା ସ୍ୱପ୍ନସବୁ
ଦିଶୁଥାଏ ପୂର୍ଣ୍ଣିମାର ଚାନ୍ଦପରି।

ମୋ' ଅନୁଭବର ଉଷ୍ମ ବେଳାଭୂମିରେ
ଖୋଜୁଥାଏ ମୁଁ
ଲିଭିଯାଇଥିବା ସେଇ
ଅଭୁଲା ପାଦଚିହ୍ନଗୁଡ଼ା
କ୍ଷଣକ୍ଷଣ ଆଶାର ଆଡୁଆଳରେ
ମୋ' ଅପେକ୍ଷାର ଫର୍ଦ୍ଦଫର୍ଦ୍ଦ କାଗଜରେ
ମୁଁ ଲେଖେ ମୋ' ମନର ବ୍ୟଥା ସବୁକୁ
ଅପେକ୍ଷାର ନିରବ ରାତିରେ
ପ୍ରତିଟି ମୁହୂର୍ତ୍ତ
ପ୍ରତିଟି ଯୁଗପରି ଅନୁଭବ ହୁଏ
ଅସ୍ଥିର ହୋଇଉଠେ
ମୋ' ଭାବନାର ସମୁଦ୍ର
ମୋ' ଛଳଛଳ ଆଖି
ମୋ' କୋହପୂର୍ଣ୍ଣ ହୃଦୟ
ମୋ' ପାଗଳପଣ
ମୋ' ଅସ୍ଥିର ମନ
କେଜାଣି ରୁହେ କାହା ଅପେକ୍ଷାରେ।

ମୋ: ୯୬୬୮୧୫୩୬୯

**ଗୀତି–କବିତା**

### ଗାଁ: ପିଲାଦିନ

**ଧନଞ୍ଜୟ ସ୍ୱାଇଁ**

ସଞ୍ଜ ନଇଁଲେ ଗାଁଟି ମୋର
ଅନ୍ଧାରେ ପଛେ ବୁଡୁ
ତାରାଫୁଲଙ୍କ ଉହାଡୁ ଜହ୍ନ
ମୁହଁଟି ତା'ର କାଢୁ... । ୦ ।

ବିଲହୁଡ଼ାର କଣ୍ଟାରେ ପଛେ
ପାଦ ଦୁଇ ମୋ' ଚିରୁ
କ୍ଷୀରଢୋକା ଧାନବିଲକୁ
ଦେଖି ସେ ମନଭରି ନାଚ କରୁ
ସଞ୍ଜଗଡ଼ାରୁ ଶଙ୍ଖୋଳି ନେଉ
ଗାଁଟି ମତେ ଦୂରୁ
ଅନ୍ଧାରେ ପଛେ ବୁଡୁ...। ୧ ।

ବଉଶାଖର ଏ ଡହକ ଖରା
ନିଆଁହୁଳା ପଛେ ଢାଳୁ
ମେଘର ପାହାଚେ ଆକାଶ ଆସି
ମାଟିକୁ ସରାଗ କରୁ
ନୂଆ ପାଣି ପାଇ ଗାଁ ନଈ ମୋର
ଗୀତ ଗାଇ ଗାଇ ଫୁଲୁ
ଅନ୍ଧାରେ ପଛେ ବୁଡୁ...। ୨ ।

ମାଞ୍ଜାଦିଆ ମୋ' ନଟେଇ ସୂତା
ଛିଡ଼ିଗଲେ ପଛେ ଛିଡୁ
ଦେହ ଉଲସିଆ ପବନ ବହୁ
ନଈ ଅତଡ଼ା ଦାଢୁ
ଅଝଟିଆ ପିଲାଦିନ ମୋର ଫେରୁ
ସେଇ କଥା ଭାଳୁ ଭାଳୁ
ଅନ୍ଧାରେ ପଛେ ବୁଡୁ...। ୩ ।

ମୋ: ୯୪୩୭୦୦୦୬୩୬

**କାଳକାଳକୁ**

"କବିର କାମ ଅନାମକୁ ନାମଦେବା, ଠକଙ୍କୁ ଚିହ୍ନେଇବା, ପକ୍ଷ ନେଇ, ତର୍କ କରି ପୃଥିବୀକୁ ସଜାଡ଼ିବା ଓ ନିଦେଇ ନ ଦବା।"

– ସଲମାନ୍ ରୁଶ୍‌ଦି



ସଲ୍‌ମାନ୍ ରୁଶ୍‌ଦିଙ୍କ ଜନ୍ମ ୧୯ ଜୁନ୍ ୧୯୪୭ରେ, ମୁମ୍ବାଇରେ। ଭାରତ ଜନ୍ମିତ ବ୍ରିଟିଶ୍–ଆମେରିକୀୟ ଏହି ଔପନ୍ୟାସିକଙ୍କର ପ୍ରସିଦ୍ଧ କୃତି ମଧ୍ୟରେ 'ମିଡ୍‌ନାଇଟ୍‌ସ ଚିଲ୍‌ଡ୍ରେନ୍'(୧୯୮୧), 'ଦ ସାଟାନିକ୍ ଭର୍ସେସ'(୧୯୮୮) ଓ 'ସାଲିମାର୍ ଦ କ୍ଲାଉନ୍'(୨୦୦୫) ଆଦି ଅନ୍ତର୍ଭୁକ୍ତ। 'ମିଡ୍‌ନାଇଟ୍‌ସ ଚିଲ୍‌ଡ୍ରେନ୍' ପାଇଁ ୧୯୮୧ରେ ତାଙ୍କୁ ମିଳିଛି ବୁକର୍ ପ୍ରାଇଜ୍। କୁହୁକ ବାସ୍ତବବାଦ, ବ୍ୟଙ୍ଗ ଓ ଉତ୍ତର–ଉପନିବେଶବାଦର ସେ ଉଲ୍ଲେଖନୀୟ ପ୍ରବକ୍ତା। ସେ କହନ୍ତି: "ସ୍ମୃତି ହିଁ ବଦେଇଦବାର ଏକ ତରିକା, ତମ ପାଇଁ କ'ଣ ଗୁରୁତ୍ୱପୂର୍ଣ୍ଣ।"

## ପୁସ୍ତକ ପରିଚୟ

### ଏକବିଂଶ ଶତାବ୍ଦୀ ଓ ଅନ୍ୟାନ୍ୟ କବିତା




**ଲେଖକ:** ରମେଶ ଚନ୍ଦ୍ର ପଣ୍ଡା
**ପ୍ରକାଶକ:** ବନଫୁଲ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ. ୨୫୦/–

ଆଲୋଚ୍ୟ କବିତାଗ୍ରନ୍ଥର ପ୍ରଥମଟି 'ଏକବିଂଶ ଶତାବ୍ଦୀ', ଯାହାକୁ କବି 'ଆଧୁନିକ କାବ୍ୟ' ବୋଲି କହିଛନ୍ତି। ଅନ୍ୟ ୧୩ଟି କବିତାକୁ 'ବ୍ୟଙ୍ଗ କବିତା' ଭାବେ ଚିହ୍ନିତ କରିଛନ୍ତି। 'ମୋ କଥା'ରେ ଲେଖିଛନ୍ତି– "ସମାଜର ଉପରୁ ତଳଯାଏ ଉତ୍କଟ, ଜଘନ୍ୟ, ପୈଶାଚିକ ନୈତିକ ଅଧଃପତନ ମତେ ଦାରୁଣ ଦୁଃଖ ଦେଇଛି। ସେହି ଦୁଃଖର ଅଭିବ୍ୟକ୍ତି ହେଉଛି ଏ କବିତା ସଂକଳନ।" ମୁଖବନ୍ଧରେ ଅଧ୍ୟାପକ ସୁରେଶ ଚନ୍ଦ୍ର ବାରିକ ଲେଖିଛନ୍ତି: "ଏଲିୟଟ୍‌ଙ୍କ କବିତାର ସୌନ୍ଦର୍ଯ୍ୟ, ଏଜରା ପାଉଣ୍ଡଙ୍କ କବିତାର ଗାମ୍ଭୀର୍ଯ୍ୟ ଓ କଳାତ୍ମକ ବିଭବ ମୁଁ ସ୍ପଷ୍ଟରୂପେ ଶ୍ରୀ ପଣ୍ଡାଙ୍କ କବିତାରେ ଦେଖିପାରୁଛି।" ଏସବୁ ମତାମତ କବିତାଗୁଡ଼ିକର ସ୍ୱୀକୃତି ସତ, କିନ୍ତୁ ଏହା ବାହାରକୁ ଯାଇ ପାଠକମାନେ ନିଜ ବାଗରେ ବହିଟିର ପଠନ ଓ ମନନ କରିପାରିବେ। 'ଏକବିଂଶ ଶତାବ୍ଦୀ'ରୁ ଏଇ ଉଦ୍ଧୃତିଟିକୁ ଲକ୍ଷ୍ୟ କରନ୍ତୁ: "ତମେ କେବେ ? ନାଇଟ୍ କ୍ଲବ୍‌କୁ ଯାଇନା ?/ ତମେ କେବେ ? ଷ୍ଟାର୍ ହୋଟେଲରେ ଖାଇନା ?/ ତମେ କେବେ ? ବେଶ୍ୟାଳୟ ଯାଇନା ?/ ତମେ କେବେ ? କଲଗାର୍ଲକୁ ଏନ୍‌ଜୟ କରିନା ?/ ତମେ କେବେ ? ନିଜେ ଟଙ୍କା ଦେଇ,/ ନିଜ ଗପ ଛାପିନା ? ତମେ କେବେ ? ମୋଟା ଚାନ୍ଦା ଦେଇ,/ ମୁଖ୍ୟ ଅତିଥି ହୋଇନା ତ ?/ ବାସ୍ ! କୋଶଳ ରାଜ୍ୟରେ,/ ତମ କାମ ସରିଗଲା !!/ ତମେ, ଗୋଟେ ମଫୁ !!/ ତମେ ଗୋଟେ ଢେଙ୍କୁ !!/ ତମେ, ଗୋଟେ ଗଧ !!/ ତମେ ନିଶ୍ଚେ, ଗୋଟିଏ ବେକୁବ୍ !!" (ପୃ: ୩୫)। କବିତାରେ ଶ୍ରୀ ପଣ୍ଡାଙ୍କ ସ୍ୱର ବିଦ୍ରୂପାତ୍ମକ ଓ ରୋକ୍‌ଠୋକ୍। ଏହି କାରଣରୁ ବହିଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା।

### ଶବ୍ଦ ସହ ଏକାନ୍ତରେ




**କବି:** ଡା. ମନୋରଞ୍ଜନ ଦାଶ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର–୧
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ. ୧୫୫/–

ମୋଟ ୫୧ଟି କବିତା ଆଲୋଚ୍ୟ ସଂକଳନରେ ସ୍ଥାନିତ ଓ ଅଧିକାଂଶ କବିତାରେ ସାମ୍ପ୍ରତିକ ସମାଜ ଓ ଜୀବନର ଚାକ୍ଷୁଷ ଚିତ୍ର ରୂପାୟିତ। ପ୍ରଚ୍ଛଦଲେଖରେ କୁହାଯାଇଛି: "ସମକାଳୀନ ମଣିଷର ସଂଘାତ, ଶଙ୍କା, ଦ୍ୱନ୍ଦ୍ୱ, ଦହନ ଆଉ ଦାହର ଚିତ୍ର ତାଙ୍କ କବିତାର ପ୍ରତିଟି ଧାଡ଼ିରେ ବାରିହୁଏ।" ଏଥର ଆସିବା କବିଙ୍କ କବିତାକୁ, ଗୋଟିଏ ଯୋଡ଼ିଏ ଉଦ୍ଧୃତି ନେବା– ୧. "ଶ୍ୟାମଘନ ବସିଥିଲା ମନ ଦୁଃଖରେ !/ ପଚାରିଲି ମୁଁ ! କିରେ ଦୁଃଖ କ'ଣ ?/ ସିଏ କହିଲା– ମୋ ମାଟିଘର ଭାଙ୍ଗିଗଲା, ଷଠୀଘର ଆଉ ନାହିଁ।/ ମାଟି ଗୋବରରେ ବୋଉର ଘର ଲିପିବାରେ/ ଯେଉଁ ବାସ୍ନା ହଜିଗଲା...।" ('ମାଟିଘର'– ପୃ: ୩୫)। ୨. "ପୃଥିବୀର ମାନଚିତ୍ରରେ ଏକ ନିଆରା ସ୍କେଚ୍‌ଟିଏ.../ ଗଭାରେ ଖୋସିଚି ସିଏ ହେନ୍ତାଳ ବୃକ୍ଷ/ ତା' କୋଳରେ ଝୁଲାଉଚି ହରିଣ ଓ କୁମ୍ଭୀରଙ୍କୁ..." ('ଭିତରକନିକା'– ପୃ: ୪୩)। ପରିବାର ଓ ପରିବେଶ ମନୋରଞ୍ଜନଙ୍କ କବିତାରେ ନିରହଂକାର ରୂପ ଘେନିଥାଏ। କୌଣସି ଜଟିଳ ପ୍ରୟୋଗ ଦ୍ୱାରା କବିତାକୁ ଅଯଥା ଭାରାକ୍ରାନ୍ତ ନ କରି ସେ ନିଜର ଅନୁଭୂତିକୁ ବଖାଣିଯା'ନ୍ତି, ଯାହାକୁ ଯେକୌଣସି ପାଠକ ପଢ଼ିଲେ ବି ଅବବୋଧ ପାଇଁ କମ୍ କଷ୍ଟ ସ୍ୱୀକାର କରିବାକୁ ପଡ଼େ। ଆଶା, ବହିଟିର କବିତାଗୁଡ଼ିକ ପାଠକଙ୍କ ରସବୋଧରେ ସହାୟକ ହେବ।

## ଅନୁର୍ବର ଜମିରେ ଫୁଲ

**ମୂଳ ହିନ୍ଦୀ– ସନ୍ତୋଷ ସୁପେକରନେ**
**ଅନୁବାଦ– ମନୋଜ କୁମାର ବେହେରା**

**ଅନୁବାଦ ଗଳ୍ପ**

ଅବ୍ୟବସ୍ଥା ଭିତରେ ମଧ୍ୟ ବ୍ୟକ୍ତିଗତ ବ୍ୟବସ୍ଥାର ଅବକାଶ ରହି..ହିଁ..ଥାଏ।

ସକାଳୁ–ସକାଳୁ ପ୍ରାୟ ଶୂନ୍‌ଶାନ୍ ରାସ୍ତାରେ ଦ୍ରୁତ ଗତିରେ ମୋଟରସାଇକେଲ୍ ଚଳାଉଥିବା ବିବେକ ହଠାତ୍ ସେହି ଉଠିଥିବା କିନ୍ତୁ ଚଉଡ଼ା ଗାତରେ ପଡ଼ିଗଲା।

ରାସ୍ତାରେ ମାଟି ଆଉ ବାଲି ଖେଳେଇ ହୋଇଥିବା ଯୋଗୁଁ ତଥା ଅସମତଳ ପୃଷ୍ଠଭାଗ ଯୋଗୁଁ ଗାଡ଼ି ଚଳେଇଲା ବେଳେ ବିଗିଡ଼ିଗଲା ତା'ର ସନ୍ତୁଳନ। ବାଇକ୍ ଗୋଟିଏ ପଟେ ପଡ଼ିଲା ଆଉ ସେ ନିଜେ ଯାଇ ପଡ଼ିଲା ଆରପଟେ। ବାମ ପାପୁଲି, ଦୁଇ ଗୋଡ଼, ଦୁଇ କହୁଣି ସହିତ ଚେହେରା ମଧ୍ୟ ରାମ୍ପୁଡ଼ି ହେଇଯାଇଥିଲା। ସେ ଯନ୍ତ୍ରଣାରେ ଚିତ୍କାର କରି ଉଠିଲା। ପାଖରେ ଯାଉଥିବା ଦୁଇ ଜଣ ପିଲା ଦଉଡ଼ି ଆସି ତାକୁ ଆଉ ତା' ବାଇକ୍‌କୁ ଉଠେଇଲେ। ଜଣେ ବୟସ୍କା ମହିଳା ସାହାରା ଦେଇ ତାକୁ ଉଠେଇଲେ, ସାମ୍ନାରେ ଥିବା ଘର ବାହାରେ ବସେଇଲେ, ଭିତରୁ ଫାଷ୍ଟଏଡ୍ ବକ୍ସ ନେଇ ଆସିଲେ ଆଉ ବହୁତ ଧୈର୍ଯ୍ୟର ସହିତ ତା'ର କ୍ଷତରେ ମଲମ ଲଗେଇ ପଟି ବାନ୍ଧିବାକୁ ଲାଗିଲେ।

ବିବେକ ଆଶ୍ଚର୍ଯ୍ୟ ଚକିତ ହୋଇ ଏହି ଅନପେକ୍ଷିତ ତାଙ୍କୁ ଦେଖୁଥିଲା। ତା'ର ଦୃଷ୍ଟି ସହସା ଫାଷ୍ଟଏଡ୍ ବକ୍ସ ଉପରେ ପଡ଼ିଲା। ସେଥିରେ ଥିଲା କାଠର କିଛି ପଟି, ବ୍ୟାଣ୍ଡଏଡ୍, ଏଣ୍ଟିସେପ୍ଟିକ କ୍ରିମ୍, ପେନ୍‌ସିଲ୍‌ର ବଟିକା ଆଉ ତା' ସହିତ ଅନେକ କିଛି। ଆଣ୍ଟି ଆପଣ କ'ଣ ଡାକ୍ତର ? ଆଶ୍ଚର୍ଯ୍ୟରେ ବାହାରିଗଲା ତା' ମୁହଁରୁ।

ଆରେ ନା' ପୁଅ, ମହିଳା ହସି ଦେଇ କହିଲେ, ମୁଁ ତ ନର୍ସ ମଧ୍ୟ ନୁହେଁ। ରିଟାୟାର୍ଡ ଟିଚରଟିଏ ମୁଁ। ଏମିତି ଘର ବାହାରେ ପ୍ରାୟ ବସିଥାଏ। ରାସ୍ତାରେ ଯେବେଠୁ ଗାତ ହେଇଛି ସେବେଠୁ ତୁମ ଭଳି କେହି ନା' କେହି ପଡ଼ୁଛନ୍ତି ଏଠି। ଅଫିସରଙ୍କ ପାଖରେ ଅନେକ ଥର ଅଭିଯୋଗ କରି ସାରିଲିଣି, ହେଲେ ଏ ପର୍ଯ୍ୟନ୍ତ ସ୍ଥିତିରେ କିଛି ସୁଧାର ହେଇ ନାହିଁ। କଲୋନୀର ଲୋକମାନେ ଅସ୍ଥାୟୀ ରୂପେ ଗାତକୁ ଭରି ଦିଅନ୍ତି କିଛିଦିନ ପରେ ସ୍ଥିତି ବିଲ୍‌କୁଲ୍ ପୂର୍ବ ଭଳି ହେଇଥାଏ। ତେଣୁ ମୁଁ ଭାବିଲି ଫାଷ୍ଟଏଡ୍ ବକ୍ସ ନେଇ ଆସିବି ଆଉ ଆହତଙ୍କୁ ଡାକ୍ତରଙ୍କ ପାଖରେ ପହଞ୍ଚେଇଲା ଭଳି ଯେତିକି ସମ୍ଭବ ସେତିକି ଚିକିତ୍ସା କରିଦେବି। ଜଣା ନାହିଁ ଗାତ କେବେ ଭରିବ ?



ଆହତ ହେବା ସତ୍ତ୍ୱେ ହସି ଦେଲା ବିବେକ, ତାକୁ ଲାଗିଲା ଅବ୍ୟବସ୍ଥାର ବିଶାଳ ଅନୁର୍ବର ଭୂମିରେ ଫୁଲଟିଏ ଫୁଟିଛି, ବ୍ୟବସ୍ଥାର।

ମୋ: ୭୯୭୮୩୦୬୧୧

## ଅପତ୍ୟ ସ୍ନେହ

**କ୍ଷୁଦ୍ରଗଳ୍ପ**

**ଶ୍ରୀମତୀ ରାଧାରାଣୀ ତ୍ରିପାଠୀ**

'ଡାକ୍ତରବାବୁ, ମୋ' ପୁଅକୁ ବଞ୍ଚାନ୍ତୁ ଡାକ୍ତରବାବୁ। ପ୍ଲିଜ୍ ଡକ୍ଟର୍, ମୋ ପୁଅକୁ ବଞ୍ଚାନ୍ତୁ।' ଅତିଶୟ ଅଥୟ ହୋଇ କହୁଥାଆନ୍ତି ଇଂ ସୌମିତ୍ର ମହାକୁର। କାନ୍ଧରେ ସଂଜ୍ଞାହୀନ ସାତବର୍ଷର ପୁଅ ବିଶିକେଶନ। ଦୁଇ ପ୍ରାଣୀଙ୍କ ନୟନପିତୁଲା। ବଞ୍ଚିବାର ସ୍ପୃହା। ମା'ବାପା ଦୁହିଙ୍କ ନିଃଶ୍ୱାସ। "ଆଜି ଠିକ୍ ଦି'ଟା ବେଳକୁ କାହିଁକି ଯେ ସ୍କୁଲ୍‌ରେ ବେହୋସ୍ ହୋଇଗଲା ସେ। ଫୋନ୍‌କଲ୍ ପାଇ ତା' ମା' ଯାଇ ନେଇଆସିଲା। ମୁଁ ସବୁ କାମ ଛାଡ଼ି ସାଇଟ୍‌ରୁ ଧାଇଁଆସିଛି। ତା'ର କ'ଣ ହୋଇଛି ସାର୍ ? ମୋ ବିଶିର କାହିଁକି ଏମିତି ହେଲା ସାର୍ ? ପ୍ଲିଜ୍ ସାର୍ , କୁହନ୍ତୁ ସାର୍।"

'ବ୍ୟସ୍ତ ହୁଅନ୍ତୁନି। ଡୋଣ୍ଟ ବି ପେନିକ୍। ଆଗ ତାକୁ ଚେକ୍‌ଅପ୍ କରିବାକୁ ଦିଅନ୍ତୁ। ପ୍ଲିଜ୍।' ସୌମିତ୍ରବାବୁଙ୍କ କାନ୍ଧରେ ହାତ ରଖି କହିଲେ ଡାକ୍ତରବାବୁ।

ଅଚେତ ବିଶିକୁ ଷ୍ଟ୍ରେଚର୍‌ରେ ନେଇଗଲେ କେଉଁ ଏକ ଏକ୍‌ଜାମିନ୍ ରୁମ୍‌କୁ। ବଡ଼ ଆଶା ଆଉ ବିଶ୍ୱାସରେ ଡାକ୍ତରଙ୍କ ବାଟ ଦେଖୁଥାଆନ୍ତି ମା' ବାପା। କ୍ଷଣକ ଭିତରେ ଡାକି ପକାଉଥାଆନ୍ତି ତେତ୍ରିଶ କୋଟି ଦେବତାଙ୍କୁ। ମାତ୍ର ଅଧାଘଣ୍ଟା ପରେ ଷ୍ଟ୍ରେଚର୍ ସହିତ ଫେରିଆସିଲେ ଡାକ୍ତର। ସତ୍ୱରିକ ଦଉଡ଼ିଗଲେ ସେ ପାଖକୁ। ଷ୍ଟ୍ରେଚର ଉପରେ ପୁଅର ପ୍ରାଣହୀନ ଶରୀର। ଗୋଡ଼ରୁ ମୁଣ୍ଡଯାଏ ଘୋଡ଼ା ହୋଇଥିବା ଧଳା ଚାଦରକୁ ଦେଖୁଦେଖୁ ବେହୋସ ହୋଇଗଲେ ମାଆ କବିତା। ପଡ଼ି ଯାଉଯାଉ ସୌମିତ୍ରବାବୁଙ୍କୁ ଧରି ପକାଇଲେ ଡାକ୍ତର। ତାଙ୍କ ହାତକୁ ମୁଠେଇ ଧରି କହିଲେ, 'ଆଇ ଆମ୍ ସରି। ହି ଇଜ୍ ନୋ ମୋର୍।' ଏଇ ଡେଙ୍ଗୁ ରୋଗଟା ଇ ଏମିତି ସୌମିତ୍ରବାବୁ। ମୁଁ ମୋର ସାଧ୍ୟମତେ ଚେଷ୍ଟାକଲି। କିନ୍ତୁ ବ୍ୟାଡ୍‌ଲକ୍। ମୁଁ ସଫଳ ହୋଇପାରିଲିନି। ହାଭ୍ ପେସେନ୍ସ ସାର୍, ହାଭ୍ ପେସେନ୍ସ।' ସୌମିତ୍ରବାବୁଙ୍କ କାନରେ ଯେମିତି ଡାକ୍ତର ଗରମ ଗରମ ସିସା ଢାଳି ଦେଇଗଲେ। କୌଣସିମତେ ନିଜକୁ ତଥା କବିତାକୁ ସମ୍ଭାଳିନେଲେ ସେ।

ବାଟରେ ପୁଅର ଅନ୍ତ୍ୟେଷ୍ଟିକ୍ରିୟା ସାରି ଶୂନ୍ୟହାତରେ ଘରକୁ ଫେରିଆସିଲେ ମା'ବାପା। ଆପାର୍ଟମେଣ୍ଟରେ ସମବେଦନାର ଭିଡ଼ ଜମିଗଲା। ପାଖାପାଖି ରାତି ଦଶଟା ପରେ ସବୁ ଶୂନ୍‌ଶାନ୍। ସମଗ୍ର ଆପାର୍ଟମେଣ୍ଟ ନିଦ୍ରାଭିଭୂତ। ସେଭେନ୍‌ଥ ଫ୍ଲୋର୍‌ରେ କ'ଣ ହାଲଚାଲ୍ ହେଉଛି କାହାରି ନିଘା ନାହିଁ। ଠିକ୍ ରାତି ଗୋଟାଏ ପଇଁଚାଳିଶ ହେବ। ସ୍ୱାମୀ ସ୍ତ୍ରୀ ଦି' ଜଣ ହାତ ଧରାଧରି ହୋଇ ଚାଲିଆସିଲେ ବାଲ୍‌କୋନିକୁ। ଆକାଶକୁ ଏକଲୟରେ ଚାହିଁଥାଆନ୍ତି କବିତା। ହଠାତ୍ ଉତ୍ଫୁଲ୍ଲିତ ହୋଇ ଏକ ପ୍ରକାର ଚିଲେଇ ପକାଇଲେ। ତା'ପରେ ଆବେଗରେ ସୌମିତ୍ରଙ୍କ ହାତକୁ ଜାବୁଡ଼ି ଧରି କହିଲେ, 'ଏଇ ! ଦେଖିଲ, ଦେଖିଲ... ଆକାଶର ସେଇ କୋଣକୁ ଦେଖିଲ।' ଚାହିଁଲେ ସୌମିତ୍ର। କହିଲେ, 'ଆରେ ଏଡ଼େ ବେଗି ପୁଅ ଆମର ଯାଇ ସେଇଠି ଖେଳିଲାଣି।'

'ଚାଲ ଆମେ ତା' ପାଖକୁ ଯିବା।' ଏକରକମ ନେହୁରା ହୋଇ କହିଲେ କବିତା।

'ଠିକ୍ ଅଛି ମୋ' ହାତକୁ ଜୋର୍‌ରେ ଧର। ମୁଁ ଏକ୍ ଦୋ ତିନ୍ କହିଲେ ଦୁହେଁ ଏକା ସଙ୍ଗେ ଜମ୍ପ୍ କରିବା। ହେଲା। ତା'ପରେ ତ ପୁଅ ପାଖରେ'– କହିଲେ ସୌମିତ୍ର। ଦୁହେଁ ପରସ୍ପରକୁ ଚାହିଁ ବହେ ମୁରୁକି ମୁରୁକି ହସିଲେ ମନଭରି। ତା'ପରେ ବାଲ୍‌କୋନି ରେଲିଂ ଉପରେ ଯାଇ ଠିଆହେଲେ।

ପରଦିନ ସକାଳ। ଆପାର୍ଟମେଣ୍ଟ ପରିସରରେ ପଡ଼ିଥିଲା ରକ୍ତ ଜୁଡୁବୁଡୁ ଦୁଇଟି ନିର୍ଜୀବ ଶରୀର ; ଇଂ ସୌମିତ୍ର ମହାକୁର ଆଉ ତାଙ୍କ ପତ୍ନୀ କବିତାଙ୍କର। ରହି ରହି ଦୂରରୁ ଭାସି ଆସୁଥିଲା ଚାଣକ୍ୟ ଶ୍ଳୋକର ସେଇ ମନଲୋଭା ପଦଟି 'ନା ଚାପତ୍ୟ ସମ ସୁଖ'।

ମୋ: ୮୨୪୯୮୦୭୨୬୭



# ସର୍ବଭାରତୀୟ କଳିଙ୍ଗ ଓପନ ଜିମ୍ନାଷ୍ଟିକ୍ସ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୬।୬**
(ତପନ ସ୍ୱାଇଁ)

ଜେ. ଏମ. ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ୨ୟ କଳିଙ୍ଗ ଓପନ ସର୍ବଭାରତୀୟ ଆମନ୍ତ୍ରଣୀୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ସର୍ବଭାରତୀୟ ପ୍ରତିଯୋଗିତାରେ ୨୦ ରାଜ୍ୟର ୩୧୫ ପ୍ରତିଯୋଗି ଭାଗ ନେଇଛନ୍ତି। ଆନ୍ତର୍ଜାତିୟ ଅଫିସିଆଲ ତଥା ଜଜ ଅଶୁଂମାନ ବାନାର୍ଜୀ, ସଞ୍ଜୀବିନି ପୂର୍ଣ୍ଣ ପତ୍ରି ଖେଳକୁ ପରିଚାଳନା କରୁଥିବାବେଳେ ସଜଲ ତନ୍ତି, ଅଭିଜିତ ସି, ମଳୟ କର୍ମକାର, ନିଲେନ୍ଦୁ ରାୟ ଚୌଧୁରୀ, ରୁମା ଦାସ,ଶିବାନି ବଡେକାର, ଆଦିତି ଦେବ, ଜିତେନ୍ଦ୍ର ଗୌଡ଼ ଓ ପଙ୍କଜ କୁଣ୍ଡେ ପ୍ରଭୃତି ସହ ଅଫିସିଆଲ ଭାବେ ସହଯୋଗ କରୁଛନ୍ତି। ପ୍ରତିଯୋଗିତା ୧୮ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜେଏମ ସ୍ପୋର୍ଟ୍ସ ଅଧ୍ୟକ୍ଷ ମୀରାରାଣୀ ଦାସ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ରୂପେ ବିଜୁ ଯୁବ କଲ୍ୟାଣ ବିଭାଗ ଅଧ୍ୟକ୍ଷ କୁନ ବିହାରୀ ଦାସ ଉପସ୍ଥିତ ରହି ରାଜ୍ୟ କ୍ରୀଡ଼ାର ବିକାଶ ଉପରେ ଆଲୋକପାତ କରିବା ସହିତ ଜେଏମ ସ୍ପୋର୍ଟ୍ସ ଏକାଡେମୀର ଏପରି ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଅର୍ଗସ ନ୍ୟୁଜ୍‌ର ମୁଖ୍ୟ ସମ୍ପାଦକ ସଞ୍ଜୟ ଜେନା ନିଜ ବକ୍ତବ୍ୟରେ ଜେଏମ ସ୍ପୋର୍ଟ୍ସ ଭଳି ବେସରକାରୀ ସଂସ୍ଥାର ଉଦ୍ୟମ ଯୋଗୁ ଭାରତୀୟ ପ୍ରତିଯୋଗୀମାନେ ଏବେ ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତିବାରେ ଲାଗିଛନ୍ତି ବୋଲି କହିଥିଲେ। ସେହିଭଳି ଅନ୍ୟତମ ଅତିଥି ମୀରା ପରିଡା ଜିମ୍ନାଷ୍ଟିକ ଏକ କଷ୍ଟସାଧ୍ୟ ଖେଳ ହେଲେ ସୁଦ୍ଧା ଏହାକି କ୍ୟାରିୟର କରୁଥିବା ଖେଳାଳିଙ୍କ ଅଭିଭାବକଙ୍କୁ ପ୍ରଶଂସା କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ବାଂଲାଦେଶ ବିଜୟ ନିକଟତର

**ମୀରପୁର, ୧୬।୬ (ଏପି):** ନାଜମୁଲ ହୋସେନ ଓ ମୋମିନୁଲ ହକ୍ ଶତକ ହାସଲ କରିବା ପରେ ବାଂଲାଦେଶ ଏଠାରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯାଉଥିବା ଏକମାତ୍ର କ୍ରିକେଟ ଟେଷ୍ଟ ମ୍ୟାଚରେ ବିଜୟର ନିକଟତର ହୋଇଛି। ମ୍ୟାଚ ଜିତିବା ଲାଗି ଆଫଗାନିସ୍ତାନ ସମ୍ମୁଖରେ ବାଂଲାଦେଶ କଷ୍ଟସାଧ୍ୟ ୬୬୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ପ୍ରଥମ ଇନିଂସରେ ୧୪୬ ରନ କରିଥିବା ନାଜମୁଲ ଦ୍ୱିତୀୟ ଇନିଂସରେ ୧୨୪ ରନ କରିଛନ୍ତି। ଫଳରେ ଗୋଟିଏ ଟେଷ୍ଟ ମ୍ୟାଚରେ ଉଭୟ ଇନିଂସରେ ଶତକ ହାସଲ କରିବାରେ ସେ ବାଂଲାଦେଶର ଦ୍ୱିତୀୟ ବ୍ୟାଟର ହୋଇଛନ୍ତି। ପୂର୍ବରୁ ବାଂଲାଦେଶର ପ୍ରଥମ ଖେଳାଳି ଭାବେ ମୋମିନୁଲ ଏହି ସଫଳତା ହାସଲ କରିଛନ୍ତି। ୨୦୨୧ ଏପ୍ରିଲ ପରେ ସେ ତାଙ୍କର ପ୍ରଥମ ଶତକ ହାସଲ କରିଛନ୍ତି। ଏଠାରେ ସେ ୧୨୧ ରନ କରିଛନ୍ତି। ବାଂଲାଦେଶ ଏହାର ଦ୍ୱିତୀୟ ଇନିଂସ ୪୨୫/୪ରେ ଘୋଷଣା କରିଛି। ଜବାବରେ ପ୍ରଥମ ଇନିଂସରେ ୨୩୬ ରନ ପଛୁଆ ଥିବା ଆଫଗାନିସ୍ତାନ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୧ ଓଭରରେ ୨ ଉଇକେଟ ବିନିମୟରେ ୪୫ ରନ କରିଛି। ୬୧୭ ରନ ପଛରେ ରହିଥିବା ଆଫଗାନିସ୍ତାନକୁ ମ୍ୟାଚ ଜିତିବା ଲାଗି ଦୁଇ ଦିନ ସମୟ ରହିଛି।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୩୮୨
ଆଫଗାନିସ୍ତାନ ପ୍ରଥମ ଇନିଂସ: ୧୪୬
ବାଂଲାଦେଶ ଦ୍ୱିତୀୟ ଇନିଂସ: ୪୨୫/୪ (ନାଜମୁଲ ହୋସେନ-୧୨୪, ମୋମିନୁଲ ହକ୍-୧୨୧*, ଜାକିର ହସନ-୭୨, ଲିଟନ ଦାସ-୬୬*; ଜାହିର ଖାଁ-୨/୧୧୨)।
ଆଫଗାନିସ୍ତାନ ଦ୍ୱିତୀୟ ଇନିଂସ: ୪୫/୨।

# ଇଂଲଣ୍ଡ ୩୯୩/୮ରେ ଇନିଂସ ଘୋଷଣା

**ବର୍ମିଂହାମ୍, ୧୬।୬ (ଏପି)**

ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ବହୁପ୍ରତିକ୍ଷୀତ ଆଶେସ କ୍ରିକେଟ ଟେଷ୍ଟ ସିରିଜ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବ୍ୟାଟିଂକୁ ସୁହାଉଥିବା ପିଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଏକଦା ମଧ୍ୟାହ୍ନ ଭୋଜନ ସୁଦ୍ଧା ୧୨୪ ରନରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ଜୋ ରୁଟ (୧୧୮*) ଓ ଜନି ବେୟାରଷ୍ଟୋ (୭୮)ମଧ୍ୟରେ ୧୧୯ରନର

**ରୁଟ୍‌ଙ୍କ ଶତକ**

ଭାଗୀଦାରି ଯୋଗୁ ଘରୋଇ ଦଳ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଛି। ଦଳ ୭୮ ଓଭର ଖେଳି ୮ ଉଇକେଟ ବିନିମୟରେ ୩୯୩ରନ କରି ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ଦଳର ଅନ୍ୟତମ ସଫଳ ବ୍ୟାଟର ଓପନର ଜ୍ୟାକ୍ କ୍ରଲି ୬୧ ରନ କରିଥିଲେ। ଅଷ୍ଟ୍ରେଲିଆ ତରଫରୁ ସଫଳ ବୋଲର ନାଥାନ ଲିଅନ ୧୪୯ ରନ ବିନିମୟରେ ୪ ଏବଂ ଜୋସ୍ ହାଜେଲଉଡ୍ ୬୧ ରନ ଦେଇ ୨ ଉଇକେଟ ନେଇଛନ୍ତି। ଅଷ୍ଟ୍ରେଲିଆ ତା'ର ଇନିଂସ୍ ଆରମ୍ଭ କରି ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ୪ ଓଭରରେ କୌଣସି ଉଇକେଟ ନ ହରାଇ ୧୪ ରନ୍ କରିଛି। ଦୁଇ ଓପନର ଡେଭିଡ୍ ୱାର୍ନର ୮ ଓ ଉସ୍‌ମାନ ଖ୍ୱାଜା ୪ ରନ୍ କରିଛନ୍ତି।

ଅଧିନାୟକ ବେନ୍ ଷ୍ଟୋକ୍ସ ଏବଂ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କ ଅଧୀନରେ ଇଂଲଣ୍ଡ ଦଳ ଟେଷ୍ଟ ମ୍ୟାଚରେ ଆକ୍ରମଣାତ୍ମକ ନୀତି ଅବଲମ୍ବନ କରିଛି। ଦଳ ଏହାର ଗତ ୧୭ଟି ଟେଷ୍ଟ ମ୍ୟାଚ ମଧ୍ୟରୁ ୧୨ଟିରେ ବିଜୟ ହାସଲ କରିଛି। ଅଷ୍ଟ୍ରେଲିଆ ୨୦୦୧ ପରଠାରୁ ଇଂଲଣ୍ଡରେ ଆଶେସ ଜିତି ପାରି ନାହିଁ।



ଶଟ୍ ଖେଳିବା ଅବସରରେ ଜୋ ରୁଟ୍।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୯୩/୮, ଘୋଷଣା (ଜୋ ରୁଟ୍-୧୧୮*, ଜନି ବେୟାରଷ୍ଟୋ-୭୮, ଜ୍ୟାକ କ୍ରଲି-୬୧, ହ୍ୟାରି ବ୍ରୁକ୍-୩୨, ଓଲି ପୋପ୍-୩୧; ନାଥାନ ଲିୟନ-୪/୧୪୯, ହାଜେଲଉଡ୍-୨/୬୧)।
ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୪/୦ (ଡେଭିଡ ୱାର୍ନର-୮*, ଉସ୍‌ମାନ ଖ୍ୱାଜା-୪*)।

# ଫାଇନାଲରେ ମାଲେସିଆ

**ସ୍କ୍ୱାଶ ବିଶ୍ୱକପ୍**

**ଚେନ୍ନାଇ,୧୬।୬ (ପି.ଟି.):** ଚତୁର୍ଥ ସିଡ୍ ମାଲେସିଆ ୩-୦ରେ ଦ୍ୱିତୀୟ ସିଡ୍ ଭାରତକୁ ହରାଇ ଏଠାରେ ଚାଲିଥିବା ଏସ୍‌ଡିଏଟି ଡବ୍ଲ୍ୟୁଏସ୍‌ଏଫ୍ ସ୍କ୍ୱାଶ ବିଶ୍ୱ କପ୍‌ର ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ସାଇ ହଙ୍ଗ୍ ଅଙ୍ଗ୍ ୭-୪, ୫-୭, ୧-୭, ୭-୧, ୭-୬ରେ ଅଭୟ ସିଂଙ୍କୁ ପରାସ୍ତ କରିଥିବା ବେଳେ ଆଇରା ଅଜମାନ ୭-୩, ୭-୩, ୫-୭, ୭-୪ରେ ଜ୍ୟୋତ୍ସ୍ନା ଚିନାପ୍ପାଙ୍କୁ ଏବଂ ଡାରେନ ପ୍ରାଗାସାମ୍ ୭-୫, ୨-୭, ୭-୬, ୬-୫ରେ ସୌରଭ ଘୋଷାଲଙ୍କୁ ହରାଇ ଦେଇଥିଲେ। ଶନିବାର ଫାଇନାଲରେ ମାଲେସିଆ ଟପ୍ ସିଡ୍ ତଥା ଗତଥର ଚାମ୍ପିୟନ ଇଜିପ୍ଟକୁ ଭେଟିବ। ଇଜିପ୍ଟ ଅନ୍ୟ ସେମିଫାଇନାଲରେ ୪-୦ରେ ଜାପାନକୁ ପରାସ୍ତ କରିଛି।

# ଲୁନ୍‌କାନୁ ୫ ବର୍ଷ ବାସନ୍ଦ

**ମ୍ୟାଚ୍ ଫିକ୍ସିଂ ମାମଲା**

**ଲଣ୍ଡନ, ୧୬।୬ (ଏପି):** ଏକ ମ୍ୟାଚ ଫିକ୍ସିଂ ମାମଲାରେ ରୋମାନିଆର ଟେନିସ ଖେଳାଳି ପେଟ୍ରୁ-ଆଲେକ୍‌ଜାଣ୍ଡ୍ରୁ ଲୁନ୍‌କାନୁଙ୍କୁ ୫ ବର୍ଷ ବାସନ୍ଦ ଓ ୪୦,୦୦୦ ଡଲାର ଜରିମାନା କରାଯାଇଥିବା ଇଣ୍ଟରନ୍ୟାଶନାଲ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସି (ଆଇଟିଆଇଏ) ଶୁକ୍ରବାର ପ୍ରକାଶ କରିଛି। ଲୁନ୍‌କାନୁଙ୍କ ବିରୋଧରେ ଅଣାଯାଇଥିବା ୭ଟି ମ୍ୟାଚ ଫିକ୍ସିଂ ଅଭିଯୋଗ ମଧ୍ୟରୁ ୫ଟିର ଶୁଣାଣିକୁ ସଂରକ୍ଷିତ ରଖାଯାଇଛି। ୩୪ବର୍ଷୀୟ ଏହି ଖେଳାଳିଙ୍କ ବିରୋଧରେ ଅଲଗା ଅଭିଯୋଗ ମଧ୍ୟ ରହିଥିଲା। ତାଙ୍କ ବିରୋଧରେ ତଦନ୍ତ ବେଳେ ସେ ଇଣ୍ଟରନ୍ୟାଶନାଲ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସିକୁ ସହଯୋଗ କରି ନ ଥିଲେ। ଲୁନ୍‌କାନୁ ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ ୨୦୦୯ରେ ହାସଲ କରି ତାଲିକାର ୩୦୪ ତମ ସ୍ଥାନରେ ରହିଥିଲେ। ଜୁଲାଇରେ ରୋମାନିଆରେ ଏକ ରୋୟର ଲେଭଲ ଇଭେଣ୍ଟର ପ୍ରଥମ ରାଉଣ୍ଡରୁ ସେ ବିଦାୟ ନେଇଥିଲେ।









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

(ପୃଷ୍ଠା–୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧୭/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Saturday, June 17/2023 | Page 20 | ₹ 7.00




**ଶ୍ରାବଣୀ ଜିତିଲେ ରୌପ୍ୟ**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ଇଭେଣ୍ଟରେ ଓଡ଼ିଶାର ଶ୍ରାବଣୀ ନନ୍ଦ ରୌପ୍ୟ ପଦକ ହାସଲ କରିଛନ୍ତି।

୦୮

୦୫

**ପ୍ରଭାସଙ୍କ ଜବରଦସ୍ତ କମ୍‌ବ୍ୟାକ୍**

ଓମ୍ ରାଉତଙ୍କ ନିର୍ଦ୍ଦେଶିତ ପାନ୍ ଇଣ୍ଡିଆ ଫିଲ୍ମ 'ଆଦିପୁରୁଷ'ରେ ପ୍ରଭାସଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି।



# ବିଦ୍ୟୁତ୍ ବିଭ୍ରାଟ: ଉପଭୋକ୍ତା ଉତ୍ତେଜିତ

ଭୁବନେଶ୍ୱର,୧୬।୬(ଅନିଲ ଦାସ)

ଅସମ୍ଭାଳ ହେଉଛି ଗରମ ଓ ଗୁଳୁଗୁଳି। ଏଭଳି ସ୍ଥଳେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ଓ ଲୋ-ଭୋଲ୍‌ଟେଜକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ଉପଭୋକ୍ତାମାନେ ଉତ୍ତେଜିତ ହୋଇପଡ଼ିଛନ୍ତି। କେଉଁଠି ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ରାଜନୈତିକ ଦଳ ବିକ୍ଷୋଭ କଲେଣି ତ ପୁଣି କେଉଁଠି ଉପଭୋକ୍ତାମାନେ ଭଙ୍ଗାରୁଜା କରୁଛନ୍ତି। ଗରମଠାରୁ ଅଘୋଷିତ ବିଦ୍ୟୁତ୍ କାଟ ବଳିଯାଇଛି। ଗାଁ କି ସହର କିଛି ବି ବାଦ୍ ପଡୁନି। ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ହେଉଥିବା ଅନ୍ତର୍ଜାତୀୟ ଫୁଟ୍‌ବଲ ମ୍ୟାଚ ବେଳେ ମଧ୍ୟ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କୁ ଅପମାନିତ ହେବାକୁ ପଡ଼ିଛି। ରାଜ୍ୟବାସୀଙ୍କୁ ଉନ୍ନତମାନର ଓ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ୨୦୨୦ରୁ ଟାଟା ପାୱାରକୁ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ବିଦ୍ୟୁତ୍ ବ୍ୟବସ୍ଥାରେ ସେଭଳି କିଛି ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ ବୋଲି ବିଭିନ୍ନ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଉଛି। ରାଜ୍ୟ ସରକାର ଏହି ସମୟରେ ବିଭିନ୍ନ ଯୋଜନାରେ ଭିତ୍ତିଭୂମି ସୁଧାରିବା ପାଇଁ ପ୍ରାୟ ୧ ହଜାର କୋଟିରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରି ସାରିଲେଣି। ବାରମ୍ବାର ବିଦ୍ୟୁତ୍ ବିଭ୍ରାଟକୁ ନେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଟାଟା ପାୱାର ସିଇଓଙ୍କୁ ଲୋକସେବା ଭବନ ଡାକି ତାଗିଦ୍ କରିଥିଲେ। ବିଦ୍ୟୁତ୍

## ତାଗିଦ୍ କଲା ସିଏମ୍‌ଓ

କାଟକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମଧ୍ୟ ବହୁ ସଂଖ୍ୟାରେ ଅଭିଯୋଗ ଆସୁଛି। ଜନସାଧାରଣଙ୍କ ସମସ୍ୟା ସମାଧାନ କରିବାକୁ ସିଏମ୍‌ଓ ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ତାଗିଦ କରାଯାଇଛି। ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥାକୁ ନେଇ ବିଭିନ୍ନ ସଙ୍ଗଠନ ସରକାରଙ୍କୁ ଘେରିଛନ୍ତି। ୧୯୯୯ରୁ ଆଜି ଯାଏ ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ଯେଉଁ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ତାହାର ବିଚାର ବିଭାଗୀୟ ତଦନ୍ତ ହେବା ଦରକାର। ଟାଟା ପାୱାର ଯେଉଁ ମନମାନୀ କରୁଛି ସରକାର ତା' ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଏହା ବନ୍ଦ ନ ହେଲେ ଅଘୋଷିତ ବିଦ୍ୟୁତ୍ କାଟ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ଆବାହକ ରବି ବେହେରା କହିଛନ୍ତି। ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘ ସାଧାରଣ ସମ୍ପାଦକ ଅକ୍ଷୟ ତ୍ରିପାଠୀ କହିଛନ୍ତି, ଲୋକମାନଙ୍କୁ ଉନ୍ନତମାନର ବିଦ୍ୟୁତ୍ ମିଳିପାରୁ ନାହିଁ। ଲୋ-ଭୋଲ୍‌ଟେଜ ସମସ୍ୟା ବଢ଼ିବାରେ ଲାଗିଛି। ବିଦ୍ୟୁତ୍ ବଣ୍ଟନ କମ୍ପାନୀ କେବଳ ବିଦ୍ୟୁତ୍ ବିଲ୍ ଆଦାୟରେ ବ୍ୟସ୍ତ ରହୁଛି। ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିହାତି ଦରକାର ବୋଲି ସେ କହିଛନ୍ତି।

## ଭଣ୍ଡାରିପୋଖରୀ ରାଢ଼ୋ ଷ୍ଟ୍ରକ୍‌ଚରରେ ଭଙ୍ଗାରୁଜା

ଭଣ୍ଡାରିପୋଖରୀ/ଖଇରା/ବୈଶିଙ୍ଗା, (ରବିନାରାୟଣ ଖିଲାର/ଉତ୍କଳବନ୍ଧୁ ପଣ୍ଡା/ରତନ ଦାସ), ୧୬।୬

- ଖଇରାରେ ଟାଟା ପାୱାର କର୍ମଚାରୀ ୮ ଘଣ୍ଟା ଅଟକ
- ବୈଶିଙ୍ଗା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ବିଭ୍ରାଟକୁ ନେଇ ସୃଷ୍ଟି ହୋଇଛି। ଅଘୋଷିତ ବିଦ୍ୟୁତ୍ କାଟ୍ ପ୍ରତିବାଦରେ ଗୁରୁବାର ବିଳମ୍ବିତ ରାତିରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ରାଢ଼ୋ ଷ୍ଟ୍ରକ୍‌ଚରରେ ଉତ୍ତେଜନା ଦେଖାଦେଇଛି। ମାଳଦା, ଭାଟଣା, ଜୋରାଗଡ଼ିଆ, ନପଙ୍ଗ, ରହଣିଆ ପ୍ରମୁଖ ଅଞ୍ଚଳର ଶତାଧିକ ଉପଭୋକ୍ତା ଷ୍ଟ୍ରକ୍‌ଚରରେ ଭଙ୍ଗାରୁଜା କରିଛନ୍ତି। ଉକ୍ତ ଷ୍ଟ୍ରକ୍‌ଚରରୁ ପ୍ରାୟ ୨୦ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଉଛି। କାଳବୈଶାଖୀକୁ ବାଦ୍‌ଦେଲେ ଅନ୍ୟ ସମୟରେ ମଧ୍ୟ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି। ରାତି ୧୦ରୁ ସକାଳ ୬ଟା ଯାଏ କରେଣ୍ଟ ରହୁନାହିଁ। ବିଦ୍ୟୁତ୍ କାଟ ☞ପୃଷ୍ଠା-୪

# ଇତିହାସ ଲିଭାଇବାକୁ କେନ୍ଦ୍ରର ଉଦ୍ୟମ

## ନେହେରୁ ସ୍ମାରକୀ ସଂଗ୍ରହାଳୟ ଓ ପାଠାଗାରର ନୂତନ ନାମକରଣ



୧୯୩୦ରେ ନିର୍ମିତ ନେହେରୁ ମେମୋରିଆଲ ମ୍ୟୁଜିୟମ୍ ଆଣ୍ଡ ଲାଇବ୍ରେରି।



୨୦୨୨ ଏପ୍ରିଲ ୨୧ରେ ତିନ୍ ମୂର୍ତ୍ତି ଭବନରେ ଉଦ୍‌ଘାଟିତ ପ୍ରାଇମ୍ ମିନିଷ୍ଟର୍ସ ମ୍ୟୁଜିୟମ୍।

**କେନ୍ଦ୍ରର ମୋଦି ସରକାର ନୂଆଦିଲ୍ଲୀସ୍ଥିତ ତିନ୍ ମୂର୍ତ୍ତି ଭବନରେ ଥିବା ନେହେରୁ ସ୍ମାରକୀ ସଂଗ୍ରହାଳୟ ଓ ପାଠାଗାରର ନୂଆ ନାମକରଣ କରିଛନ୍ତି। ଏଣିକି ଏହା 'ପ୍ରାଇମ୍ ମିନିଷ୍ଟର୍ସ ମ୍ୟୁଜିୟମ୍' ନାମରେ ପରିଚିତ ହେବ। ନେହେରୁ ମେମୋରିଆଲ ମ୍ୟୁଜିୟମ୍ ଆଣ୍ଡ ଲାଇବ୍ରେରି (ଏନ୍‌ଏମ୍‌ଏମ୍‌ଏଲ) ସୋସାଇଟିର ଉପାଧ୍ୟକ୍ଷ ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଶୁକ୍ରବାର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଦୃଢ଼ ନିନ୍ଦା କରିଛନ୍ତି। ଯାହାଙ୍କର ନିଜସ୍ୱ ଇତିହାସ ନାହିଁ, ସେମାନେ ଅନ୍ୟମାନଙ୍କ ଇତିହାସ ଲିଭାଇବାକୁ ଉଦ୍ୟମ କରୁଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସମାଲୋଚନା କରିଛନ୍ତି।**

ନୂଆଦିଲ୍ଲୀ,୧୬।୬
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

୧୯୨୯-୩୦ରେ ଜାତୀୟ ରାଜଧାନୀ ଦିଲ୍ଲୀର କେନ୍ଦ୍ରସ୍ଥଳରେ ବ୍ରିଟିଶ୍ ଆର୍ମି କମାଣ୍ଡର-ଇନ୍-ଚିଫ୍‌ଙ୍କ ବାସଭବନ ପ୍ରତିଷ୍ଠା କରାଯାଇଥିଲା। ସେତେବେଳେ ଏହାର ନାମ ରହିଥିଲା ଫ୍ଲାଗ୍‌ଷ୍ଟାଫ୍ ହାଉସ୍। ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ୧୯୪୮ରୁ ଏହି ଐତିହାସିକ ପ୍ରାସାଦ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସରକାରୀ ବାସଭବନ ପାଲଟିଥିଲା। ନେହେରୁ ୧୯୬୪ ମେ' ୨୭ରେ ମୃତ୍ୟୁ ପର୍ଯ୍ୟନ୍ତ ଏଠାରେ ୧୬ ବର୍ଷରୁ ଅଧିକ ସମୟ ଧରି ଅବସ୍ଥାନ କରିଥିଲେ। ନେହେରୁଙ୍କ ପରଲୋକ ପରେ ଏହି ଭବନକୁ ତାଙ୍କ ନାମରେ ନାମିତ କରାଯାଇଥିଲା। ୧୯୬୬ ଏପ୍ରିଲ ୧ରେ ଉକ୍ତ ସ୍ମାରକୀ ଭବନରେ ସଂଗ୍ରହାଳୟ ଓ ପାଠାଗାର ପରିଚାଳନା ନିମନ୍ତେ ନେହେରୁ ମେମୋରିଆଲ ଆଣ୍ଡ ଲାଇବ୍ରେରି ସୋସାଇଟି ନାମରେ ଏକ ସ୍ୱୟଂଶାସିତ ସଂସ୍ଥା ଗଠନ କରାଯାଇଥିଲା। ତିନ୍ ମୂର୍ତ୍ତି ଭବନ ପରିସରରେ ଥିବା ଏହି ସୋସାଇଟକୁ କେନ୍ଦ୍ରର ମୋଦି ସରକାର ନୂଆ ନାମ ଦେଇଛନ୍ତି। ଏହା ଏଣିକି ପ୍ରଧାନମନ୍ତ୍ରୀଙ୍କ ମ୍ୟୁଜିୟମ୍ ଓ ଲାଇବ୍ରେରି ସୋସାଇଟି ନାମରେ ପରିଚିତ ହେବ। ପ୍ରାୟ ୯୦ ବର୍ଷ ପୂର୍ବେ ନିର୍ମିତ ତିନ୍ ମୂର୍ତ୍ତି ଭବନ ପରିସରରେ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଉଦ୍‌ଘାଟନର ପ୍ରାୟ ବର୍ଷକ ପରେ କରାଯାଇଥିବା ଏହି ନାମକରଣକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ପ୍ରତିରକ୍ଷା ମନ୍ତ୍ରୀ ☞ପୃଷ୍ଠା-୪




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୭ ଜୁନ, ୨୦୨୩



## ସଂକ୍ଷେପରେ

### ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା, ସ୍ୱାମୀ ଗିରଫ

#### ଯୌତୁକ ନିର୍ଯାତନା ଅଭିଯୋଗ ଆଣିଲେ ବାପଘର

ଭୁବନେଶ୍ୱର,୧୬।୬(ସୂର୍ଯ୍ୟକାନ୍ତ ବେହେରା):ତମାଣ୍ଡୋ ଥାନା ଅଞ୍ଚଳରେ ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳର ସନ୍ତୋଷୀ ସାହୁ। ଅନ୍ୟପଟେ ଶାଶୁଘର ପକ୍ଷରୁ ଯୌତୁକ ପାଇଁ ବାରମ୍ବାର ନିର୍ଯାତନା ଦେଉଥିବାରୁ ଝିଅ ଏଭଳି ନିଷ୍ପତ୍ତି ନେଲା ବୋଲି ଅଭିଯୋଗ କରିଛନ୍ତି ବାପଘର ଲୋକ। ଏହି ଅଭିଯୋଗ ଆଧାରରେ ପୋଲିସ ଦଫା ୩୦୪-ବି, ୩୦୬,୪ ଡିପି ଆକ୍ଟରେ ମାମଲା (ନଂ.୧୫୧/୨୩) ରୁଜୁ କରି ସନ୍ତୋଷୀଙ୍କ ସ୍ୱାମୀଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳର ରଞ୍ଜନ ସାହୁ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ସନ୍ତୋଷୀ ୨୦୧୭ରେ ରଞ୍ଜନଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦେଇଥିଲେ। କିନ୍ତୁ ପରେ ଅଧିକ ଯୌତୁକ ଆଣିବା ଲାଗି ଶାଶୁଘର ପକ୍ଷରୁ ଦାବି କରି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏ ନେଇ ସନ୍ତୋଷୀ ବାପଘରୁ ଜଣାଇଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସନ୍ତୋଷୀ ରବିବାର ବିଳମ୍ବିତ ରାତିରେ ବିଷପାନ କରି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ ସୋମବାର ସନ୍ତୋଷୀଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରିବା ସହ ସନ୍ତୋଷୀଙ୍କ ପରିବାରଙ୍କୁ ଖବର ଦେଇଥିଲେ। ଏହାପରେ ମୁମ୍ବାଇରେ ଥିବା ସନ୍ତୋଷୀଙ୍କ ବାପା ଅନୁ ପଲେଇ ଭୁବନେଶ୍ୱରରେ ପହଞ୍ଚି ବୁଧବାର ଥାନାରେ ଅଭିଯୋଗ କରିଥିଲେ।

### ପଶୁ ଅସ୍ଥି ଚୋରା ଚାଲାଣ, ପଶ୍ଚିମବଙ୍ଗର ୩ ଗିରଫ

#### ୯୯୫୦ କେଜି ପଶୁ ଅସ୍ଥି ଜବତ

ଭୁବନେଶ୍ୱର,୧୬।୬(ସୂର୍ଯ୍ୟକାନ୍ତ ବେହେରା): ବେଆଇନ ଭାବେ ଜଟଣୀରୁ ପଶ୍ଚିମବଙ୍ଗକୁ ପଶୁଅସ୍ଥି ଚାଲାଣ ହେଉଥିବା ବେଳେ ତମାଣ୍ଡୋ ଥାନା ପୋଲିସ ଚଢାଉ କରି ଯୋଜନାକୁ ଭଣ୍ଡୁର କରିଛି। ଏହାସହ ୩ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗର ଲାଲୁ ଆଚାର୍ଯ୍ୟ (୩୬) ସଞ୍ଜୟ ଦତ୍ତ (୬୭),ନିତାଇ ମୈତି (୩୫)। ସେମାନଙ୍କ ନିକଟରୁ ପଶୁ ଅସ୍ଥି ଭର୍ତ୍ତି ଥିବା ଟ୍ରକକୁ ଜବତ କରିଛି। ଜବତ ଅସ୍ଥି ୯୯୫୦ କିଲୋଗ୍ରାମ ବୋଲି ଜଣାପଡିଛି। ସୂଚନାନୁସାରେ ଅଭିଯୁକ୍ତମାନେ ଡବ୍ଲ୍ୟୁ ବି-୩୧-ଏ-୬୩୬୪ ନମ୍ବର ବିଶିଷ୍ଟ ଏକ ଟାଟା ଟ୍ରକରେ ମୃତ ପଶୁଅସ୍ଥିକୁ ପଶ୍ଚିମବଙ୍ଗ ଅଭିମୁଖେ ଚାଲାଣ କରୁଥିଲେ। ଏହି ଖବର ବିଶେଷ ସୂତ୍ରରୁ ଖବରପାଇ ପିସିଆର-୧୭ ସେମାନଙ୍କର ପିଛା କରି କାବୁ କରିବା ସହିତ ସମ୍ପୃକ୍ତ ଟ୍ରକକୁ ଥାନାକୁ ନେଇଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତମାନେ ଅସ୍ଥି ଚାଲାଣ ଜନିତ କୌଣସି ଲାଇସେନ୍ସ କିମ୍ବା କୌଣସି ଅନୁମତି ପତ୍ର ଦେଖାଇପାରି ନଥିଲେ। ଫଳରେ ସେମାନଙ୍କୁ ଗିରଫ କରିବା ସହ ପଶୁ ଅସ୍ଥିକୁ ଜବତ କରିଥିଲା।

# ଚିହ୍ନଟ ଅପେକ୍ଷାରେ ୮୧ ମୃତଦେହ

ଭୁବନେଶ୍ୱର,୧୬।୬(ଅଭିଜିତ ଦାସ)

## ବାହାନଗା ଟ୍ରେନ ଦୁର୍ଘଟଣାକୁ ୨ ସପ୍ତାହ



### ୱାନ୍ ଟୁ ୱାନ୍ ପ୍ରକ୍ରିୟାରେ ଡିଏନ୍ଏ ଟେଷ୍ଟିଂ ହେଉଥିବାରୁ ରିପୋର୍ଟ ବିଳମ୍ବିତ

ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ୨ ସପ୍ତାହ ବିତିଯାଇଛି। ଗତ ୨ ତାରିଖ ଶୁକ୍ରବାର ରାତିରେ ଘଟିଥିବା ଏହି ଭୟଙ୍କର ଦୁର୍ଘଟଣାରେ ଘଟଣାସ୍ଥଳରେ ୨୮୮ଜଣଙ୍କ ଜୀବନ ଯାଇଥିବାବେଳେ ପରବର୍ତ୍ତୀ ସମୟରେ କଟକ ଏସ୍‌ସିବିରେ ଚିକିତ୍ସାଧୀନ ଥିବା ୨ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଫଳରେ ମୃତ୍ୟୁ ସଂଖ୍ୟା ୨୯୦ରେ ପହଞ୍ଚିଥିବାବେଳେ ଶତାଧିକ ଆହତ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଇତିମଧ୍ୟରେ ଅନେକ ଯାତ୍ରୀ ନିଖୋଜ ଥିବା ବହୁ ପରିବାର ଦାବି କରିବା ସହ ଖୋଜାଖୋଜି କରୁଥିବାବେଳେ ଏବେବି ଭୁବନେଶ୍ୱର ଏମ୍ସରେ ୮୧ ମୃତଦେହ ଚିହ୍ନଟ ଅପେକ୍ଷାରେ ରହିଛି। ଉକ୍ତ ମୃତଦେହଗୁଡ଼ିକୁ ୩ଟି କଣ୍ଟେନରରେ ସଂରକ୍ଷଣ କରି ରଖାଯାଇଛି। ଡିଏନ୍ଏ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବାରୁ ମୃତଦେହ ଚିହ୍ନଟ ହୋଇପାରୁନି କି ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇପାରୁନି। ଦୁର୍ଘଟଣାର ସପ୍ତାହ ଯାଏ ଏମ୍ସ ପରିସରରେ ମୃତଙ୍କ ପରିବାର ଲୋକଙ୍କ ଭିଡ ପରିଲକ୍ଷିତ ହେଉଥିବାବେଳେ ବର୍ତ୍ତମାନ ସେସବୁ ସ୍ଥାନ ଖାଁ ଖାଁ ହେବାରେ ଲାଗିଛି। ଅଧିକାଂଶ ପରିବାର ସଦସ୍ୟ ଡିଏନ୍ଏ ନମୁନା ଦେଇ ନିଜ ଘରକୁ ପଳାଇଥିବାବେଳେ ଆଉ କେତେକଜଣ ଏମ୍ସ ଧର୍ମଶାଳା ଓ ରେଲୱେ ଗେଷ୍ଟ ହାଉସ୍‌ରେ ରହି ମୃତଦେହ ପାଇବାକୁ ଆଶା ବାନ୍ଧିଛନ୍ତି। ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଛନ୍ତି, ଚିହ୍ନଟ ହୋଇ ନ ଥିବା ମୃତଦେହଗୁଡ଼ିକ କଣ୍ଟେନର ମଧ୍ୟରେ ରହିଛି। ସମସ୍ତ ମୃତଦେହର ଏମ୍ବାଲ୍ମିଂ କରାଯାଇ ବିୟୁକ୍ତ ୧୦ ଡିଗ୍ରୀ ତାପମାତ୍ରାରେ ରଖାଯାଇଛି। ସାଧାରଣତଃ ଶବଗୃହରେ ମୃତ ଶରୀରଗୁଡ଼ିକ ବିୟୁକ୍ତ ୧ ଡିଗ୍ରୀରୁ ୫ ଡିଗ୍ରୀ ତାପମାତ୍ରା ମଧ୍ୟରେ ରଖାଯାଏ। କିନ୍ତୁ ଅଧିକ ଦିନ ସଂରକ୍ଷଣ ଲାଗି ଏପରି ବ୍ୟବସ୍ଥା କରାଯାଇଛି। ୪୦ଘଣ୍ଟା ପରେ ମୃତଦେହ ଆସିଥିବାରୁ ଓ ଅଧିକାଂଶ ମୃତଦେହ ବିକୃତ ଅବସ୍ଥାରେ ଥିବାରୁ ସେଗୁଡ଼ିକୁ ବେଶି ଦିନ ସଂରକ୍ଷଣ କରିବାକୁ ଚେଷ୍ଟା କରାଯାଉଛି। ସେପଟେ ଏମ୍ସ ସୁପରିଣ୍ଟେଣ୍ଡେଣ୍ଟ ତଥା ଆନାଟୋମି ବିଭାଗର ପ୍ରଫେସର ପ୍ରଭାସ ତ୍ରିପାଠୀ କହିଛନ୍ତି, ଚିହ୍ନଟ ହୋଇ ନ ଥିବା ସମୁଦାୟ ୮୧ଟି ମୃତଦେହ ମଧ୍ୟରୁ ୭୮ଟିର ଡିଏନ୍ଏ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିଲା। ସମସ୍ତ ନମୁନାକୁ ଟେଷ୍ଟିଂ ନିମନ୍ତେ ଦିଲ୍ଲୀ ପଠାଯାଇଛି। ସାଧାରଣତଃ ଡିଏନ୍ଏ ଟେଷ୍ଟିଂରେ ସମୟ ଲାଗି ଥାଏ। କିନ୍ତୁ ଗୋଟାଏ ମୃତ ଦେହ ଲାଗି ୩ରୁ ୪ଟି ପରିବାର ଦାବିଦାର ଥିବାବେଳେ ସେମାନଙ୍କ ଡିଏନ୍ଏ ନମୁନାଗୁଡ଼ିକ ୱାନ୍ ଟୁ ୱାନ୍ ପ୍ରକ୍ରିୟାରେ ଟେଷ୍ଟିଂ ଚାଲିଛି। ରିପୋର୍ଟ ଆସିଲେ ମୃତଦେହଗୁଡ଼ିକୁ ଚିହ୍ନଟ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ରଘୁନାଥନଗରରେ ହେବ ସ୍ମାର୍ଟ ଶ୍ମଶାନ



ମେୟର ଓ କମିଶନର ଶ୍ମଶାନ ସ୍ଥାନର ସମୀକ୍ଷା କରୁଛନ୍ତି।

ଭୁବନେଶ୍ୱର, ୧୬।୬ (ବନ୍ଦନା ସେଠୀ)

### ୨କୋଟି ବ୍ୟୟ ଅଟକଳ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ୱାର୍ଡ ନଂ.୬୬ ଅନ୍ତର୍ଗତ ରଘୁନାଥ ନଗରଠାରେ ଏକ ଅତ୍ୟାଧୁନିକ ବା ସ୍ମାର୍ଟ ଶ୍ମଶାନ ନିର୍ମାଣ କରାଯିବ। ରାଜ୍ୟ ସରକାରଙ୍କ 'ଉନ୍ନତି' ଯୋଜନାରେ ପ୍ରାୟ ୨ଏକର ପରିମିତ ଜମିରେ ୨କୋଟି ଟଙ୍କା ବ୍ୟୟରେ ଏହାର ନିର୍ମାଣ ହେବ। ସ୍ମାର୍ଟ ଶ୍ମଶାନରେ ଇଲେକ୍ଟ୍ରି ଚୁଲା, ପିଇବା ପାଣି, ଚେଞ୍ଜିଂ ରୁମ୍, ମିଟିଂ ହଲ୍ ସହିତ ପାର୍କ ଭଳି ଗଛ ଓ ଅନ୍ୟାନ୍ୟ ବ୍ୟବସ୍ଥା ରହିବ। ଏନେଇ ଶୁକ୍ରବାର ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ, ଡେପୁଟି କମିଶନର (ରାଜସ୍ୱ) ସପନ ନନ୍ଦ, ସିଟି ଇଞ୍ଜିନିୟର ଅରୁଣ ସାହୁ ପ୍ରମୁଖ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରି ସ୍ଥିତି ସମୀକ୍ଷା କରିଥିଲେ। ନିର୍ମାଣ କାର୍ଯ୍ୟ ପାଇଁ ଡିପିଆର୍ ପ୍ରସ୍ତୁତ ସରିଥିବାବେଳେ ଖୁବ୍‌ଶୀଘ୍ର ଟେଣ୍ଡର ଡକାଯିବ ବୋଲି ସୂଚନା ଦିଆଯାଇଛି। ଏନେଇ ସ୍ଥାନୀୟ କର୍ପୋରେଟର ଛବି ଦାସ କହିଛନ୍ତି, ମୋ ୱାର୍ଡରେ ପୂର୍ବରୁ ଗୋଟିଏ ମଶାଣି ରହିଛି। ମାତ୍ର ଏହି ସ୍ମାର୍ଟ ଶ୍ମଶାନ ନିର୍ମାଣ ହେବା ପରେ ଆଖପାଖ ଲୋକଙ୍କ ପାଇଁ ସୁବିଧା ହେବ। ପାଖରେ ରଣସିଂହପୁର ପଞ୍ଚାୟତ ଥିବାରୁ ଏହା ଅନ୍ତର୍ଗତ ସରକନ୍ତରା, ବାହାଦଲପୁର, ରଣସିଂହପୁର ଭଳି ଅନେକ ଗ୍ରାମର ଲୋକମାନେ ଏହି ଶ୍ମଶାନ ଦ୍ୱାରା ଉପକୃତ ହୋଇ ପାରିବେ ବୋଲି ସେ କହିଛନ୍ତି।

# ନୂଆପୁରୁଣା ୩୦ରୁ ଅଧିକ ସଙ୍ଗୀତ ମନମୋହିଲା




କାର୍ଯ୍ୟକ୍ରମରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୧୬।୬(ଶର୍ମିଷ୍ଠା ପାଣିଗ୍ରାହୀ)

### ଜୁଏଲ ଅଫ୍ ଓଡ଼ିଶା

ସଂସ୍କାର ପକ୍ଷରୁ ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ଜୁଏଲ ଅଫ୍ ଓଡ଼ିଶା' ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅତିଥିଭାବେ ପଙ୍କଜ ଲୋଚନ ମହାନ୍ତି, ପ୍ରୀତିଚାନ୍ଦ ରାୟ ଓ ଏମ୍. ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀମାନେ ନୂଆପୁରୁଣା ୩୦ରୁ ଅଧିକ ସଙ୍ଗୀତ ପରିବେଷଣ କରି ଅତିଥି ଓ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କଣ୍ଠଶିଳ୍ପୀ ମହାପ୍ରସାଦ କରଙ୍କ କଣ୍ଠରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା। କମଳ ଦେଶ ରାଜକୁମାର..., ନୀଳଚକ୍ରେ ହୋ...ସଙ୍ଗୀତରେ ସେ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ। ତାଙ୍କ ସୁମଧୁର ସଙ୍ଗୀତ ଦର୍ଶକଙ୍କ ମନରେ ସ୍ୱର୍ଗତ ପ୍ରଫୁଲ୍ଲ କରଙ୍କ ସ୍ମୃତିଚାରଣ କରିଥିଲା। ଏହା ପରେ ଏ ଫୁଲ କହ ଥରେ..., ମାନା ହେ ତୁମ..., ୟେ ମେରେ ହମ୍‌ସଫର..., ଦମ୍ ମାରୋ ଦମ..., ରାତ ବାକି..., ଜିନ୍ଦେଗି ଏକ ପ୍ୟାର୍..., ଲଗ୍ ଯା ଗଲେ.., ଚିକ୍‌ନୀ ଚମେଲି.., ଘୁଙ୍ଗୁର ଟୁଟ୍ ଗୟା..., ଟିକ୍ ଟିକ୍ ହୁଏ ମୋ ଛାତି ଆଦି ସଙ୍ଗୀତ ପରିବେଷିତ ହୋଇଥିଲା। ସାରିକା ସିଂ, ଜୟବାଳା, ମହମ୍ମଦ ଆବିବ, ପୁଷ୍ପିତା ପ୍ରମୁଖ କଣ୍ଠଶିଳ୍ପୀଙ୍କ ଯାଦୁରେ ଦର୍ଶକ ବିମୋହିତ ହୋଇଥିଲେ। ଉଭୟ ହିନ୍ଦୀ ଏବଂ ଓଡ଼ିଆ ଗୀତରେ ଦର୍ଶକ ଝୁମିଉଠିଥିଲେ। ବାଦ୍ୟଯନ୍ତ୍ରରେ ଗେନୁ, କାବୁ, କ୍ରିଷ୍ଟ, ରବି, ମନ, ବରଦା, ପିକୁ ଶ୍ୟାମ, ବାମୁ ପ୍ରମୁଖ ସହଯୋଗ କରିଥିଲେ। ପ୍ରେରଣା ଏବଂ ଜାଗୃତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧ ଲକ୍ଷ କ୍ଷତିପୂରଣ ଦେବାକୁ ଏଏସ୍‌ଆଇଙ୍କୁ ନିର୍ଦ୍ଦେଶ

### ପୋଲିସକୁ ମାମୁ ଡାକିବାରୁ ନାବାଳକଙ୍କୁ ମାଡ଼ ଘଟଣା

ନିଶ୍ଚିନ୍ତକୋଇଲି,୧୬।୬
(ଅଶୋକ କୁମାର ମହାପାତ୍ର)

ମାମୁ ଡାକିବାରୁ ଜଣେ ନାବାଳକଙ୍କୁ ନିଶ୍ଚିନ୍ତକୋଇଲି ଥାନା ଏଏସ୍‌ଆଇ ଭଗବାନ ସାହୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହି ମାମଲାରେ ପୀଡ଼ିତ ନାବାଳକଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି) ସମ୍ପୃକ୍ତ ଏଏସ୍‌ଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ ମେ'ରେ ନିଶ୍ଚିନ୍ତକୋଇଲି ବ୍ଲକ ଗୋପପୁର ଗ୍ରାମର ଜଣେ ନାବାଳକ ପଣସ ପଡ଼ିଆ ଛକରେ ପୋଲିସ ପାଟ୍ରୋଲିଂ ଗାଡିକୁ ଦେଖି ମାମୁ ବୋଲି ଡାକିଥିଲେ। ଫଳରେ ଉକ୍ତ ଗାଡ଼ିରେ ଥିବା ଏଏସ୍‌ଆଇ ସାହୁ ଉତ୍ତେଜିତ ହୋଇପଡ଼ିଥିଲେ। ସେ ଉକ୍ତ ଗାଡ଼ିକୁ ଅଟକାଇ ପଣସପଡ଼ିଆ ଛକରେ ନବାଳକଙ୍କୁ ମାଡ଼ ମାରିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ନାବାଳକଙ୍କ ମା' କବିତା ବେହେରା ନିଶ୍ଚିନ୍ତକୋଇଲିଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ ପୋଲିସ ମାମଲା ରୁଜ କରି ନ ଥିଲା। ଏନେଇ ୨୦୨୨ ମେ' ୧୪ରେ କବିତା ଏନ୍ଏଚ୍ଆର୍‌ସିରେ ଅଭିଯୋଗ କରିଥିଲେ। ଏନ୍ଏଚ୍ଆର୍‌ସିଙ୍କ ନିର୍ଦ୍ଦେଶକ୍ରମେ ୨୦୨୨ ଜୁନ୍ ୩ରେ ଥାନାରେ ମାମଲା ରୁଜୁ ହୋଇଥିଲା। ସାଲେପୁର ତତ୍କାଳୀନ ଏସ୍‌ଡିପିଓ ଏହାର ତଦନ୍ତ କରି ୨୦୨୨ ଅକ୍ଟୋବର ୧୯ରେ ଏନ୍ଏଚ୍ଆର୍‌ସିରେ ରିପୋର୍ଟ ଦାଖଲ କରିଥିଲେ। ଏହି ମାମଲାରେ ସମ୍ପୃକ୍ତ ନାବାଳକଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ୫ ସପ୍ତାହ ମଧ୍ୟରେ କ୍ଷତିପୂରଣ ଦେବାକୁ ଏନ୍ଏଚ୍ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଚିଠି ପାଇନଥିବା ଏଏସ୍‌ଆଇ ସାହୁ କହିଛନ୍ତି।

# ରେଳଷ୍ଟେଶନରୁ ଯୁବକଙ୍କ ମୃତଦେହ ଜବତ

ଭୁବନେଶ୍ୱର,୧୬।୬(ସୂର୍ଯ୍ୟକାନ୍ତ ବେହେରା)

ପଟିଆ ରେଳ ଷ୍ଟେଶନରୁ ଶୁକ୍ରବାର ରାତିରେ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହକୁ ଜିଆର୍‌ପି ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ଜଣାପଡି ନ ଥିବାବେଳେ ବୟସ ପାଖାପାଖି ୪୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନଥିବା ବେଳେ ତାଙ୍କ ପିଠିରୁ ପ୍ରବଳ ରକ୍ତ ବାହାରିବା ସହ କ୍ଷତ ସୃଷ୍ଟି ହୋଇଥିବାରୁ କେହି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଜିଆରପି ଘଟଣାସ୍ଥଳରେ ରହି ଅଧିକ ଖୋଳତାଡ଼ ଚଳାଇଛି। ଏହାସହ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପ୍ରଦୀପ ସେବା ଟ୍ରଷ୍ଟ ଦ୍ୱାରା କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ତେବେ ଯୁବକଙ୍କ ପକେଟରୁ ଏକ କାଗଜ ମିଳିଛି। ସେଥିରେ କିଛି ନମ୍ବର ଲେଖାଯାଇଛି ବୋଲି ଜଣାପଡିଛି।

# ୧୮ରେ ଗ୍ଲୋବାଲ ଏଜୁକେଶନ ଏକ୍ସପୋ ଆଣ୍ଡ କନ୍‌କ୍ଲେଭ




ଖବରଦାତା ସମ୍ମିଳନୀରେ କନକ୍ଲେଭ ସମ୍ପର୍କରେ ସୂଚନା ଦିଆଯାଉଛି।

ଭୁବନେଶ୍ୱର,୧୬।୬(ଅନୁରାଧା ମହାରଣା)

ଆଇସିସି ଗ୍ଲୋବାଲ ଏଜୁକେଶନ ଏକ୍ସପୋ ଆଣ୍ଡ କନ୍‌କ୍ଲେଭ ଆସନ୍ତା ୧୮ ଓ ୧୯ ତାରିଖରେ ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ ଅନୁଷ୍ଠିତ ହେବ। ଆଫାୟାର୍ସ ଓ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। ଛାତ୍ରୀଛାତ୍ରଙ୍କ ସହିତ ସିଧାସଳଖ ସଂଯୋଗ ହେବା, ସେମାନଙ୍କ ଅନନ୍ୟ ଶିକ୍ଷାଗତ ସୁଯୋଗ ପ୍ରଦର୍ଶନ କରିବା ଏବଂ ଅନୁଷ୍ଠାନଗୁଡ଼ିକ ପାଇଁ ଏକ ବ୍ୟାପକ ପ୍ଲାଟ୍‌ଫର୍ମ ପ୍ରଦାନ କରିବାକୁ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରଖାଯାଇଛି। ଏହି ଇଭେଣ୍ଟରେ ଅଂଶଗ୍ରହଣ କରି ଅନୁଷ୍ଠାନଗୁଡ଼ିକ ଅଧିକ ସଂଖ୍ୟକ ବିଦ୍ୟାର୍ଥୀଙ୍କ ସହିତ ଯୋଡ଼ିହେବା ସହ ସିଧାସଳଖ ଯୋଗାଯୋଗ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ ଜେ. ବି. ପାଣି, ଉପାଧ୍ୟକ୍ଷ ରାଜୀବ ସାହୁ, ଡେପୁଟି ଡାଇରେକ୍ଟର ତଥା ଆଞ୍ଚଳିକ ମୁଖ୍ୟ ଜ୍ୟୋତିପ୍ରକାଶ ପାଲ, ଆଇସିସି କୌଶଳ ଓ ଶିକ୍ଷା କମିଟି ଆବାହକ ଡ. ଚିଦାମ୍ବିକା ଖଟୁଆ, ଆଇସିସି ଦକ୍ଷତା ଏବଂ ଶିକ୍ଷା କମିଟିର ସହ-ଆବାହିକା ସିକତା ଦାସ, ଆଫାୟାର୍ସର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ସଞ୍ଜୀବ ବଳିୟା ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱରକୁ ଜିଲା ମାନ୍ୟତା ଦାବି

ବାଲିପାଟଣା,୧୬।୬(ଅଭିମନ୍ୟୁ ନାୟକ)

ଭୁବନେଶ୍ୱରକୁ ଜିଲା ମାନ୍ୟତା ଦାବିରେ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଅଣ୍ଡିରା ଗ୍ରାମ ନିକଟ ତ୍ରିବେଣୀଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଜୟଦେବ, ଏକାମ୍ର, ମଧ୍ୟ ଓ ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀର ଲୋକମାନଙ୍କୁ ନେଇ କ୍ରିୟାନୁଷ୍ଠାନ କମିଟି ଗଠନ କରାଯିବା ସହିତ ଆନ୍ଦୋଳନରେ ସମସ୍ତେ ସାମିଲ ହେବାକୁ ବୈଠକରେ ଆହ୍ୱାନ ଦିଆଯାଇଛି। ବୈଠକରେ ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ, ଝିଣ୍ଟିର ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ଜେନା, ବ୍ରହ୍ମାନନ୍ଦ ସାହୁ, ସୁଦର୍ଶନ ଜେନା, ଯଶୋବନ୍ତ ଓଝା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ନିର୍ମଳ ରଥ, ନୀହାର ରାୟ, କୃଷ୍ଣ ସାଠୁଆ, ନାରାୟଣ ସାହୁ, ଶାନ୍ତିଲତା ସାହୁ, ସୁରେଶ ଦାସ, ଯୁଧିଷ୍ଠିର ସାହୁ, ଦିଲୀପ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି, ଜୟଦେବ ଓକିଲ ସଂଘ ପକ୍ଷରୁ ଭୁବନେଶ୍ୱରକୁ ଜିଲା ଘୋଷଣା କରିବାକୁ ବିଗତ ଦିନରେ ବିଭିନ୍ନ ସମୟରେ ଆନ୍ଦୋଳନ ହୋଇଛି। ଏଥି ସହିତ ଅନେକ ସଚେତନ ଗୋଷ୍ଠୀ ମଧ ଦାବି କରିଆସୁଛନ୍ତି।

# ଅଦିନିଆ ରଥଯାତ୍ରାକୁ ବିରୋଧ

ପୁରୀ, ୧୬।୬(ଅଜିତ୍ ମହାନ୍ତି)

- ୨୪ରେ ଇସ୍କନ ରଥଯାତ୍ରା ନେଇ ସୋସିଆଲ ମିଡିଆରେ ଘୂରିବୁଲୁଛି
- ନିବୃତ୍ତ ନ ହେଲେ କାର୍ଯ୍ୟାନୁଷ୍ଠାନ: ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ

ଅଦିନିଆ ରଥଯାତ୍ରାକୁ ନେଇ ପୁଣି ବିବାଦ ସୃଷ୍ଟି ହୋଇଛି। ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଚଳିତ ମାସ ୨୪ତାରିଖରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେବ ବୋଲି ସୋସିଆଲ ମିଡିଆରେ ଖବର ଘୂରିବୁଲୁଛି। ଏହି ଅଦିନିଆ ରଥଯାତ୍ରାକୁ ଓଡ଼ିଶାର ଜଗନ୍ନାଥପ୍ରେମୀ ଓ ଶ୍ରୀମନ୍ଦିର ସେବାୟତଙ୍କ ସମେତ ପରିଚାଳନା କମିଟି ସଦସ୍ୟ ତୀବ୍ର ବିରୋଧ କରିଛନ୍ତି।

ପରମ୍ପରା ଅନୁଯାୟୀ, ପ୍ରତ୍ୟେକ ବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ କେବଳ ପୁରୀ ନୁହେଁ ଦେଶ ବିଦେଶରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ତେବେ ଅନେକ ଥର ଦେଖିବାକୁ ମିଳିଛି ଯେ, ବାହାର ରାଜ୍ୟର କେତେକ ସଙ୍ଗଠନ ଉକ୍ତ ତିଥି ପରିବର୍ତ୍ତେ ମନଇଚ୍ଛା ସମୟରେ ରଥଯାତ୍ରା କରୁଛନ୍ତି। ଏହା ପରମ୍ପରା ବିରୋଧୀ। ପରମ୍ପରା ଅନୁଯାୟୀ, ଚଳିତ ମାସ ୨୦ ତାରିଖ ଆଷାଢ ଶୁକ୍ଳ ଦ୍ୱିତୀୟାରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ତେବେ ଏହି ପରମ୍ପରାକୁ ଉଲ୍ଲଙ୍ଘନ କରାଯାଇ ଗ୍ୱାଲିୟରଠାରେ ୨୪ ତାରିଖରେ ରଥଯାତ୍ରା କରାଯିବାକୁ ସ୍ଥିର କରାଯାଇଛି। ପୂର୍ବରୁ ୧୮ ତାରିଖରେ ରଥଯାତ୍ରା ହେବାକୁ ଥିଲା, ତେବେ କିଛି ଅସୁବିଧା କାରଣରୁ ୨୪ ତାରିଖରେ ରଥଯାତ୍ରା ହେବାକୁ ଥିବା ଗ୍ୱାଲିୟର ଇସ୍କନ ସେଣ୍ଟର ପକ୍ଷରୁ ମହେନ୍ଦ୍ର ପ୍ରଭୁଜୀ ନାମକ ଅଧିକାରୀ ସୋସିଆଲ ମିଡିଆରେ ସୂଚନା ଦେଉଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ରଥର ଉଚ୍ଚତା ୨୪ ଫୁଟ, ଲମ୍ବ ୧୭ ଫୁଟ ଏବଂ ଚଉଡା ୧୦ ଫୁଟ ରହିଛି। ରଥ ନିର୍ମାଣରେ ୬ ଲକ୍ଷ ଟଙ୍କା ପ୍ରାୟ ଖର୍ଚ୍ଚ ହୋଇଛି। ଶ୍ରୀଜଗନ୍ନାଥଙ୍କ ଭକ୍ତମାନେ ରଥଯାତ୍ରାରେ ସାମିଲ ହେବା ସହ ଦାନ ଦେବାକୁ ଇସ୍କନ ପକ୍ଷରୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷରେ ପୂର୍ବରୁ ମଧ ଇସ୍କନ ପକ୍ଷରୁ ଅଦିନରେ ରଥଯାତ୍ରା କରାଯାଇଥିବାର ନଜିର ରହିଛି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନଠାରୁ ଆରମ୍ଭକରି ଜଗନ୍ନାଥପ୍ରେମୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା ବୈଠକରେ ଗଜପତି ମହାରାଜାଙ୍କ ଉପସ୍ଥିତିରେ ଇସ୍କନ କର୍ମକର୍ତ୍ତାମାନଙ୍କୁ ଡକାଯାଇ ଆଲୋଚନା କରାଯିବା ପରେ ମଧ୍ୟ ଅଦିନିଆ ରଥଯାତ୍ରା ଆୟୋଜନ କରୁଛନ୍ତି। ଏହା ଅତି ଦୁଃଖ ଓ କ୍ଷୋଭର ବିଷୟ। ଏହାଦ୍ୱାରା ଆମ ସଂସ୍କୃତି, ପରମ୍ପରା ନଷ୍ଟ ହେଉଛି। ଇସ୍କନପ୍ରେମୀ ସ୍କନ୍ଦ ପୁରାଣକୁ ଅନୁସରଣ କରନ୍ତୁ। ଅଦିନିଆ ରଥଯାତ୍ରାରୁ ଇସ୍କନ କର୍ତ୍ତୃପକ୍ଷ ବିରତ ରହନ୍ତୁ। ନଚେତ୍ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ଇସ୍କନ ଭକ୍ତଙ୍କୁ ପୁରୀରେ ପ୍ରବେଶ କରିବା ପାଇଁ ଅନୁମତି ଦିଆଯିବ ନାହିଁ। ସେ ଏନେଇ ଗଜପତି ମହାରାଜା ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା କରିବେ ବୋଲି ମହାପାତ୍ର କହିଛନ୍ତି। ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଏ ବିଷୟ ତାଙ୍କ ନଜରକୁ ଆସିନାହିଁ। ତାଙ୍କ ଦୃଷ୍ଟିକୁ ଆସିଲେ ଆଲୋଚନା କରାଯାଇ ଯାହାକିଛି ନିଷ୍ପତ୍ତି ନିଆଯିବ।

# କମ୍ୟୁନିଷ୍ଟ ଆନ୍ଦୋଳନର ଅନ୍ୟତମ ମହାରଥୀ ଥିଲେ ରାମକୃଷ୍ଣ




### ରମେଶ ଚନ୍ଦ୍ର ପ୍ରଧାନଙ୍କୁ 'ରାମକୃଷ୍ଣ ପତି ସମ୍ମାନ'

ଭୁବନେଶ୍ୱର, ୧୬।୬ (ବନ୍ଦନା ସେଠୀ)

ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନର ଅନ୍ୟତମ ମହାରଥୀ, ସିପିଆଇ ରାଜ୍ୟ ସମ୍ପାଦକ ତଥା ପୂର୍ବତନ ବିଧାୟକ ରାମକୃଷ୍ଣ ପତିଙ୍କର ୩୬ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଓ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଭଗବତୀ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାମକୃଷ୍ଣ ସ୍ମୃତି ସଂସଦର ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସ୍ମୃତି ସଂସଦର ସମ୍ପାଦକ ସୁର ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ। ରାମକୃଷ୍ଣ ପତି ପଟିଆର ବଙ୍ଗୁଆରି ଗ୍ରାମରେ ଜନ୍ମ ହୋଇଥିଲେ। ରେଭେନ୍ସାରେ ଅଧ୍ୟୟନ ସମୟରେ ସେ ବ୍ରିଟିଶ ବିରୋଧୀ ସଂଗ୍ରାମରେ ଯୋଗଦେବା ସହିତ ୧୯୩୯ରେ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ହୋଇଥିଲେ। ସେତେବେଳେ କନିକା ରାଜାଙ୍କ ଅଧୀନରେ ଥିବା ପଟିଆ ଅଞ୍ଚଳର ଚାଷଜମି ବନ୍ୟାରେ ବାଲିଚର ହୋଇ ଯାଉଥିଲା। ଏହାର ପ୍ରତିକାର ପାଇଁ ରାମକୃଷ୍ଣଙ୍କ ନେତୃତ୍ୱରେ ପଟିଆ ବନ୍ଧ ନିର୍ମାଣ ହୋଇଥିଲା। ସେ ଦୀର୍ଘଦିନ ଧରି ସିପିଆଇର ରାଜ୍ୟ ସମ୍ପାଦକ ଓ କେନ୍ଦ୍ର କାର୍ଯ୍ୟକାରୀ କମିଟିର ସଭ୍ୟ ଥିଲେ। ଜଣେ ସଂଗ୍ରାମୀ, ରାଜନେତା ଓ ସାହିତ୍ୟିକ ଭାବେ ରାମକୃଷ୍ଣ ନିଜର ସ୍ୱତନ୍ତ୍ର ପରିଚୟ ଗଢି ଯାଇଛନ୍ତି। ତାଙ୍କ ପୁସ୍ତକ 'ପୁଞ୍ଜିବାଦ', 'ତୁଷାର ସ୍ମୃତି' ଓ 'ଯୁଗେ ଯୁଗେ ଚୀନ' ଓଡ଼ିଆ ସାହିତ୍ୟର ଅମର କୃତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାମ୍ବାଦିକ ଓ ଗ୍ରନ୍ଥକାର ରମେଶ ଚନ୍ଦ୍ର ପ୍ରଧାନଙ୍କୁ ୨୦୨୩ର 'ରାମକୃଷ୍ଣ ପତି ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ରାମକୃଷ୍ଣ ପତି, ଅନନ୍ତ ପଟ୍ଟନାୟକ, ସୀତାକାନ୍ତ ମହାପାତ୍ର ଓ ଫନୀ ମହାନ୍ତି ପ୍ରମୁଖଙ୍କ କବିତା ସମ୍ବଳିତ ସଂକଳନ 'ସୋଭିଏତ୍ ଦେଶର କବିତା' ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ, ପୂର୍ବତନ ପ୍ରଶାସକ ସୁରେଶ ଚନ୍ଦ୍ର ମନ୍ତ୍ରୀ, ପୂର୍ବତନ ରାଜ୍ୟ ସମ୍ପାଦକ ଦିବାକର ନାୟକ, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, ବସନ୍ତ କୁମାର ପାଇକରାୟ, ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ଦାଶ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଟ୍ରକ୍ ଡ୍ରାଇଭର ମୃତ

ଯାଁଳା,୧୬।୬(ବୁଲା ବାରିକ): ଇନ୍‌ଫୋଭ୍ୟାଲି ଥାନା ଅଧୀନ ଯାଁଳା ନିକଟ କେ.କେ. ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଜଣେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଢେଙ୍କାନାଳ ଜିଲା ଖଲିଣିଗୁଡ଼ା ଅଞ୍ଚଳର ପ୍ରତାପ ଚନ୍ଦ୍ର ପ୍ରଧାନ(୩୪)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଅଂଶୁଘାତରେ ତାଙ୍କ ମୃତ୍ୟୁ ହୋଇଥିବା ଆଲୋଚନା ହେଉଛି। ସୂଚନା ମୁତାବକ, ପ୍ରତାପ ଏକ ଆଇରନ ବୋଝେଇ ଟ୍ରକ (ଓଡି୦୫ ଏଇ ୭୧୬୦) ନେଇ କେନ୍ଦୁଝରରୁ ଗୋପାଳପୁର ଅଭିମୁଖେ ଯାଉଥିଲେ। ଯାଁଳା କେକେ ପେଟ୍ରୋଲ ପମ୍ପ ନିକଟରେ ସେ ଅସୁସ୍ଥ ଅନୁଭବ କରିଥିଲେ। ଏହା ପରେ ଟ୍ରକ ଛିଡ଼ା କରି ତଳକୁ ଓହ୍ଲାଇ ଏକ ସ୍ଥାନରେ ବସିଥିଲେ। କିଛି ସମୟ ପରେ ସେଠାରେ ସେ ତଳେ ପଡ଼ିଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଏମ୍‌ସ ମେଡିକାଲକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମଦ ଜବତ, ମହିଳା ଗିରଫ



ବେଗୁନିଆ,୧୬।୬(ହରପ୍ରସନ୍ନ ପଣ୍ଡା): ଖୋର୍ଦ୍ଧା ଜିଲା ବେଗୁନିଆ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ବେଆଇନ ଭାବେ ମଦ ବିକ୍ରି କରୁଥିବା ଅଭିଯୋଗରେ ପୋଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଡ଼ମାଣତୀର ଗ୍ରାମର ଡଲି ସେଠୀ। ତାଙ୍କ ନିକଟରୁ ୧୫ ଲିଟର ଦେଶୀ ରନ୍ଧାମଦ, ୪୬ ଲିଟର ବିଅର ଓ ୫୪୦୦ ଲିଟର ପୋଚ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୪୪/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ଡଲି ଦୀର୍ଘବର୍ଷ ହେବ ସ୍ଥାନୀୟ ଅଞ୍ଚଳରେ ବେଆଇନ ଭାବେ ମଦ ବିକ୍ରି କରୁଥିଲେ। ଓଆଇସି ରାଜେନ୍ଦ୍ର ଖେସ୍‌ଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା। ଡଲିଙ୍କୁ ଗିରଫ କରାଯିବା ସହ ମଦ ଜବତ ହୋଇଥିଲା।

### ବଜ୍ରପାତରେ ୪ ଗୁରୁତର

ଟାଙ୍ଗୀ,୧୬।୬(ରଘୁନାଥ ସାହୁ): ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ କଳକଳେଶ୍ୱର ପଞ୍ଚାୟତର ତାରିମ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ବଜ୍ରପାତ ଘଟି ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଶୁଭମ୍ ଚମ୍ପତି (୧୮), ଦୀନେଶ ସାହୁ (୨୨), ସୁନୀଲ ସାହୁ (୧୮) ଓ ଜିଜ୍ଞାସା ସାହୁ (୧୬)। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଶୁଭମ୍, ଦୀନେଶ ଓ ସୁନୀଲଙ୍କୁ ଭୁବନେଶ୍ୱରସ୍ଥିତ ଏମ୍‌ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ପ୍ରାଥମିକ ଚିକିତ୍ସା ପରେ ଜିଜ୍ଞାସା ଘରକୁ ଫେରିଥିଲେ। ସୂଚନା ମୁତାବକ, ଗ୍ରାମର ଦୀନବନ୍ଧୁ ସାହୁଙ୍କ ଘର ପଛପଟେ ପିଲାମାନେ ଭୋଜି କରୁଥିଲେ। ଅପରାହ୍ନରେ ହଠାତ୍ ପବନ ବହିବା ସାଙ୍ଗକୁ ବଜ୍ରପାତ ହେବାରୁ ପିଲାମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।



କାଳବୈଶାଖୀ ପ୍ରଭାବରେ ଶୁକ୍ରବାର ନିରାକାରପୁର ବଜାରସ୍ଥିତ ଏକ ଘର ଉପରେ ଗଛ ଉପୁଡ଼ି ପଡ଼ିଛି।



ଦୋକାନ ଗୃହର ଆଜବେଷ୍ଟସ ଭାଙ୍ଗିଯାଇଛି।

# କାଳବୈଶାଖୀ ରଚିଲା ତାଣ୍ଡବ

ନିରାକାରପୁର,୧୬।୬
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ଖୁବ୍ ଜୋର୍‌ରେ ପବନ ବହିବା ସାଙ୍ଗକୁ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଫଳରେ ବହୁ ସ୍ଥାନରେ ଗଛ ଉପୁଡ଼ିବା ସହ ଡାଳ ଭାଙ୍ଗିପଡ଼ିବାରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା।

ଶୁକ୍ରବାର ପୂର୍ବାହ୍ନରେ ଅସହ୍ୟ ଗରମ ଓ ଗୁଳୁଗୁଳି ହୋଇଥିଲା। ଅପରାହ୍ନ ପ୍ରାୟ ୩ଟା ୪୦ରେ ହଠାତ୍ ପବନ ବହିବା ସାଙ୍ଗକୁ ବର୍ଷା ହୋଇଥିଲା। ଲୋକମାନେ ତାତିରୁ ସାମାନ୍ୟ ଆଶ୍ୱସ୍ତି ପାଇଥିଲେ। ହେଲେ ଝଡ଼ ତୋଫାନରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ଅଞ୍ଚଳର କେତେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିବା ସହ ଡାଳ ଭାଙ୍ଗିପଡ଼ିଥିଲା। ଏପରିକି ଅଞ୍ଚଳର କେତେଜଣଙ୍କ ଘରର ଚାଳ ଓ ଆଜ୍‌ବେଷ୍ଟସ ଉଡ଼ିଯାଇଥିଲା। ବହୁ ଜୋର୍‌ରେ ପବନ ହେବାରୁ ଚାରିଆଡ଼େ ଏକପ୍ରକାର ଧୂଆଁମୟ ହୋଇଯାଇଥିଲା। କଲେଜ ଛକସ୍ଥିତ ବରଗଛର ଡାଳ ଭାଙ୍ଗି ନୂଆ ଜଗନ୍ନାଥ ସଡ଼କରେ ଦୀର୍ଘ ସମୟ ଧରି ପଡ଼ିରହିଥିଲା। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଡାଳ ରାସ୍ତାରୁ ସଫେଇ ହେବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେହିପରି ବିଏସ୍‌ଏନ୍‌ଏଲ ଅଫିସ ପରିସରରେ ଏକ ଡାଳ ମଧ୍ୟ ଭାଙ୍ଗିପଡ଼ି ରହିଛି। ତେବେ କାଳବୈଶାଖୀ ଯୋଗୁ କେତେକ ସ୍ଥାନରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ଜଣାପଡ଼ିଛି।

## ୩ ଦୋକାନ ଆଜ୍‌ବେଷ୍ଟସ ଭାଙ୍ଗିଲା

ବୋଲଗଡ଼,୧୬।୬
(ଦେବବ୍ରତ ହୋତା)



ବୋଲଗଡ଼ ବ୍ଲକ ଭୀମପଡ଼ା ବଜାରରେ ଶୁକ୍ରବାର ଅପରାହ୍ନରେ ଝଡ଼ତୋଫାନରେ ଏକ ବରଗଛର ଡାଳ ଭାଙ୍ଗି ଖସିପଡ଼ିବାରୁ ୩ଟି ଦୋକାନ ଘରର ଆଜ୍‌ବେଷ୍ଟସ ଭାଙ୍ଗିଯାଇଛି। ତେବେ ଦୋକାନ ବନ୍ଦ ଥିବାରୁ କିଛି ସାମଗ୍ରୀ ଭାଙ୍ଗିଯାଇଥିବା ବେଳେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ଡାଳ କାଟି ହଟାଇବାକୁ ଚେଷ୍ଟା କରିଥିଲେ। ହେଲେ ଘର ଭାଙ୍ଗିଯିବାର ସମ୍ଭାବନା ଥିବାରୁ ନିବୃତ୍ତ ରହିଥିଲେ। ଜେସିବି ସହାୟତାରେ ଶନିବାର ଏହି ଡାଳ ହଟାଯିବ ବୋଲି ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ନିରଞ୍ଜନ ବେହେରା ଓ ଆଗ୍ନିକ ମହାଦେବ ବେହେରା ସୂଚନା ଦେଇଛନ୍ତି।

## ଜଳିଗଲା ଦୋକାନ : ୫ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ

ବୋଲଗଡ଼,୧୬।୬(ଦେବବ୍ରତ ହୋତା)



ବୋଲଗଡ଼ ଥାନା ଛକ ବଜାରରେ ଥିବା ପ୍ରମୋଦ ଚୌଧୁରୀଙ୍କ ଭେରାଇଟ ଷ୍ଟୋର(ଦୋକାନ)ରେ ଶୁକ୍ରବାର ଭୋରୁ ଅଗ୍ନିକାଣ୍ଡ ଘଟି ବୈଦ୍ୟୁତିକ ଉପକରଣ ସହ ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ପ୍ରାୟ ୫ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ କର୍ମଚାରୀ ଅନୁମାନ କରିଛନ୍ତି। ଅନ୍ୟପକ୍ଷରେ ଦୋକାନ ମାଲିକ ପ୍ରମୋଦ କହିଛନ୍ତି, ଦୋକାନରେ ଭଲ ବିକ୍ରି ହେଉଥିବାରୁ କେତେଜଣ ଅସହିଷ୍ଣୁ ହୋଇ ଏପରି କରିଥାଇପାରନ୍ତି। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ

ଖୋର୍ଦ୍ଧା,୧୬।୬(ପ୍ରଭାତ ପାଣିଗ୍ରାହୀ)

ବରୁଣେଇ ପୀଠରେ ଚାଲିଥିବା ରଜ ମହୋତ୍ସବରେ ସମଗ୍ର ଶିକ୍ଷା ଅଭିଯାନ ଖୋର୍ଦ୍ଧା ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି। ମହୋତ୍ସବରେ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ଏକମାତ୍ର ମାର୍ଗ। ଶିକ୍ଷା ସଫଳତାର ମାର୍ଗ ପ୍ରଶସ୍ତ କରେ। ଶିକ୍ଷା ବିଭାଗ ପକ୍ଷରୁ ଏକ ଷ୍ଟଲ୍ ଖୋଲାଯାଇ ଶିକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମେଳା, ମହୋତ୍ସବକୁ ଆସିଥିବା ଅଭିଭାବକଙ୍କୁ ସଚେତନ କରୁଛନ୍ତି ଶିକ୍ଷକ।

ପିଲାଙ୍କ ପାଇଁ ଆନନ୍ଦମୟ ଶିକ୍ଷା, ଶିକ୍ଷା ଦର୍ପଣ, ରେଡିଓ ପାଠଶାଳା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ, ପ୍ରତିକାରାତ୍ମକ ଶିକ୍ଷଣ କାର୍ଯ୍ୟକ୍ରମ, ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଓ ସହବୌଦ୍ଧିକ ଅଗ୍ରଗତିର ସମୀକ୍ଷା ତଥା କାର୍ଯ୍ୟକଳାପ ତଦାରଖ ଓ ପରିଚାଳନା, ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ସ୍ୱତନ୍ତ୍ର ଶିକ୍ଷଣ ମାଧ୍ୟମରେ ମୁଖ୍ୟସ୍ରୋତକୁ ଆଣିବା, ପ୍ରଥମରୁ ଅଷ୍ଟମ ସମସ୍ତ ଛାତ୍ରୀଛାତ୍ରଙ୍କୁ ୧ ହଜାର ଟଙ୍କା ପର୍ଯ୍ୟନ୍ତ ପୋଷାକ, ଟ୍ରାକ୍ ପ୍ୟାଣ୍ଟ, ଟି-ଶର୍ଟ, ଆଇ-କାର୍ଡ, ଜୋତା ମୋଜା, ଡାଏରୀ ବିତରଣ, ଖରାଛୁଟି ଅବସରକାଳୀନ ଗୃହପାଠ, ହେଲ୍ପଡେସ୍କ କାର୍ଯ୍ୟକ୍ରମି ପ୍ରତି ଗୁରୁତ୍ୱ ଦିଆଯାଉଛି। ଓଡ଼ିଶା କ୍ୟାରିୟର ପୋର୍ଟାଲ ଗଠନ, ମଧ୍ୟାହ୍ନ ଭୋଜନ, ମା' ସହ ଶିଶୁ, ମା' ସହ ଶିକ୍ଷା ନୂତନ ଅଭିନବ ପ୍ରୟାସ ସମ୍ପୃକ୍ତି କାର୍ଯ୍ୟକ୍ରମ, ୫ଟି କାର୍ଯ୍ୟକ୍ରମ ଅନ୍ତର୍ଗତ ଉଚ୍ଚ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ, ଆକାଂକ୍ଷା କାର୍ଯ୍ୟକ୍ରମ, ନୂଆ ଶିକ୍ଷା କ୍ୟାଲେଣ୍ଡର, ଶ୍ରେଣୀଗୃହ ଶିକ୍ଷଣରେ ସାମିଲ ହେବା ଓ ବାସ୍ତବ ଶିକ୍ଷଣ ପରିବେଶରେ ପାଠ ପଢ଼ିବା ଏବଂ 'ବିଦ୍ୟାଳୟକୁ ହଁ ବାଲ୍ୟବିବାହକୁ ନା' ଆଦି କାର୍ଯ୍ୟକ୍ରମ ହାତକୁ ନେଇ ଶିକ୍ଷାର ପଥକୁ ଆଲୋକିତ କରିବା ପାଇଁ ପ୍ରୟାସ ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଇଓ ସନ୍ଧ୍ୟାରାଣୀ ରାଉତ, ଏବିଇଓ ଭରତ ଚନ୍ଦ୍ର ପ୍ରଧାନ, ସିଆରସିସି ଯୁଧିଷ୍ଠିର ସାହୁ, ରେବତୀ ପଣ୍ଡା, ଅମିୟ କୁମାର ପରିଡ଼ା, ରବି ନାରାୟଣ ପଣ୍ଡା, ପ୍ରଦ୍ୟୁମ୍ନ ମିଶ୍ର, ରବି ନାରାୟଣ ସାହୁ, ଧ୍ରୁବଚରଣ ରଣା, ରବୀନ୍ଦ୍ର ପ୍ରଧାନ, ବିକାଶ କୁମାର ମୁଦୁଲି, ସୁଶାନ୍ତ କୁମାର ସାହୁ, ଭାଗ୍ୟଶ୍ରୀ ମହାପାତ୍ର, ପୂର୍ଣ୍ଣଲକ୍ଷ୍ମୀ ମହାରଣା ଏବଂ ଅମିୟ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ସ୍ଥାୟୀ ଜମି ପଟ୍ଟା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ



ଖୋର୍ଦ୍ଧା,୧୬।୬(ପ୍ରଭାତ ପାଣିଗ୍ରାହୀ)

ଜମିଜମା ରେକର୍ଡ ସଂଶୋଧନ, ସ୍ଥାୟୀ ପଟ୍ଟା ଦାବିରେ ଜଟଣୀ ବିକାଶ ପରିଷଦ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଏଥିରେ ଦର୍ଶାଯାଇଛି ଯେ, ଜଟଣୀ ତହସିଲ ଅନ୍ତର୍ଗତ ୧୦ଟି ମୌଜା କୁଶୁମାଟି, କୁଦିଆରୀ, ଛଣଘର, କନ୍ତିଆ, ହରିରାଜପୁର, ବୁଢ଼ାପଡ଼ା, ରଥିପୁର, ନିରଞ୍ଜନପୁର, ବେରୁହାଁ, ବୈରାଙ୍ଗ ପ୍ରମୁଖ ମୌଜାର ଜମିଗୁଡ଼ିକ ଜଟଣୀ ତହସିଲର ଏଖାରଜାତ ମାହାଲ ଅଧୀନରେ ରହିଛି। ବହୁବର୍ଷ ଧରି ଏହି ୧୦ଟି ମୌଜାର ପ୍ରଜାମାନେ ଏଠାରେ ସ୍ଥାୟୀ ଘର କରି ବସବାସ କରୁଛନ୍ତି। ପରବର୍ତ୍ତୀ ସମୟରେ ଏହି ଜମିଗୁଡିକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମାର୍ଫତରେ ରେକର୍ଡଭୁକ୍ତ ଅଛି। ଫଳରେ ଏଠାରେ ବସବାସ କରୁଥିବା ପ୍ରଜା କିସମ ପରିବର୍ତ୍ତନ, ଜମିପଟ୍ଟା ସଂଶୋଧନ, ଋଣ ଉଠାଇବା, କ୍ରୟ ବିକ୍ରୟ ଆଦି କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ତେଣୁ ଏହି ଏଖାରଜାତ ମାହାଲ ଜମିକୁ ପ୍ରଜାମାନଙ୍କ ନାମରେ ରେକର୍ଡଭୁକ୍ତ କରିବା ପାଇଁ ପରିଷଦ ଦାବି କରିଛି। ପରିଷଦର ସଭାପତି ବିଜୟ କୁମାର ଛୋଟରାୟ, ସାଧାରଣ ସମ୍ପାଦକ ସୁଦର୍ଶନ ସୁନ୍ଦରାୟ, କାର୍ଯ୍ୟକାରୀ ସଭାପତି ବିଘ୍ନେଶ ବଳବନ୍ତରାୟ, କୈଳାସ ଚନ୍ଦ୍ର ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଦୁଇ ବାଇକ୍ ଧକ୍କା, ୨ ମୃତ

ଗୋପ,୧୬।୬ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ -କୋଣାର୍କ ରାସ୍ତାର ବନାଖଣ୍ଡି ନିକଟରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ଘଟଣାସ୍ଥଳରେ ୨୫ ମିନିଟ ଧରି ହୋହାଲ୍ଲା ହେବା ପରେ ୨ଟି ୧୦୮ ଆମ୍ବୁଲାନ୍ସ ପହଞ୍ଚି ମୃତକ ଓ ଗୁରୁତରଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ମାତ୍ର କୋଣାର୍କ ପୋଲିସକୁ ସ୍ଥାନୀୟ ଲୋକମାନେ ଫୋନ କରିଥିଲେ ମଧ୍ୟ ଘଟଣାସ୍ଥଳକୁ ଆସି ନ ଥିଲା। ଗୋପ ଡାକ୍ତରଖାନାରେ ୨ଟି ଆମ୍ବୁଲାନ୍ସ ପହଞ୍ଚିବା ପରେ ଡାକ୍ତର ଶିବ ପ୍ରସାଦ ମଙ୍ଗରାଜ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଉଛନ୍ତି କୋଣାର୍କ ମାଉସୀ ମା' ସାହିର ବିଜୟ ବେହେରା ଓ କୋଣାର୍କ ନଳକଣ ଗ୍ରାମର କୈଳାସ ଦାସ। ଗୁରୁତର ହୋଇଥିବା ଖରା ଗାଁ ଗ୍ରାମର ରଞ୍ଜିତ ବେହେରାଙ୍କୁ ଭୁବନେଶ୍ୱର ପଠାଯାଇଥିବା ବେଳେ କୋଣାର୍କ କରମଙ୍ଗା ବାଲିସାହି ଗ୍ରାମର ସୁବାସ ଦାସ ଗୋପ ଡାକ୍ତରଖାନାରେ ଚିକିତ୍ସା ହେଉଛନ୍ତି। ପ୍ରକାଶ ଯେ, ବିଜୟ ଓ ସୁବାସ ବାଇକରେ ଭୁବନେଶ୍ୱର ଯାଉଥିଲେ। ଅପରପାର୍ଶ୍ୱରୁ ଏକ ବାଇକ୍‌ରେ ରଞ୍ଜିତ ଓ କୈଳାସ କୋଣାର୍କ ଯାଉଥିଲେ। ବନାଖଣ୍ଡି ଛକରେ ୨ ବାଇକ୍ ଧକ୍କା ହୋଇଥିଲା।

## ଜମୁଛି ମା'ରାମଚଣ୍ଡୀଙ୍କ ରଜପର୍ବ



ବୋଲଗଡ଼,୧୬।୬(ଦେବବ୍ରତ ହୋତା)

ବୋଲଗଡ଼ର ଆରାଧ୍ୟା ଦେବୀ ମା' ରାମଚଣ୍ଡୀଙ୍କ ରଜପର୍ବ ୧୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ ପାଳିତ ହୋଇଆସୁଛି। ଏଠାରେ ରଜ ଉତ୍ସବ ୪ଦିନ ଧରି ଅନୁଷ୍ଠିତ ହୋଇଥାଏ। ମା'ରାମଚଣ୍ଡୀଙ୍କ ଚଳନ୍ତି ପ୍ରତିମା ଏକ ସୁସଜ୍ଜିତ ବିମାନରେ ପାଟୁଆରରେ ଆସି ସନ୍ଧ୍ୟାରେ ରଜପଡ଼ିଆରେ ସ୍ୱତନ୍ତ୍ର ମଣ୍ଡପରେ ବିଜେ କରିବା ସହ ରାତ୍ରରେ ପ୍ରତ୍ୟାବର୍ତ୍ତନ କରନ୍ତି। ପଟୁଆରରେ ପାରମ୍ପରିକ ଏବଂ ଆଧୁନିକ ନୃତ୍ୟ, ବାଦ୍ୟ, ପ୍ରଜ୍ଞାପନ ମେଢ଼ ଆଦି ପଚାଶ ପ୍ରକାରରୁ ଊର୍ଦ୍ଧ୍ୱ ମେଢ଼ର ଦେଖିବାକୁ ମିଳିଥାଏ। ଏହି ରଜପଡିଆରେ ଦୋକାନବଜାର ଓ ପିଲାମାନଙ୍କ ମନୋରଞ୍ଜନ ବ୍ୟବସ୍ଥା ଥିବାରୁ ସନ୍ଧ୍ୟାରୁ ଗହଳି ଲାଗି ରହୁଛି। ମା'ଙ୍କ ଦର୍ଶନ କରିବା ସହିତ ରଜପର୍ବର ମଜା ନେଉଛନ୍ତି ଦର୍ଶକ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସେହିପରି ସ୍ଥାନୀୟ ବ୍ଲକ ଅଞ୍ଚଳର ସଂପୁର, ଆରିକିମା, ଅସରଳା, ଖଣତି, ଗୋଡ଼ିଆଳି, ବେଣାଗାଡ଼ିଆ, ଧଳାପଥର ଆଦି ବିଭିନ୍ନ ସ୍ଥାନରେ ରଜ ଉତ୍ସବ ପାଳିତ ହୋଇଛି।

## ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ

ବୋଲଗଡ଼,୧୬।୬(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ରାଜସୁନାଖଳାସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣୀ ମଣ୍ଡପରେ ଶୁକ୍ରବାର ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକର ବିଜୁ ଜନତା ଦଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସ୍ତରରେ ଦଳକୁ ସୁଦୃଢ଼ କରିବା ସହ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା, ନୂତନ ଭୋଟରଙ୍କୁ ଦଳ ପ୍ରତି ଆକୃଷ୍ଟ କରିବା, ଇନ୍‌ଷ୍ଟାଗ୍ରାମରେ ସକ୍ରିୟ ହେବା, ମିଶନ ଶକ୍ତି ମା'ମାନଙ୍କୁ ସର୍ବାଗ୍ରେ ସୁଯୋଗ ଦେବା, ୱାର୍ଡ କମିଟି ଗଠନ, ଘରେ ଘରେ ଶଙ୍ଖ ଅଭିଯାନକୁ ଗୁରୁତ୍ୱ ଦେବା ଆଦି ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ତିନୋଟି ଜୋନ୍‌ର ଜିଲା ପରିଷଦ ସଭ୍ୟ/ସଭ୍ୟା, ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ କର୍ମୀମାନେ ଉପସ୍ଥିତ ଥିଲେ।



ବୈଠକରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟମାନେ।

# ସୋଲଫୁଲରେ ଝଲସିବ ୩ ରଥ

ଖୋର୍ଦ୍ଧା,୧୬।୬(ପ୍ରଭାତ ପାଣିଗ୍ରାହୀ)

ଆଉ ୩ ଦିନ ପରେ ମହାପ୍ରଭୁଙ୍କ ଘୋଷଯାତ୍ରା। ବଡ଼ଦାଣ୍ଡରେ ଗଡ଼ିବ ରଥ। ଏନେଇ ଚଳଚଞ୍ଚଳ ଶ୍ରୀକ୍ଷେତ୍ର। ରତ୍ନବେଦି ଛାଡ଼ି ଭାଇଭଉଣୀଙ୍କୁ ଧରି ଗୁଣ୍ଡିଚାକୁ ବିଜେ କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ। ଅନ୍ୟପଟେ ତିନି ରଥରେ ଝଲସିବ ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇସାହି ରାଜକିଶୋର ଓ ବୀରକିଶୋର ପରିବାରଙ୍କ ହାତତିଆରି ସୋଲଫୁଲ। ଏଥିଲାଗି ଦିନରାତି ଲାଗିପଡ଼ିଛନ୍ତି ଏହି ପରିବାର। ସିଂହଦ୍ୱାରରେ ତିନିରଥ ଲାଗିବା ପରେ ଏହି ପରିବାର ଦ୍ୱାରା ସୋଲରେ ପ୍ରସ୍ତୁତ କଦମ୍ବ, ସୂର୍ଯ୍ୟମୁଖୀ, ସେବତି ଆଦି ବିଭିନ୍ନ କିସମର ଫୁଲରେ ସଜେଇ ହେବ ତିନି ରଥ। ନେତ୍ର ଉତ୍ସବ ଦିନ ସୋଲଫୁଲ ଧରି ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କରିବ ରାଜକିଶୋରଙ୍କ ପରିବାର। ଗତ ୨୩ ବର୍ଷ ଧରି ବିନା ପାରିଶ୍ରମିକରେ ସେବା ଯୋଗାଇ ଆସୁଛି ଏହି ପରିବାର। ମହାପ୍ରଭୁଙ୍କ ସେବାରେ ପାରିଶ୍ରମିକର କୌଣସି ମୂଲ୍ୟ ନାହିଁ ବୋଲି ପରିବାର ପକ୍ଷରୁ କୁହାଯାଇଛି।

ବୀରକିଶୋର କୁହନ୍ତି, କାର୍ତ୍ତିକ ମାସଠାରୁ କାକଟପୁର, ଅସ୍ତରଙ୍ଗ, ନିମାପଡ଼ା ଆଦି ସ୍ଥାନରୁ ସୋଲ ସଂଗ୍ରହ କରାଯାଏ। ପରେ ଏହାକୁ ଖରାରେ ଶୁଖାଇ ପ୍ରସ୍ତୁତ କରାଯାଏ। ଫୁଲ ପ୍ରସ୍ତୁତ ଲାଗି ସୋଲକୁ ବିଭିନ୍ନ ସାଇଜ୍‌ରେ କଟାଯାଏ। ଚୁମୁକି, ସୂତା ଏବଂ ବଡ଼ ଛୁଞ୍ଚି ବ୍ୟବହାର କରାଯାଇ ଫୁଲର ଆକାର ଦିଆଯାଏ। ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ ହୋଇଥାଏ। ସେହିଦିନ ପରିବାର ସଦସ୍ୟ ଶୁଦ୍ଧପୂତ ଭାବେ ମହାପ୍ରଭୁଙ୍କ ଆରାଧନା କରି କାର୍ଯ୍ୟ ଆରମ୍ଭ କରୁ। ନେତ୍ର ଉତ୍ସବ ପୂର୍ବଦିନ କାମ ସରିଥାଏ। ଏହାକୁ ନେଇ ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ରଥରେ ସଜ୍ଜିତ କରାଯାଏ। ସେହିପରି ଗଣେଶ କୁହନ୍ତି, ମହାପ୍ରଭୁଙ୍କ ସେବା ଭାଗ୍ୟରେ ଥିଲେ ମିଳେ। ପ୍ରତିବର୍ଷ ମହାପ୍ରଭୁଙ୍କ ତିନିରଥରେ ସୋଲନିର୍ମିତ ଫୁଲ ଖଞ୍ଜିବାରେ ଆନନ୍ଦ ମିଳିଥାଏ। ନନ୍ଦିଘୋଷ ରଥରେ ଫୁଲ ସଜାଇବାରେ ଆନନ୍ଦ କହିଲେ ନ ସରେ। ମହାପ୍ରଭୁ ଏହି ସେବା ପ୍ରଦାନ କରିଥିବାରୁ ନିଜକୁ ଧନ୍ୟ ମନେକରୁଛି। ଏହି ସେବା ତୁଳନାରେ ପାରିଶ୍ରମିକ ତୁଚ୍ଛ ବୋଲି ପରିବାର ସଦସ୍ୟ କହିଛନ୍ତି। ଏଥିରେ ପରିବାରର ମହିଳାମାନେ ମଧ୍ୟ ସହଯୋଗ କରିଥାନ୍ତି। ବୀରକିଶୋରଙ୍କ ସହଧର୍ମିଣୀ ମିକିନା କହିଛନ୍ତି, ମୋ ଘର ପୁରୀ ହେଲେ ମଧ୍ୟ ଇଚ୍ଛା ଥାଇ ବି ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ମିଳି ନ ଥିଲା। ଏଠାକୁ ବିବାହ ହୋଇ ଆସିବା ପରେ ଏହି ଅନନ୍ୟ ସେବା କରିବାର ସୁଯୋଗ ପାଇଛି। ସେହିଭଳି ଗଣେଶଙ୍କ ସ୍ତ୍ରୀ କବିତା କୁହନ୍ତି, ଘର କାମ ସହ ଏଥିରେ ସହଯୋଗ କରୁଛି। ସୋଲଫୁଲ ପ୍ରସ୍ତୁତ ବେଳେ ମହାପ୍ରଭୁଙ୍କ ଅନୁଭବ କରିଥାଉ। ଏଥିରେ ନିଆରା ଭାବ ରହିଛି। ରାଜକିଶୋର କୁହନ୍ତି, ୧୯୯୯ ମସିହାରେ ମହାପ୍ରଭୁଙ୍କ ରଥଯାତ୍ରା ଦେଖିବା ଲାଗି ଭାଇମାନେ ମିଶି ଯାଇଥିଲୁ। ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ସମୟରେ ଭାବବିହ୍ୱଳ ହୋଇ ରଥରେ ସେବା ସୁଯୋଗ ଦେବା ଲାଗି ନିବେଦନ କରିଥିଲୁ। ସୋଲ କାରିଗର ହୋଇଥିବାରୁ ରଥ ଚତୁଃପାର୍ଶ୍ୱକୁ ସୋଲଫୁଲରେ ସାଜସଜ୍ଜା ଲାଗି ମହାପ୍ରଭୁଙ୍କୁ ଗୁହାରି ଜଣାଇଥିଲୁ। ମହାପ୍ରଭୁଙ୍କ ସ୍ୱପ୍ନାଦେଶ ପାଇ ପରେ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ କରିଥିଲୁ। ଶ୍ରୀମନ୍ଦିର ପ୍ରଶାସନ ଆମକୁ ସୋଲଫୁଲ ଲାଗି ଅନୁମତି ପ୍ରଦାନ କରିଥିଲେ। ଏହା ମହାପ୍ରଭୁଙ୍କ ଆଶୀର୍ବାଦ ଭାବି ତା' ପର ବର୍ଷ ଠାରୁ ଅର୍ଥାତ୍ ୨୦୦୦ ମସିହାରୁ ସୋଲରେ ଫୁଲ ପ୍ରସ୍ତୁତ କରି ଯୋଗାଇ ଆସୁଛୁ।

### ମହାପ୍ରଭୁଙ୍କ ସେବାରେ ଗୁରୁଜଙ୍ଗ ଭୋଇ ପରିବାର



## ସଂକ୍ଷେପରେ

### ୪ ବଖରା ଜଳିଗଲା, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ନିମାପଡ଼ା,୧୬।୬ (ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଥାନା ଅନ୍ତର୍ଗତ ଧଳେଶ୍ୱର ପଞ୍ଚାୟତର ଉହାଙ୍ଗ ମଲ୍ଲିକସାହି ଗ୍ରାମରେ ଶୁକ୍ରବାର ମଧ୍ୟାହ୍ନରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ମଗୁଲି ମଲ୍ଲିକ ଓ ବିଜୟ ମଲ୍ଲିକ ୨ ଭାଇଙ୍କର ୪ ବଖରା ଜଳିଯାଇଥିବା ବେଳେ ଧାନ, ଚାଉଳ, ଲୁଗାପଟା, ବାସନକୁସନ, ଫର୍ନିଚର ଆଦି କାଠ ସାମଗ୍ରୀ ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ନିମାପଡ଼ା ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ସେବା ସଂସ୍ଥା ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ ଓ ଗ୍ରାମବାସୀ କହିଛନ୍ତି। କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଯୁବନେତା ଦୁଃଖିଶ୍ୟାମ ମଲ୍ଲିକ, ଜିତେନ୍ଦ୍ର ମଲ୍ଲିକଙ୍କ ସମେତ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ବଜ୍ରପାତରେ ପୋଡ଼ିଗଲା ଗୃହ

ଡେଲାଙ୍ଗ,୧୬।୬(ରଶ୍ମିରଞ୍ଜନ ପ୍ରଧାନ): ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଆଙ୍କୋଇ ଗ୍ରାମରେ ଶୁକ୍ରବାର ଅପରାହ୍ନ ୪ଟାରେ ବଜ୍ରପାତରେ ପରମାନନ୍ଦ ବେହେରାଙ୍କ ୨ବଖରା ପୋଡ଼ିଯାଇଛି। ହେଲେ ପରିବାର ସଦସ୍ୟମାନେ ଅଳ୍ପକେ ରକ୍ଷାପାଇଛନ୍ତି। ଘଟଣା ଅନୁଯାୟୀ ମଧ୍ୟାହ୍ନରେ ଅସହ୍ୟ ଗୁଳୁଗୁଳି ହେଉଥିବା ବେଳେ ପରମାନନ୍ଦଙ୍କ ପରିବାରର ୪ଜଣ ସଦସ୍ୟ କଚାଘରେ ଶୋଇଥିଲେ। ହଠାତ୍ କଳାହାଣ୍ଡିଆ ମେଘ ଆସିଥିବା ବେଳେ ବଜ୍ରପାତ ତାଙ୍କ ଘରେ ମାଡହୋଇଥିଲା। ବଜ୍ରପାତ ଶବ୍ଦରେ ପରିବାର ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ଚାଲିଆସିଥିଲେ। ଆଶ୍ରୟ ନେଇଥିବା ଘରଟି ଜଳୁଥିବାର ଦେଖି ଘଡ଼ଘଡ଼ି ଭୟରେ ଦୌଡ଼ିବାକୁ ଲାଗିଥିଲେ। ଏଥିରେ ତାଙ୍କର ଫ୍ୟାନ୍, ଘରକରଣା ଜିନିଷ, ଜରୁରୀ କାଗଜପତ୍ର, ଲୁଗାପାଟା, ଧାନ, ଚାଉଳ, ମୁଗ, ବିରି ବଜ୍ରପାତରେ ପୋଡ଼ିଯାଇଛି। ଖବରପାଇ ଡେଲାଙ୍ଗ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଅଗ୍ନିଶମ ଅଧିକାରୀ ଚନ୍ଦ୍ରଶେଖର ଜେନା ସୂଚନା ଦେଇଛନ୍ତି। ବିପନ୍ନ ପରିବାରଙ୍କ ନିକଟରେ ଗଡମୋଟରୀ ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ରମଣୀରଞ୍ଜନ ଚମ୍ପତିରାୟ ପହଞ୍ଚି ସମବେଦନା ଜଣାଇବା ସହିତ ଶୁଖିଲା ଖାଦ୍ୟ ଓ ପୋଷାକ ପ୍ରଦାନ କରିଛନ୍ତି।

### ଗମ୍ଭାରୀରେ ରଜ ପାଳିତ

ବ୍ରହ୍ମଗିରି,୧୬।୬ ( ସ୍ୱାଧୀନ ଚମ୍ପତିରାୟ): କୃଷ୍ଣପ୍ରସାଦ ବ୍ଲକର ଗମ୍ଭାରୀ ଗ୍ରାମରେ ରଜ ଉତ୍ସବ ପାଳିତ ହୋଇଯାଇଛି। ଏହି ଗ୍ରାମରେ ସବୁବେଳେ ବିଭିନ୍ନ କାରଣକୁ ନେଇ ଅଶାନ୍ତ ଲାଗିରହୁଥିବା ବେଳେ ବିନା ପୋଲିସ ସହାୟତାରେ ଚଳିତଥର ହଜାର ହଜାର ଲୋକଙ୍କ ସମାଗମରେ ରଜ ପର୍ବ ପାଳନ ହେଉଛି, ଯାହା ଏ ଅଞ୍ଚଳରେ ଭାଇଚାରାକୁ ଗଢିପାରିଛି। ଏହି ଗ୍ରାମରେ ଅଧିଷ୍ଠାତ୍ରୀ ମା' ଦୁଆରସୁଣୀ ପୀଠରେ ୩ଦିନ ବ୍ୟାପୀ ରଜ ଅନୁଷ୍ଠିତ ହୋଇଯାଇଛି। ନାମ ସଂକୀର୍ତ୍ତନ, ପାଇକଖେଳ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯୋଗୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ। ଏହାସହ ତିନିଦିନ ବ୍ୟାପୀ ଆତସବାଜି ଦର୍ଶକଙ୍କ ପାଇଁ ମନୋରଞ୍ଜନର ଖୋରାକ ଯୋଗାଇଛି। ମା' ଦୁଆରସୁଣୀ ପୀଠ ରଜ ପାଇଁ ଲୋକାରଣ୍ୟ ହୋଇଥିଲେ ବି ବିନା ପୋଲିସ ପ୍ରଶାସନ ସହାୟତାରେ ୪୦ଜଣିଆ ଗ୍ରାମ୍ୟ କମିଟି ଶୃଙ୍ଖଳାର ସହ ସଭାପତି ବସନ୍ତ ମାନସିଂହଙ୍କ ନେତୃତ୍ୱରେ ରଜ ମଉଜ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ପଞ୍ଚସଖାଙ୍କ ସମାଧିପୀଠ ଅବହେଳିତ

**ପ୍ରଶାସନର ନିଘା ନାହିଁ**

- ମୁକୁଳା ପଡ଼ିଛି ଫାଟକ, ଜମୁଛି ନିଶାଡ଼ିଙ୍କ ଆଡ୍ଡା
- ରକ୍ଷଣାବେକ୍ଷଣ ବିନା ଉଜୁଡ଼ିଯାଉଛି ଉନ୍ନୟନ କାର୍ଯ୍ୟ

ସାକ୍ଷୀଗୋପାଳ,୧୬।୬
(କିଶୋର ମହାପାତ୍ର /ପ୍ରଶାନ୍ତ ବାରିକ)



ପୁରୀ ଜିଲା ସତ୍ୟବାଦୀ ବକୁଳବନରେ ପୁଣ୍ୟାତ୍ମା ପଞ୍ଚସଖାଙ୍କ ସ୍ମୃତି ରକ୍ଷା ନିମନ୍ତେ ପ୍ରତିଷ୍ଠା ହୋଇଥିବା ପଞ୍ଚସଖା ସ୍ମୃତି ସମାଧିପୀଠ ଏବେ ଅବହେଳିତ ହୋଇପଡ଼ିଛି। ଅନାବନା ଲଟା ବୁଦାରେ ଏହି ପୀଠ ପରିପୂର୍ଣ୍ଣ ହୋଇଥିବାବେଳେ ସନ୍ଧ୍ୟା ହେଲେ ନିଶାଡ଼ିଙ୍କ ଆଡ୍ଡା ଜମୁଛି। ସୁରକ୍ଷା ବ୍ୟବସ୍ଥା ଓ ରକ୍ଷଣାବେକ୍ଷଣ ଅଭାବରୁ ଉନ୍ନୟନ କାର୍ଯ୍ୟ ଉଜୁଡ଼ିଗଲାଣି। ହେଲେ ଏଥିପ୍ରତି ପ୍ରଶାସନର ନିଘା ନାହିଁ। ସେହିପରି ଚଳିତ ମାସ ୧୮ ତାରିଖରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ। କିନ୍ତୁ ଏପର୍ଯ୍ୟନ୍ତ ପୀଠ ପରିସର ସଫେଇ କରାଯାଇନାହିଁ।

ସୂଚନା ଅନୁଯାୟୀ, ଏଠାରେ ପଞ୍ଚସଖାଙ୍କ ପାର୍ଥିବ ଶରୀର ଅନ୍ତିମ ସଂସ୍କାର କରାଯିବା ପରେ ସ୍ମୃତି ସମାଧି ଗଢ଼ି ଉଠିଥିଲା। ସତ୍ୟବାଦୀ ଯୁଗର ମନୀଷୀ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର ଏବଂ ଆଚାର୍ଯ୍ୟ ହରିହର ଦାସଙ୍କ ସହିତ ପଞ୍ଚସଖାଙ୍କ ଅନୁଗାମୀ ପଣ୍ଡିତ ଲିଙ୍ଗରାଜ ମିଶ୍ର ଓ ପ୍ରଚାରକ ଅନନ୍ତ ମିଶ୍ରଙ୍କୁ ନେଇ ମୋଟ ୭ଟି ସମାଧିପୀଠ ଏହି ବକୁଳବନ ପରିସରରେ ରହିଛି। ପୁଣ୍ୟାତ୍ମାଙ୍କ ଆବିର୍ଭାବ, ତିରୋଧାନ ତଥ୍ୟ ସହିତ ସେମାନେ ରଚନା କରିଥିବା କବିତା ପଂକ୍ତିର ଅଂଶବିଶେଷ ପୃଥକ୍ ପୃଥକ୍ ଭାବେ ମାର୍ବଲ ପଥରରେ ଖୋଦେଇ କରି ସମାଧିରେ ଶ୍ରଦ୍ଧାଳୁଙ୍କ ସୂଚନା ପାଇଁ ସ୍ଥାନିତ କରାଯାଇଛି।

### ସେମାନେ ଯାହା କହନ୍ତି....

"ପଞ୍ଚସଖାଙ୍କ ସମାଧିପୀଠକୁ ସଫାସୁତୁରା ରଖିବା ସହ ରାତ୍ରି ସମୟରେ ଆଲୋକିତ କରାଗଲେ ଏଠାକୁ ଆସୁଥିବା ଲୋକେ ସୁବିଧାରେ ପରିଦର୍ଶନ କରିପାରିବେ। ସେହିପରି ବ୍ଲକ ପ୍ରଶାସନ ଏହି ପବିତ୍ର ସ୍ଥାନକୁ ସଫା ରଖିବା ସହ ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ। **–ମନୋରଞ୍ଜନ ମିଶ୍ର, ଶିକ୍ଷାବିତ୍**

"କେବଳ ଉତ୍କଳମଣିଙ୍କ ଜୟନ୍ତୀ ଉତ୍ସବରେ ସମାଧି ପୀଠକୁ ସ୍ଥାନୀୟ ପ୍ରଶାସନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଫା କରୁଛନ୍ତି। ସେଠାରେ ଥିବା ଅନ୍ୟ ମହାପୁରୁଷଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସରେ ସେହି ସ୍ଥାନକୁ ପରିଷ୍କାର କରି ଦୀପ ଜାଳିବା କ'ଣ ପ୍ରଶାସନ କିମ୍ବା କୌଣସି ନେତୃବୃନ୍ଦଙ୍କର କର୍ତ୍ତବ୍ୟ ନୁହେଁ?
**–ବିକ୍ରମ ଦାଶ, ବୁଦ୍ଧିଜୀବୀ**

"ସମାଧି ପୀଠର ଅବ୍ୟବସ୍ଥା ସମ୍ପର୍କରେ ମୁଁ ଅବଗତ ରହିଛି। ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପୂର୍ବରୁ ସେହି ସ୍ଥାନକୁ ସଫା କରାଯିବ।
**–ଲୋଚନ ଦାଶ, ବିଡିଓ, ସତ୍ୟବାଦୀ**

"ଏହି ପୀଠକୁ ଖୁବ୍‌ଶୀଘ୍ର ଆକର୍ଷଣୀୟ କରାଯିବ। ଏଥିସହ ଏହା ସଂଲଗ୍ନ ଲାଇବ୍ରେରି ଓ ମିନି ଷ୍ଟାଡିୟମର କାର୍ଯ୍ୟ ଆରମ୍ଭ କରାଯିବ। ଆଗରୁ ଆର୍ଥିକ ଅନୁଦାନ ଦ୍ୱାରା ଯେଉଁ ଉନ୍ନତିମୂଳକ କାମ କରାଯାଇଥିଲା, ତାହା ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଛି। ତେଣୁ ଏବେ ଅନୁଦାନ ଖର୍ଚ୍ଚ ସାଙ୍ଗକୁ ସରକାରୀ ଓ ଘରୋଇ ସ୍ତରରେ ସୁରକ୍ଷା ପାଇଁ ବ୍ୟବସ୍ଥା ହେବ।
**– ସୁନୀଲ କୁମାର ପଣ୍ଡା, ଅଧ୍ୟକ୍ଷ, ସତ୍ୟବାଦୀ ପଞ୍ଚାୟତ ସମିତି**

ସ୍ମୃତିପୀଠକୁ ଆକର୍ଷଣୀୟ କରିବା ସହ ବିକାଶ ନିମନ୍ତେ ପ୍ରାଚୀର, ପ୍ରାର୍ଥନା ନିମନ୍ତେ କଡପା ପଥରରେ ଚଟାଣ, ପାଥ୍ ୱେ, ଫାଟକ, ଫୁଲକୁଣ୍ଡ, ଆଲୋକ ବ୍ୟବସ୍ଥା, ସଂଲଗ୍ନ ପକ୍କାରାସ୍ତା, ପୁଷ୍କରିଣୀ, ଫୁଲବଗିଚା ଆଦି ରାଜ୍ୟ ସରକାରଙ୍କ ଅନୁଦାନରେ ନିର୍ମିତ ହୋଇଥିଲା। ପ୍ରଥମେ ୧୯୯୬ରେ ସତ୍ୟବାଦୀର ତତ୍କାଳୀନ ବିଧାୟକ ପ୍ରସାଦ ହରିଚନ୍ଦନଙ୍କ ପ୍ରୟାସ ଓ ତତ୍ତ୍ୱାବଧାନରେ ଏହି ପୀଠର ପୁନରୁଦ୍ଧାର ସହ ଏହାକୁ ଏକ ମନୋରମ ଉଦ୍ୟାନରେ ପରିଣତ କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହାର ଉନ୍ନୟନ କରାଯିବା ସହିତ କିଛିଦିନ ପାଇଁ ଅସ୍ଥାୟୀ ଭାବେ ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲାଯାଇଥିଲା। ପ୍ରତ୍ୟହ ସକାଳେ ଓ ସନ୍ଧ୍ୟାରେ ଲୋକେ ଅବସର ବିନୋଦନ ନିମନ୍ତେ ଏଠାରେ ଭିଡ଼ ଜମାଉଥିଲେ। ଏପରିକି ମନୋରମ ପରିବେଶରେ ଆଲ୍‌ବମ୍ ଶୁଟିଂ କରାଯାଉଥିଲା। ମାତ୍ର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅବହେଳିତ ଅବସ୍ଥାରେ ପହଞ୍ଚିଥିଲା। ପୁନଶ୍ଚ ୨୦୧୪ରେ ଏହାର ନବୀକରଣ କାର୍ଯ୍ୟ କରାଯାଇ ଆକର୍ଷଣୀୟ କରାଯାଇଥିଲା। ହେଲେ ପୀଠଟି ଏବେ ଯଥାପୂର୍ବଂ ତଥା ପରମ୍ ଅବସ୍ଥାରେ ପହଞ୍ଚିଛି। ଅନାବନା ଲଟାବୁଦାରେ ଫୁଲବଗିଚା ଭରିଛି। ସଞ୍ଜ ହେଲେ ନିଶାଡ଼ିଙ୍କ ଆସର ଜମୁଛି। ଫାଟକ ମୁକୁଳା ପଡ଼ିଛି। ଫୁଲ, ଚନ୍ଦନ, ଦୀପ, ଧୂପରେ ଭରିରହିବା ଉପାସନା ସ୍ଥଳରେ ଏବେ ମଦବୋତଲ, ଦରପୋଡ଼ା ବିଡ଼ି, ସିଗାରେଟ୍, ଗୁଟ୍‌ଖା ପାଉଚ ଦେଖିବାକୁ ମିଳୁଛି। ପୁଣ୍ୟାତ୍ମାଙ୍କ ସ୍ମୃତି ସମାଧିପୀଠ ଅଲୋଡ଼ା ହୋଇପଡ଼ିଛି। ମହାପୁରୁଷଙ୍କ ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ସଙ୍ଗଠନଗୁଡ଼ିକ ଏହାକୁ ସଫେଇ କରି ବ୍ୟବହାର କରୁଛନ୍ତି। ଉକ୍ତ ପୀଠକୁ ଲାଗି ନିର୍ମାଣ କରାଯାଉଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟ ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିବାକୁ ଆସୁଥିବା ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ଦୃଷ୍ଟି ଆଢୁଆଳରେ ଏହା ରହିଯାଇଛି। ଏହି ପୁଣ୍ୟପୀଠ ପ୍ରତି ପ୍ରଶାସନିକ ସ୍ତରରେ ଅବହେଳାକୁ ନେଇ ସାଧାରଣରେ ଅସନ୍ତୋଷ ଏବଂ କ୍ଷୋଭ ପ୍ରକାଶ ପାଇଛି।

# ସଫେଇ ନାଳ ଖନନରେ ଅନିୟମିତତା

ଡେଲାଙ୍ଗ,୧୬।୬(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକରେ ବନ୍ୟା ନିୟନ୍ତ୍ରଣ ପାଇଁ ପୋତି ହୋଇ ପଡିରହିଥିବା ଖଲାସିନାଳଗୁଡିକୁ ଖନନ ପାଇଁ ଡ୍ରେନେଜ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଛି। ଏଥିରେ ୧୪ ସଫେଇ ନାଳ ଓ ୪ଟି କଲଭର୍ଟ ବ୍ରିଜ୍ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ଏବେ ବ୍ଲକର ନୂଆଗାଁଠାରୁ ବାରପୋଲିଆ, ରାମଚନ୍ଦ୍ରପୁରଠାରୁ ବାରପୋଲିଆ, ତେଇସିପୁର-ନଡାଖଣ୍ଡ ସଫେଇ ନାଳ ଓ ଘୋରଡିଆଠାରୁ କଲ୍ୟାଣପୁର ପ୍ରମୁଖ ସଫେଇନାଳ ବିଭାଗ ପକ୍ଷରୁ ଖନନ କରାଯାଉଛି। ହେଲେ ସମ୍ପୃକ୍ତ ଠିକାଦାରଙ୍କ ନିମ୍ନମାନର ଖନନ କାର୍ଯ୍ୟ ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଦି ଖନନ କାର୍ଯ୍ୟ ସୁଚାରୁରୂପେ କରା ନ ଯାଏ ତେବେ ଆଗକୁ ବର୍ଷାଜଳ ନିଷ୍କାସନ ହେବାରେ ସମସ୍ୟା ଉପୁଜିବ। ଦୀର୍ଘବର୍ଷ ପରେ ନାଳଗୁଡିକୁ ଖନନ କରିବା ପାଇଁ ଟେଣ୍ଡର ହୋଇଥିଲେ ମଧ୍ୟ ଏହାକୁ ବିଧିବଦ୍ଧ ଭାବେ ଠିକାଦାର ଖୋଳୁ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଛି । ଏ ନେଇ ଗତ ୧୧ ତାରିଖରେ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ଜେନା ଘଟଣାସ୍ଥଳକୁ ଆସି ତଦାରଖ କରିଥିଲେ। କୌଣସି ସ୍ଥାନରେ କାର୍ଯ୍ୟରେ ସମସ୍ୟା ହେଲେ କନିଷ୍ଠ ଯନ୍ତ୍ରୀଙ୍କୁ କହି କାମ କରାଇନେବା ପାଇଁ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଠିକାଦାରଙ୍କ ଦ୍ୱାରା ଖନନ କାର୍ଯ୍ୟ ଠିକ୍ ଭାବେ ନ ହେବାରୁ ଗତ ବୁଧବାର ଡ୍ରେନେଜ ବିଭାଗର କନିଷ୍ଠଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚିବା ପରେ ସ୍ଥାନୀୟ ବାସିନ୍ଦା ରଶ୍ମିରଞ୍ଜନ ଜେନା ଓ ବିଭିନ୍ନ ଗ୍ରାମର ଲୋକ ଆସି ଯନ୍ତ୍ରୀଙ୍କଠାରୁ କାର୍ଯ୍ୟ ନିୟମାବଳୀ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ହେଲେ ଯନ୍ତ୍ରୀ ମନା କରିବାରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଜେସିବି ଚଢାଇଦେବେ ବୋଲି ଗ୍ରାମବାସୀଙ୍କୁ ଯନ୍ତ୍ରୀ କହିଥିଲେ। ଏ ନେଇ ଗ୍ରାମବାସୀ ଡେଲାଙ୍ଗ ଥାନାରେ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଯନ୍ତ୍ରୀ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ୨ଟି ଅଭିଯୋଗକ୍ରମେ ତଦନ୍ତ ଚଳାଇଛି।

ସୂଚନା ଥାଉକି, ଦୟାନଦୀର ପିପିଲି କଣ୍ଟିକାଜ ଦେଇ ଉଦ୍‌ବୃତ୍ତ ବନ୍ୟାଜଳ ପ୍ରତିବର୍ଷ ମଲିଗାଁ ଦେଇ ଡେଲାଙ୍ଗ ବ୍ଲକକୁ ପ୍ରବେଶ କରିଥାଏ। ଖଲାସିରେ ଠିକ୍ ଭାବେ ବନ୍ୟାଜଳ ନିଷ୍କାସନ ହୋଇପାରୁ ନ ଥିବାବେଳେ ବ୍ଲକର ଚାଇଁପୁର, ସିଂହବ୍ରହ୍ମପୁର, ଡେଲାଙ୍ଗ-କୋଠବାଡ଼, ମୁନିନ୍ଦା, ଗୁଆଳିପଡ଼ା, କଲ୍ୟାଣପୁର, ଧାନକେରା, ଅଭୟମୁଖୀ ଆଦି ପଞ୍ଚାୟତର ଲୋକେ ବନ୍ୟା ପରିସ୍ଥିତିର ସାମ୍ନା କରିବା ସହିତ ଚାଷଜମି କ୍ଷତିଗ୍ରସ୍ତ ହେଉଛି। ଅନ୍ୟ ପଞ୍ଚାୟତରେ ମଧ୍ୟ ଖଲାସିର ସମାନ ଅବସ୍ଥା। ଅପରପକ୍ଷେ ଖଲାସି, ନାଳବନ୍ଧଗୁଡିକୁ ସୁଦୃଢ କରିବା ପାଇଁ ବନ ବିଭାଗ ପକ୍ଷରୁ ଚାରାରୋପଣ କରାଯାଇଥିଲା। ହେଲେ ଠିକାଦାର ଗଛଗୁଡିକୁ କାଟି ନେଇଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ତେଣୁ ଚାଷୀ ଓ ବିଭାଗୀୟ ମଧ୍ୟରେ ଆଲୋଚନା କରାଯାଇ ଖନନ କାର୍ଯ୍ୟ କରାଯିବାକୁ ସାଧାରଣରେ ଦାବି ହୋଇଛି । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।

# ପିପିଡବ୍ଲ୍ୟୁଓର ଫିଜିଓଥେରାପି କେନ୍ଦ୍ର ଉଦ୍‌ଘାଟିତ



ବିଧାୟକ ସମୀର ରଞ୍ଜନ ଦାଶ ଫିଜିଓଥେରାପି କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି ।

ନିମାପଡ଼ା,୧୬।୬ (ବିଚିତ୍ରାନନ୍ଦ ସାହୁ):

ପୁରୀ ଜିଲା ସାମାଜିକ ସୁରକ୍ଷା ଓ ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହାୟତାରେ ପିଙ୍ଗଳାକ୍ଷୀ ପବ୍ଲିକ ୱେଲ୍‌ଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ପକ୍ଷରୁ ନିମାପଡ଼ାରେ ନୂତନ ଏକ ଫିଜିଓଥେରାପି କେନ୍ଦ୍ର ପ୍ରତିଷ୍ଠା ହୋଇଛି। ବରିଷ୍ଠ ନାଗରିକଙ୍କ ନିମନ୍ତେ ଏହି କେନ୍ଦ୍ର ଖୋଲାଯାଇଛି। ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି ନୂତନ କେନ୍ଦ୍ରକୁ ଉଦ୍‌ଘାଟନ କରିଥିବା ବେଳେ ମାଗଣାରେ ବରିଷ୍ଠ ନାଗରିକମାନେ ଏହି କେନ୍ଦ୍ରର ସୁବିଧା ସୁଯୋଗ ନେଇପାରିବେ ଓ ଶାରୀରିକ, ମାନସିକ କ୍ଷେତ୍ରରେ ବରିଷ୍ଠ ନାଗରିକମାନେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଉପକୃତ ହେବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ସମାଜ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା, ନିମାପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ନିମାପଡ଼ା ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପିପିଡବ୍ଲ୍ୟୁଓ ସଭାପତି ଗଗନ ବିହାରୀ ଦାସ ଉତ୍ସବରେ ଅଧ୍ୟକ୍ଷତାକରି ଏହି ନୂତନ କେନ୍ଦ୍ର ଦ୍ୱାରା ବରିଷ୍ଠ ନାଗରିକମାନେ କିପରି ଚିକିତ୍ସା ସୁବିଧା ପାଇପାରିବେ ସେଦିଗରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ସଂଗଠନ ଉପସଭାପତି ପଦ୍ମଲୋଚନ ମହାନ୍ତି, ଗିତନନ୍ଦା ପଟ୍ଟନାୟକ, ଲିଲିବଳ, ପ୍ରଭାତ ବେହେରା, ମାନସ ପଟ୍ଟନାୟକ, ସୁକାନ୍ତ ମଲ୍ଲିକ, ଭବାନୀ ଶଙ୍କର ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

# ଗୋବର୍ଦ୍ଧନ ପୀଠରେ ପ୍ରାକଟ୍ୟ ମହୋତ୍ସବ

ପୁରୀ ଅଫିସ, ୧୬।୬:



ପୁରୀ ଗୋବର୍ଦ୍ଧନ ପୀଠରେ ପ୍ରାକଟ୍ୟ ମହୋତ୍ସବ ପାଳନ କରାଯାଉଛି।

ଆଷାଢ କୃଷ୍ଣ ତ୍ରୟୋଦଶୀ ତିଥିରେ ଶୁକ୍ରବାର ପୁରୀ ଶ୍ରୀଗୋବର୍ଦ୍ଧନ ପୀଠରେ ପୀଠାଧିଶ୍ୱର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଜୀ ମହାରାଜଙ୍କ ୮୧ତମ ପ୍ରାକଟ୍ୟ ମହୋତ୍ସବ ପାଳନ କରାଯାଇଛି। ପୂର୍ବାହ୍ନରେ ଗୋବର୍ଦ୍ଧନ ଗୋଶାଳାରେ ଗୋମାତାଙ୍କ ପୂଜନ, ପୀଠ ପରିସରରେ ସାଧୁସନ୍ଥ ଓ ବିଦ୍ୟାର୍ଥୀଙ୍କୁ ନୂତନ ବସ୍ତ୍ର ବଣ୍ଟନ, ଅର୍ଦ୍ଧନାରୀଶ୍ୱରଙ୍କ ନିକଟରେ ରୁଦ୍ରାଭିଷେକ ଓ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ୧୦୮ ହନୁମାନ ଚାଳିଶା ଆଦି ପାଠ କରାଯାଇଥିଲା। ପୀଠ ପରିଷଦ, ଆନନ୍ଦ ବାହିନୀ ଏବଂ ଆଦିତ୍ୟ ବାହିନୀ ଦ୍ୱାରା ଆୟୋଜିତ ମହୋତ୍ସବ ସଂଗୋଷ୍ଠୀରେ ଯୋଗଦେଇଥିଲେ। ଆଦିତ୍ୟ ବାହିନୀ ପ୍ରଦେଶ ମହାସଚିବ ଶୁଭେନ୍ଦୁ ସ୍ୱାଇଁ, ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସଙ୍ଗଠନ ସଚିବ ସଂଗ୍ରାମ କାନୁନ୍‌ଗୋ, କଟକ କ୍ଷେତ୍ରୀୟ ସମ୍ପାଦକ ଲିଙ୍ଗରାଜ ପତି, ନିଳାମ୍ବରପୁର ଅଧ୍ୟକ୍ଷ ଅନାଥ ପ୍ରଧାନ, ବିହାର ଆଦିତ୍ୟ ବାହିନୀ ଅଧ୍ୟକ୍ଷ ହେମଚନ୍ଦ ଝା, ଆନନ୍ଦ ବାହିନୀର ପ୍ରଦେଶ ମହାସଚିବ ଚିନ୍ମୟୀ ଦେଓ, ସାହିଭାଇ ସଙ୍ଗଠନର ଅଜୟ ମିଶ୍ର, ଶୃଙ୍ଗେରୀ ମଠର ବ୍ରହ୍ମଚାରୀ ବୃନ୍ଦ, ଭାରତ ବିକାଶ ପରିଷଦର ଉର୍ମିଳା ମୁଦୁଲି, ସୁପ୍ରୀତି ରଥ ଓ ନିମାଇଁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦେଶବ୍ୟାପୀ ପୀଠ ପରିଷଦ, ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ଦ୍ୱାରା ଆୟୋଜିତ ଏହି ପ୍ରାକଟ୍ୟ ମହୋତ୍ସବକୁ ରାଷ୍ଟ୍ରୋତ୍କର୍ଷ ଦିବସ ଭାବେ ପାଳନ କରାଯାଉଛି। ଓଡ଼ିଶାର ୧୭୫ଟି ଶାଖା ନିଜ ନିଜ ସ୍ଥାନରେ ରାଷ୍ଟ୍ରୋତ୍କର୍ଷ ଦିବସ ଦିବସ ପାଳନ କରିଛନ୍ତି। ଗୋବର୍ଦ୍ଧନ ମଠରେ ପୁରୀ ନଗର ସଙ୍ଗଠନ ତରଫରୁ ଏହି ଉତ୍ସବକୁ ଦେବାଶିଷ ମିଶ୍ର, ଗଣେଶ୍ୱର ମହାସୁଆର, ବିଶ୍ୱଶାନ୍ତି ତ୍ରିପାଠୀ, ତନ୍ମୟ ଚାଟାର୍ଜୀ, ରଞ୍ଜନ ଅଗ୍ରବାଲ, ପୀତବାସ ନାୟକ, ଚୈତନ୍ୟ ସାଙ୍ଗଲେ, ଆଦିତ୍ୟ ସିଂ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ମୋ ବସ୍ ଭଙ୍ଗାରୁଜା, ଡ୍ରାଇଭରଙ୍କୁ ମାଡ଼ ଘଟଣା : ୨ ଗିରଫ

ନିମାପଡ଼ା,୧୬।୬ (ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଥାନା ଅନ୍ତର୍ଗତ ଧୀରପୁର ଛକରେ ବୁଧବାର ୩ଜଣ ଯୁବକ ମୋ ବସ୍‌କୁ ଅଟକାଇ ଇଟା ପଥର ଫିଙ୍ଗି ଗାଡ଼ିର କାଚ ଭାଙ୍ଗିଥିଲେ। ଏହାକୁ ବିରୋଧ କରିବାରୁ ଉତ୍ତ୍ୟକ୍ତ ଯୁବକମାନେ ଡ୍ରାଇଭରଙ୍କୁ ମାଡ଼ ମାରିଥିଲେ। ଏ ନେଇ ମୋ ବସ୍(ଓଡି ୦୨ ବିଜେ ୯୪୧୫)ର ଡ୍ରାଇଭର କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅନ୍ତର୍ଗତ କାକମାହା ଗ୍ରାମର ଅର୍ଜୁନ କୁମାର ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତକରି ଶୁକ୍ରବାର ୨ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଧୀରପୁର ଗ୍ରାମର ଅଟୋ ଚାଳକ ସୁବାସ ଚନ୍ଦ୍ର ପାଢ଼ୀ ଓ ବସନ୍ତ ବେହେରା। କୋର୍ଟ ୨ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ଜେଲକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଅନ୍ୟ ଜଣେ ଯୁବକ ଫେରାର ହୋଇଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୦୦/୨୩) ରୁଜୁକରି ଘଟଣାର ତଦନ୍ତ ଚାଲିଛି। ଏଥିସହ ଗିରଫ ଜଣେ ଅଭିଯୁକ୍ତଙ୍କଠାରୁ ଏକ ଅଟୋ ରିକ୍ସା ଜବତ କରିଛି।

# ପିପିଲିର ବିକାଶ ପାଇଁ ଅଣ୍ଟା ଭିଡ଼ିଲେ ପୂର୍ବତନ ବିଧାୟକ

**ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ**

ପିପିଲି,୧୬।୬(ଦୁର୍ଗାମାଧବ ମିଶ୍ର/ ପ୍ରଭାତ ମହାପାତ୍ର):

ପିପିଲି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ଅଣ୍ଟା ଭିଡ଼ିଛନ୍ତି। କିଛିଦିନ ତଳେ ପିପିଲି ବାଇପାସ୍‌ରୁ ବସ୍‌ଗୁଡ଼ିକ ସିଧା ରାଜପଥ ଦେଇ ଯାଉଥିବାରୁ ଅଞ୍ଚଳ ଭିତର ଦେଇ ବସ୍ ଯିବାକୁ ଦାବି କରିଥିବା ବେଳେ ଏବେ ପୁଣି ଅଞ୍ଚଳର ବିକାଶ କଥା ଚିନ୍ତା କରିଛନ୍ତି। ଏ ନେଇ ଶୁକ୍ରବାର ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଏକ ଖବରଦାତା ସମ୍ମିଳନୀ କରି ପୂର୍ବତନ ବିଧାୟକ ସାମନ୍ତରାୟ କହିଛନ୍ତି, ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ଜନହିତ ଦୃଷ୍ଟିରୁ ଏଠାରେ ଏକ ଉପଜିଲାପାଳଙ୍କ ଅଫିସ୍ ଖୋଲିବା ଆବଶ୍ୟକ। ସେହିପରି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟ ସ୍ଥାପନ, କାରାଗାର ସ୍ଥାପନ ହେଉ। ସେହିପରି ବଳଙ୍ଗା ଥାନାରୁ ୪ଟି ପଞ୍ଚାୟତ ଚନ୍ଦ୍ରାଦେଇପୁର, ରୂପଦେଇପୁର, ସରସ୍ୱତୀପୁର ଓ ରଥପୁରୁଷୋତ୍ତମପୁର ପିପିଲି ଥାନା ଅଧୀନକୁ ଆସିବା ସହିତ ସତ୍ୟବାଦୀ ଥାନା ଅଧୀନରେ ଥିବା ଡେଲାଙ୍ଗ ବ୍ଲକର ଅଭୟମୁଖୀ ଓ ଧାନକେରା ୨ଟି ପଞ୍ଚାୟତ ଡେଲାଙ୍ଗ ଥାନାକୁ ଅଣାଯାଉ। ପିପିଲି କୌଶଲ୍ୟାଗଙ୍ଗ ପିପିଲି ଥାନା ଓ ପିପିଲି ତହସିଲ ଅଧୀନରେ ଯାଉଥିଲେ ମଧ୍ୟ ଭୁବନେଶ୍ୱର ଏକ୍ରାମ ନିର୍ବାଚନମଣ୍ଡଳୀରେ ଭୋଟ ଦେବାରୁ ଜନସାଧାରଣଙ୍କୁ ବାଦ୍ ଦିଆଯାଇ ପିପିଲି ନିର୍ବାଚନମଣ୍ଡଳୀକୁ ଆଣିବା। ପିପିଲି ଟାଉନ ଦେଇ ମୋ ବସ୍ ଚଳାଚଳ କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ନିର୍ଦ୍ଦେଶ ଏବେ ମିଳିଛି। ସେହିପରି ପିପିଲିରେ ଅଘୋଷିତ ବିଦ୍ୟୁତ୍ କାଟ୍ ସମସ୍ୟା ଲାଗି ରହିଥିବାବେଳେ ତା'ର ସ୍ଥାୟୀ ସମସ୍ୟାର ସମାଧାନ ନିମନ୍ତେ ଠଣଠଣା ଗ୍ରୀଡ୍‌ରୁ ୩ସପ୍ତାହ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ୧୩।୬।୨୩ ତାରିଖରେ ମିଳିଥିବା ନେଇ କହିଥିଲେ ପୂର୍ବତନ ବିଧାୟକ ସାମନ୍ତରାୟ। ସେହିପରି ସାତଶଙ୍ଖସ୍ଥିତ ମା' ଉତ୍ତରାୟଣୀ ଶୀତଳଭଣ୍ଡାରଟି ଅଚଳ ହୋଇ ପଡିଥିବା ବେଳେ କାର୍ଯ୍ୟକ୍ଷମ କରିବା ଆଦି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଓ ସର୍ବୋଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ନେଇ ଏହି ଖବରଦାତା ସମ୍ମିଳନୀରେ ସାମନ୍ତରାୟ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରମୁ ପଣ୍ଡା, ଜିତୁ ପ୍ରକାଶ ପରିଡା, ନରେଶ ବଡ଼ିଆ, ସତ୍ୟବାଦୀ ମିଶ୍ର, ଆଇନଜୀବୀ ସୁରେନ୍ଦ୍ର ପରିଡା, ମହେଶ୍ୱର ପରିଡା,ପିପିଲି ବଜାର ବ୍ୟବସାୟୀ ସଂଘ ସଭାପତି ରାକେଶ ମହାପାତ୍ର , ନରୋତ୍ତମ ସାହାଣୀ, ବିଜୟ ଦାଶ ଓ ପ୍ରମୋଦ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ ଏବଂ ଅନ୍ୟମାନେ ।

# ଶୃଙ୍ଖଳିତ, ସୁରକ୍ଷିତ ରଥଯାତ୍ରା ପାଇଁ ମକ୍‌ଡ୍ରିଲ୍

**ସାମିଲ ହେଲେ ଅଧିକାରୀ, ପୋଲିସ ଓ ସ୍ୱେଚ୍ଛାସେବୀ**

ପୁରୀ, ୧୬।୬(ଅଜିତ୍ ମହାନ୍ତି)




ପୁରୀ ପୋଲିସ ପକ୍ଷରୁ ପ୍ରସ୍ତୁତ ଷ୍ଟାଣ୍ଡାର୍ଡ ଅପରେଶନ ପୁସ୍ତିକାକୁ ଲୋକାର୍ପଣ କରାଯାଉଛି।



ସ୍ୱେଚ୍ଛାସେବୀଙ୍କ ଦ୍ୱାରା ମକ୍‌ଡ୍ରିଲ୍ ପ୍ରଦର୍ଶନ ।

ଚଳିତ ବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ସମ୍ପନ୍ନ କରିବା ନେଇ ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟ ରକ୍ଷା ନିମନ୍ତେ ଏକ ବୈଠକ ଶୁକ୍ରବାର ପୁରୀ ଟାଉନ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଶ୍ରୀମନ୍ଦିର ନିକଟରେ ମକ୍‌ଡ୍ରିଲ କରାଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସମର୍ଥ ବର୍ମା କହିଥିଲେ, ଚଳିତ ରଥଯାତ୍ରାରେ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ଆଶା କରାଯାଉଛି। ତେଣୁ ଯାତ୍ରୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ସମସ୍ତ କାର୍ଯ୍ୟକୁ ବିଭିନ୍ନ ବିଭାଗ ଠିକ୍ ଭାବେ ପରିଚାଳନା କରୁଥିବା ନେଇ ଏକ ବାସ୍ତବ ବ୍ୟବସ୍ଥାର ଅନୁଧ୍ୟାନ ପାଇଁ ମକ୍‌ଡ୍ରିଲର ପରିକଳ୍ପନା। ଏହାଦ୍ୱାରା ଆମେ ସଶକ୍ତ ହେବା ସହ କାର୍ଯ୍ୟକୁ ଖୁବ୍ ଭଲ ଭାବେ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିବା ବୋଲି ଜିଲାପାଳ କହିଥିଲେ। ଏସ୍‌ପି କନ୍‌ୱର ବିଶାଲ ସିଂ ସମସ୍ତ ବିଭାଗ ତାଙ୍କର ଦାୟିତ୍ୱକୁ ବୁଝିବା ଓ ଅନ୍ୟ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ଲକ୍ଷ୍ୟରେ ଏହି ମକ୍‌ଡ୍ରିଲ ସହାୟକ ହେବ ବୋଲି କହିଥିଲେ। ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି ମକଡ୍ରିଲ ସମ୍ପର୍କରେ ସବିଶେଷ ସୂଚନା ଓ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିଲେ। ଓସ୍‌ଡମା ଡିଜିଏମ୍ ସୁନୀଲ କୁମାର ସାହୁ, ସାର୍ଥକ ସୌରଭ ମହାପାତ୍ର ମକ୍‌ଡ୍ରିଲ୍‌ର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିବା ସହ ଏହାକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶେଷରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ବିଭିନ୍ନ ବିଭାଗର ଅଧିକାରୀ, ପୋଲିସ ଅଧିକାରୀ, ସ୍ୱେଚ୍ଛାସେବୀମାନେ ଏହି ମକ୍‌ଡ୍ରିଲରେ ଯୋଗଦେଇଥିଲେ। ପରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ, ମେଡିକାଲ, ପୋଲିସ, ପରିବହନ, ଆମ୍ବୁଲାନ୍ସ, ପୂର୍ତ୍ତ ବିଭାଗ, ପୌର ପ୍ରଶାସନ ଇତ୍ୟାଦି ବିଭାଗର ସମ୍ମିଳିତ ମକ୍‌ଡ୍ରିଲ୍ କାର୍ଯ୍ୟକୁ ଇଣ୍ଟିଗ୍ରେଟେଡ୍ ନିୟନ୍ତ୍ରଣ କକ୍ଷ ମାଧ୍ୟମରେ ପରିଚାଳନା କରାଯାଇଥିଲା। ରଥଯାତ୍ରା ସମୟରେ କୌଣସି ଘଟଣା କିମ୍ବା ଦୁର୍ଘଟଣା ଘଟିଲେ କିପରି ତା'ର ସଫଳ ମୁକାବିଲା ତ୍ୱରାନ୍ୱିତ ଭାବେ କରାଯାଇପାରିବ ସେନେଇ କୌଶଳ ପ୍ରଦର୍ଶନ ସହ ସଚେତନ କରାଯାଇଥିଲା। ଅପରାହ୍ନରେ ପୋଲିସ ପକ୍ଷରୁ ମକ୍‌ଡ୍ରିଲ କରାଯାଇଥିଲା। ରଥଯାତ୍ରା ସମୟରେ ଗହଳି ନିୟନ୍ତ୍ରଣ, ଯାତାୟାତ ସୁବିଧା, ଟ୍ରାଫିକ ବ୍ୟବସ୍ଥା ଆଦି ନେଇ ପୋଲିସର ସମସ୍ତ ବିଭାଗ ପକ୍ଷରୁ ଅଭ୍ୟାସ ବା ମକ୍‌ଡ୍ରିଲ ହୋଇଥିଲା।

**ସାପ କାମୁଡାରେ ବୃଦ୍ଧ ମୃତ**

ମାହାଙ୍ଗା,୧୬।୬(ଯଯାତୀ ସିଂ): ସାପ କାମୁଡାରେ ମାହାଙ୍ଗା ଥାନା ଅନ୍ତର୍ଗତ ଗୋତରା ପଞ୍ଚାୟତ ଆପିଲୋ ଗ୍ରାମର ଶରତ କୁମାର ଦାସ(୭୦)ଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ସକାଳେ ସେ ନିଜ ବାଡିରେ କାମ କରୁଥିବାବେଳେ ଏକ ସାପ ତାଙ୍କ ଗୋଡକୁ କାମୁଡି ଦେଇଥିଲା। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଚିହ୍ନଟ ଅପେକ୍ଷାରେ ୮୧ ମୃତଦେହ

## ବାହାନଗା ଟ୍ରେନ ଦୁର୍ଘଟଣାକୁ ୨ ସପ୍ତାହ

### ୱାନ୍ ଟୁ ୱାନ୍ ପ୍ରକ୍ରିୟାରେ ଡିଏନ୍ଏ ଟେଷ୍ଟିଂ ହେଉଥିବାରୁ ରିପୋର୍ଟ ବିଳମ୍ବିତ

ଭୁବନେଶ୍ୱର,୧୬।୬(ଅଭିଜିତ ଦାସ)



ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ୨ ସପ୍ତାହ ବିତିଯାଇଛି। ଗତ ୨ ତାରିଖ ଶୁକ୍ରବାର ରାତିରେ ଘଟିଥିବା ଏହି ଭୟଙ୍କର ଦୁର୍ଘଟଣାରେ ଘଟଣାସ୍ଥଳରେ ୨୮୮ଜଣଙ୍କ ଜୀବନ ଯାଇଥିବାବେଳେ ପରବର୍ତ୍ତୀ ସମୟରେ କଟକ ଏସ୍‌ସିବିରେ ଚିକିତ୍ସାଧୀନ ଥିବା ୨ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଫଳରେ ମୃତ୍ୟୁ ସଂଖ୍ୟା ୨୯୦ରେ ପହଞ୍ଚିଥିବାବେଳେ ଶତାଧିକ ଆହତ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଇତିମଧ୍ୟରେ ଅନେକ ଯାତ୍ରୀ ନିଖୋଜ ଥିବା ବହୁ ପରିବାର ଦାବି କରିବା ସହ ଖୋଜାଖୋଜି କରୁଥିବାବେଳେ ଏବେବି ଭୁବନେଶ୍ୱର ଏମ୍‌ସରେ ୮୧ ମୃତଦେହ ଚିହ୍ନଟ ଅପେକ୍ଷାରେ ରହିଛି। ଉକ୍ତ ମୃତଦେହଗୁଡିକୁ ୩ଟି କଣ୍ଟେନରରେ ସଂରକ୍ଷଣ କରି ରଖାଯାଇଛି। ଡିଏନ୍ଏ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବାରୁ ମୃତଦେହ ଚିହ୍ନଟ ହୋଇପାରୁନି କି ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇପାରୁନି। ଦୁର୍ଘଟଣାର ସପ୍ତାହ ଯାଏ ଏମ୍‌ସ ପରିସରରେ ମୃତଙ୍କ ପରିବାର ଲୋକଙ୍କ ଭିଡ ପରିଲକ୍ଷିତ ହେଉଥିବାବେଳେ ବର୍ତ୍ତମାନ ସେସବୁ ସ୍ଥାନ ଖାଁ ଖାଁ ହେବାରେ ଲାଗିଛି। ଅଧିକାଂଶ ପରିବାର ସଦସ୍ୟ ଡିଏନ୍ଏ ନମୁନା ଦେଇ ନିଜ ଘରକୁ ପଳାଇଥିବାବେଳେ ଆଉ କେତେକଜଣ ଏମ୍‌ସ ଧର୍ମଶାଳା ଓ ରେଲୱେ ଗେଷ୍ଟ ହାଉସ୍‌ରେ ରହି ମୃତଦେହ ପାଇବାକୁ ଆଶା ବାନ୍ଧିଛନ୍ତି। ଏମ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଛନ୍ତି, ଚିହ୍ନଟ ହୋଇ ନ ଥିବା ମୃତଦେହଗୁଡିକ କଣ୍ଟେନର ମଧ୍ୟରେ ରହିଛି। ସମସ୍ତ ମୃତଦେହର ଏମ୍ବାଲ୍ମିଂ କରାଯାଇ ବିୟୁକ୍ତ ୧୦ ଡିଗ୍ରୀ ତାପମାତ୍ରାରେ ରଖାଯାଇଛି। ସାଧାରଣତଃ ଶବଗୃହରେ ମୃତ ଶରୀରଗୁଡିକ ବିୟୁକ୍ତ ୧ ଡିଗ୍ରୀରୁ ୫ ଡିଗ୍ରୀ ତାପମାତ୍ରା ମଧ୍ୟରେ ରଖାଯାଏ। କିନ୍ତୁ ଅଧିକ ଦିନ ସଂରକ୍ଷଣ ଲାଗି ଏପରି ବ୍ୟବସ୍ଥା କରାଯାଇଛି। ୪୦ଘଣ୍ଟା ପରେ ମୃତଦେହ ଆସିଥିବାରୁ ଓ ଅଧିକାଂଶ ମୃତଦେହ ବିକୃତ ଅବସ୍ଥାରେ ଥିବାରୁ ସେଗୁଡିକୁ ବେଶି ଦିନ ସଂରକ୍ଷଣ କରିବାକୁ ଚେଷ୍ଟା କରାଯାଉଛି। ସେପଟେ ଏମ୍‌ସ ସୁପରିଣ୍ଟେଣ୍ଡେଣ୍ଟ ତଥା ଆନାଟୋମି ବିଭାଗର ପ୍ରଫେସର ପ୍ରଭାସ ତ୍ରିପାଠୀ କହିଛନ୍ତି, ଚିହ୍ନଟ ହୋଇ ନ ଥିବା ସମୁଦାୟ ୮୧ଟି ମୃତଦେହ ମଧ୍ୟରୁ ୭୮ଟିର ଡିଏନ୍ଏ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିଲା। ସମସ୍ତ ନମୁନାକୁ ଟେଷ୍ଟିଂ ନିମନ୍ତେ ଦିଲ୍ଲୀ ପଠାଯାଇଛି। ସାଧାରଣତଃ ଡିଏନ୍ଏ ଟେଷ୍ଟିଂରେ ସମୟ ଲାଗି ଥାଏ। କିନ୍ତୁ ଗୋଟାଏ ମୃତ ଦେହ ଲାଗି ୩ରୁ ୪ଟି ପରିବାର ଦାବିଦାର ଥିବାବେଳେ ସେମାନଙ୍କ ଡିଏନ୍ଏ ନମୁନାଗୁଡିକ ୱାନ୍ ଟୁ ୱାନ୍ ପ୍ରକ୍ରିୟାରେ ଟେଷ୍ଟିଂ ଚାଲିଛି। ରିପୋର୍ଟ ଆସିଲେ ମୃତଦେହଗୁଡିକୁ ଚିହ୍ନଟ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି।



କଟକ କୃଷକବଜାର ରିଂରୋଡ ପାର୍ଶ୍ୱରେ ଏକ ଗଛ ଭାଙ୍ଗିପଡ଼ି ରାସ୍ତା ଉପରେ ପଡ଼ିଛି।

## ସଂକ୍ଷେପରେ

### ମହାନଦୀରୁ ଯୁବକଙ୍କ ମୃତଦେହ ଜବତ

**କଟକ,୧୬।୬(କାର୍ତ୍ତିକ ସାହୁ):** ଜଗତପୁରସ୍ଥିତ ଏକ ଦୁଗ୍ଧ କମ୍ପାନୀ ନିକଟ ମହାନଦୀରୁ ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ଉଦ୍ଧାର କରାଯାଇଛି। ସେ ହେଲେ ଉତ୍ତରପ୍ରଦେଶ କାନପୁର ଅଞ୍ଚଳର ରାଜୁ ଦୁବେ। ରାତି ପ୍ରାୟ ୭ଟାରେ ମହାନଦୀରେ ମୃତଦେହ ଭାସୁଥିଲା। ଖବରପାଇ ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିବା ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା ସୂଚନା ଦେଇଛନ୍ତି। ପରେ ମୃତଦେହକୁ ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରାଯାଇଛି। ତେବେ କେଉଁ ପରିସ୍ଥିତିରେ ଯୁବକଙ୍କ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ।

### ଖବରକାଗଜ ବିକ୍ରେତାଙ୍କ ପରଲୋକ

**କଟକ,୧୬।୬(କାର୍ତ୍ତିକ ସାହୁ):** ବରିଷ୍ଠ ଖବରକାଗଜ ବିକ୍ରେତା ହରିବନ୍ଧୁ ପ୍ରଧାନ



(୮୨)ଙ୍କର କଟକ ଜଗନ୍ନାଥସାହିସ୍ଥିତ ବାସଭବନରେ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ଦୁଇ ପୁଅ, ଦୁଇ ଝିଅ, ଜ୍ୱାଇଁଙ୍କ ସମେତ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ସତୀଚୌରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ହିମାଂଶୁ ପ୍ରଧାନ ମୁଖାଗ୍ନି ଦେଇଥିଲେ। ହରିବନ୍ଧୁ ଦୀର୍ଘ ୫୦ ବର୍ଷ ଧରି ଖବରକାଗଜ ବିକ୍ରେତା ଭାବେ ରାଉସାପାଟଣା, ସୂତାହାଟ, ପେଟିନସାହି, ବକ୍ସିବଜାର ଅଞ୍ଚଳରେ ବେଶ୍ ଲୋକପ୍ରିୟ ଥିଲେ। ସେ ଗୁରୁ କୃପାଳୁଜୀ ମହାରାଜଙ୍କ ଆଶ୍ରିତ ଥିଲେ। ତାଙ୍କ ବିୟୋଗରେ ସମ୍ବାଦପତ୍ର ବିକ୍ରେତା ସଂଘ ସଭାପତି ବିଜୟ କୁମାର ପଡ଼ିହାରୀ, ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ ମହାନ୍ତି ଓ ମିଡିଆ ସେଲ୍‌ର ପ୍ରଭାସ ପ୍ରଧାନଙ୍କ ସମେତ ଖବରକାଗଜ ବିକ୍ରେତାମାନେ ଶୋକ ପ୍ରକାଶ କରିଛନ୍ତି।

### ଅଗ୍ନିକାଣ୍ଡରେ ୪ ଦୋକାନ ଜଳିଗଲା



**ସାଲେପୁର,୧୬।୬(ଅରବିନ୍ଦ ଭୂୟାଁ):** ସାଲେପୁର ହାଇସ୍କୁଲ ପଛପଟ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଅଗ୍ନିକାଣ୍ଡ ଘଟି ୪ଟି ଦୋକାନ ଜଳିଯାଇଛି। ଶର୍ଟ ସର୍କିଟ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ଏଥିରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡିଯାଇଛି। ଏଥିରେ ଚାଟ୍ ଦୋକାନୀ ସୁଶାନ୍ତ ଦାସ, ପ୍ରଶାନ୍ତ ସାମଲଙ୍କ ପାନ ଦୋକାନ, ଜୟନ୍ତ କୁମାର ବେହେରାଙ୍କ ଗ୍ୟାରେଜ୍, ସୁନିଲ କୁମାର ଭୂୟାଁଙ୍କ ଏକ ସ୍କୁଟି ଏବଂ ତାଙ୍କ ପାନ ଦୋକାନ ପୋଡିଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ନିକଟ ଯଜ୍ଞ ମଣ୍ଡପରେ ଶର୍ଟ ସର୍କିଟ ହୋଇଥିଲା। ଏଥରୁ ନିଆଁ ବ୍ୟାପି ଚାଟ୍ ଦୋକାନରେ ଲାଗିଥିଲା। ସେଠାରେ ଥିବା ସିଲିଣ୍ଡର ଫାଟି ଯିବାରୁ ନିଆଁ ଅନ୍ୟ ଦୋକାନକୁ ବ୍ୟାପି ଯାଇଥିଲା। ଖବରପାଇ ସାଲେପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

# ଅଚ୍ୟୁତାନନ୍ଦ ପୀଠରୁ ଜବରଦଖଲ ଉଚ୍ଛେଦ ହେବ



ଅଚ୍ୟୁତାନନ୍ଦ ପୀଠର ଉନ୍ନତୀକରଣ ସମ୍ପର୍କରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଆଲୋଚନା କରୁଛନ୍ତି।

ନିଶ୍ଚିନ୍ତକୋଇଲି,୧୬।୬
(ଅଶୋକ କୁମାର ମହାପାତ୍ର)

କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଶୁକ୍ରବାର ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନେମାଳ ପଦ୍ମବନସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ ପରିଦର୍ଶନରେ ଆସିଥିଲେ। ଉକ୍ତ ପୀଠରେ ଶ୍ରଦ୍ଧାଳୁମାନଙ୍କ ପାଇଁ ସୁବିଧା ଓ ଉନ୍ନତୀକରଣ ନିମନ୍ତେ ଜିଲାପାଳ ସମୀକ୍ଷା କରିଥିଲେ। ବିଶେଷକରି ପୀଠର ଉନ୍ନତୀକରଣ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା, ସେବାୟତ ଓ ବରିଷ୍ଠ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏହି ପୀଠରୁ ଜବରଦଖଲ ଉଚ୍ଛେଦ ସହ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରାଯିବ ବୋଲି ଜିଲାପାଳ କହିଥିଲେ। ଜିଲାପାଳଙ୍କ ପରିଦର୍ଶନ ସମୟରେ ନିଶ୍ଚିନ୍ତକୋଇଲି ତହସିଲଦାର ଦିଲ୍ଲୀପ କୁମାର ନାୟକ, କଟକ ସଦର ଅତିରିକ୍ତ ତହସିଲଦାର କ୍ରିଷ୍ଟା ପାତ୍ରୀଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କିଛିଦିନ ତଳେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉକ୍ତ ପୀଠରେ ପୂଜାର୍ଚ୍ଚନା କରିବା ସହ ପୀଠର ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଏହି ପୀଠର ଉନ୍ନତୀକରଣ କରାଯିବ ବୋଲି ସେ କହିଥିଲେ।

# ୧ ଲକ୍ଷ କ୍ଷତିପୂରଣ ଦେବାକୁ ଏଏସ୍‌ଆଇଙ୍କୁ ନିର୍ଦ୍ଦେଶ

### ପୋଲିସକୁ ମାମୁ ଡାକିବାରୁ ନାବାଳକଙ୍କୁ ମାଡ଼ ଘଟଣା

ନିଶ୍ଚିନ୍ତକୋଇଲି,୧୬।୬
(ଅଶୋକ କୁମାର ମହାପାତ୍ର)

ମାମୁ ଡାକିବାରୁ ଜଣେ ନାବାଳକଙ୍କୁ ନିଶ୍ଚିନ୍ତକୋଇଲି ଥାନା ଏଏସ୍‌ଆଇ ଭଗବାନ ସାହୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହି ଘଟଣା ସମ୍ପୃକ୍ତ ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଏନେଇ ସେ ସମ୍ପୃକ୍ତ ନାବାଳକଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ ମେ'ରେ ନିଶ୍ଚିନ୍ତକୋଇଲି ବ୍ଲକ ବଡ଼କ୍ଷୀର ପଞ୍ଚାୟତ ଅନ୍ତର୍ଗତ ଗୋପପୁର ଗ୍ରାମର ଜଣେ ନାବାଳକ ପଣସ ପଡ଼ିଆ ଛକରେ ପୋଲିସ ପାଟ୍ରୋଲିଂ ଗାଡିକୁ ଦେଖି ମାମୁ ବୋଲି ଡାକିଥିଲେ। ଫଳରେ ଉକ୍ତ ଗାଡ଼ିରେ ଥିବା ଏଏସ୍‌ଆଇ ସାହୁ ଉତ୍ତେଜିତ ହୋଇପଡ଼ିଥିଲେ। ସେ ଉକ୍ତ ଗାଡ଼ିକୁ ଅଟକାଇ ପଣସପଡ଼ିଆ ଛକରେ ନବାଳକଙ୍କୁ ମାଡ଼ ମାରିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ନାବାଳକଙ୍କ ମା' କବିତା ବେହେରା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ମାମଲା ରୁଜ କରି ନ ଥିଲା। ଏନେଇ ୨୦୨୨ ମେ' ୧୪ରେ କବିତା ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ କରିଥିଲେ। ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶକ୍ରମେ ୨୦୨୨ ଜୁନ୍ ୩ରେ ଥାନାରେ ମାମଲା ରୁଜୁ ହୋଇଥିଲା। ସାଲେପୁର ତତ୍କାଳୀନ ଏସ୍‌ଡିପିଓ ଏହାର ତଦନ୍ତ କରି ୨୦୨୨ ଅକ୍ଟୋବର ୧୯ରେ ଏନ୍‌ଏଚ୍‌ଆର୍‌ସିରେ ରିପୋର୍ଟ ଦାଖଲ କରିଥିଲେ। ଏହି ମାମଲାରେ ସମ୍ପୃକ୍ତ ନାବାଳକଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ୫ ସପ୍ତାହ ମଧ୍ୟରେ କ୍ଷତିପୂରଣ ଦେବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଏଏସ୍‌ଆଇ ସାହୁଙ୍କୁଚାରିବାରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ସେ କୌଣସି ଚିଠି ପାଇନାହାନ୍ତି ବୋଲି କହିଥିଲେ।

# ୨୨ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ପ୍ରସଙ୍ଗ ଶୁଣାଣି

କଟକ ସଦର,୧୬।୬(ସୁଶାନ୍ତ ଜେନା)

କଟକ ସଦର ବ୍ଲକ ଅଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟାପକ ଦୁର୍ନୀତି ଅଭିଯୋଗର ଶୁଣାଣି ଆସନ୍ତା ୨୨ରେ କଟକ ଜିଲା ଅମ୍ବୁଡ୍‌ସ ମ୍ୟାନ୍ କରିବେ ବୋଲି ଦିନ ଧାର୍ଯ୍ୟ ହୋଇଛି। ଏ ସମ୍ପର୍କରେ ଅମ୍ବୁଡ୍‌ସ ମ୍ୟାନ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଭିଯୋଗକାରୀମାନଙ୍କୁ ନୋଟିସ ପଠାଯାଇଛି। ସେମାନେ ଉକ୍ତ ଦିନ ଅମ୍ବୁଡସ ମ୍ୟାନ୍‌ଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଜର ମତ ରଖିବେ। ଅଭିଯୋଗକାରୀଙ୍କ ପ୍ରଶ୍ନର ଉତ୍ତର ସେହି ଦିନ ଦେବାକୁ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୯ ତାରିଖରେ କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କର ଏହି ବ୍ଲକ ଅଧୀନ ସୋମପୁର ପଞ୍ଚାୟତ ଗସ୍ତରେ ଆସିଥିବାବେଳେ ଶ୍ରମିକମାନଙ୍କୁ କାମ ଦେବା ଆଳରେ ମଜୁରି ବାବଦ ଟଙ୍କା ହେର୍‌ଫେର ହୋଇଥିବା ଅଭିଯୋଗ ହୋଇଥିଲା। ପ୍ରତିଷ୍ଠିତ ମହିଳା, ପୁରୁଷ ଓ ଆୟକରଦାତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସାପ୍ତାହିକ ମଜୁରି ବାବଦ ଟଙ୍କା ବ୍ଲକ କର୍ତ୍ତୃପକ୍ଷ ପଠାଇଥିବା ଅଭିଯୋଗ ହୋଇଥିଲା। କୋଭିଡ୍ ସମୟରେ ପ୍ରବାସୀ ଓଡ଼ିଆଙ୍କୁ ୨୦ କୋଟି ଟଙ୍କାର ମାଟି କାମ ଯୋଗାଇଥିବା ହିସାବ ବ୍ଲକ କର୍ତ୍ତୃପକ୍ଷ ଦେଇଥିଲେ। ମାତ୍ର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କୌଣସି ଲୋକ କାମ କରିବା ପାଇଁ ଚାହିଁଲେ ସେ ପ୍ରଥମେ ନିଜ ପଞ୍ଚାୟତରେ ସି-୧ ଫର୍ମରେ ଆବେଦନ କରିବେ। ସି-୨ ଫର୍ମରେ ସରପଞ୍ଚ ଏଥିପାଇଁ କାର୍ଯ୍ୟାଦେଶ ପ୍ରଦାନ କରିବେ। ତା'ପରେ ଗ୍ରାମ ସାଥୀ ଓ ଗ୍ରାମ ରୋଜଗାର ସେବକ ମିଶି ଶ୍ରମିକମାନଙ୍କ ସହ ବୈଠକ କରି ସେହି ଫଟୋକୁ ଭୁବନ ପୋର୍ଟାଲରେ ଅପ୍‌ଲୋଡ୍ କରିବେ। ସେହିପରି ଆଉ ୩ଟି ଫଟୋ ମଧ୍ୟ ଅପ୍‌ଲୋଡ୍ କରାଯିବ ଯେଉଁଥିରେ ଶ୍ରମିକମାନଙ୍କ କାମ କରିବା ଦୃଶ୍ୟ ଯେକେହି ପୋର୍ଟାଲରେ ଦେଖିପାରିବେ। ୬୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଅବସର ନେଇ ସରକାରୀ ପେନ୍‌ସନ୍ ପାଉଥିବା ବ୍ୟକ୍ତିଙ୍କୁ ଏହି ଯୋଜନାରେ କାମ ଦିଆଯାଇ ପାରିବ ନାହିଁ। ମାତ୍ର ଏହି ବ୍ଲକ ଅଞ୍ଚଳରେ ନିୟମ ବହିର୍ଭୂତ କାମ କରାଯାଇଥିବା ଅଭିଯୋଗକୁ ଭିତ୍ତିକରି ଅମ୍ବୁଡସ ମ୍ୟାନ୍ କୋର୍ଟରେ ଏକ ମାମଲା(ଓଏମ୍‌ବି-ପିବି-୧୬/୨୩) ରୁଜୁ ହୋଇଛି।

# ଏସ୍‌ସିବିରୁ ଆହତଙ୍କ ସଂଖ୍ୟା କମୁଛି

### ବାହାନଗା ଟ୍ରେନ୍ ଦୁର୍ଘଟଣା

କଟକ,୧୬।୬ (କାର୍ତ୍ତିକ ସାହୁ)

ବାଲେଶ୍ୱର ଜିଲା ବାହାନଗାଠାରେ ଗତ ୨ ତାରିଖରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାକୁ ୨ ସପ୍ତାହ ବିତିଲାଣି। ତଥାପି ମନରୁ ଭୟ ଯାଇନି। ରାଜ୍ୟ ତଥା ରାଜ୍ୟ ବାହାରେ ଚିକିତ୍ସାଧୀନ ଆହତମାନେ ଏବେ ବି ଆଶଙ୍କିତ ଅବସ୍ଥାରେ ଅଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହୋଇ ସେମାନେ କେବେ ଘରକୁ ଫେରିବେ ତାହାକୁ ନେଇ ପରିବାର ଲୋକେ ଦିନ ଗଣୁଛନ୍ତି। ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟାନୁଷ୍ଠାନ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆହତଙ୍କ ସଂଖ୍ୟା କ୍ରମେ ହ୍ରାସ ପାଇବାରେ ଲାଗିଛି। ଏବେ ବି କେତେଜଣ ଗୁରୁତର ଆଇସିୟୁରେ ରହି ଜୀବନ ସହ ସଂଗ୍ରାମ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଶୁକ୍ରବାରକୁ ମିଶାଇ ଗତ ୪ ଦିନ ମଧ୍ୟରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଖବର ସେମାନଙ୍କ ପରିବାର ପ୍ରତି ଶକ୍ତ ଧକ୍କା ଆଣିଦେଇଛି।

ମେଡିକାଲ ପକ୍ଷରୁ ମିଳିଥିବା ସୂଚନାନୁସାରେ, ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇଥିବା ଯାତ୍ରୀମାନଙ୍କ ମଧ୍ୟରୁ ୨୦୨ ଜଣଙ୍କୁ ପର୍ଯ୍ୟାୟକ୍ରମେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବାରୁ ସେମାନଙ୍କୁ ବିଭିନ୍ନ ୱାର୍ଡରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଏପରି କି ଜେନେରାଲ ସର୍ଜରି, ପ୍ଲାଷ୍ଟିକ ସର୍ଜରି, ନ୍ୟୁରୋ ସର୍ଜରି, ଅର୍ଥୋପେଡିକ୍ସ ଓ ଚକ୍ଷୁ ଆଦି ବିଭାଗର ବିଶେଷଜ୍ଞମାନେ ସେମାନଙ୍କ ଚିକିତ୍ସା ପାଇଁ ନିୟୋଜିତ ହୋଇଛନ୍ତି। ଶୁକ୍ରବାର ସୁଦ୍ଧା ଗୁରୁତରଙ୍କ ସଂଖ୍ୟା କମି ୪୭ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ସର୍ବାଧିକ ୨୦ ଜଣ ପଶ୍ଚିମବଙ୍ଗର ବୋଲି ଜଣାପଡିଛି। ସେହିପରି ଏସ୍‌ସିବିରେ ଓଡ଼ିଶାରୁ ୧୦, ବିହାରରୁ ୧୩, ଝାଡଖଣ୍ଡ, ମହାରାଷ୍ଟ୍ର, ନେପାଳ, ତାମିଲନାଡୁରୁ ଜଣେ ଲେଖାଏ ଗୁରୁତର ଚିକିତ୍ସିତ ହେଉଛନ୍ତି। ସରକାରଙ୍କ ପକ୍ଷରୁ ସମସ୍ତଙ୍କର ମାଗଣା ଚିକିତ୍ସା କରାଯାଉଛି। ଏଥିସହ ମେଡିକାଲରୁ ଡିସ୍‌ଚାର୍ଜ ହେଉଥିବା ଆହତଙ୍କୁ ପ୍ରଶାସନ ପକ୍ଷରୁ ସେମାନଙ୍କ ଘରେ ପହଞ୍ଚାଇବା ବ୍ୟବସ୍ଥା ଚାଲୁରହିଛି। ଏପରି କି, ୨ ମୃତଦେହକୁ ମଧ୍ୟ ସରକାରୀ ଖର୍ଚ୍ଚରେ ସେମାନଙ୍କ ଗ୍ରାମକୁ ପଠାଯାଇଥିବା ଜଣାପଡିଛି।

# କଳା ପ୍ରକାଶନୀ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ଚୌଦ୍ୱାର,୧୬।୬(ଆଶୁତୋଷ ଦାସ)

ଚୌଦ୍ୱାର ଥର୍ମାଲ ରୋଡସ୍ଥିତ କଳା ପ୍ରକାଶନୀ ନାଟ୍ୟସଂସଦର ବାର୍ଷିକ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କଳାପ୍ରକାଶନୀ କ୍ଲବ ପରିସରରେ ୨ଦିନ ବ୍ୟାପୀ ଆୟୋଜିତ ନାଟକ କାର୍ଯ୍ୟକ୍ରମକୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଓଡ଼ିଶା ଫୁଟ୍‌ବଲ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଓ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଉଦ୍‌ଘାଟନ କରିଥିଲେ। ବିକ୍ରମ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ନାଟକ 'କଳା କାହ୍ନୁ ମୋର କାଳିଆ ସୁନା' ଓ 'ସବୁ ପର ଏଠି ଲୁହ ନିଜର' ପରିବେଷିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଜଗତପୁର ଥାନାଧିକାରୀ ରବୀନ୍ଦ୍ର କୁମାର ମେହେର, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସୁବ୍ରତ ସାମଲ, ନୀଳମଣି କର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଲୋକ ପ୍ରତିନିଧି ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଂସଦର ସଭାପତି କେଶବ ଚନ୍ଦ୍ର ଦଳାଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ପରିଡା, ସୁଧାଂଶୁ ପରିଜା, ସୌମ୍ୟ ରଞ୍ଜନ ପରିଡା, ମଳୟ ମହାପାତ୍ର, ବଳରାମ ବେହେରା, ବିଶ୍ୱ ରଞ୍ଜନ ପ୍ରଧାନ, ଅମରେଶ ମହାନ୍ତିଙ୍କ ସମେତ କର୍ମକର୍ତ୍ତା ଉତ୍ସବ ପରିଚାଳନା ଓ ଅଶୋକ ଦାସ ମଞ୍ଚ ପରିଚାଳନା କରିଥିଲେ।

# ରାସାୟନିକ ସାର ପରିବର୍ତ୍ତେ ଜୈବିକ କୃଷି ଉପରେ ଗୁରୁତ୍ୱ

ବାଙ୍କୀ,୧୬।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ମା'ଚର୍ଚ୍ଚିକା କୃଷି ଉତ୍ପାଦକ ସଙ୍ଗଠନର ଚାଷୀ ସମ୍ମିଳନୀ ବାଙ୍କୀ ବ୍ଲକ ଗୋଳାଗଣ୍ଡ ଗ୍ରାମ ପଞ୍ଚାୟତ ସାତଖଣ୍ଡ ଚଣ୍ଡୀଠାକୁରାଣୀଙ୍କ ପୀଠରେ ରଜ ମିଳନ ଅବସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ମୁଖ୍ୟ ସଭାପତି ଅଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଲାଇଭ୍‌ଲି ହୁଡ୍ ଅଲ୍‌ଟରନେଟିଭ୍ ଅଧ୍ୟକ୍ଷ ସମ୍ବିତ ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ଜଗମୋହନ ରାଉତ, ଡ. ଲଳିତ ମୋହନ ନାୟକ, ସାମାଜିକ କର୍ମୀ କମଳାକାନ୍ତ ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଚାଷୀମାନେ ସାମିଲ ହୋଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସିଦ୍ଧେଶ୍ୱର ପାଇକରାୟଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆ ସମ୍ବର୍ଦ୍ଧିତ କରାଯିବା ସହ ଅତିଥି ପରିଚୟ ପ୍ରଦାନ କରାଯାଇଥିଲା। ରାସାୟନିକ ସାର ପରିବର୍ତ୍ତେ ଜୈବୀକ କୃଷିକୁ ଆପଣେଇବାକୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ କୃଷି ସଙ୍ଗଠନର ମୁଖ୍ୟ ନିର୍ଦ୍ଦେଶକ ଅଜୟ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହ ଅବସରରେ ବରିଷ୍ଠ ଚାଷୀ ଗୋଳାଗଣ୍ଡ ଗ୍ରାମ ପଞ୍ଚାୟତର ରତ୍ନାକର ବାରିକ ଓ ବଳଭଦ୍ରପୁର ଗ୍ରାମ ପଞ୍ଚାୟତର ରତ୍ନାକର ସାହୁଙ୍କୁ ସଂଗଠନ ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଦନମୋହନ ରାଉତ, ସୁଧୀର ଚନ୍ଦ୍ର ନାୟକ, ଚନ୍ଦନ କୁମାର ନାୟକ, ସିଦ୍ଧେଶ୍ୱର ପାଇକରାୟ ପ୍ରମୁଖ ପରିଚାଳନା କରିଥିଲେ। ଦିଲ୍ଲୀରୁ ଆସିଥିବା କୃଷି ଗବେଷକମାନେ ଚଣ୍ଡୀଛକରେ ଥିବା ମା'ଚର୍ଚ୍ଚିକା କୃଷି ଉତ୍ପାଦନ କମ୍ପାନୀର ସାର ଦୋକାନ ପରିଦର୍ଶନ କରିବା ସହ ସ୍ଥାନୀୟ ଚାଷୀମାନଙ୍କର ବିଲକୁ ଯାଇ ଫସଲ ପରିଦର୍ଶନ କରିଥିଲେ।



# ପୁନରୁଦ୍ଧାର ହେବ ଚନ୍ଦନ ପୋଖରୀ

### ସିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ

■ ବୋଟିଂ ବ୍ୟବସ୍ଥା କରାଯିବ

କଟକ, ୧୬।୬ (ସୁପ୍ରିୟା ପ୍ରିୟଦର୍ଶିନୀ)



କଟକ ଚୌଧୁରୀ ବଜାରସ୍ଥିତ ଚନ୍ଦନ ପୋଖରୀ।

ଦୀର୍ଘବର୍ଷ ହେବ ଅବହେଳିତ ଅବସ୍ଥାରେ ଥିବା ଚୌଧୁରୀ ବଜାରସ୍ଥିତ ଚନ୍ଦନ ପୋଖରୀକୁ ପୁଣି ପୁନରୁଦ୍ଧାର କରାଯିବ। ଏଥିରେ ପିଲାମାନଙ୍କ ପାଇଁ ବୋଟିଂ ବ୍ୟବସ୍ଥା କରାଯିବ। ଏଥିପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସହିତ ଯୋଗାଯୋଗ କରାଯାଇ ଏହି ପ୍ରକଳ୍ପ ସଂକ୍ରାନ୍ତରେ ଆଲୋଚନା କରାଯିବ। ସହରରେ ପିଲାମାନଙ୍କ ଆମୋଦ ପ୍ରମୋଦ ପାଇଁ ସେଭଳି ବ୍ୟବସ୍ଥା ନାହିଁ। ତେଣୁ ଏହି ପୋଖରୀରେ ବୋଟିଂ ପାଇଁ ବିଭିନ୍ନ ପ୍ରକାର ବୋଟ୍ ରଖାଯିବ। ସେହିପରି ପିଲାଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବା ସହ ତାଲିମଧାରୀ ମଧ୍ୟ ନିୟୋଜିତ ହେବେ। ଏଥିସହ ଏଠାରେ ପିଲାଙ୍କ ନିମନ୍ତେ ବିଭିନ୍ନ ଖେଳ ସାମଗ୍ରୀ ଉପଲବ୍ଧ ହେବ। ପୋଖରୀ ନିକଟ ଶିଶୁ ଉଦ୍ୟାନକୁ ଉନ୍ନତୀକରଣ କରାଯିବା ନିମନ୍ତେ ଯୋଜନା ରହିଛି। ଅପରପକ୍ଷରେ ସନ୍ତରଣ ନିମନ୍ତେ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏ ସଂକ୍ରାନ୍ତରେ କାଉନସିଲ ବୈଠକରେ ଆଲୋଚନା ହେବା ପରେ ପୁନରୁଦ୍ଧାର ଯୋଜନାକୁ ଅନୁମୋଦନ କରାଯିବ। ପରେ ଏଥିପାଇଁ ବ୍ୟୟ ଅଟକଳ ପ୍ରସ୍ତୁତ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ୧ ଏକର ଜମିରେ ଉଭୟ ପୋଖରୀ ଓ ଶିଶୁ ଉଦ୍ୟାନ ରହିଛି। ୧୯୯୪ରେ ଏହି ପୋଖରୀର ପୁନରୁଦ୍ଧାର କରାଯାଇ ସନ୍ତରଣ କେନ୍ଦ୍ରରେ ପରିଣତ କରାଯାଇଥିଲା। ଏଠାରେ ସନ୍ତରଣ କୌଶଳ ଶିକ୍ଷାର ବ୍ୟବସ୍ଥା କରାଯାଇଥିଲା। ପରବର୍ତ୍ତୀ ସମୟରେ ସିଏମ୍‌ସି ଓ ପ୍ରଶାସନର ଆନ୍ତରିକତା ଅଭାବରୁ ତାହା ଅବହେଳିତ ଅବସ୍ଥାରେ ରହିଛି।

# ୫ ବର୍ଷରେ ଲକ୍ଷେ କୋଟି କାରବାର ପତଞ୍ଜଳିର ଲକ୍ଷ୍ୟ: ରାମଦେବ




ନୂଆଦିଲ୍ଲୀ, ୧୬ା୬ (କୁଲଦୀପ ସିଂ)

ପତଞ୍ଜଳି ଗ୍ରୁପ୍ ଆଗାମୀ ୫ ବର୍ଷରେ ଏହାର କାରବାରକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିବା ଯୋଗଗୁରୁ ରାମଦେବ କହିଛନ୍ତି। ଗ୍ରୁପ୍‌ର ବିଭିନ୍ନ ଉତ୍ପାଦ ଯଥା ନ୍ୟୁଟ୍ରାସ୍ୟୁଟିକାଲ୍ସ ହେଲ୍‌ଥ ବିସ୍କୁଟ, ନ୍ୟୁଟ୍ରେଲା ମିଲେଟ୍ ଆଧାରିତ ଶସ୍ୟ, ଡ୍ରାଇଏ ଫ୍ରୁଟ୍ ଆଦିର ଶୁଭାରମ୍ଭ ଅବସରରେ ରାମଦେବ କହିଥିଲେ, ବର୍ତ୍ତମାନ କମ୍ପାନୀର ବାର୍ଷିକ ରାଜସ୍ୱ ୪୫,୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ଆଗାମୀ ୫ ବର୍ଷରେ ଏହାକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବା ଆମର ଲକ୍ଷ୍ୟ। ପତଞ୍ଜଳି ଫୁଡ୍ସର ଟାର୍ଗେଟ୍ ୫୦,୦୦୦ କୋଟି ଟଙ୍କା ରଖାଯାଇଥିବା ରାମଦେବ କହିଛନ୍ତି। ଶୁକ୍ରବାର ପତଞ୍ଜଳି ବିଭିନ୍ନ ଗ୍ରାହକ ସେଗ୍‌ମେଣ୍ଟରେ ୧୪ଟ ନୂଆ ଉତ୍ପାଦ ଆଣିଛି। ସ୍ପୋର୍ଟ୍ସ ନ୍ୟୁଟ୍ରିଶନ ଉତ୍ପାଦଗୁଡ଼ିକର ଚାହିଦା ବଢ଼ୁଥିବାରୁ ଏହି ଶିଳ୍ପ ୧୮% ଅଭିବୃଦ୍ଧି ସହ ୨୦୨୮ ବେଳକୁ ୮,୦୦୦ କୋଟି ଟଙ୍କାରେ ପହଞ୍ଚିବ। ଉକ୍ତ ଚାହିଦା ପୂରଣ ପାଇଁ ପତଞ୍ଜଳି ଫୁଡ୍ସ ନ୍ୟୁଟ୍ରେଲା ସ୍ପୋର୍ଟସର ୬ଟି ଉତ୍ପାଦ ଏବଂ ୧୯ ଏସ୍‌କେୟୁ ଆଣିଛି। ସେଗୁଡ଼ିକ ମଧ୍ୟରେ ରହିଛି ନ୍ୟୁଟ୍ରେଲା ମାକ୍ସମିଲେଟ୍ସ ରାଗି ଚକୋ ସିରିଆଲ୍। ୭ଟି ଖାଦ୍ୟଶସ୍ୟରୁ ଏହା ପ୍ରସ୍ତୁତ ହୋଇଛି। ପ୍ରୋଟିନ୍, ଆଇରନ, ଫାଇବରର ଏକ ଉତ୍ତମ ଉତ୍ସ ଓ ସବୁ ବୟସବର୍ଗର ଲୋକଙ୍କ ପାଇଁ ଉପଯୁକ୍ତ ବୋଲି କମ୍ପାନୀ କହିଛି।

ଏହା ବ୍ୟତୀତ ପତଞ୍ଜଳି ଫୁଡ୍ ଲିଃ ୩ଟି ନୂଆ ବିସ୍କୁଟ୍ ଯଥା ମାଣ୍ଡିଆ ପ୍ରସ୍ତୁତ ବିସ୍କୁଟ୍, ୭ ଶସ୍ୟ ବିସ୍କୁଟ ଓ ହଜମକାରୀ ବିସ୍କୁଟ୍ ଲଞ୍ଚ କରିଛି। ଘରୋଇ ବଜାରରେ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ଚ୍ୟାଲେଞ୍ଜ କରି ପତଞ୍ଜଳି ଭାରତରେ ଆତ୍ମନିର୍ଭର ଉପରେ ଗୁରୁତ୍ୱ ଦେଉଛି। ୟୁନିଲିଭରକୁ ବାଦ୍‌ଦେଲେ ପତଞ୍ଜଳି ସମସ୍ତ ଏମ୍‌ଏନ୍‌ସିକୁ ଟପିଥିବା ରାମଦେବ କହିଛନ୍ତି।

# ପୁଅ ଧର୍ମ ପରିବର୍ତ୍ତନ କରିଥିବାରୁ ବାପା ମୃତଦେହକୁ ଶ୍ମଶାନ ମନା

ଉମରକୋଟ, ୧୬ା୬ (ସନ୍ତୋଷ ଶତପଥୀ)

ପୁଅ କରିଥିଲା ଧର୍ମ ପରିବର୍ତ୍ତନ। ତେଣୁ ତାଙ୍କ ବାପାଙ୍କ ମୃତ୍ୟୁ ପରେ ହିନ୍ଦୁ ଶ୍ମଶାନରେ ସତ୍କାର କରିବାକୁ ମିଳିଲାନି ଅନୁମତି। ଏପରି ଏକ ସମ୍ବେଦନଶୀଳ ଘଟଣା ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ବେହେଡ଼ା ପଞ୍ଚାୟତ ସିଉନାଗୁଡ଼ା ଗ୍ରାମରେ ଶୁକ୍ରବାର ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ସିଉନାଗୁଡ଼ା ଗ୍ରାମର ଡମ୍ବୁ ସାନ୍ତା(୫୫)ଙ୍କର ଶୁକ୍ରବାର ସକାଳେ ମୃତ୍ୟୁ ହୋଇଥିଲା। ଡମ୍ବୁଙ୍କ ସାନପୁଅ ହିନ୍ଦୁ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିଲେ। ଡମ୍ବୁ ସାନପୁଅଙ୍କ ନିକଟରେ ରହୁଥିଲେ। ତେଣୁ ତାଙ୍କ ମୃତ୍ୟୁପରେ ଗ୍ରାମବାସୀ ଡମ୍ବୁଙ୍କ ମୃତଦେହକୁ ହିନ୍ଦୁ ଶ୍ମଶାନରେ ସତ୍କାର କରିବା ସୁଯୋଗ ଦେଇ ନ ଥିଲେ। ଖବର ସଂଗ୍ରହ କରିବାକୁ ଖବରଦାତାମାନେ ସେଠାକୁ ଯାଇଥିଲେ ମଧ୍ୟ ଗ୍ରାମବାସୀ ସେମାନଙ୍କୁ ଗାଁ ଭିତରେ ପୂରାଇ ଦେଇ ନ ଥିଲେ। ଆପୋସ ବୁଝାମଣାରେ ଘଟଣା ସମାଧାନ କରାଯିବ କହି ଗ୍ରାମବାସୀ ଖବରଦାତାଙ୍କୁ ଫେରାଇ ଦେଇଥିଲେ। ତେବେ ଅପରାହ୍ନ ୪ଟା ସୁଦ୍ଧା ଘଟଣାର କୌଣସି ସମାଧାନ ନ ହେବାରୁ ମୃତକଙ୍କ ପରିବାର ଲୋକେ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଓ ତହସିଲଦାର ତୁଳା ମୁଦୁଲି ସିଉନାଗୁଡାରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ବୁର୍ଜା ଗାଁ ନିକଟ ଏକ ସ୍ଥାନରେ ରାତି ଭିତରେ ମୃତଦେହ ସତ୍କାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ୨୧ ଯାଏ ପ୍ରଚଣ୍ଡ ରୌଦ୍ରତାପ

ଭୁବନେଶ୍ୱର, ୧୬ା୬ (ଅନିଲ ଦାସ)

**ଭୁବନେଶ୍ୱର ତାପମାତ୍ରା ୪୪.୬°**

ଉପକୂଳରୁ ଉପାନ୍ତ ସବୁଠି ପାରଦ ଉପରମୁହାଁ ହୋଇଛି। ସୋନପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ୩ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀକୁ ଟପି ଯାଇଥିବା ବେଳେ ୮ଟି ସ୍ଥାନରେ ୪୪ ଡିଗ୍ରୀକୁ ପାର କରିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ଝାରସୁଗୁଡ଼ାରେ ସର୍ବାଧିକ ୪୫.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୫.୩, ସମ୍ବଲପୁର ୪୪.୮, ଅନୁଗୋଳ ୪୪.୭, ହୀରାକୁଦ ୪୪.୬, ଭୁବନେଶ୍ୱର ୪୪.୬, ସୁନ୍ଦରଗଡ଼ ୪୪.୫, ତାଳଚେର ୪୪.୪, ବୌଦ୍ଧ ୪୪.୨, ରାଉରକେଲା ୪୪, ବରଗଡ଼ ୪୪, ନୟାଗଡ଼ ୪୩.୫, ଢେଙ୍କାନାଳ ୪୩.୫, ଟିଟିଲାଗଡ଼ ୪୩.୫, ବାରିପଦା ୪୩.୨, ବ୍ରହ୍ମପୁର ୪୩.୨, ନୂଆପଡ଼ା ୪୩, ଭବାନୀପାଟଣା ୪୩, ଖୋର୍ଦ୍ଧା ୪୩, ମାଲକାନଗିରି ୪୨.୪, କଟକ ୪୨.୨, ଦେବଗଡ଼ ୪୨, କେନ୍ଦ୍ରାପଡ଼ା ୪୧.୮, ଫୁଲବାଣୀ ୪୧.୫, ପାରଳାଖେମୁଣ୍ଡି ୪୦.୯, କେନ୍ଦୁଝର ୪୦.୫, ଜଗତ୍‌ସିଂହପୁର ୪୦.୫, ଭଦ୍ରକ ୪୦.୪, ଚାନ୍ଦବାଲି ୪୦.୪ ଏବଂ ଯାଜପୁରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଅନ୍ୟପକ୍ଷରେ ଲମ୍ବିଚାଲିଛି ତତଲା ଦିନ। ଆସନ୍ତା ୨୧ ଯାଏ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ (ହିଟ୍‌ୱେଭ) ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ସେହିପରି ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୋଳ, ସମ୍ବଲପୁର, ବୌଦ୍ଧ, ସୋନପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, କଟକ ଏବଂ ଖୋର୍ଦ୍ଧା ଜିଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଏ ନେଇ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ସେହିପରି ଯାଜପୁର, ଢେଙ୍କାନାଳ, ବାଲେଶ୍ୱର, ମୟୂରଭଞ୍ଜ ଜିଲାରେ ମଧ୍ୟ ହିଟ୍‌ୱେଭ ଜାରି ରହିବ। ଉକ୍ତ ଜିଲାଗୁଡ଼ିକ ପାଇଁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ତେବେ ପାଗ କେବେ ବଦଳିବ ସେ ନେଇ ମଧ୍ୟ ଅନିଶ୍ଚିତତା ଦେଖାଦେଇଛି। ରାଜ୍ୟକୁ କେବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବ ସେ ନେଇ ପାଣିପାଗ ବିଭାଗ ପକ୍ଷରୁ ମଧ୍ୟ କିଛି ସ୍ପଷ୍ଟ କରାଯାଇ ପାରୁ ନାହିଁ।






# ଶୋଇଥିବା ଯୁବକଙ୍କୁ କଚାଡ଼ି ମାରିଲା ଦନ୍ତା

ଖମାର, ୧୬ା୬ (ରଜନୀକାନ୍ତ ମହାରଣା)

ଅସହ୍ୟ ଗରମରୁ ରକ୍ଷା ପାଇବା ପାଇଁ ବାରଣ୍ଡାରେ ଖଟ ପକାଇ ଶୋଇଥିବା ଜଣେ ଯୁବକଙ୍କୁ ଦଳିଦେଇଛି ହିଂସ୍ର ଦନ୍ତା। ଅନୁଗୋଳ ଜିଲା ପାଲଲହଡ଼ା ବନାଞ୍ଚଳ ଅଧୀନ ପେଚାମୁଣ୍ଡି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ମୃତକ ହେଲେ ପବିତ୍ର ନାଏକ (୩୦)।

ପରିବାର ଲୋକଙ୍କ କହିବା କଥା, ପବିତ୍ର ରାତ୍ରଭୋଜନ ସାରି ଘରେ ଶୋଇଥିଲେ। ଅସହ୍ୟ ଗୁଳୁଗୁଳି ହେଉଥିବାରୁ ପରେ ବାରଣ୍ଡାରେ ଖଟ ପକାଇ ଶୋଇବାକୁ ଚାଲିଯାଇଥିଲେ। ବିଳମ୍ବିତ ରାତିରେ ନିକଟ ଜଙ୍ଗଲରୁ ଗାଁମୁହାଁ ହୋଇଥିବା ଏକ ଦନ୍ତା ତାଙ୍କୁ ଟେକିନେଇ କଚାଡ଼ି ଦେବା ସହ ପାଦରେ ଦଳିଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକଙ୍କଠାରୁ ସୂଚନା ପାଇ ରେଞ୍ଜର ଦୁର୍ଯ୍ୟୋଧନ ଜରାଇ ବନ କର୍ମଚାରୀଙ୍କ ସହ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ ୬ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ପବିତ୍ରଙ୍କ ଶୁଦ୍ଧିକ୍ରିୟା ବାବଦକୁ ୪୦ ହଜାର ଟଙ୍କା ଦିଆଯାଇଛି। ମୃତକଙ୍କ ପରିବାରର ଜଣକୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ବିଧାୟକ ମୁକେଶ ପାଲ, ସ୍ଥାନୀୟ ସରପଞ୍ଚ ରମେଶ ପ୍ରଧାନ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ, ପବିତ୍ରଙ୍କ ଏକ ୭ ବର୍ଷର ଝିଅ ଅଛନ୍ତି।






# ଭିଜିଲାନ୍ସ ଜାଲରେ ପ୍ରାଣୀଧନ ଚିକିତ୍ସାଧିକାରୀ

ଆସିକା, ୧୬ା୬ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ରବି ନାରାୟଣ ସାହୁ ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ମୋବାଇଲ ଭେଟେରିନାରୀ ୟୁନିଟ ବ୍ୟବହାର ଲାଗି ନିୟୋଜିତ ଏକ ବୋଲେରୋର ଭଡା ନବୀକରଣ ଲାଗି କାଗଜପତ୍ର ପ୍ରସ୍ତୁତ କରିବା ନିମନ୍ତେ ସେ ଗାଡି ମାଲିକଙ୍କଠାରୁ ୯ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ଉକ୍ତ ଟଙ୍କା ଜବତ କରିଛି। ଘଟଣାର ଅଧିକ ତଦନ୍ତ ଲାଗି ସାହୁଙ୍କୁ ଭିଜିଲାନ୍ସ ଟିମ ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟକୁ ନେଇଛି। ଆସିକା ପ୍ରାଣୀଧନ ଚିକିତ୍ସା କାର୍ଯ୍ୟାଳୟ ଓ ଏହାସଂଲଗ୍ନ ବାସଗୃହ ଓ ଭୁବେନେଶ୍ୱରଠାରେ ସାହୁଙ୍କ ପରିବାର ରହୁଥିବା ଘରେ ଏକା ସମୟରେ ଚଢ଼ାଉ ଚାଲିଛି। ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏ ନେଇ ନଂ.୭/୨୩ ରେ ଏକ ମାମଲା ରୁଜୁ କରାଯାଇଛି।




# ୫ ବର୍ଷରେ ଲକ୍ଷେ କୋଟି କାରବାର ପତଞ୍ଜଳିର ଲକ୍ଷ୍ୟ: ରାମଦେବ




ନୂଆଦିଲ୍ଲୀ, ୧୬।୬ (କୁଳଦୀପ ସିଂ)

ପତଞ୍ଜଳି ଗ୍ରୁପ୍ ଆଗାମୀ ୫ ବର୍ଷରେ ଏହାର କାରବାରକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିବା ଯୋଗଗୁରୁ ରାମଦେବ କହିଛନ୍ତି। ଗ୍ରୁପ୍‌ର ବିଭିନ୍ନ ଉତ୍ପାଦ ଯଥା ନ୍ୟୁଟ୍ରାସ୍ୟୁଟିକାଲ୍ସ ହେଲ୍‌ଥ ବିସ୍କୁଟ, ନ୍ୟୁଟ୍ରେଲା ମିଲେଟ୍ ଆଧାରିତ ଶସ୍ୟ, ଡ୍ରାଇଏ ଫ୍ରୁଟ୍ ଆଦିର ଶୁଭାରମ୍ଭ ଅବସରରେ ରାମଦେବ କହିଥିଲେ, ବର୍ତ୍ତମାନ କମ୍ପାନୀର ବାର୍ଷିକ ରାଜସ୍ୱ ୪୫,୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ଆଗାମୀ ୫ ବର୍ଷରେ ଏହାକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବା ଆମର ଲକ୍ଷ୍ୟ। ପତଞ୍ଜଳି ଫୁଡ୍‌ସର ଟାର୍ଗେଟ୍ ୫୦,୦୦୦ କୋଟି ଟଙ୍କା ରଖାଯାଇଥିବା ରାମଦେବ କହିଛନ୍ତି। ଶୁକ୍ରବାର ପତଞ୍ଜଳି ବିଭିନ୍ନ ଗ୍ରାହକ ସେଗ୍‌ମେଣ୍ଟର ୧୪ଟ ନୂଆ ଉତ୍ପାଦ ଆଣିଛି। ସ୍ପୋର୍ଟ୍ସ ନ୍ୟୁଟ୍ରିଶନ ଉତ୍ପାଦଗୁଡ଼ିକର ଚାହିଦା ବଢୁଥିବାରୁ ଏହି ଶିଳ୍ପ ୧୮% ଅଭିବୃଦ୍ଧି ସହ ୨୦୨୮ ବେଳକୁ ୮,୦୦୦ କୋଟି ଟଙ୍କାରେ ପହଞ୍ଚିବ। ଉକ୍ତ ଚାହିଦା ପୂରଣ ପାଇଁ ପତଞ୍ଜଳି ଫୁଡ୍‌ସ ନ୍ୟୁଟ୍ରେଲା ସ୍ପୋର୍ଟସର ୬ଟି ଉତ୍ପାଦ ଏବଂ ୧୯ ଏସ୍‌କେୟୁ ଆଣିଛି। ସେଗୁଡ଼ିକ ମଧ୍ୟରେ ରହିଛି ନ୍ୟୁଟ୍ରେଲା ମାକ୍ସମିଲେଟ୍ସ ରାଗି ଚକୋ ସିରିଆଲ୍। ୭ଟି ଖାଦ୍ୟଶସ୍ୟରୁ ଏହା ପ୍ରସ୍ତୁତ ହୋଇଛି। ପ୍ରୋଟିନ୍, ଆଇରନ, ଫାଇବରର ଏକ ଉତ୍ତମ ଉତ୍ସ ଓ ସବୁ ବୟସବର୍ଗର ଲୋକଙ୍କ ପାଇଁ ଉପଯୁକ୍ତ ବୋଲି କମ୍ପାନୀ କହିଛି।

ଏହା ବ୍ୟତୀତ ପତଞ୍ଜଳି ଫୁଡ୍ ଲିଃ ୩ଟି ନୂଆ ବିସ୍କୁଟ୍ ଯଥା ମାଣ୍ଡିଆ ପ୍ରସ୍ତୁତ ବିସ୍କୁଟ୍, ୭ ଶସ୍ୟ ବିସ୍କୁଟ ଓ ହଜମକାରୀ ବିସ୍କୁଟ୍ ଲଞ୍ଚ କରିଛି। ଘରୋଇ ବଜାରରେ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ଚ୍ୟାଲେଞ୍ଜ କରି ପତଞ୍ଜଳି ଭାରତରେ ଆତ୍ମନିର୍ଭର ଉପରେ ଗୁରୁତ୍ୱ ଦେଉଛି। ୟୁନିଲିଭରକୁ ବାଦ୍‌ଦେଲେ ପତଞ୍ଜଳି ସମସ୍ତ ଏମ୍‌ଏନ୍‌ସିକୁ ଟପିଥିବା ରାମଦେବ କହିଛନ୍ତି।

# ପୁଅ ଧର୍ମ ପରିବର୍ତ୍ତନ କରିଥିବାରୁ ବାପା ମୃତଦେହକୁ ଶ୍ମଶାନ ମନା

ଉମରକୋଟ, ୧୬।୬ (ସନ୍ତୋଷ ଶତପଥୀ)

ପୁଅ କରିଥିଲା ଧର୍ମ ପରିବର୍ତ୍ତନ। ତେଣୁ ତାଙ୍କ ବାପାଙ୍କ ମୃତ୍ୟୁ ପରେ ହିନ୍ଦୁ ଶ୍ମଶାନରେ ସତ୍କାର କରିବାକୁ ମିଳିଲାନି ଅନୁମତି। ଏପରି ଏକ ସମ୍ବେଦନଶୀଳ ଘଟଣା ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ବେହେଡ଼ା ପଞ୍ଚାୟତ ସିଉନାଗୁଡ଼ା ଗ୍ରାମରେ ଶୁକ୍ରବାର ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ସିଉନାଗୁଡ଼ା ଗ୍ରାମର ଡମୁ ସାନ୍ତା(୫୫)ଙ୍କର ଶୁକ୍ରବାର ସକାଳେ ମୃତ୍ୟୁ ହୋଇଥିଲା। ଡମୁଙ୍କ ସାନପୁଅ ହିନ୍ଦୁ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିଲେ। ଡମୁ ସାନପୁଅଙ୍କ ନିକଟରେ ରହୁଥିଲେ। ତେଣୁ ତାଙ୍କ ମୃତ୍ୟୁପରେ ଗ୍ରାମବାସୀ ଡମୁଙ୍କ ମୃତଦେହକୁ ହିନ୍ଦୁ ଶ୍ମଶାନରେ ସତ୍କାର କରିବା ସୁଯୋଗ ଦେଇ ନ ଥିଲେ। ଖବର ସଂଗ୍ରହ କରିବାକୁ ଖବରଦାତାମାନେ ସେଠାକୁ ଯାଇଥିଲେ ମଧ୍ୟ ଗ୍ରାମବାସୀ ସେମାନଙ୍କୁ ଗାଁ ଭିତରେ ପୂରାଇ ଦେଇ ନ ଥିଲେ। ଆପୋସ ବୁଝାମଣାରେ ଘଟଣା ସମାଧାନ କରାଯିବ କହି ଗ୍ରାମବାସୀ ଖବରଦାତାଙ୍କୁ ଫେରାଇ ଦେଇଥିଲେ। ତେବେ ଅପରାହ୍ନ ୪ଟା ସୁଦ୍ଧା ଘଟଣାର କୌଣସି ସମାଧାନ ନ ହେବାରୁ ମୃତକଙ୍କ ପରିବାର ଲୋକେ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଓ ତହସିଲଦାର ତୁଳା ମୁଦୁଲି ସିଉନାଗୁଡାରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ବୁର୍ଜା ଗାଁ ନିକଟ ଏକ ସ୍ଥାନରେ ରାତି ଭିତରେ ମୃତଦେହ ସତ୍କାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ୨୧ ଯାଏ ପ୍ରଚଣ୍ଡ ରୌଦ୍ରତାପ

ଭୁବନେଶ୍ୱର, ୧୬।୬ (ଅନିଲ ଦାସ)

**ଭୁବନେଶ୍ୱର ତାପମାତ୍ରା ୪୪.୬°**

ଉପକୂଳରୁ ଉପାନ୍ତ ସବୁଠି ପାରଦ ଉପରମୁହାଁ ହୋଇଛି। ସୋନପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ୩ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀକୁ ଟପି ଯାଇଥିବା ବେଳେ ୮ଟି ସ୍ଥାନରେ ୪୪ ଡିଗ୍ରୀକୁ ପାର କରିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ଝାରସୁଗୁଡ଼ାରେ ସର୍ବାଧିକ ୪୫.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୫.୩, ସମ୍ବଲପୁର ୪୪.୮, ଅନୁଗୋଳ ୪୪.୭, ହୀରାକୁଦ ୪୪.୬, ଭୁବନେଶ୍ୱର ୪୪.୬, ସୁନ୍ଦରଗଡ଼ ୪୪.୫, ତାଳଚେର ୪୪.୪, ବୌଦ୍ଧ ୪୪.୨, ରାଉରକେଲା ୪୪, ବରଗଡ଼ ୪୪, ନୟାଗଡ଼ ୪୩.୫, ଢେଙ୍କାନାଳ ୪୩.୫, ଟିଟିଲାଗଡ଼ ୪୩.୫, ବାରିପଦା ୪୩.୨, ବ୍ରହ୍ମପୁର ୪୩.୨, ନୂଆପଡ଼ା ୪୩, ଭବାନୀପାଟଣା ୪୩, ଖୋର୍ଦ୍ଧା ୪୩, ମାଲକାନଗିରି ୪୨.୪, କଟକ ୪୨.୨, ଦେବଗଡ଼ ୪୨, କେନ୍ଦ୍ରାପଡ଼ା ୪୧.୮, ଫୁଲବାଣୀ ୪୧.୫, ପାରଳାଖେମୁଣ୍ଡି ୪୦.୯, କେନ୍ଦୁଝର ୪୦.୫, ଜଗତ୍‌ସିଂହପୁର ୪୦.୫, ଭଦ୍ରକ ୪୦.୪, ଚାନ୍ଦବାଲି ୪୦.୪ ଏବଂ ଯାଜପୁରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଅନ୍ୟପକ୍ଷରେ ଲମ୍ବିଚାଲିଛି ତତଲା ଦିନ। ଆସନ୍ତା ୨୧ ଯାଏ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ (ହିଟ୍‌ୱେଭ) ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ସେହିପରି ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୋଳ, ସମ୍ବଲପୁର, ବୌଦ୍ଧ, ସୋନପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, କଟକ ଏବଂ ଖୋର୍ଦ୍ଧା ଜିଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଏ ନେଇ ୟେଲୋୱାର୍ନିଂ ଜାରି କରାଯାଇଛି। ସେହିପରି ଯାଜପୁର, ଢେଙ୍କାନାଳ, ବାଲେଶ୍ୱର, ମୟୂରଭଞ୍ଜ ଜିଲାରେ ମଧ୍ୟ ହିଟ୍‌ୱେଭ ଜାରି ରହିବ। ଉକ୍ତ ଜିଲାଗୁଡ଼ିକ ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି। ତେବେ ପାଗ କେବେ ବଦଳିବ ସେ ନେଇ ମଧ୍ୟ ଅନିଶ୍ଚିତତା ଦେଖାଦେଇଛି। ରାଜ୍ୟକୁ କେବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବ ସେ ନେଇ ପାଣିପାଗ ବିଭାଗ ପକ୍ଷରୁ ମଧ୍ୟ କିଛି ସ୍ପଷ୍ଟ କରାଯାଇ ପାରୁ ନାହିଁ।




# ଶୋଇଥିବା ଯୁବକଙ୍କୁ କଚାଡ଼ି ମାରିଲା ଦନ୍ତା

ଖମାର, ୧୬।୬ (ରଜନୀକାନ୍ତ ମହାରଣା)

ଅସହ୍ୟ ଗରମରୁ ରକ୍ଷା ପାଇବା ପାଇଁ ବାରଣ୍ଡାରେ ଖଟ ପକାଇ ଶୋଇଥିବା ଜଣେ ଯୁବକଙ୍କୁ ଦଳିଦେଇଛି ହିଂସ୍ର ଦନ୍ତା। ଅନୁଗୋଳ ଜିଲା ପାଲଲହଡ଼ା ବନାଞ୍ଚଳ ଅଧୀନ ପେଚାମୁଣ୍ଡି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ମୃତକ ହେଲେ ପବିତ୍ର ନାଏକ (୩୦)। ପରିବାରକୁ ସରକାରୀ ନିୟମ ଅନୁଯାୟୀ ୬ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ପବିତ୍ରଙ୍କ ଶୁଦ୍ଧିକ୍ରିୟା ବାବଦକୁ ୪୦ ହଜାର ଟଙ୍କା ଦିଆଯାଇଛି। ମୃତକଙ୍କ ପରିବାରର ଜଣକୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ବିଧାୟକ ମୁକେଶ ପାଲ, ସ୍ଥାନୀୟ ସରପଞ୍ଚ ରମେଶ ପ୍ରଧାନ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ, ପବିତ୍ରଙ୍କ ଏକ ୭ ବର୍ଷର ଝିଅ ଅଛନ୍ତି।

ପରିବାର ଲୋକଙ୍କ କହିବା କଥା, ପବିତ୍ର ରାତ୍ରଭୋଜନ ସାରି ଘରେ ଶୋଇଥିଲେ। ଅସହ୍ୟ ଗୁଳୁଗୁଳି ହେଉଥିବାରୁ ପରେ ବାରଣ୍ଡାରେ ଖଟ ପକାଇ ଶୋଇବାକୁ ଚାଲିଯାଇଥିଲେ। ବିଳମ୍ବିତ ରାତିରେ ନିକଟ ଜଙ୍ଗଲରୁ ଗାଁମୁହାଁ ହୋଇଥିବା ଏକ ଦନ୍ତା ତାଙ୍କୁ ଟେକିନେଇ କଚାଡ଼ି ଦେବା ସହ ପାଦରେ ଦଳିଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକଙ୍କଠାରୁ ସୂଚନା ପାଇ ରେଞ୍ଜର ଦୁର୍ଯ୍ୟୋଧନ ଜରାଇ ବନ କର୍ମଚାରୀଙ୍କ ସହ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବନ ବିଭାଗ ପକ୍ଷରୁ ମୃତକଙ୍କ




# ଭିଜିଲାନ୍ସ ଜାଲରେ ପ୍ରାଣୀଧନ ଚିକିତ୍ସାଧିକାରୀ

ଆସିକା, ୧୬।୬ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ରବି ନାରାୟଣ ସାହୁ ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ମୋବାଇଲ ଭେଟେରିନାରୀ ୟୁନିଟ ବ୍ୟବହାର ଲାଗି ନିୟୋଜିତ ଏକ ବୋଲେରୋର ଭଡା ନବୀକରଣ ଲାଗି କାଗଜପତ୍ର ପ୍ରସ୍ତୁତ କରିବା ନିମନ୍ତେ ସେ ଗାଡି ମାଲିକଙ୍କଠାରୁ ୯ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ଉକ୍ତ ଟଙ୍କା ଜବତ କରିଛି। ଘଟଣାର ଅଧିକ ତଦନ୍ତ ଲାଗି ସାହୁଙ୍କୁ ଭିଜିଲାନ୍ସ ଟିମ ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟକୁ ନେଇଛି। ଆସିକା ପ୍ରାଣୀଧନ ଚିକିତ୍ସା କାର୍ଯ୍ୟାଳୟ ଓ ଏହାସଂଲଗ୍ନ ବାସଗୃହ ଓ ଭୁବେନେଶ୍ୱରଠାରେ ସାହୁଙ୍କ ପରିବାର ରହୁଥିବା ଘରେ ଏକା ସମୟରେ ଚଢ଼ାଉ ଚାଲିଛି। ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏ ନେଇ ନଂ.୭/୨୩ ରେ ଏକ ମାମଲା ରୁଜୁ କରାଯାଇଛି।



# ଆଦିପୁରୁଷରେ ପ୍ରଭାସଙ୍କ ଜବରଦସ୍ତ କମ୍‌ବ୍ୟାକ୍



ନୂଆଦିଲ୍ଲୀ/ମୁମ୍ବାଇ

ରାମାୟଣ କଥାବସ୍ତୁ ଉପରେ ଆଧାରିତ ପାନ୍ ଇଣ୍ଡିଆ ଫିଲ୍ମ 'ଆଦିପୁରୁଷ' ଶୁକ୍ରବାର ମୁକ୍ତିଲାଭ କରିଛି। ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତା ପ୍ରଭାସ। ଫିଲ୍ମରେ ପ୍ରଭାସଙ୍କ ରାମ ଭୂମିକା ଚରିତ୍ରକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏତିକି ନୁହେଁ ବାହୁବଳୀ:୨ ପରେ ଆଦିପୁରୁଷରେ ପ୍ରଭାସ ବଡ଼ ପରଦାକୁ ଜବରଦସ୍ତ କମ୍‌ବ୍ୟାକ୍ କରିଥିବା କୁହାଯାଉଛି। ଓମ୍ ରାଉତଙ୍କ ନିର୍ଦ୍ଦେଶିତ ବିବାଦୀୟ ଫିଲ୍ମକୁ ଦର୍ଶକଙ୍କ ଆଶାନୁରୂପ ଭଲପାଇବା ମିଳିଛି। କିନ୍ତୁ ଏଥିରେ ବ୍ୟବହାର ଭିଜୁଆଲ୍ ଇଫେକ୍ଟ (ଭିଏଫ୍ଏକ୍ସ) ସିନେପ୍ରେମୀଙ୍କୁ ଅସନ୍ତୁଷ୍ଟ କରିଛି।

ଆଦିପୁରୁଷରେ କ୍ରିତି ସାନନ୍ ସୀତାଙ୍କ ଭୂମିକାରେ ନଜର ଆସିଥିବାବେଳେ ସନୀ ସିଂ ଲକ୍ଷ୍ମଣ ଏବଂ ସୈଫଅଲି ଖାନ୍ ରାବଣ ଚରିତ୍ରରେ ଅଭିନୟ କରିଛନ୍ତି। ରାମ, ସୀତା ଓ ହନୁମାନଙ୍କ ଲୁକ୍ ଓ କଷ୍ଟ୍ୟୁମ୍ ଡିଜାଇନ୍ ଭଲ ଥିବାବେଳେ କିନ୍ତୁ ରାବଣଙ୍କ ମେକ୍‌ଅପ୍ ସେତେ ଖାସ୍ ନ ଥିବା ଅନେକ ଦର୍ଶକଙ୍କ ମତ ରହିଛି। କଳାକାରମାନଙ୍କ ଅଭିନୟ, ଡାଇଲଗ୍ ଓ ଗୀତ ପସନ୍ଦଯୋଗ୍ୟ ହୋଇପାରିଛି। ପ୍ରତିଟି କଳାକାର ନିଜ ଚରିତ୍ରକୁ ପରଦାରେ ଉପସ୍ଥାପନ କରିବାର ପ୍ରୟାସ କରିଛନ୍ତି। ଫିଲ୍ମ ସମ୍ପର୍କରେ ଅନେକ ଟୁଇଟର ୟୁଜର୍ ପୋଷ୍ଟ ଶେୟାର କରି ନିଜ ମତ ପ୍ରକାଶ କରିଥିବାବେଳେ ଆଦିପୁରୁଷକୁ ସମାଲୋଚନା କଲାଭଳି ବହୁ ମିମ୍ ବହୁଳ ଭାବେ ପ୍ରସାରିତ ହେଉଛି। ୫୦୦ କୋଟି ଟଙ୍କାରେ ନିର୍ମିତ ଏହି ଫିଲ୍ମର ଆଗୁଆ ଟିକେଟ୍ ବୁକିଂ ରବିବାରରୁ ଆରମ୍ଭ ହୋଇଥିଲା। ଏଥିରେ ଫିଲ୍ମଟି ମୋଟ ୧୨ କୋଟି ଟଙ୍କାର ବ୍ୟବସାୟ କରିଛି। ଆଦିପୁରୁଷର ହିନ୍ଦୀ ସଂସ୍କରଣ ପାଇଁ ଦେଶବ୍ୟାପୀ ଶୁକ୍ରବାର ସୁଦ୍ଧା ୧ ଲକ୍ଷ ଟିକେଟ ବିକ୍ରି ହୋଇଛି। ଟିକେଟ୍ ବୁକିଂକୁ ଦୃଷ୍ଟିରେ ରଖି ଆଦିପୁରୁଷ ଶାହରୁଖ ଖାନ୍‌ଙ୍କ 'ପଠାନ୍'କୁ ପଛରେ ପକାଇଦେବା ନେଇ ଫିଲ୍ମ ଆନାଲିଷ୍ଟମାନେ ଆଶା ପ୍ରକାଶ କରିଛନ୍ତି।

ହିନ୍ଦୁ ସେନା ସଙ୍ଗଠନ ପକ୍ଷରୁ ଶୁକ୍ରବାର 'ଆଦିପୁରୁଷ' ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ରୁଜୁ ହୋଇଛି। ପରମ୍ପରା ବିରୁଦ୍ଧରେ ଯାଇ ଫିଲ୍ମରେ ପ୍ରଭୁ ରାମଙ୍କ ନାମ ଏବଂ ରାମାୟଣକୁ ବ୍ୟବହାର କରାଯାଇଥିବା ଅଭିଯୋଗରେ କୁହାଯାଇଛି। ଗତବର୍ଷ ଫିଲ୍ମର ଟିଜର ରିଲିଜ୍ ବେଳେ ବିବାଦ ମୁଣ୍ଡ ଟେକିଥିଲା। ଆଦିପୁରୁଷ ଫିଲ୍ମଟି ହିନ୍ଦୁ ଧର୍ମୀୟ ଭାବନାକୁ ଆଘାତ ଦେଉଥିବା ନେଇ ବହୁ ହିନ୍ଦୁ ସଙ୍ଗଠନ ଅଭିଯୋଗ କରିବା ସହ ଫିଲ୍ମକୁ ବ୍ୟାନ୍ କରିବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ରିଲିଜ ପରେ ବି ଆଦିପୁରୁଷର ପଛ ଛାଡୁନି ବିବାଦ। ଫିଲ୍ମରେ ସୀତାଙ୍କୁ ଭାରତର ଝିଅ ବୋଲି ସମ୍ବୋଧନ କରାଯିବାକୁ ନେଇ ନେପାଳରେ ବିବାଦ ଦେଖିବାକୁ ମିଳିଛି। କାଠମାଣ୍ଡୁ ମେୟର ବାଲେନ ଶାହ ଦେଶରେ ହିନ୍ଦୀ ଫିଲ୍ମକୁ ବ୍ୟାନ୍ କରିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷେ ହାଇଦ୍ରାବାଦର ଥିଏଟର ବାହାରେ ଜଣେ ବ୍ୟକ୍ତି ଆଦିପୁରୁଷ ସମ୍ପର୍କରେ ଖରାପ ମନ୍ତବ୍ୟ ଦେଇଥିବାବେଳେ ପ୍ରଭାସଙ୍କ କେତେଜଣ ପ୍ରଶଂସକ ତାଙ୍କୁ ମାଡ଼ ମାରିଥିବା ଘଟଣା ସାମ୍ନାକୁ ଆସିଛି।

# କିଙ୍ଗ୍ ଚାର୍ଲ୍ସଙ୍କ ଜନ୍ମଦିନରେ ନିମନ୍ତ୍ରିତ ନ ଥିଲେ ହ୍ୟାରି



**ଲଣ୍ଡନ:** କିଙ୍ଗ୍ ଚାର୍ଲ୍ସ ୩ୟ ଚଳତ ବର୍ଷ ପ୍ରଥମ କରି ବ୍ରିଟେନ୍‌ର ରାଜା ଭାବେ ନିଜ ଜନ୍ମ ଦିନ ପାଳନ କରିଛନ୍ତି। ଏହି ଅବସରରେ ଟ୍ରୁପିଙ୍ଗ୍ ଦ କଲର ବାର୍ଥଡେ ପରେଡ୍‌ର ଆୟୋଜନ କରାଯାଇଥିଲା। ଏଥିରେ ରାଜପରିବାରର ସଦସ୍ୟ ଉପସ୍ଥିତ ଥିବାବେଳେ ହ୍ୟାରି ଓ ସ୍ତ୍ରୀ ମେଘାନ୍‌ଙ୍କୁ ଦେଖିବାକୁ ମିଳି ନ ଥିଲା। ଏକାଧିକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରସାରିତ ଖବର ଅନୁସାରେ ଚାର୍ଲ୍ସ ୩ୟଙ୍କ ଜନ୍ମଦିନ କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ହ୍ୟାରିଙ୍କୁ ଡକାଯାଇ ନ ଥିଲା। ହ୍ୟାରି ପ୍ରଥମ ଥର ଲାଗି ଚାର୍ଲ୍ସଙ୍କ ଜନ୍ମଦିନ କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିବା କୁହାଯାଉଛି। ଜୁନ୍ ୧୭ରେ ଚାର୍ଲ୍ସଙ୍କ ଜନ୍ମଦିନ ଅବସରରେ ୧୪୦୦ ଯବାନ, ୪୦୦ ଘୋଡ଼ାଚାଳକ ଏବଂ ୪୦୦ ମ୍ୟୁଜିସିଆନ୍‌ଙ୍କୁ ନେଇ ଏକ ବିଶେଷ ପରେଡ୍ କାର୍ଯ୍ୟକ୍ରମ କରାଯାଇଥିଲା।

**ODISHA ADARSHA VIDYALAYA, KHAPRAKHOL**
At/P.O.: Khaprakhol, Block: Khaprakhol, Balangir - 767028

**WALK-IN-INTERVIEW**

Walk-in-Interview for appointment to the Post of **TGT Hindi** on purely temporary vacancy at Odisha Adarsha Vidyalaya, Khaprakhol for the session 2023-24. Willing candidates can attend the **Walk-in-Interview** in the Vidyalaya on **Dt.24.06.2023 (Sat) at 10 A.M.** with all original certificate of educational qualifications and experience.
For details visit district website **www.balangir.nic.in**.
**Sd./- I/C Principal, OAV, Khaprakhol**

**MILK UNION SAMBALPUR**

**VEHICLE REQUIRED ON HIRE**

1. Max Pickup (2.5 Ton Capacity) or similar type of Vehicle required on Hire for lakhmara-Padampur Milk Route running covering 140 Km. both Morning & Evening Shift.
2. TATA ACE or similar type of Vehicle required on Hire for Antarda-Binka Milk Route running covering 120 Km. both Morning & Evening Shift.
3. TATA ACE or similar type of Vehicle required on Hire for Gond Turum-Garvana Milk Route running covering 104 Km. both Morning & Evening Shift.

**Interested parties may purchase and submit tender by 22.06.2023.**
**Tender Paper Cost: Rs.200/- + GST**
**EMD: Rs.2,000/-**

**ODISHA ADARSHA VIDYALAYA**
**GONDHIPALLY, MALKANGIRI**
DIST:MALKANGIRI, ODISHA, PIN CODE- 764045
E-mail:oavgondhipally@gmail.com, Contact No.:7077270403, 9090216331

Date:16.06.2023

**NOTIFICATION**

It is brought to the notice of all concerned that the draft merit list of candidates applied for the post of Warden, Chowkidar-cum-Sweeper, Cook and Asst. Cook for 100 seated Girl's Hostel (KGBV-Type IV) of OAV, Gondhipally, Malkangiri in response to Notification No:02/Date: 02.11.2022 is here by published and the details can be downloaded from the website i.e. www.malkangiri.nic.in. The list of rejected applications is also published separately with grounds thereof. Candidates may submit their objections if any with valid documents to this office on or before 23.06.2023 through the vidyalaya mail.

**Sd./- Principal**
**OAV, Gondhipally, Malkangiri**

**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥର ସ୍କ୍ରାପ୍ ବିକ୍ରୟ**

ନଂ.: ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ଏସ୍‌ଏଲ୍‌ଇ(ଡିଏସ୍‌ପିଏଲ୍)/୪/୨୦୨୧-ଏସ୍‌ଏଲ୍‌ଇ/୨ ତାରିଖ: ୧୫।୦୬।୨୦୨୩

**ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର ୨୦୨୩ ମାସ ପାଇଁ ଇ-ନିଲାମ କାର୍ଯ୍ୟକ୍ରମ**

| ମାସ | ଡିଭିଜନ ଏବଂ ଡିପୋ | | | | |
|---|---|---|---|---|---|
| | ଆଦ୍ରା ଡିଭିଜନ | ଖଡ଼ଗପୁର ଡିପୋ | ଚକ୍ରଧରପୁର ଡିଭିଜନ | ଖଡ଼ଗପୁର ଡିଭିଜନ | ରାଞ୍ଚି ଡିଭିଜନ |
| ଜୁଲାଇ, ୨୦୨୩ | ୧୦।୦୭।୨୦୨୩ | ୦୪।୦୭।୨୦୨୩ | ୦୫।୦୭।୨୦୨୩ | ୦୬।୦୭।୨୦୨୩ | ୦୭।୦୭।୨୦୨୩ |
| | ୧୭।୦୭।୨୦୨୩ | ୧୧।୦୭।୨୦୨୩ | ୧୨।୦୭।୨୦୨୩ | ୧୩।୦୭।୨୦୨୩ | ୧୪।୦୭।୨୦୨୩ |
| | ୨୪।୦୭।୨୦୨୩ | ୧୮।୦୭।୨୦୨୩ | ୧୯।୦୭।୨୦୨୩ | ୨୦।୦୭।୨୦୨୩ | ୨୧।୦୭।୨୦୨୩ |
| | ୩୧।୦୭।୨୦୨୩ | ୨୫।୦୭।୨୦୨୩ | ୨୬।୦୭।୨୦୨୩ | ୨୭।୦୭।୨୦୨୩ | ୨୮।୦୭।୨୦୨୩ |
| ଅଗଷ୍ଟ, ୨୦୨୩ | ୦୭।୦୮।୨୦୨୩ | ୦୧।୦୮।୨୦୨୩ | ୦୨।୦୮।୨୦୨୩ | ୦୩।୦୮।୨୦୨୩ | ୦୪।୦୮।୨୦୨୩ |
| | ୧୪।୦୮।୨୦୨୩ | ୦୮।୦୮।୨୦୨୩ | ୦୯।୦୮।୨୦୨୩ | ୧୦।୦୮।୨୦୨୩ | ୧୧।୦୮।୨୦୨୩ |
| | ୨୧।୦୮।୨୦୨୩ | ୨୨।୦୮।୨୦୨୩ | ୧୬।୦୮।୨୦୨୩ | ୧୭।୦୮।୨୦୨୩ | ୧୮।୦୮।୨୦୨୩ |
| | ୨୮।୦୮।୨୦୨୩ | ୨୯।୦୮।୨୦୨୩ | ୨୩।୦୮।୨୦୨୩ | ୩୧।୦୮।୨୦୨୩ | ୨୫।୦୮।୨୦୨୩ |
| ସେପ୍ଟେମ୍ବର, ୨୦୨୩ | ୦୪।୦୯।୨୦୨୩ | ୦୫।୦୯।୨୦୨୩ | ୦୬।୦୯।୨୦୨୩ | ୦୮।୦୯।୨୦୨୩ | ୦୧।୦୯।୨୦୨୩ |
| | ୧୧।୦୯।୨୦୨୩ | ୧୨।୦୯।୨୦୨୩ | ୧୩।୦୯।୨୦୨୩ | ୧୪।୦୯।୨୦୨୩ | ୦୮।୦୯।୨୦୨୩ |
| | ୧୮।୦୯।୨୦୨୩ | ୧୯।୦୯।୨୦୨୩ | ୨୦।୦୯।୨୦୨୩ | ୨୧।୦୯।୨୦୨୩ | ୧୫।୦୯।୨୦୨୩ |
| | ୨୫।୦୯।୨୦୨୩ | ୨୬।୦୯।୨୦୨୩ | ୨୭।୦୯।୨୦୨୩ | ୨୯।୦୯।୨୦୨୩ | ୨୨।୦୯।୨୦୨୩ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ପାଇଁ ଦୟାକରି ନିମ୍ନଲିଖିତ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: **www.ireps.gov.in/e-Auction**

(PR-290) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

# ଟିକୁ ୱେଡ୍ସ ଶେରୁ : ବୟସକୁ ନେଇ ବିବାଦ



**ମୁମ୍ବାଇ:** ବଲିଉଡ୍‌ର ସେଲ୍ଫମେଡ୍ ଆକ୍ଟର ନୱାଜୁଦ୍ଦିନ ସିଦ୍ଦିକି ଏବଂ ନଭନିତ କୌରଙ୍କ ଅପ୍‌କମିଂ ଫିଲ୍ମ 'ଟିକୁ ୱେଡ୍ସ ଶେରୁ' କୋଷ୍ଟାରଙ୍କ ବୟସକୁ ନେଇ ବିବାଦ ମୁଣ୍ଡ ଟେକିଛି। ସାଇ କବିରଙ୍କ ନିର୍ଦ୍ଦେଶିତ ଏବଂ କଙ୍ଗନା ରାଣାଓ୍ୱତଙ୍କ ପ୍ରଯୋଜିତ ଏହି ଫିଲ୍ମ ଗୁରୁବାର ମୁକ୍ତିଲାଭ କରିଛି। ଫିଲ୍ମରେ ନୱାଜୁଦ୍ଦିନ ଓ ନଭନିତଙ୍କ ମଧ୍ୟରେ ବୟସ ବ୍ୟବଧାନ ଅଧିକ ହେବା ଯୋଗୁ ଅନେକେ ଏହାକୁ ପସନ୍ଦ କରୁ ନ ଥିବା ଜଣାପଡ଼ିଛି। ଚଳଚ୍ଚିତ୍ରରେ ନବନିତ ଟିକୁ ଚରିତ୍ରରେ ଅଭିନୟ କରିଥିବାବେଳେ ନୱାଜୁଦ୍ଦିନ ଶେରୁ ଭୂମିକାରେ ନଜର ଆସିଛନ୍ତି। ଅଭିନୟ ଜଗତରେ ନିଜ କ୍ୟାରିୟର ଗଢ଼ିବା ପାଇଁ ଟିକୁ ବଡ଼ ଅଭିନେତ୍ରୀ ହେବାକୁ ସ୍ୱପ୍ନ ଦେଖୁଥିବାବେଳେ ଶେରୁଙ୍କ ସହ ତାଙ୍କ ବାହାଘର ହୋଇଯାଏ। ଚରିତ୍ରରେ ଅଭିନୟ କରିଥିବା ନୱାଜୁଦ୍ଦିନଙ୍କୁ ସେ ବିବାହ କରୁଛନ୍ତି। ଏହାପରେ ଫିଲ୍ମର କାହାଣୀ ଆରମ୍ଭ ହୁଏ। ଚଳଚ୍ଚିତ୍ରରେ ନୱାଜୁଦ୍ଦିନ ଓ ନଭନିତଙ୍କର ଏକ ଚୁମ୍ବନ ସିନ୍ ରହିଛି, ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ସୂର୍ଯ୍ୟନଗର ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ସୂର୍ଯ୍ୟନଗର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ସୂର୍ଯ୍ୟନଗର ଶାଖା/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ଆଶିଷ କୁମାର ଦାସ,** ସା: ପ୍ଲଟ୍ ନଂ.: ୧୮୯/୧୯୫୬, ଚିତ୍ତ ମହାନ୍ତି କଲୋନୀ, ୟୁନିଟ୍-୬, ଭୁବନେଶ୍ୱର / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମଞ୍ଜୁଲତା ଦାସ,** ସା: ପ୍ଲଟ୍ ନଂ.: ୧୮୯/୧୯୫୬, ଚିତ୍ତ ମହାନ୍ତି କଲୋନୀ, ୟୁନିଟ୍-୬, ଭୁବନେଶ୍ୱର | ୧୨.୦୬.୨୦୨୩ ସୁଦ୍ଧା ଟ.୧୮,୦୫,୦୪୧.୭୭ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୮.୦୭.୨୦୨୨ / ୧୨.୦୬.୨୦୨୩ | **ଶ୍ରୀମତୀ ମଞ୍ଜୁଲତା ଦାସ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୀମପୁର, ଥାନା: ଏୟାରଫିଲ୍ଡ, ତହସିଲ: ଭୁବନେଶ୍ୱର, ଖାତା ନଂ.: ୫୪୪/୫୨୬, ପ୍ଲଟ୍ ନଂ.: ୧୮୯/୧୯୫୬, କ୍ଷେତ୍ର: ଏକର୦.୦୫୦ ଡ଼ିସିମିଲ ଯାହା ୨୧୭୮ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ପୂର୍ବ: ପିଭିଆର୍ ମୂର୍ତ୍ତି, ଦକ୍ଷିଣ: ଡ୍ରେନ୍, ପଶ୍ଚିମ: ବେଣୁଧର ମହାନ୍ତି |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୧୬.୦୬.୨୦୨୩** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**

No. L-43

**DIRECTORATE OF HORTICULTURE, ODISHA**

**REQUEST FOR PROPOSAL**

**for selection of agency for setting up "PROJECT MANAGEMENT UNIT (PMU)" under Support to Farmer Producer Organisations (FPOs) scheme, Directorate of Horticulture, Department of Agriculture & Farmers' Empowerment, Government of Odisha**

Directorate of Horticulture, Odisha seeks to invite proposal from consultancy agencies for selection of agency for setting up of "Project Management Unit (PMU)" under Support to Farmer Producer Organisations (FPOs) scheme under the Department of Agriculture & Farmers' Empowerment, Government of Odisha. The bidder can access and download the complete RFP and TOR documents with other details from the website **https://agriodisha.gov.in**. The date and time for submission of proposal is from **13.06.2023 to 07.07.2023 (3.00 PM). The interested agencies can apply for the bid through hard copy only. The hard copy of the RFP complete in all respect must reach the undersigned by Registered post / Speed post only on or before at 3:00 PM dated 07.07.2023 in a sealed envelope clearly mentioning "Request for Proposal for engagement of PROJECT MANAGEMENT UNIT (PMU)", under Support to Farmer Producer Organisations (FPOs) scheme, Directorate of Horticulture, Government of Odisha" on top of it and addressed to "The Directorate of Horticulture, Bhubaneswar, Department of Agriculture and Farmers' Empowerment, Government of Odisha, Krushi Bhawan, Gopabandhu Marg, Keshari Nagar (Near State Guest House), Pin- 751001.**

The proposal received beyond the last date and time will be rejected. The authority reserves the right to reject any/all proposals without assigning any reason thereof.

**Sd/-**
**Director of Horticulture,**
**Odisha, Bhubaneswar**

**OIPR-01102/11/0008/2324**

# ଯୌତୁକ ପାଇଁ ଗଛରେ ବନ୍ଧାହେଲେ ବର

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶ ପ୍ରତାପଗଡ଼ରେ ବରକୁ ଯୌତୁକ ଦାବି କରିବାରୁ ଗ୍ରାମବାସୀ ତାଙ୍କୁ ଗଛରେ ବାନ୍ଧି ଦେବା ଖବର ସାମ୍ନାକୁ ଆସିଛି। ସ୍ଥାନୀୟ ଗ୍ରାମରେ ଗତ ମଙ୍ଗଳବାର ଏକ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାଳା ପିନ୍ଧାଇବା ସମୟରେ ବର ଅମରଜିତ କନ୍ୟା ଘରକୁ ଯୌତୁକ ଦାବି କରିଥିଲେ। ଏଥିରେ କ୍ଷୁବ୍ଧ ହୋଇ ଗ୍ରାମବାସୀ ବରକୁ ନିକଟସ୍ଥ ଗଛରେ ବାନ୍ଧି



ଦେଇଥିଲେ। ସୂଚନା ପାଇ ମନ୍ଧତା ପୋଲିସ ସେଠାରେ ପହଞ୍ଚି ବରକୁ ଥାନାକୁ ନେଇଯାଇଥିଲେ। ଅମରଜିତ ଓ କନ୍ୟା ଘର ଲୋକେ ବାହାଘର ପାଇଁ ରାଜି ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ପୋଲିସ ଉପସ୍ଥିତିରେ ବିବାହ ଆୟୋଜନରେ କନ୍ୟା ଘର ଖର୍ଚ୍ଚ କରିଥିବା ଟଙ୍କାକୁ ଅମରଜିତଙ୍କ ପରିବାର ଲୋକେ ଦେବାନେଇ ନିଷ୍ପତ୍ତି ନିଆଗଲା।

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
email- serwsbd2003@yahoo.com

No:2353 **1st Corrigendum** Date:13.06.2023

**No.O-227:** In continuation to this office Bid identification No CCERWCSBD Online-03/2023-24 invited vide this office Notice No. 2069, Dtd.22.05.2023 partial modification of TCN has been made as follows:-

| Sl. No. | Item | Time Schedule as per Original TCN | Time Schedule as per Corrigendum notice |
|---|---|---|---|
| 1 | Availability of Tender Online for bidding | 19.06.2023 upto 5.30 PM | Extended upto 5.30 PM of 04.07.2023 |
| 2 | Date and Time of seeking tender clarification if any | 17.06.2023 upto 2.00 PM | 01.07.2023 upto 2.00 PM |
| 3 | Date & Time of opening of tender (Technical Bid) | 21.06.2023 at 11.00 AM | 05.07.2023 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

**Sd./- Chief Construction Engineer**
**Rural Works Circle, Sunabeda**

**OIPR-25182/11/0006/2324**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
email- serwsbd2003@yahoo.com

**e- Procurement Notice for Road Work**

**No.O-228:** 1.Name of the work : Improvement of Mundiguda RD road to Gujuniguda road under Improvement of Existing RD Roads in the Districts of Koraput for the year 2022-23. 2. Class of contractor : "A" Class of (Odisha PWD) or relevant class of other licensing authority. 3. Estimated Cost : Rs.487.90 Lakhs (Approximately). 4.Details projects as per Annexure attached.

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-06/2023-24 | 22.06.2023 at 11.00A.M. | 06.07.2023 upto 5.30 P.M. | 05.07.2023 up to 2.00 P.M. | 07.07.2023 at 11.00A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender website.

**Sd./- Chief Construction Engineer**
**Rural Works Circle, Sunabeda**

**OIPR-25182/11/0008/2324**

**ବିଜ୍ଞପ୍ତି**
**ବାହାନଗା ବଜାର (ବାଲେଶ୍ୱର)ର ଦୁଃଖଦ ରେଳ ଦୁର୍ଘଟଣାରେ ମୃତକଙ୍କ ସମ୍ପର୍କୀୟ/ଆତ୍ମୀୟଙ୍କ ନିମନ୍ତେ**

ଏତଦ୍ଦ୍ୱାରା 02.06.2023ରେ ବାହାନଗା ବଜାର, ଜିଲ୍ଲା-ବାଲେଶ୍ୱର (ଓଡ଼ିଶା)ରେ 12841 ଶାଲିମାର-ଏମ୍‌ଜିଆର ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍ ଏବଂ 12864 ଏସ୍‌ଏମ୍‌ଭିବି ହାଓଡ଼ା ଏକ୍ସପ୍ରେସ୍ ମଧ୍ୟରେ ସଂଘଟିତ ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ/ଆତ୍ମୀୟମାନଙ୍କୁ ଅଚିହ୍ନା ମୃତକଙ୍କ ସହ ସମ୍ପର୍କ ସିଦ୍ଧ କରିବା ନିମନ୍ତେ ନିଜର ଡିଏନ୍‌ଏ ନମୁନା ପ୍ରଦାନ କରିବାକୁ ଭାରତୀୟ ରେଳ ଅନୁରୋଧ ଜଣାଉଛି।

**ସ୍ଥାନ**
**ଆକାଡେମିକ ବ୍ଲକ (କମିଟି ରୁମ),**
**AIIMS, ଭୁବନେଶ୍ୱର**

ଦୟାକରି ନିମ୍ନଲିଖିତ ବ୍ୟକ୍ତିମାନଙ୍କ ସହ ଯୋଗାଯୋଗ କରନ୍ତୁ:

**139**
ଭାରତୀୟ ରେଳ ହେଲ୍‌ପ୍‌ଲାଇନ୍

**ଶ୍ରୀ ଦିଗମ୍ବର ପାଢ଼ି,** ସହାୟକ କାର୍ମିକ ଅଧିକାରୀ
**ମୋବାଇଲ-8455887604**

**ଶ୍ରୀ ବିଶ୍ୱନାଥ ପାଢ଼ି,** ସହାୟକ ବାଣିଜ୍ୟ ପ୍ରବନ୍ଧକ
**ମୋବାଇଲ-8455885967**

**ଶ୍ରୀ ବି.ତପନ କୁମାର,** ଲୋକସମ୍ପର୍କ ଅଧିକାରୀ
**ମୋବାଇଲ-8455885040**

**ଶ୍ରୀ ବିକାଶ କୁମାର,** ଲୋକସମ୍ପର୍କ ଅଧିକାରୀ
**ମୋବାଇଲ-8455885041**

ଭୁବନେଶ୍ୱର ରେଳ ଷ୍ଟେସନଠାରେ ସହାୟତା: **0674-2534027**
ପୂର୍ବ ତଟ ରେଳପଥ କଣ୍ଟ୍ରୋଲ ରୁମ୍, ଭୁବନେଶ୍ୱରଠାରେ ସହାୟତା: **8455885999**
ଏବଂ ଖୋର୍ଦ୍ଧା ରୋଡ଼ଠାରେ ସହାୟତା: **8455887999**

D-2/23

**ଭାରତୀୟ ରେଳ**

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ହଳଦିପଡ଼ିଆ, ସକାଳ ୯ଟା।
- କଳିଙ୍ଗ ଏନଭାରମେଣ୍ଟ ଏକ୍ସିଲେନ୍ସ ଆୱାର୍ଡ, ହୋଟେଲ ନ୍ୟୁ ମାରିଅନ, ପୂର୍ବାହ୍ନ ୧୦ଟା।
- ସ୍ନେକ ହେଲ୍ପଲାଇନ ପକ୍ଷରୁ ସର୍ପାଘାତ ସୁରକ୍ଷା କର୍ମଶାଳା, ବୁଦ୍ଧମନ୍ଦିର, ପୂର୍ବାହ୍ନ ୧୧ଟା।
- ସୁବନ ଖୁଣ୍ଟିଆ ସ୍ମୃତି ପ୍ରତିଷ୍ଠାନ ଓ ଉତ୍କଳ ବିକାଶ ପରିଷଦ ପକ୍ଷରୁ ଆଦର୍ଶ ଚାଷୀ ସୁବନ ଖୁଣ୍ଟିଆଙ୍କ ଶ୍ରାଦ୍ଧବାର୍ଷିକୀରେ ସ୍ମାରକୀ ବକ୍ତୃତା, ସୂଚନା ଭବନ, ସନ୍ଧ୍ୟା ୬ଟା।

ବାଲିଅନ୍ତା
- ଚଇତାଳି ଘୋଡାନାଚ ପରିବେଷଣ, ଭୁବନପୁର ମା' ଉତ୍ତରମୁଖୀ ମନ୍ଦିର ପରିସର, ପୂର୍ବାହ୍ନ ୧୦ଟା।
- ବାଦି ପାଲା, ଗଡ ନହରକଣ୍ଟାର ଶ୍ରୀ ରୁଦ୍ରେଶ୍ୱର ମହାଦେବ ମନ୍ଦିର ନିକଟ ପଡ଼ିଆ, ରାତି ୭ଟା।

କଟକ
- ଷଷ୍ଠ ଷ୍ଟାର କଲଚରାଲ ଫେଷ୍ଟିଭାଲ ଉଦ୍‌ଘାଟନ ଉତ୍ସବ, କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସକାଳ ୯ଟା।

# ଷଷ୍ଠରୁ ଅଷ୍ଟମ ପାଇଁ ପ୍ରସ୍ତୁତ ହେବ ଏକକ ପ୍ରଶ୍ନପତ୍ର

■ଦଶମ ଢାଞ୍ଚାରେ ପରୀକ୍ଷା ସହ ମୂଲ୍ୟାୟନ
■ଶିକ୍ଷକଙ୍କୁ ଦକ୍ଷ କରିବେ ରାଜ୍ୟ ବାହାରର ପ୍ରଶିକ୍ଷକ

ଭୁବନେଶ୍ୱର,୧୬।୬(ଅନୁରାଧା ମହାରଣା)

ରାଜ୍ୟ ବିଦ୍ୟାଳୟ ସ୍ତରୀୟ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ହେବାକୁ ଯାଉଛି। ଦଶମ ବୋର୍ଡ ପରୀକ୍ଷା ପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପରୀକ୍ଷାରେ ଏକକ ପ୍ରଶ୍ନପତ୍ର ରହିବ। ଏଥିସହ ଖାତା ମୂଲ୍ୟାୟନ ଢ଼ାଞ୍ଚା ବି ବଦଳିବ। ରାଜ୍ୟର ସମସ୍ତ ୬୫ ହଜାର ୨୭୯ଟି ସରକାରୀ ବିଦ୍ୟାଳୟରେ ଏହି ବ୍ୟବସ୍ଥା ଲାଗୁ କରାଯିବ। ଏହି ପ୍ରଶ୍ନପତ୍ର ପ୍ରସ୍ତୁତି କାର୍ଯ୍ୟ ଏସ୍‌ସିଇଆର୍‌ଟି ମାଧ୍ୟମରେ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନାନୁସାରେ, ସରକାରୀ ବିଦ୍ୟାଳୟଗୁଡିକରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ସ୍କୁଲ ଲାଗି ଏକକ ପ୍ରଶ୍ନପତ୍ର ବ୍ୟବସ୍ଥା ନାହିଁ। ଭିନ୍ନ ଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ପରୀକ୍ଷାରେ ଭିନ୍ନ ଭିନ୍ନ ପ୍ରଶ୍ନ ଆସୁଥିବାରୁ ଛାତ୍ରୀଛାତ୍ରଙ୍କ ଦକ୍ଷତା ସ୍ପଷ୍ଟ ହୋଇପାରୁ ନାହିଁ। ସ୍କୁଲୱାରି ପ୍ରଶ୍ନପତ୍ର ପ୍ରସ୍ତୁତି ଲାଗି ନିର୍ଦ୍ଦିଷ୍ଟ ନିୟମ ରହିଥିଲେ ମଧ୍ୟ କେତେକ ବିଦ୍ୟାଳୟରେ ପରୀକ୍ଷାରେ ସରଳ ପ୍ରଶ୍ନ ଆସୁଥିବାବେଳେ କେତେକ ପରୀକ୍ଷାରେ ଜଟିଳ ପ୍ରଶ୍ନ ଆସୁଛି। ତେଣୁ ବିଭିନ୍ନ ସମୟରେ ଉପୁଜୁଥିବା ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଏପରି ବ୍ୟବସ୍ଥା କରାଯାଉଛି। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏକକ ପ୍ରଶ୍ନପତ୍ର ବ୍ୟବସ୍ଥା ଲାଗୁ ଦ୍ୱାରା ଦଶମ ପରୀକ୍ଷାରେ ପାସ୍ ହାର ବୃଦ୍ଧି ପାଇବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଦକ୍ଷତା ମଧ୍ୟ ସ୍ପଷ୍ଟ ହୋଇପାରିବ ବୋଲି ଆଶା କରାଯାଉଛି।

ପୂର୍ବରୁ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବାର୍ଷିକ ପରୀକ୍ଷାର ପ୍ରଶ୍ନପତ୍ର ଏକ ପ୍ରକାର ଥିବାବେଳେ ଷାଣ୍ମାସିକ ପରୀକ୍ଷା ପ୍ରଶ୍ନପତ୍ର ଏକକ ନ ଥିଲା। ଆସନ୍ତା ଶିକ୍ଷା ବର୍ଷରୁ ଉଭୟ ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷା ପ୍ରଶ୍ନପତ୍ର ସବୁ ବିଦ୍ୟାଳୟରେ ସମାନ ରହିବ। ସେହିପରି ପରୀକ୍ଷା ଶେଷ ହେବା ପରେ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନେ ମୂଲ୍ୟାୟନ କରୁଥିବାବେଳେ ନୂତନ ବ୍ୟବସ୍ଥାରେ ଦଶମ ବୋର୍ଡ ପରୀକ୍ଷା ପରି ନିଜ ସ୍କୁଲର ପରୀକ୍ଷା ଖାତା ସେହି ସ୍କୁଲର ଶିକ୍ଷକମାନେ ଦେଖିପାରିବେ ନାହିଁ। ଏନେଇ ଏକ ଜୋନ୍ ଗଠନ ହେବ। ଯେଉଁଥିରେ ଜିଲ୍ଲାୱାରି ମୂଲ୍ୟାୟନ କେନ୍ଦ୍ର ଚୟନ କରାଯିବ। ସେହି ଜୋନ୍‌କେନ୍ଦ୍ରରେ ଜିଲାର ସବୁ ଉତ୍ତରଖାତା ଦାଖଲ ହେବା ପରେ ମନୋନୀତ ଶିକ୍ଷକମାନେ ମୂଲ୍ୟାୟନ କରିବେ। ଯଦି କୌଣସି ପିଲାଙ୍କ ଉତ୍ତର ଖାତା ମୂଲ୍ୟାୟନରେ ତ୍ରୁଟି ରହେ ତେବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରୁଟି ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରିବେ। ସମ୍ପୃକ୍ତ ବିଷୟର ଶିକ୍ଷକଙ୍କ ଉପସ୍ଥିତିରେ ପୁଣି ମୂଲ୍ୟାୟନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ଏକ ସମୟରେ ସବୁ ପିଲାଙ୍କ ପରୀକ୍ଷାଫଳ ମଧ୍ୟ ପ୍ରକାଶ ପାଇବ। ତେବେ ବିଷୟଭିତ୍ତିକ ଶିକ୍ଷକଙ୍କୁ ଅଧିକ ଦକ୍ଷ କରିବା ଲାଗି ବର୍ଷକୁ ୨ଥର ରାଜ୍ୟ ବାହାରର ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରିବାକୁ ବିଭାଗ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ସୂଚନା ରହିଛି।



## 'ଜିଏସ୍‌ଟି ସ୍ମାର୍ଟ ଗାଇଡ୍' ଉନ୍ମୋଚିତ

ଭୁବନେଶ୍ୱର, ୧୬।୬ (ବନ୍ଦନା ସେଠୀ)

ହାଇକୋର୍ଟର ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ଜେନାଙ୍କ ଦ୍ୱାରା ଲିଖିତ 'ଜିଏସ୍‌ଟି ସ୍ମାର୍ଟ ଗାଇଡ୍'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶୁକ୍ରବାର ରାଜଭବନ ପରିସରେ ଉନ୍ମୋଚନ କରିଛନ୍ତି। ପୁସ୍ତକଟି ଟ୍ୟାକ୍ସ ପ୍ରଫେସନାଲ, ଆଇନଜୀବୀ, ବ୍ୟବସାୟୀଙ୍କ ନିମନ୍ତେ ଅତ୍ୟନ୍ତ ଉପଯୋଗୀ ହେବ ବୋଲି ଲେଖକ ଜେନା କହିଛନ୍ତି। ଏହି ଅବସରରେ ଲେଖକ ଜେନାଙ୍କ ସମେତ ଭୁବନେଶ୍ୱର ଟ୍ୟାକ୍ସ ବାର୍ ସଭାପତି ଆଇନଜୀବୀ ରମେଶ କୁମାର ଧଳ, ଉପସଭାପତି ଗୋପାଳ ଚନ୍ଦ୍ର ରାଉତ ଓ ସହସମ୍ପାଦକ ତୁଷାରକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କାର ଭିତରେ ଫସି ଶିଶୁ ମୃତ

ମାହାଙ୍ଗା,୧୬।୬(ଯଯାତି ସିଂ)


ସତ୍ୟବ୍ରତ ସ୍ୱାଇଁ

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ବରାହୀପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। କାର ଭିତରେ ଫସିଯିବାରୁ ଏକ ଶିଶୁର ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ପୁଅ ସତ୍ୟବ୍ରତ(୪)। ସୁବାସଙ୍କ ଘର ସମ୍ମୁଖରେ ତାଙ୍କ ଇନୋଭା କାର ରହିଥିଲା। ମଧ୍ୟାହ୍ନ ସମୟରେ ସତ୍ୟବ୍ରତ ଘରୁ ଚାବି ନେଇ ଉକ୍ତ କାର୍ ଡୋର୍ ଖୋଲି ଭିତରକୁ ପଶିଯାଇଥିଲେ। ମାତ୍ର ବାହାରକୁ ବାହାରି ପାରି ନ ଥିଲା। ପରିବାର ଲୋକେ ବହୁ ସମୟ ପର୍ଯ୍ୟନ୍ତ ଖୋଜାଖୋଜି କରିବା ପରେ ଗାଡ଼ି ଭିତରୁ ଗୁରୁତର ଅବସ୍ଥାରେ ସତ୍ୟବ୍ରତକୁ ଉଦ୍ଧାର କରିଥିଲେ। ତୁରନ୍ତ ତାକୁ ମାହାଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସତ୍ୟବ୍ରତକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ମାହାଙ୍ଗା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୩/୨୩) ରୁଜୁ ହୋଇଛି। ଏହି ଦୁଃଖଦ ଘଟଣାକୁ ନେଇ ପରିବାର ଓ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

## ନୀଳଚକ୍ରରେ ବସିଲା ଚିଲ



ପୁରୀ ଅଫିସ ୧୬।୬(ଅଜିତ ମହାନ୍ତି): ଶ୍ରୀମନ୍ଦିର ନୀଳଚକ୍ର ଉପରେ ଶୁକ୍ରବାର ଗୋଟିଏ ଚିଲ ବସିଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଆଗକୁ କିଛି ଅଶୁଭ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ତେବେ ମାଟିଆ ରଙ୍ଗର ଚିଲକୁ ଅଶୁଭ ପକ୍ଷୀ ଭାବରେ ବିବେଚନା କରାଯାଇଥାଏ। ମୁଖ୍ୟତଃ ନୀଳଚକ୍ର ଉପରେ କେହି ପକ୍ଷୀ ବସି ନଥାନ୍ତି। କିନ୍ତୁ ଶୁକ୍ରବାର ଏକ ଚିଲଟି ନୀଳଚକ୍ର ବାନା ଉପରେ ବସିଥିବା ଦେଖିବାକୁ ମିଳିଥିଲା। ଚିଲଟି ବହୁ ସମୟ ଧରି ବାନା ଉପରେ ବସିଥିଲା। ତେବେ ଆଗକୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଥିବାବେଳେ ଏପରି ନୀଳଚକ୍ର ବାନା ଉପରେ ଚିଲ ବସିବା ଅଶୁଭ ଶଙ୍କେତ ବୋଲି ମନେ କରାଯାଉଛି। ତେବେ କିଛି ସମୟ ଚିଲଟି ନୀଳଚକ୍ର ବାନା ଉପରେ ବସିବା ପରେ କେଉଁ ଆଡେ ଉଡିଯାଇଥିଲା। ଚିଲ ବସିବାକୁ ନେଇ ଭକ୍ତଙ୍କ ମନରେ ନାନା ଆଶଙ୍କା ସୃଷ୍ଟି ହୋଇଛି।

# ଭିଜିଲାନ୍ସ ଜାଲରେ କୋଟିପତି ନିଲମ୍ବିତ ଯୋଗାଣ ଅଧିକାରୀ

ଭୁବନେଶ୍ୱର(ସତ୍ୟଜିତ୍ ରାଉତ)/ ନିମାପଡ଼ା(ବିଚିତ୍ରାନନ୍ଦ ସାହୁ), ୧୬।୬

**୮ ସ୍ଥାନରେ ଚଢ଼ାଉ, ବିପୁଳ ସମ୍ପତ୍ତି ଠାବ**

■ଭୁବନେଶ୍ୱର-ନିମାପଡ଼ାରେ ବହୁ ମହଲା ବିଶିଷ୍ଟ ୫ କୋଠା, ଫାର୍ମହାଉସ୍, ୭ ପ୍ଲଟ୍
■ ବ୍ୟାଙ୍କ, ଜୀବନ ବୀମା ଜମା ୧.୫ କୋଟି
■ ଦୁଇ ମିଲରଙ୍କ ସିକ୍ୟୁରିଟି ଟଙ୍କା ଉଠାଣରେ ସହଯୋଗ କରି ଫସିଥିଲେ




ଭୁବନେଶ୍ୱର ଲୁଇସ୍ ରୋଡ୍ ଓ ରାଜାରାଣୀ କଲୋନୀସ୍ଥିତ ୩ ମହଲା କୋଠା।

ସରକାରୀ କ୍ଷମତାର ଅପବ୍ୟବହାର କରି ନିଲମ୍ବିତ ହୋଇଥିବା ନୟାଗଡ଼ ଜିଲା ଯୋଗାଣ ଅଧିକାରୀ (ସିଏସ୍‌ଓ) ବ୍ରଜେନ୍ଦ୍ର କୁମାର ନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସର ୮ଟି ଟିମ୍ ବ୍ରଜେନ୍ଦ୍ରଙ୍କ ଘର ସମେତ ନୟାଗଡ଼, ଭୁବନେଶ୍ୱର ଓ ପୁରୀର ୮ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଏହି ସ୍ଥାନ ମଧ୍ୟରେ ବ୍ରଜେନ୍ଦ୍ରଙ୍କ ନୟାଗଡ଼ ସିଏସ୍‌ଓ କାର୍ଯ୍ୟାଳୟସ୍ଥିତ କୋଠରି, ନୟାଗଡ଼ ମିଶ୍ର କଲୋନୀରେ ଭଡ଼ାରେ ରହୁଥିବା ବାସଭବନ ଓ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ସୁନୁଗୋରଡ଼ି ଗ୍ରାମସ୍ଥିତ ପୈତୃକ ଘର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୨ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ଏହି ଚଢ଼ାଉ ସମୟରେ ଭିଜିଲାନ୍ସ ବ୍ରଜେନ୍ଦ୍ରଙ୍କର ବିପୁଳ ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସର ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ଭୀମଟାଙ୍ଗୀସ୍ଥିତ ହାଉସିଂ ବୋର୍ଡ କଲୋନୀର ପ୍ଲଟ୍ ନଂ. ଏ/ଏଲ୍-୫୫ରେ ଥିବା ଦୁଇ ମହଲା କୋଠା, ରାଜାରାଣୀ କଲୋନୀସ୍ଥିତ ପ୍ଲଟ୍ ନଂ.୩୮୪/୨୩୨୮ରେ ଥିବା ୩ ମହଲା କୋଠା (୧.୪୫ କୋଟି ଟଙ୍କା), ପ୍ଲଟ୍ ନଂ. ୩୮୫/୨୩୨୯ରେ ଥିବା ୩ ମହଲା କୋଠା, ଲୁଇସ୍ ରୋଡ୍ ଗ୍ୟାରେଜ ଛକ ଓ ପୁରୁଣା ଭୁବନେଶ୍ୱର ଶିଶୁପାଳଗଡ଼ରେ ଗୋଟିଏ ଲେଖାଏ କୋଠା, ନିମାପଡ଼ା ଖେଲାର ବଜାରରେ ୧୦ଟି ଦୋକାନ ଘର ଓ ୨ହଜାର ବର୍ଗଫୁଟ୍‌ବିଶିଷ୍ଟ ହଲ୍ ଥିବା ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ଏବଂ ପୈତୃକ ଗାଁ ସୁନୁଗୋରଡ଼ିସ୍ଥିତ ପ୍ଲଟ ନଂ.୨୦୨ରେ ଥିବା ଫାର୍ମ ହାଉସ୍ ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିଭଳି ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୨ଟି ଓ ନିମାପଡ଼ାରେ ୫ ପ୍ଲଟ, ବ୍ୟାଙ୍କ ଓ ଜୀବନ ବୀମା ଜମା ୧.୫ କୋଟି, ୭.୮ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ ଓ ୩ଟି ବାଇକ ମଧ୍ୟ ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାବେଳେ ବ୍ରଜେନ୍ଦ୍ରଙ୍କୁ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।


ବ୍ରଜେନ୍ଦ୍ର କୁମାର ନାୟକ

ସୂଚନାଯୋଗ୍ୟ, ବ୍ରଜେନ୍ଦ୍ର ୨୦୨୨ରେ ନୟାଗଡ଼ ଜିଲା ଯୋଗାଣ ଅଧିକାରୀ ଭାବେ କାର୍ଯ୍ୟ କରୁଥିବାବେଳେ କ୍ଷମତାର ଅପବ୍ୟବହାର କରିଥିଲେ। ଚାଷୀଙ୍କଠାରୁ ସମିତି ମାଧ୍ୟମରେ ଧାନ ନେଇ ଯୋଗାଣ ବିଭାଗକୁ ଚାଉଳ ନ ଫେରାଇ ସିକ୍ୟୁରିଟି ଟଙ୍କା ଉଠାଇ ନେଇଥିଲେ ଦୁଇ ମିଲ୍‌ର। ଏଥିରେ ବ୍ରଜେନ୍ଦ୍ର ସହଯୋଗ କରିଥିଲେ। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଗତ ଡିସେମ୍ବର ୧୩ରେ ବ୍ରଜେନ୍ଦ୍ରଙ୍କୁ ନିଲମ୍ବନ କରିଥିଲେ। ପରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ସିଏସ୍‌ଓ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମାନସ


@ ସୁଶୀଲ


@ ସୂର୍ଯ୍ୟକାନ୍ତ


@ ପରେଶ


@ ସୋମନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


ଆବୁଧାବିରେ ପରିବାର ସହ ରହୁଥିବା ଭୁବନେଶ୍ୱର କଳିଙ୍ଗବିହାରର ସ୍ୱର୍ଣ୍ଣ ରଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ନେଇ ତିଆରି କରିଥିବା ଚିତ୍ରକଳା।


**ପୁରୀ:** ରଥଯାତ୍ରା ପାଇଁ ଗୁରୁବାର ରଥରେ କନ୍ୟାପଟା ଲଗାଯାଉଛି।


ଦରଜି ସେବକ ରଥକନାରେ କଦଳୀ ଗଛର ଚିତ୍ର ଆଙ୍କୁଛନ୍ତି।

## ବଜ୍ରପାତରେ ୪ ଗୁରୁତର

ଟାଙ୍ଗୀ,(ରଘୁନାଥ ସାହୁ): ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ କଳକଳେଶ୍ୱର ପଞ୍ଚାୟତର ତାରିମ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ବଜ୍ରପାତ ଘଟି ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଶୁଭମ୍ ଚମ୍ପତି (୧୮), ଦୀନେଶ ସାହୁ (୨୨), ସୁନୀଲ ସାହୁ (୧୮) ଓ ଜିଜ୍ଞାସା ସାହୁ (୧୬)। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଶୁଭମ୍, ଦୀନେଶ ଓ ସୁନୀଲଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଗ୍ରାମର ଦୀନବନ୍ଧୁ ସାହୁଙ୍କ ଘର ପଛପଟେ ପିଲାମାନେ ଭୋଜି କରୁଥିଲେ। ଅପରାହ୍ନରେ ହଠାତ୍ ପବନ ବହିବା ସାଙ୍ଗକୁ ବଜ୍ରପାତ ହୋଇଥିଲା।

### ସଂକ୍ଷେପରେ

## କର୍ପୋରେଟରଙ୍କୁ ମରଣାନ୍ତକ ଆକ୍ରମଣ

### ଦମ୍ପତିଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୧୬।୬(ସୂର୍ଯ୍ୟକାନ୍ତ ବେହେରା): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୱାର୍ଡ ନମ୍ବର-୨୦ର କର୍ପୋରେଟରଙ୍କୁ ଖଣ୍ଡା,ବାଡିରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ମୈତ୍ରୀ ବିହାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରି ଶୁକ୍ରବାର ଏକ ଦମ୍ପତିଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ନୟାଗଡ଼ର କୌଳାସ ସାହୁ ଓ ତାଙ୍କ ସ୍ତ୍ରୀ କନକ ସାହୁ, ସନ୍ତୋଷ ପଣ୍ଡା। ସୂଚନାନୁସାରେ ୱାର୍ଡ ନମ୍ବର-୨୦ର କର୍ପୋରେଟର ପ୍ରେମାନନ୍ଦ ଜେନା ଗୁରୁବାର ରାତି ସାଢେ ୧୧ଟା ସମୟରେ ନିଜ କାର୍ଯ୍ୟସ୍ଥଳରୁ ଘରକୁ ଫେରିବା ରାସ୍ତାରେ ୩ଜଣ ଅଭିଯୁକ୍ତ ଏବଂ ସେମାନଙ୍କ ସହଯୋଗୀ ତାଙ୍କୁ ଅଟକାଇଥିଲେ। ଏହାପରେ ହାତରେ ଧରିଥିବା ବାଡି, ଖଣ୍ଡାରେ ଆକ୍ରମଣ କରିଥିଲେ। ଖବରପାଇ ପ୍ରେମାନନ୍ଦଙ୍କ ପୁଅ ସମ୍ବିତ ଜେନା ଓ ସ୍ତ୍ରୀ କେତେଜଣ ବନ୍ଧୁଙ୍କ ସହାୟତାରେ ଅଭିଯୁକ୍ତଙ୍କ କବଳରୁ ରକ୍ଷାକରିବା ଲାଗି ଚେଷ୍ଟା କରିବା ସମୟରେ ଅଭିଯୁକ୍ତମାନେ ସେମାନଙ୍କୁ ମଧ ଆକ୍ରମଣ କରିଥିଲେ। ଆକ୍ରମଣରେ କର୍ପୋରେଟରଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ମଧ ଗୁରୁତର ଆହତ ହୋଇଛନ୍ତି। ଉଭୟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ୩ ଜଣଙ୍କୁ ଧରିଥିବା ବେଳେ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଅପରପକ୍ଷେ ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାରେ କର୍ପୋରେଟର ପ୍ରେମାନନ୍ଦ ଅଭିଯୁକ୍ତ ଥିବାବେଳେ ଦୀର୍ଘ ଦିନ ହେବ ଫେରାର ଥିଲେ। ତେବେ ସେ ଗୁରୁତର ଥିବାରୁ ସୁସ୍ଥ ହେବା ପରେ ତାଙ୍କୁ ମଧ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଖଣ୍ଡାଚୋଟ: ଫେରାରବେଳେ ଭାଉଜ, ଦିଅର ଗିରଫ

### ଅନୈତିକ ସମ୍ପର୍କକୁ ବିରୋଧ କରିଥିଲେ ସ୍ୱାମୀ

ଭୁବନେଶ୍ୱର,୧୬।୬(ସୂର୍ଯ୍ୟକାନ୍ତ ବେହେରା): ଅନୈତିକ ସମ୍ପର୍କକୁ ବିରୋଧ କରିବାରୁ ଜଣେ ମହିଳା, ଦିଅର ସହ ମିଶି ସ୍ୱାମୀଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିବା ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ଭାଉଜ, ଦିଅରଙ୍କୁ ଗିରଫକରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ନୟାଗଡ଼ର ପ୍ରଶାନ୍ତ କୁମାର ନାୟକ ଓ ଚିନ୍ମୟୀ ବେହେରା। ଆକ୍ରମଣରେ ବ୍ୟବହୃତ ଖଣ୍ଡାକୁ ଜବତ କରିଛି ପୋଲିସ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଆହତ ବଳରାମ ପ୍ରଧାନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ, ବଳରାମ ପ୍ରଧାନ ଓ ତାଙ୍କ ସ୍ତ୍ରୀ ତପୋବନ ବସ୍ତିରେ ରହୁଥିଲେ। ହେଲେ ଗାଁରେ ମାମୁ ପୁଅ ଭାଇ ବେକାର ଥିବାରୁ ବଳରାମ ତାଙ୍କୁ ଭୁବନେଶ୍ୱର ଆଣି ଗୋଟିଏ ଜାଗାରେ ଚାକିରି ଖୋଜିଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ ଅଭିଯୁକ୍ତ ବଳରାମଙ୍କ ଘରକୁ ନିୟମିତ ଭାବେ ଯିବାଆସିବା କରିବା ଭିତରେ ଭାଉଜଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ଉଭୟଙ୍କ ଅନୈତିକ ସମ୍ପର୍କ କଥା ଜଣାପଡିବା ପରେ ବଳରାମ ଏବଂ ତାଙ୍କ ବାପା ଭାଇଙ୍କୁ ତାଗିଦ କରିଥିଲେ। ଫଳରେ ସେ ଘରକୁ ଆସିବା ବନ୍ଦ କରିଦେଇଥିଲେ। କିନ୍ତୁ ଗୁରୁବାର ଅପରାହ୍ନରେ ହଠାତ ଅଭିଯୁକ୍ତ ନିଜ ଅଟୋ ନେଇ ବଳରାମଙ୍କ ଘରକୁ ଆସିଥିଲେ। ତେବେ ତାଙ୍କୁ ଘରେ ଦେଖି ବଳରାମ ଓ ତାଙ୍କ ବାପା ଗାଳି କରିଥିଲେ। ଏଥିରେ ଉତ୍ତକ୍ଷିପ୍ତ ହୋଇ ଅଭିଯୁକ୍ତ ଜଣକ ଅଟୋରେ ଥିବା ଏକ ଖଣ୍ଡା ବାହାର କରି ବଳରାମଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ସମୟରେ ଉପସ୍ଥିତ ଥିବା ମହିଳା ସ୍ୱାମୀଙ୍କୁ ବଞ୍ଚାଇବେ କ'ଣ ଓଲଟା ଦିଅର କଥାରେ ପଡି ବଳରାମଙ୍କ ପଛପାଖରୁ ଧରି ଅଭିଯୁକ୍ତଙ୍କୁ ଆକ୍ରମଣରେ ସାହାଯ୍ୟ କରିଥିଲେ। ଖଣ୍ଡା ଚୋଟରେ ବଳରାମଙ୍କ ୩ଟି ଆଙ୍ଗୁଠି ଛିଣ୍ଡି ଯାଇଥିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଏ ନେଇ ବଳରାମଙ୍କ ବାପା ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତା ମହିଳା ଓ ପ୍ରଶାନ୍ତ ଅଟୋରେ ଫେରାର ହେଉଥିବା ବେଳେ ଡୁମୁଡୁମା ଅଟୋ ଷ୍ଟାଣ୍ଡ ନିକଟରେ ଚଢ଼ାଉ କରି ପୋଲିସ ସେମାନଙ୍କୁ ଗିରଫ କରିଥିଲା।

# ଦୁଇଦିନରେ ୬.୭୭ କୋଟିର ଆମିଷ ବେପାର

ଭୁବନେଶ୍ୱର, ୧୬।୬ (ବନ୍ଦନା ସେଠୀ)
ସରିଲା ରଜ। ଦୋଳି ସାଙ୍ଗକୁ ଭଳିକି ଭଳି ପିଠା, ପାନ ସହିତ ରାଜଧାନୀବାସୀ ପାଳନ କରିଥିଲେ ରଜ ଉତ୍ସବ। ତେବେ ଏଥର ରଜ ଭଲ ବାରରେ ପଡିଥିବାରୁ ପିଠାଖିଆ ସାଙ୍ଗକୁ ଆମିଷ ବାସ୍ନାରେ ପୂରି ଉଠିଥିଲା ଘରଠୁ ବାହାର। ଚିକେନ୍, ମାଛ, ଚିଙ୍ଗୁଡି, କଙ୍କଡ଼ା ବେପାର ଜମିଥିବାବେଳେ ମଟନ ଉପରେ ଲୋକଙ୍କର ଚାହିଦା ଅଧିକ ରହିଥିଲା। ବିଶେଷକରି ବୁଧବାର ଓ ଶୁକ୍ରବାର ୨ଦିନରେ ଭୁବନେଶ୍ୱରର ୬କୋଟି ୭୭ଲକ୍ଷ ଟଙ୍କାର ଆମିଷ ବେପାର ହୋଇଥିବା ଆମିଷ ବ୍ୟବସାୟୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ପହିଲି ରଜ ବୁଧବାର ପଡିଥିବାରୁ ସେହିଦିନ ୨କୋଟି ଟଙ୍କାର ମଟନ ବେପାର ହୋଇଥିଲା। ସେହିପରି ୧କୋଟି ୭୦ଲକ୍ଷ ଟଙ୍କାର ଚିକେନ୍ ଓ ୭୨ଲକ୍ଷ ଟଙ୍କାର ମାଛ ବିକ୍ରି ହୋଇଥିଲା। ପହିଲି ରଜ ତୁଳନାରେ ଶୁକ୍ରବାର ଶେଷ ରଜରେ ଟିକେ କମିଥିଲେ ବି ଭଲ ବେପାର ହୋଇଥିଲା। ପ୍ରାୟ ୧କୋଟି ଟଙ୍କାର ମଟନ ବିକ୍ରି ହୋଇଥିବାବେଳେ ୮୫ଲକ୍ଷ ଟଙ୍କାର ଚିକେନ୍ ଓ ୪୦ ଲକ୍ଷ ଟଙ୍କାର ମାଛ ବିକ୍ରି ହୋଇଥିଲା। ବୁଧବାର ୧୦୦ଟି ଓ ଶୁକ୍ରବାର ୫୦ଟି ଚିକେନ ଗାଡ଼ି ଭୁବନେଶ୍ୱର ଆସିଥିଲା ବୋଲି ସଂଘ କହିଛି।

ରଜ ବଜାରକୁ ଦୃଷ୍ଟିରେ ରଖି ଆମିଷର ଦର ଟିକେ ଚଢା ରହିଥିଲା। ଖାସି ମାଂସ କେଜି ୭ଶହରୁ ୮ଶହ ଟଙ୍କାରେ ବିକ୍ରି ହୋଇଥିଲାବେଳେ ମାଇ ଛେଳି କେଜି ୭ଶହ ଟଙ୍କା, ଚିକେନ୍ ୨୫୦ ଟଙ୍କା, ଦେଶୀ କୁକୁଡ଼ା ୪୫୦-୫ଶହ ଟଙ୍କା, ବନରାଜ ୩ଶହ ଟଙ୍କା, ରୋହି ମାଛ ୨୨୦ ଟଙ୍କା, ଜଳଙ୍ଗ ୧୬୦-୧୭୦ଟଙ୍କା, ଖଇଙ୍ଗା ୪ଶହରୁ ୫ଶହ ଟଙ୍କା, ପୋହଳା ୧୬୦-୨ଶହ ଟଙ୍କା, ମିରିକାଳୀ ୨୨୦-୨୫୦ଟଙ୍କା, ବଡ଼ ଚିଙ୍ଗୁଡି ୪ଶହ, ଛୋଟ ଚିଙ୍ଗୁଡି ୨୬୦-୩ଶହ ଟଙ୍କା, କଙ୍କଡା ୫ଶହ-୬ଶହ ଟଙ୍କା ଦର ରହିଥିଲା।

## ଅଭିଲିପ୍ସା ହେଲେ 'ରଜ ରାଜକୁମାରୀ'

### ମାମିନା ଦାସ ଉପବିଜେତା



ଭୁବନେଶ୍ୱର,୧୬।୬(ଅନୁରାଧା ମହାରଣା)
ରଜ ଅବସରରେ ଓଡ଼ିଶା ଫ୍ୟାଶନ ଭିଲା ପକ୍ଷରୁ ରଜ ରାଜକୁମାରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ ଯୁବତୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପୁରୀଜିଲା ଡେଲାଙ୍ଗ ଅଞ୍ଚଳର ଅଭିଲିପ୍ସା 'ରଜ ରାଜକୁମାରୀ' ବିଜେତା ହୋଇଥିବାବେଳେ କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ମାମିନା ଦାସ ଉପବିଜେତା ହୋଇଛନ୍ତି। ଅନ୍‌ଲାଇନ୍ ଓ ଅଫ୍‌ଲାଇନରେ ବିଭିନ୍ନ ପର୍ଯ୍ୟାୟରେ ୧୫ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ତେବେ ଏମାନଙ୍କ ମଧ୍ୟରୁ ମୁକୁଟ ପିନ୍ଧିଥିବା ଅଭିଲିପ୍ସା ଓ ମାମିନା ପରବର୍ତ୍ତୀ ସମୟରେ ଜାତୀୟ ସ୍ତରରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ମିସେସ୍ ଇଣ୍ଡିଆ ବିଜେତା ପୁନମ୍ ପାଠକ ଓ କୃଷ୍ଣପ୍ରିୟା ତ୍ରିପାଠୀ ଏହି ପ୍ରତିଯୋଗିତାରେ ବିଚାରକ ଦାୟିତ୍ୱରେ ରହିଥିବା ଫ୍ୟାଶନ୍ ମଡେଲ ପ୍ରଶିକ୍ଷକ ଅଭିଜିତ ମହାନ୍ତି ସୂଚନା ଦେଇଛନ୍ତି।

# ଗଜପତି କପିଳେନ୍ଦ୍ର ଦେବଙ୍କ ଦିଗ୍‌ବିଜୟ କାହାଣୀ ସର୍ବଦା ଏ ଜାତିକୁ ଅନୁପ୍ରାଣିତ କରୁଥିବ

### ଉପନ୍ୟାସ 'ଦିଗ୍‌ବିଜୟୀ ଗଜପତି' ଓ ପୁସ୍ତକ 'ଆମ ଚଳଣି, ଆମ ଚରିତ୍ର, ଆମ ଚମକ' ଲୋକାର୍ପିତ




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୬।୬(ଶର୍ମିଷ୍ଠା ପାଣିଗ୍ରାହୀ)
ଡ. ଇନ୍ଦ୍ରମଣି ଜେନାଙ୍କ ଉପନ୍ୟାସ 'ଦିଗବିଜୟୀ ଗଜପତି' ଓ ପୁସ୍ତକ 'ଆମ ଚଳଣି, ଆମ ଚରିତ୍ର, ଆମ ଚମକ'କୁ ଶୁକ୍ରବାର ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଲୋକାର୍ପଣ କରିଛନ୍ତି। ବିଜୟିନୀ ସ୍ମୃତି ଟ୍ରଷ୍ଟ ପକ୍ଷରୁ ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ହରିଚନ୍ଦନ କହିଲେ, ଓଡ଼ିଆ ଜାତି ଦୁର୍ଦ୍ଧର୍ଷ ସାମରିକ ଜାତି। ଗଜପତି କପିଳେନ୍ଦ୍ର ଦେବ ଥିଲେ ଦୁର୍ଦ୍ଧର୍ଷ ସମ୍ରାଟ। ଜୀବନରେ ସେ ପରାଜୟର ସ୍ୱାଦ ଚାଖିନାହାନ୍ତି। ତାଙ୍କ ଦିଗ୍‌ବିଜୟ କାହାଣୀ ସର୍ବଦା ଏ ଜାତିକୁ ଅନୁପ୍ରାଣିତ କରୁଥିବ। ଏଥିସହ ସେ ୮ ବର୍ଷ ଧରି ଚାଲିଥିବା ପାଇକ ବିଦ୍ରୋହର ବୀରତ୍ୱ କଥା ଅବତାରଣା କରିଥିଲେ। ସମ୍ମାନିତ ଅତିଥି ଭାବେ 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ, ଇତିହାସର ଉପାଦାନ ଆମକୁ ଉଦ୍‌ବୁଦ୍ଧ କରେ। ଇତିହାସ ଏପରି ଲେଖାଯିବା ଆବଶ୍ୟକ ଯେପରି ତାହା ପାଠକଙ୍କ ମଧରେ ଶିହରଣ ଖେଳାଇପାରୁଥିବ। ଓଡ଼ିଶା ଇତିହାସ ପ୍ରତିଟି ଓଡ଼ିଆ ପିଲାଙ୍କୁ ପଢ଼ାଇବା ଉଚିତ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଐତିହାସିକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଲେ, ଦିଗ୍‌ବିଜୟୀ ଗଜପତି ଏ ଜାତିର ଅଭଙ୍ଗା ଦର୍ପଣ। ଏହା ପରାକ୍ରମୀ ସମ୍ରାଟ କପିଳେନ୍ଦ୍ରଦେବଙ୍କ ବୀରତ୍ୱ ବଖାଣିବା ସହ ସଂହତି, ପରାକ୍ରମ ଓ ଏକତାର ପ୍ରେରଣା ଦେଇଛି। ପ୍ରଫେସର ବିଜୟାନନ୍ଦ ସିଂହ ଅଧକ୍ଷତା କରି ଏହା ଜାତୀୟ ବୀରତ୍ୱ ଭାବନାକୁ ଉଦ୍ରେକ କରିଛି ବୋଲି କହିଥିଲେ। ଲେଖକ ଡ. ଜେନା ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ପ୍ରେରଣା ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲା ବେଳେ ଡ. ସୋମନାଥ ପ୍ରସାଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ୨ ଜଣଙ୍କୁ ଖାଣ୍ଟି ଓଡ଼ିଆଣୀ ସମ୍ମାନ

ପୁରୁଣା ଭୁବନେଶ୍ୱର,୧୬।୬ (ସୁବାସ ଚନ୍ଦ୍ର ପ୍ରଧାନ)
ଭଞ୍ଜକଳା ମଣ୍ଡପରେ ସାଇ କଳା ସଂସଦ ପକ୍ଷରୁ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରୁ ମୟୂରଭଞ୍ଜର ପଲ୍ଲଭୀ ମଲଖମ୍ବ ନୃତ୍ୟ, ବଲାଙ୍ଗୀରର ଲଡ଼ଙ୍ଗାଭଙ୍ଗ ଗଣ୍ଡବାଜା ଏବଂ କୋରାପୁଟର ସୁରଭି ସଙ୍ଗୀତ ପକ୍ଷରୁ ନୃତ୍ୟ ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା। ପରେ ଗୀତିକାରଙ୍କ ଦ୍ୱାରା ଭଜନ, ଲୋକଗୀତ ଏବଂ ସମ୍ବଲପୁରୀ ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ବକ୍ତାଭାବେ ଯୋଗଦେଇଥିବା ବେଳେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଡ. ସ୍ନେହପ୍ରଭା ସାମନ୍ତରାୟ ଏବଂ ଲୀନା ନନ୍ଦଙ୍କୁ ଖାଣ୍ଟି ଓଡ଼ିଆଣୀ-୨୩ ରେ ସମ୍ମାନିତ କରାଯାଇଥିଲା। ଏଥିସହ କୃତୀ ଛାତ୍ରୀ ସୁଶ୍ରୀ ସ୍ୱାତୀ ସୁଲଗ୍ନାଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦିକା ପୁଷ୍ପାଞ୍ଜଳି ନାୟକ ଧନ୍ୟବାଦ ଦେଇଥିଲେ।

## ଆଇଆଇଟିଟିଏମ୍-ଇନ୍‌ଟାକ୍ ଏମ୍‌ଓୟୁ



ଭୁବନେଶ୍ୱର,୧୬।୬(ଶର୍ମିଷ୍ଠା ପାଣିଗ୍ରାହୀ)
କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଅଧୀନରେ ଥିବା ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟୁରିଜିମ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଣ୍ଟ (ଆଇଆଇଟିଟିଏମ୍) ସହ ଗବେଷଣା ସଂସ୍ଥା ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚରାଲ ହେରିଟେଜ(ଇନ୍‌ଟାକ୍)ର ଓଡ଼ିଶା ଶାଖା ମଧରେ ଏକ ବୁଝାମଣାପତ୍ର ସ୍ୱାକ୍ଷର(ଏମ୍‌ଓୟୁ) ସ୍ଥାନୀୟ ଆଇଆଇଟିଟିଏମ୍ କ୍ୟାମ୍ପସ ପରିସରରେ ଗୁରୁବାର ହୋଇଯାଇଛି। ଓଡ଼ିଶା ଇନ୍‌ଟାକର ରାଜ୍ୟ ସଂଯୋଜକ ଏ.ବି. ତ୍ରିପାଠୀ ଏବଂ ଆଇଆଇଟିଟିଏମ୍ ନୋଡାଲ ଅଫିସର ଡ. ଏସ୍. ହୁସେନଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଏହି ସମାରୋହରେ ଇନ୍‌ଟାକ ଓଡ଼ିଶାର ସହ ଆବାହକ ଅନୀଲ ଧୀର, ଇଭେଣ୍ଟର ଆସୋସିଏଟ ପ୍ରଫେସର ତଥା ଇନ୍‌ଟାକର ସହ ସଂଯୋଜକ ଡ. ଅର୍ଚ୍ଚନା ଦାସଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଏହି ବୁଝାମଣାପତ୍ର ଆଗକୁ ୨ ସଂଗଠନର ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ସାଧାରଣ ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବାରେ ସହଯୋଗ କରିବ। ଏଥିସହ ଏକାଡେମିକ ଓ ଅନୁସନ୍ଧାନ ସୁବିଧାକୁ ପ୍ରୋତ୍ସାହିତ କରିବା ଦିଗରେ ଉଭୟ ସଂଗଠନ ଏକାଠି ହୋଇ କାର୍ଯ୍ୟ କରିବେ। ସେହିପରି ସଂସ୍କୃତି ଶିକ୍ଷା, ଐତିହ୍ୟ, ପର୍ଯ୍ୟଟନ, ଭ୍ରମଣ ଶିଳ୍ପ ପରିଚାଳନା ଏବଂ ଶିଳ୍ପ, ଏକାଡେମୀ ଛାତ୍ରୀଛାତ୍ର, ବ୍ୟକ୍ତିବିଶେଷଙ୍କୁ ନେଇ ଆନୁଷଙ୍ଗିକ ବିଷୟ ଉପରେ ଏକ ତାଲିମ ପ୍ରଶିକ୍ଷଣ ଶିବିର କରାଯିବ।

## ପଦଯାତ୍ରାରେ ଭୁବନରୁ ଶ୍ରୀକ୍ଷେତ୍ର



ବାଲିଅନ୍ତା ଦେଇ ଯାଉଥିବା ଭୁବନର ପଦଯାତ୍ରୀ ଦଳ।

ବାଲିଅନ୍ତା,୧୬।୬(ନୀଳମାଧବ ସାହୁ)
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ସାମିଲ ହୋଇ ଚକା ଆଖିଙ୍କୁ ଟିକିଏ ଦର୍ଶନ କରିବା ପାଇଁ ଢେଙ୍କାନାଳ ଜିଲାର ଭୁବନ ବ୍ଲକ ଏକତାଳି ଗ୍ରାମରୁ ଗତ ମଙ୍ଗଳବାରଠାରୁ ବାହାରିଥିବା ଏକ ପଦଯାତ୍ରୀ ଦଳ ଶୁକ୍ରବାର ବାଲିଅନ୍ତାରେ ପହଞ୍ଚିଛନ୍ତି। ଏହି ପଦଯାତ୍ରାରେ ୨୭ଜଣ ଶ୍ରଦ୍ଧାଳୁ ସାମିଲ ହୋଇଛନ୍ତି। ସେମାନେ ଖାଲି ପାଦରେ ପ୍ରତିଦିନ ୩୦କିମି ବାଟ ଚାଲୁଥିବା କହିଛନ୍ତି। ଏହି ଦଳ ୭ଦିନରେ ଭୁବନରୁ ଶ୍ରୀକ୍ଷେତ୍ର ସଂଯୋଗ ୨୦୦କିମି ରାସ୍ତା ଅତିକ୍ରମ କରି ମଙ୍ଗଳବାର ପୁରୀରେ ପହଞ୍ଚିବାର ଲକ୍ଷ୍ୟ ରଖିଛନ୍ତି। ବାଟରେ ଚାଲି ଚାଲି ଯିବା ସମୟରେ ନାମ କୀର୍ତ୍ତନ ଗାଇବା ସହ ହରି ନାମ ମହାମନ୍ତ୍ରକୁ ଜପ କରୁଛନ୍ତି। ଦିନବେଳା ବାଟରେ ପଡୁଥିବା ଗ୍ରାମର ମଠ ମନ୍ଦିରରେ ରହଣି କରୁଛନ୍ତି। ସେଠାରେ ନିଜେ ଅରୁଆ ଅନ୍ନ ଓ ଡାଲମା ରୋଷେଇ କରି ଖାଉଛନ୍ତି। ମାତ୍ର ଗୋଟିଏ ବେଳା ଖାଇ ବାଟ ଚାଲୁଛନ୍ତି ପଦଯାତ୍ରାରେ ସାମିଲ ଥିବା ଶ୍ରଦ୍ଧାଳୁମାନେ। ଆଜକୁ ୩୦ବର୍ଷ ଧରି ଏହି ପଦଯାତ୍ରା ଏକତାଳି ଗ୍ରାମର ଗ୍ରାମ ଦେବତୀଙ୍କ ମନ୍ଦିରରୁ ଶୁଭାରମ୍ଭ ହୋଇ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ ଶେଷ ହେଉଛି। ଏତେବାଟ ଖାଲି ପାଦରେ ଚାଲୁଥିଲେ ମଧ କଷ୍ଟ ବଦଳରେ ଖୁସି ଲାଗୁଥିବା ଭ୍ରମର ରାଉତ କହିଛନ୍ତି। ପଦଯାତ୍ରାରେ ସାମିଲ ଚୈତନ୍ୟ ମାଝି(୫୮)ଙ୍କ କହିବା ଅନୁଯାୟୀ, ତାଙ୍କ ବାପା ଆଗରୁ ପୁରୀକୁ ଏହି ପଦଯାତ୍ରାରେ ପୁରୀ ଆସୁଥିଲେ। ତାଙ୍କର ମୃତ୍ୟୁ ପରେ ଦୀର୍ଘ ୧୫ ବର୍ଷ ହେଲା ସେ ପଦଯାତ୍ରାରେ ପୁରୀ ଯାଉଛନ୍ତି। ଚାଲିବାରେ ଆଦୌ କଷ୍ଟ ଜଣାପଡୁ ନାହିଁ ବୋଲି ସେ କହିଥିଲେ। ଭୁବନପୁର ଗ୍ରାମର ନୃସିଂହ ନାଥ ମନ୍ଦିରରେ ନାମ ସଂକୀର୍ତ୍ତନ ସହ ବିଶ୍ରାମ କରିଥିଲେ।

## ରଜରେ ନନ୍ଦନକାନନରେ ପର୍ଯ୍ୟଟକ କମିଲେ

ବାରଙ୍ଗ,୧୬।୬(ଲିଙ୍ଗରାଜ ରାଉତ): ଗତ ବର୍ଷ ତୁଳନାରେ ଚଳିତବର୍ଷ ନନ୍ଦନକାନନରେ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସପାଇଛି। ତିନିଦିନରେ ୩୬,୯୩୬ ପର୍ଯ୍ୟଟକ କମ୍ ଆସିଥିବା ଜଣାପଡିଛି। ଅତ୍ୟଧିକ ଗରମ ସାଙ୍ଗକୁ ଗୁଳୁଗୁଳି ସତ୍ତ୍ୱେ ରଜ ତିନି ଦିନରେ ମୋଟ ୪୯,୦୧୧ଜଣ ପର୍ଯ୍ୟଟକ ନନ୍ଦନକାନନ ବୁଲିବାକୁ ଆସିଥିଲେ। ପ୍ରଥମ ରଜରେ ୧୨,୮୩୬ଜଣ, ଦ୍ୱିତୀୟ ରଜରେ ୨୧,୫୫୧ଜଣ ଓ ଶେଷ ରଜରେ ୧୪,୬୨୪ଜଣ ପର୍ଯ୍ୟଟକ ନନ୍ଦନକାନନକୁ ଆସିଥିଲେ। ସେମାନଙ୍କ ମଧ୍ୟରେ ଅଫ୍‌ଲାଇନରେ ୧୪,୫୧୬ଜଣ ଅନ୍‌ଲାଇନରେ ୯୮ଜଣ ପର୍ଯ୍ୟଟକ ଟିକଟ ସଂଗ୍ରହ କରିଥିଲେ। ୧୦ଜଣ ଦିବ୍ୟାଙ୍ଗ ମାଗଣାରେ ପ୍ରବେଶ କରିଥିଲେ। ସେହିପରି ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ୨୨୦୪ ପର୍ଯ୍ୟଟକ ଆସିଥିଲେ। ପ୍ରଥମ ରଜରେ ୭୬୨ଜଣ, ଦ୍ୱିତୀୟ ରଜରେ ୭୭୫ ଓ ଶେଷ ରଜରେ ୬୬୭ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ଏହାସହିତ ୧୮୭ଟି ଦୁଇ ଚକିଆ ଯାନ, ୩ଟି ତିନି ଚକିଆ ଯାନ, ୨୭ଟି ଚାରି ଚକିଆ ଯାନ ଓ ୨ଟି ଡିଜିଟାଲ କ୍ୟାମେରା ବାବଦରେ ଅର୍ଥ ସଂଗ୍ରହ କରାଯାଇଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ ରଜ ତିନି ଦିନରେ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ୧୫୧ଜଣ ପର୍ଯ୍ୟଟକ କମ୍ ଆସିଥିଲେ।

## ନେକ୍ସସ୍ ଏସ୍‌ପ୍ଲାନେଡ୍‌ରେ ରଜର ରାଣୀ



ରଜର ରାଣୀ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀ।

ଭୁବନେଶ୍ୱର,୧୬।୬(ଶର୍ମିଷ୍ଠା ପାଣିଗ୍ରାହୀ)
ରଜ ଉପଲକ୍ଷେ ନେକ୍ସସ୍ ଏସ୍‌ପ୍ଲାନେଡ୍ ପକ୍ଷରୁ 'ରଜର ରାଣୀ' କାର୍ଯ୍ୟକ୍ରମ ମଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ବର୍ଗର ଝିଅ ଓ ମହିଳାଙ୍କୁ ସୁଯୋଗ ଦିଆଯାଇଥିଲା। ମହିଳାଙ୍କୁ ପ୍ଲାଟ୍‌ଫର୍ମ ଦେବା ସହ ସଶକ୍ତ କରିବା ପାଇଁ ମଲ୍ ମ୍ୟାନେଜମେଣ୍ଟ ପକ୍ଷରୁ ଏହି ନିଆରା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୭ବର୍ଷରୁ ୫୦ବର୍ଷ ବୟସର ପ୍ରତିଯୋଗୀମାନେ କାର୍ଯ୍ୟକ୍ରମରେ ଭାଗ ନେଇ ପ୍ରତିଭା ଦେଖାଇଥିଲେ। ଅଭିନେତ୍ରୀ ଭୂମିକା ଦାଶ, ପୁନମ୍ ମିଶ୍ର, ଫ୍ୟାଶନ ଡିଜାଇନର ରାମୁଲି ପଟ୍ଟନାୟକ, ପାର୍ଥ ପ୍ରତିମ ନାୟକ, ମଡେଲ ସାନ୍‌ଜ ଶୁଭସ୍ମିତା ଏବଂ ମେକଅପ୍ ଆର୍ଟିଷ୍ଟ ସୋନାଲି ମିଶ୍ର ଯୋଗଦେଇଥିଲେ। ଏହି ଅବସରର ପ୍ରତିମ ନାୟକ କହିଲେ, ଆମେ ଚାହୁଁଛୁ ନାରୀମାନେ ସ୍ୱପ୍ନ ଦେଖନ୍ତୁ ଓ ତାହାକୁ ବାସ୍ତବରେ ପରିଣତ କରନ୍ତୁ। ତେବେ ଏପରି ଏକ କାର୍ଯ୍ୟକ୍ରମ ଦ୍ୱାରା ଅନେକ ଗୃହିଣୀ ସେମାନଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଏକ ମଞ୍ଚ ପାଇଛନ୍ତି। ନେକ୍ସସ୍ ଏସ୍‌ପ୍ଲାନେଡ୍ ସବୁବେଳେ କମ୍ୟୁନିଟି ଫେଷ୍ଟିଭାଲ୍‌କୁ ଖୁବ୍ ଗର୍ବର ସହ ପାଳନ କରିଆସିଛି। ଏହି ରଜ ମଧ କିଛି କମ୍ ନ ଥିଲା। ଉତ୍ସବ ପାଇଁ ସବୁଠାରୁ ବଡ ଦୋଳି ସହିତ ଆକର୍ଷଣୀୟ ସାଜସଜ୍ଜା କରାଯାଇଥିଲା।

## ପୁସ୍ତକ 'ଜୀବନ ସଉଦା' ଲୋକାର୍ପିତ



ଭୁବନେଶ୍ୱର, ୧୬।୬ (ବନ୍ଦନା ସେଠୀ)
ସାମାଜିକ କର୍ମୀ ମୁରଲୀଧର ରଥଙ୍କ କର୍ମମୟ ଜୀବନ ଉପରେ ଲିଖିତ ପୁସ୍ତକ 'ଜୀବନ ସଉଦା' ଶୁକ୍ରବାର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ପୁସ୍ତକରେ ପାଠକମାନେ ଜଗତ୍‌ସିଂହପୁର ଜିଲାର ୯୦ ବର୍ଷୀୟ ମୁରଲୀଧରଙ୍କ ଜନସେବା ତଥା କଲ୍ୟାଣମୂଳକ କାର୍ଯ୍ୟ ସମ୍ପର୍କରେ ଜାଣିପାରିବେ। ଲୋକାର୍ପଣ କାର୍ଯ୍ୟକ୍ରମରେ ପୁସ୍ତକର ଲେଖକ ତଥା ସାହିତ୍ୟିକ ଜ୍ଞାନ ରଞ୍ଜନ ମହାନ୍ତି, ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ସଭାପତି ପ୍ରଫେସର ସୁରେନ୍ଦ୍ରନାଥ ଦାସ, ସାହିତ୍ୟିକ ହେମନ୍ତ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ରଜର ସ୍ୱତନ୍ତ୍ର ସାଂସ୍କୃତିକ ମହତ୍ତ୍ୱ ରହିଛି

### ମିଳନୀ ରଜୋତ୍ସବ

ଭୁବନେଶ୍ୱର,୧୬।୬(ଶର୍ମିଷ୍ଠା ପାଣିଗ୍ରାହୀ)
'ମିଳନୀ' ପକ୍ଷରୁ ରଜ ଉତ୍ସବ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଯୁଗଳ କିଶୋର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ସାଂସ୍କୃତିକ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ ଓ କୃଷ୍ଣ କେଶବ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଡ. ମଲ୍ଲିକ ରଜ ଉତ୍ସବର ସାଂସ୍କୃତିକ ଇତିହାସ ସମ୍ପର୍କରେ ଦୀକ୍ଷାନ୍ତ ଭାଷଣ ଦେବା ସହ ବିଶେଷକରି ଉପକୂଳବର୍ତ୍ତୀ ଅଞ୍ଚଳରେ କୃଷି ପର୍ବ ରଜର ସ୍ୱତନ୍ତ୍ର ସାଂସ୍କୃତିକ ମହତ୍ତ୍ୱ ରହିଥିବା କହିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେବା ସହ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ପଟ୍ଟନାୟକ ତାଙ୍କ ଅଭିଭାଷଣରେ ଭଦ୍ରକର ସାହିତ୍ୟ, ଲୋକକଳା, ସଂସ୍କୃତି, ସ୍ୱାଧୀନତା ସଂଗ୍ରାମ ଓ ଭାଇଚାରା ବିଶ୍ୱରେ ଅନନ୍ୟ ବୋଲି କହିଥିଲେ। କାର୍ଯ୍ୟକାରୀ ସଭାପତି ଦିଗମ୍ବର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ପ୍ରଫେସର ଜଗନ୍ନାଥ କୁଅଁରଙ୍କ ନିର୍ଦ୍ଦେଶନାରେ ନାଦବ୍ରହ୍ମ ଅନୁଷ୍ଠାନର ଶିଳ୍ପୀମାନେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରଶାସକ ଦିଲୀପ ମହାନ୍ତି, ସାହିତ୍ୟିକ ଡ. ରମାକାନ୍ତ ରାଉତ, ଜୟୀ କୃଷ୍ଣ ସାମଲ ଉପସ୍ଥିତ ଥିଲେ। ଏହି ଅବସରରେ ବିଜୟ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଭଦ୍ରକର ଗୌରବ ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ଓଡ଼ିଆ, ବେଙ୍ଗଲୀ, ହିନ୍ଦୀ, ପାର୍ସୀ ଆଦି ଭାଷାରେ ରଚିତ ଅଷ୍ଟାଦଶ ଶତାବ୍ଦୀର ଲୋକକଳା 'ମୋଗଲ ତାମସା' ଭଦ୍ରକର ମନମୋହନ ସଂଗୀତ ପରିଷଦ ଦ୍ୱାରା ଅଭିନୀତ ହୋଇଥିଲା। କାର୍ଯ୍ୟକ୍ରମକୁ ପୁରୁଷୋତ୍ତମ ବଳ, ନିରୋଦ ମହାନ୍ତି, ଭାସ୍କର ଜେନା କମଳାକାନ୍ତ ପାଣିଗ୍ରାହୀ ପରିଚାଳନା କରିଥିଲେ।




ମିଳନୀ ରଜୋତ୍ସବରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟ ଅତିଥିମାନେ।

## ସଂକ୍ଷେପରେ

### ରଜ ମହୋତ୍ସବ ଉଦ୍‌ଯାପିତ

**କଟକ ସଦର,୧୬।୬(ସୁଶାନ୍ତ ଜେନା):** କଟକ ସଦର ବ୍ଲକ ଅନ୍ତର୍ଗତ ଯଶପଡ଼ାଠାରେ ରଜ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ନୃତ୍ୟ ଓ ସଙ୍ଗୀତ ପରିବେଷିତ ହୋଇଥିଲା। ଆଞ୍ଚଳିକ କଳା ପରିଷଦ ଆନୁକୂଲ୍ୟରେ ଆୟୋଜିତ ୪ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମକୁ କିଶନ ନଗର ସ୍ଥାନୀୟ ଅଞ୍ଚଳବାସୀ ଉପଭୋଗ କରିଥିଲେ। ଅଧ୍ୟାପକ ଦେବେନ୍ଦ୍ର ନାଥ ବାରିକ, ସୂର୍ଯ୍ୟ ନାରାୟଣ ଦାଶ ଓ ନୃତ୍ୟଗୁରୁ ଅଶୋକ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଧରଣୀ ମା'କୁ ପୂଜା କରିବା ଆମ ପରମ୍ପରା

**ସାଲେପୁର,୧୬।୬ (ଅରବିନ୍ଦ ଭୂୟାଁ):** ସାଲେପୁର ବ୍ଲକ ପିକୋଳ ପଞ୍ଚାୟତରେ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଯୁବ ସଙ୍ଗଠକ ମହେଶ୍ୱର ବେହେରାଙ୍କ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଅର୍ଥ ବିଭାଗର ପୂର୍ବତନ ଅତିରିକ୍ତ ସଚିବ ଜୟନ୍ତ ଦାସ ଯୋଗଦେଇ କହିଥିଲେ, ରଜ ଉତ୍ସବ ଓଡ଼ିଆ ସଂସ୍କୃତିର ଅନନ୍ୟ ଉଦାହରଣ। ମୁଖ୍ୟବକ୍ତା ରୂପେ ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ କୁମାର ଦାଶ ଯୋଗଦେଇ ଆମ ସଂସ୍କୃତିରେ ମାଟି ଓ ମା'କୁ ପୂଜା କରିବା ପରମ୍ପରା ରହିଆସିଛି। ରଜ ଅବସରରେ ଏହି ମାଟିକୁ ପୂଜା କରିବା ଦ୍ୱାରା ଆମେ ବହୁ ସୁଫଳ ପାଇଥାଉ ବୋଲି କହିଥିଲେ। ଏହି ଅବସରରେ ପିକୋଳ ସରପଞ୍ଚ ମାଣିକ ବେହେରା ଓ ପିକୋଳ ପଞ୍ଚାୟତ ସମିତିସଭ୍ୟା ସୁଲୋଚନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରଜ ଉତ୍ସବ କମିଟି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କୃତ କରାଯାଇଥିଲା। ଏହାକୁ ପ୍ରଦୀପ୍ତ ବେହେରା, ଜଗନ୍ନାଥ ବେହେରା, ରାକେଶ ବେହେରା, ଦେବାଶିଷ ବେହେରା, ଅଜୟ ବାରିକ, ତ୍ରିଲୋଚନ ବେହେରା, ଲକ୍ଷ୍ମୀଧର ବେହେରା, ସରୋଜ ବେହେରା, ଅନିଲ ବେହେରା, ସୁରେଶ ବେହେରା, ରାଜେଶ ବେହେରା, ଦେବାଶିଷ ପାତ୍ର, ପଙ୍କଜ ବେହେରା, ଶାନ୍ତନୁ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଯାଦବ ମହାସଂଘ ପକ୍ଷରୁ ପରମାନନ୍ଦ ପଲେଇ ଏଥିରେ ସହଯୋଗ କରିଥିଲେ।

### ରୋଭର ରେଞ୍ଜର ସେବା ଶିବିର

**ବାଙ୍କୀ,୧୬।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ରେଞ୍ଜର ସଂସ୍ଥା ଆନୁକୂଲ୍ୟରେ ଡମପଡ଼ା ବ୍ଲକ ଢ଼ଁସରଠାରେ ଚାଲୁଥିବା ମହାପର୍ବତ ରଜ ମହୋତ୍ସବ ଉପଲକ୍ଷେ ଏକ ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଉପାଧକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର ଉକ୍ତ ସେବା ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶାନ୍ତିଶୃଙ୍ଖଳା, ମହୋତ୍ସବ ପଡିଆ ସଫାସୁତରା ଆଦି କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ରୋଭର ଲିଡର ଭୂପତି ଭୂଷଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରୋଭର ରେଞ୍ଜରର ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡକ୍ଟର ଶୈଳେନ୍ଦ୍ର ନାରାୟଣ ଦେଓ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

# ଦୋଳି ଖେଳିଲେ, ପିଠା, ପାନ ଖାଇ ମଜା ଉଠାଇଲେ

**କଟକ,୧୬।୬(କାର୍ତ୍ତିକ ସାହୁ)**

କଟକ ସହର ସମେତ ଆଖପାଖ ଅଞ୍ଚଳରେ ୩ଦିନ ଧରି ରଜ ଉତ୍ସବ ପାଳିତ ହୋଇଥିଲା। ଶୁକ୍ରବାର ଶେଷ ରଜରେ ସହରବାସୀଙ୍କ ଉତ୍କଣ୍ଠା ଦ୍ୱିଗୁଣିତ ହୋଇଥିଲା। ବିଶେଷକରି ଯୁବତୀମାନେ ପିଠା, ପାନ ଖାଇବା ସହ ଦୋଳି ଖେଳି ମଜା ଉଠାଇଥିଲେ। ଏହି ଅବସରରେ ଧବଳେଶ୍ୱର ଗଡ଼ା ନିକଟ ମହାନଦୀ ପଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରେ ପିଲାଙ୍କ ସମେତ ଯୁବତୀ ଓ ବୃଦ୍ଧା ଦୋଳି ଖେଳି ଆନନ୍ଦ ଉଠାଇଥିଲେ। ରାଜନୈତିକ ଦଳର ନେତୃବୃନ୍ଦ ବି ଏହାକୁ ହାତଛଡା କରି ନ ଥିଲେ। ବିଜେଡି ଜିଲା ସଭାପତି ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଧବଳେଶ୍ୱର ଗଡ଼ାଠାରେ ରଜପର୍ବର ଖୁସି ବାଣ୍ଟିଥିଲେ। କୁନି ପିଲାଙ୍କୁ ଦୋଳିରେ ବସାଇ ଝୁଲାଇ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଭିନେତା କୁନା ତ୍ରିପାଠୀ, ମୁନ୍ନା ଖାଁଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ବିଶେଷକରି ଲୋକମାନେ ଏଠାରେ ରଜପାନ ସହ କଟକୀ ଦହିବରାର ସ୍ୱାଦ ଚାଖିବାକୁ ହେଳା କରି ନ ଥିଲେ। ସେହିପରି ସିଡିଏ ସେକ୍ଟର-୯ ଅଞ୍ଚଳରେ ଗଡ଼ ଇଜ୍ ୱାନ୍ ଫାଉଣ୍ଡେଶନ୍ ପକ୍ଷରୁ ରଜପର୍ବ ପାଳିତ ହୋଇଥିଲା। ସେଠାରେ ବାଳିକାମାନେ ସଜ ହେବା ସହ ଦୋଳି ଖେଳି ଖୁସି ଅନୁଭବନ କରିଥିଲେ।


ସିଡିଏ ସେକ୍ଟର-୯ ଅଞ୍ଚଳରେ ଗଡ଼ ଇଜ୍ ୱାନ୍ ଫାଉଣ୍ଡେଶନ୍ ପକ୍ଷରୁ ରଜପର୍ବ ପାଳନ କରାଯାଉଛି।

## ସରିଲା ରଜ: ଉଲ୍ଲସିତ ସହର

ଭଏସ୍ ଫର ଭଏସ୍ ଲେସ୍ ଅନୁଷ୍ଠାନ ପକ୍ଷରୁ ସେଲ୍ଟର ଛକ ନିକଟ ନେତାଜୀ ନଗର ଇଦ୍‌ଗା ପଡ଼ିଆ ଅଞ୍ଚଳରେ ବାସ କରୁଥିବା ବସ୍ତିର ବାଳିକା, ଯୁବତୀ, ମହିଳାମାନଙ୍କୁ ନେଇ ରଜ ଉତ୍ସବ ପାଳିତ ହୋଇଥିଲା। ଏହି ଉପଲକ୍ଷେ ପୋଡ଼ପିଠା, ଶଙ୍ଖ, ହୁଳହୁଳି ଓ ମିଠାପାନ ପ୍ରତିଯୋଗିତା ହୋଇଥିଲା। କିଶୋରୀମାନଙ୍କ ମଧ୍ୟରେ ପୁଚି ଖେଳ ହୋଇଥିଲା। ପୋଡ଼ପିଠା ପ୍ରତିଯୋଗିତାରେ ସୁଜାତା ସାହୁ ପ୍ରଥମ, ଶୁଭଲକ୍ଷ୍ମୀ ସାହୁ ଦ୍ୱିତୀୟ ଓ ମମତା ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। ଗାନ୍ଧୀଜୀଙ୍କ ସେବା ଉପରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ହୋଇଥିବା ସେବା ପୁସ୍ତକ ସେମାନଙ୍କୁ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଡ. ବିଭୁଦତ୍ତ ଖଣ୍ଡାୟତରାୟ ଓ ମୀରା ବେଉରାଙ୍କ ତତ୍ତ୍ୱାବଧାନରେ ମହେନ୍ଦ୍ର ବିଶାଳ, ପୁଥିଲ ଦାସ, ସବିତା ଦାଶ ଓ ମାଧୁରୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପୋପରଡ଼ା ବୁଢ଼ୀ ଜାଗୁଳେଇ ପୀଠରେ ରଜୋତ୍ସବରେ ଅବସରରେ ବାଦୀପାଲା ମହୋତ୍ସବ ଚାଲିଛି। ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୫ ଦିନ ଧରି ଚାଲିବ। ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ ଓ ଭାଷାରତ୍ନ ଖଗେଶ୍ୱର ମାର୍ଥା ସେମାନଙ୍କ ସାଥୀଙ୍କ ସହ ପାଲା ପରିବେଷଣ କରୁଛନ୍ତି। କାଠଯୋଡ଼ି ସାହିତ୍ୟ ସଂସଦ ପକ୍ଷରୁ ଉଭୟ ଗାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ସାନ୍ତ୍ୱନା ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରମୋଦ ପ୍ରଧାନ, ସମ୍ପାଦକ ବାବାଜୀ ଜେନା, ଦେବେନ୍ଦ୍ର ସ୍ୱାଇଁ, କାଶୀନାଥ ଜେନା, ରବି ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# କର୍ପୋରେଟରଙ୍କୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର,୧୬।୬ (ସୂର୍ଯ୍ୟକାନ୍ତ ବେହେରା)**

## ଦମ୍ପତିଙ୍କ ସମେତ ୩ ଗିରଫ

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୱାର୍ଡ ନମ୍ବର-୨୦ର କର୍ପୋରେଟରଙ୍କୁ ଖଣ୍ଡା,ବାଡିରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ମୈତ୍ରୀ ବିହାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରି ଶୁକ୍ରବାର ଏକ ଦମ୍ପତିଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ନୟାଗଡ଼ର କୈଳାସ ସାହୁ ଓ ତାଙ୍କ ସ୍ତ୍ରୀ କନକ ସାହୁ, ସନ୍ତୋଷ ପଣ୍ଡା। ସୂଚନାନୁସାରେ ୱାର୍ଡ ନମ୍ବର-୨୦ର କର୍ପୋରେଟର ପ୍ରେମାନନ୍ଦ ଜେନା ଗୁରୁବାର ରାତି ସାଢେ ୧୧ଟା ସମୟରେ ନିଜ କାର୍ଯ୍ୟସ୍ଥଳରୁ ଘରକୁ ଫେରିବା ରାସ୍ତାରେ ୩ଜଣ ଅଭିଯୁକ୍ତ ଏବଂ ସେମାନଙ୍କ ସହଯୋଗୀ ତାଙ୍କୁ ଅଟକାଇଥିଲେ। ଏହାପରେ ହାତରେ ଧରିଥିବା ବାଡି, ଖଣ୍ଡାରେ ଆକ୍ରମଣ କରିଥିଲେ। ଖବରପାଇ ପ୍ରେମାନନ୍ଦଙ୍କ ପୁଅ ସମ୍ବିତ ଜେନା ଓ ସ୍ତ୍ରୀ କେତେଜଣ ବନ୍ଧୁଙ୍କ ସହାୟତାରେ ଅଭିଯୁକ୍ତଙ୍କ କବଳରୁ ରକ୍ଷାକରିବା ଲାଗି ଚେଷ୍ଟା କରିବା ସମୟରେ ଅଭିଯୁକ୍ତମାନେ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଆକ୍ରମଣରେ କର୍ପୋରେଟରଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଉଭୟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ୩ ଜଣଙ୍କୁ ଧରିଥିବା ବେଳେ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଅପରପକ୍ଷେ ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାରେ କର୍ପୋରେଟର ପ୍ରେମାନନ୍ଦ ଅଭିଯୁକ୍ତ ଥିବାବେଳେ ଦୀର୍ଘ ଦିନ ହେବ ଫେରାର ଥିଲେ। ତେବେ ସେ ଗୁରୁତର ଥିବାରୁ ସୁସ୍ଥ ହେବା ପରେ ତାଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ରଥଯାତ୍ରାରେ ସାମିଲ ପାଇଁ ପଦଯାତ୍ରାରେ ଭୁବନରୁ ଶ୍ରୀକ୍ଷେତ୍ର

**ବାଲିଅନ୍ତା,୧୬।୬ (ନୀଳମାଧବ ସାହୁ)**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ସାମିଲ ହୋଇ ଚକା ଆଖିକୁ ଟିକିଏ ଦର୍ଶନ କରିବା ପାଇଁ ଢେଙ୍କାନାଳ ଜିଲାର ଭୁବନ ବ୍ଲକ ଏକଶଳି ଗ୍ରାମରୁ ଗତ ମଙ୍ଗଳବାରଠାରୁ ବାହାରିଥିବା ଏକ ପଦଯାତ୍ରୀ ଦଳ ଶୁକ୍ରବାର ବାଲିଅନ୍ତାରେ ପହଞ୍ଚିଛନ୍ତି। ଏହି ପଦଯାତ୍ରାରେ ୨୭ଜଣ ଶ୍ରଦ୍ଧାଳୁ ସାମିଲ ହୋଇଛନ୍ତି। ସେମାନେ ଖାଲି ପାଦରେ ପ୍ରତି ଦିନ ୩୦କିମି ବାଟ ଚାଲୁଥିବା କହିଛନ୍ତି। ଏହି ଦଳ ୭ଦିନରେ ଭୁବନରୁ ଶ୍ରୀକ୍ଷେତ୍ର ସଂଯୋଗ ୨୦୦କିମି ରାସ୍ତା ଅତିକ୍ରମ କରି ମଙ୍ଗଳବାର ପୁରୀରେ ପହଞ୍ଚିବାର ଲକ୍ଷ୍ୟ ରଖିଛନ୍ତି। ବାଟରେ ଚାଲି ଚାଲି ଯିବା ସମୟରେ ନାମ କୀର୍ତ୍ତନ ଗାଇବା ସହ ହରି ନାମ ମହାମନ୍ତ୍ରକୁ ଜପ କରୁଛନ୍ତି। ଦିନବେଳା ବାଟରେ ପଡୁଥିବା ଗ୍ରାମର ମଠ ମନ୍ଦିରରେ ରହଣି କରୁଛନ୍ତି। ସେଠାରେ ନିଜେ ଅରୁଆ ଅନ୍ନ ଓ ଡାଲମା ରୋଷେଇ କରି ଖାଉଛନ୍ତି। ମାତ୍ର ଗୋଟିଏ ବେଳା ଖାଇ ବାଟ ଚାଲୁଛନ୍ତି ପଦଯାତ୍ରାରେ ସାମିଲ ଥିବା ଶ୍ରଦ୍ଧାଳୁମାନେ। ଆଜକୁ ୩୦ବର୍ଷ ଧରି ଏହି ପଦଯାତ୍ରା ଏକତାଳି ଗ୍ରାମର ଗ୍ରାମ ଦେବତୀଙ୍କ ମନ୍ଦିରରୁ ଶୁଭାରମ୍ଭ ହୋଇ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ ଶେଷ ହେଉଛି। ଏତେବାଟ ଖାଲି ପାଦରେ ଚାଲୁଥିଲେ ମଧ୍ୟ କଷ୍ଟ ବଦଳରେ ଖୁସି ଲାଗୁଥିବା ଭ୍ରମର ରାଉତ କହିଛନ୍ତି। ପଦଯାତ୍ରାରେ ସାମିଲ ଚୈତନ୍ୟ ମାଝି(୫୮)ଙ୍କ କହିବା ଅନୁଯାୟୀ, ତାଙ୍କ ବାପା ଆଗରୁ ପୁରୀକୁ ଏହି ପଦଯାତ୍ରାରେ ପୁରୀ ଆସୁଥିଲେ। ତାଙ୍କର ମୃତ୍ୟୁ ପରେ ଦୀର୍ଘ ୧୫ ବର୍ଷ ହେଲା ସେ ପଦଯାତ୍ରାରେ ପୁରୀ ଯାଉଛନ୍ତି। ଚାଲିବାରେ ଆଦୌ କଷ୍ଟ ଜଣାପଡୁ ନାହିଁ। ସବୁ ଲୀଳାମୟ ଭଗବାନଙ୍କ କରୁଣା ବୋଲି ସେ କହିଥିଲେ। ତେବେ ଏହି ପଦଯାତ୍ରୀ ଦଳ ପୁରୁଣା ଜଗନ୍ନାଥ ସଡ଼କ ଦେଇ ପୁରୀ ଯିବାର ପରମ୍ପରାକୁ ବଜାୟ ରଖିଛନ୍ତି। ଜଗନ୍ନାଥ ମନ୍ଦିର ଯିବା ପାଇଁ ଶହ ଶହ ଶ୍ରଦ୍ଧାଳୁ ଏହି ରାସ୍ତା ଉପରେ ପୂର୍ବରୁ ନିର୍ଭର କରୁଥିଲେ। ଏହି ଜଗନ୍ନାଥ ସଡ଼କ ଦେଇ ନିୟମାନୁସାରେ ବାଲିଅନ୍ତା ଭୁବନପୁର ଗ୍ରାମର ପ୍ରାଚୀନ ନୃସିଂହ ନାଥ ମନ୍ଦିରରେ ନାମ ସଂକୀର୍ତ୍ତନ ସହ ଏଠାରେ ବିଶ୍ରାମ କରିଥିଲେ।

# ମୁଗ୍ଧ କଲା କଳାକାରଙ୍କ ନୃତ୍ୟ


ଶହୀଦ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**କଟକ,୧୬।୬ (କାର୍ତ୍ତିକ ସାହୁ)**

## ସୁର ମନ୍ଦିର ପକ୍ଷରୁ ରୌପ୍ୟ ଜୟନ୍ତୀ ରଜ ମହୋତ୍ସବ

କଟକ ସହୀଦ ଭବନରେ ସୁର ମନ୍ଦିର ନୃତ୍ୟାନୁଷ୍ଠାନ ପକ୍ଷରୁ ଚାଲିଥିବା ରୌପ୍ୟ ଜୟନ୍ତୀ ରଜ ମହୋତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟା ବେଶ ଆକର୍ଷକ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ଅନୁପ ବିହାରୀ ଲାଲ ଶ୍ରୀବାସ୍ତବ, ନିରାମୟ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ, ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅଧିକାରୀ ସୁମୋଧ ସାରସନ୍ ଯୋଗଦେଇ ରଜପର୍ବର ପ୍ରସାରରେ ସୁରମନ୍ଦିରର ଭୂମିକାକୁ ପ୍ରଶଂସା କରିଥିଲେ। ଦୋଳିରେ ଦୋଳି ଗୀତରେ ନୃତ୍ୟ ପରିବେଷଣରୁ ରଜ ଉତ୍ସବ ଆରମ୍ଭ ହୋଇଥିଲା। ପରେ ଗୁରୁ ଜ୍ୟୋତ୍ସ୍ନା ସାହୁଙ୍କ ନିର୍ଦ୍ଦେଶନାରେ ଶ୍ରୀରାମ ନୃତ୍ୟ ଓ କୀର୍ତ୍ତୀ କଳାବୀ ନୃତ୍ୟ ଅତ୍ୟନ୍ତ ମନୋମୁଗ୍ଧକର ହୋଇଥିଲା। ନୂତନ ନୃତ୍ୟ ନାଟିକା ଶ୍ରୀରଙ୍ଗା ଚରଣରେ ବିଷ୍ଣୁଙ୍କ ୪ ଯୁଗର ଅବତାର ଓ ତାଙ୍କ ଚରଣରେ ମଣିଷର ସମର୍ପଣ ଭାବ ପରିବେଷଣ ହୋଇଥିଲା। ବିଜୟ ମଲ୍ଲ ଏହାର ରଚନା କରିଥିବାବେଳେ ଜ୍ୟୋତ୍ସ୍ନା ସାହୁ ନିର୍ଦ୍ଦେଶନା ଦେଇଥିଲେ। ଶେଷରେ ଆଜାଦୀ କା ଅମୃତ ମହୋତ୍ସବ ଶୀର୍ଷକରେ ବନ୍ଦେ ମାତରମ୍ ପରିବେଷିତ ହୋଇଥିଲା। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା ଓ ରାଧାମୋହନ ସାହୁ ଧନ୍ୟବାଦ ଦେଇଥିଲେ।

## ମା'ଅଳସା ଦେବୀ ମନ୍ଦିରରେ ରଜ ମହୋତ୍ସବ

**ମାହାଙ୍ଗା,୧୬।୬ (ଯଯାତି ସିଂ )**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ସାହାପୁର ପଞ୍ଚାୟତସ୍ଥିତ ମା'ଅଳସା ଦେବୀ ମନ୍ଦିର ପରିସରରେ ତିନି ଦିନ ଧରି ରଜ ମହୋତ୍ସବ ପାଳିତ ହେଉଛି । ପ୍ରଥମ ରଜରେ ଅନୁଷ୍ଠାନର ସଭାପତି ସତ୍ୟ ନାରାୟଣ ମହାନ୍ତି ଯୋଗଦେଇ ରଜ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଅନୁଷ୍ଠାନର ସଦସ୍ୟ ସର୍ବଶ୍ରୀ କବି ବିଶ୍ୱେଶ୍ୱର ମହାନ୍ତି, ଅମୂଲ୍ୟକୁମାର ମହାନ୍ତି, ରବି ନାରାୟଣ ମହାନ୍ତି, ଭବାନୀ ଶଙ୍କର ମହାନ୍ତି, ଅଜୟ ମହାନ୍ତି,ପାର୍ଥସାରଥି ବାରିକ ପ୍ରମୁଖ ଯୋଗଦେଇ ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମଞ୍ଚ ନାଟକ, ଭଜନ, ଓଡିଶୀ ଓ ନୃତ୍ୟ ଆଦି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଆଇଆଇଟିଟିଏମ୍ ସହ ଇନ୍‌ଟାକ୍‌ର ବୁଝାମଣାପତ୍ର ସ୍ୱାକ୍ଷର

**ଭୁବନେଶ୍ୱର,୧୬।୬ (ଶର୍ମିଷ୍ଠା ପାଣିଗ୍ରାହୀ)**

ଭାରତ ସରକାରର ପର୍ଯ୍ୟଟନ ମନ୍ତ୍ରଣାଳୟ ଅଧୀନରେ ଥିବା ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟୁରିଜିମ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଣ୍ଟ (ଆଇଆଇଟିଟିଏମ୍) ସହ ଭାରତୀୟ ଗବେଷଣା ସଂସ୍ଥା ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚରାଲ ହେରିଟେଜ(ଇନ୍‌ଟାକ୍)ର ଓଡ଼ିଶା ଶାଖା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର(ଏମ୍‌ଓୟୁ) ସ୍ଥାନୀୟ ଆଇଆଇଟିଟିଏମ୍ କ୍ୟାମ୍ପସ ପରିସରରେ ଗୁରୁବାର ହୋଇଯାଇଛି। ଓଡ଼ିଶା ଇନ୍‌ଟାକର ରାଜ୍ୟ ସଂଯୋଜକ ଏ.ବି. ତ୍ରିପାଠୀ ଏବଂ ଆଇଆଇଟିଟିଏମ୍ ନୋଡାଲ ଅଫିସର ଡ. ଏସ୍. ହୁସେନଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ବୁଝାମଣାପତ୍ର ଦ୍ୱାରା ଦୁଇ ସଂଗଠନ ମଧ୍ୟରେ ଥିବା ଲକ୍ଷ୍ୟ ପ୍ରତିଫଳିତ ହୋଇପାରିଛି ବୋଲି ଇନ୍‌ଟାକର ରାଜ୍ୟ ସଂଯୋଜକ ତ୍ରିପାଠୀ କହିଥିଲେ। ଏହି ସମାରୋହରେ ଇନ୍‌ଟାକ ଓଡ଼ିଶାର ସହ ଆବାହକ ଅନୀଲ ଧୀର, ଇଭେଣ୍ଟର ଆସୋସିଏଟ ପ୍ରଫେସର ତଥା ଇନ୍‌ଟାକର ସହ ସଂଯୋଜକ ଡ. ଅର୍ଚ୍ଚନା ଦାସଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୁଝାମଣାପତ୍ର ଆଗକୁ ୨ ସଂଗଠନର ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ସାଧାରଣ ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବାରେ ସହଯୋଗ କରିବ। ଏଥିସହ ଏକାଡେମିକ ଓ ଅନୁସନ୍ଧାନ ସୁବିଧାକୁ ପ୍ରୋତ୍ସାହିତ କରିବା ଦିଗରେ ଉଭୟ ସଂଗଠନ ଏକାଠି ହୋଇ କାର୍ଯ୍ୟ କରିବେ। ସେହିପରି ସଂସ୍କୃତି ଶିକ୍ଷା, ଐତିହ୍ୟ, ପର୍ଯ୍ୟଟନ, ଭ୍ରମଣ ଶିଳ୍ପ ପରିଚାଳନା ଏବଂ ଶିଳ୍ପ, ଏକାଡେମୀ ଛାତ୍ରୀଛାତ୍ର, ବ୍ୟକ୍ତିବିଶେଷଙ୍କୁ ନେଇ ଆନୁଷଙ୍ଗିକ ବିଷୟ ଉପରେ ଭବିଷ୍ୟତରେ ଏକ ତାଲିମ ପ୍ରଶିକ୍ଷଣ ଶିବିର କରାଯିବ ବୋଲି ସୂଚନା ମିଳିଛି।

# ପାଞ୍ଚଗାଁ ରଜ ମହୋତ୍ସବ ଉଦ୍‌ଯାପିତ


ରଜ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ତିଗିରିଆ, ୧୬।୬ (ଜାଫର ଖାଁ )**

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁରେ ଯୁବକ ସଂଘ ଦ୍ୱାରା ଆୟୋଜିତ ୩ ଦିନିଆ ରଜ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ତିଗିରିଆ ର ରୋଜ ଡ୍ୟାନ୍ସ ଗ୍ରୁପ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ମୋହିତ କରିଥିଲା। ବୟୋଜ୍ୟେଷ୍ଠ ଗୋକୁଳାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପାଞ୍ଚଗାଁ ସରପଞ୍ଚ ନିରଞ୍ଜନ ଦଳେଇ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ପ୍ରଦ୍ୟୁମ୍ନ ଦାଶ, ଓ ସମ୍ମାନିତ ଅତିଥିଭାବେ ସନାତନ ପ୍ରଧାନ, ପ୍ରାଣବନ୍ଧୁ ସାହୁ, ମାନସ ପଣ୍ଡା ପ୍ରମୁଖ ଯୋଗଦେଇ ପାଞ୍ଚଗାଁର ରଜ ମହୋତ୍ସବ ସମସ୍ତଙ୍କୁ ଭାଇଚାରାରେ ବାନ୍ଧି ରଖିଥିବା କହିଥିଲେ। କାର୍ଯ୍ୟକ୍ରମରେ ପାଞ୍ଚଗାଁ ଯୁବକ ସଙ୍ଘ ତଥା ଗ୍ରାମ୍ୟ କମିଟି ଓ ମହୋତ୍ସବ ସଭାପତି ସଞ୍ଜୟ ମଲ୍ଲିକ ସହଯୋଗ କରିଥିବା ବେଳେ ସମ୍ପାଦକ ସୁଜିତ ବାରିକ ବାର୍ଷିକ ବିବରଣୀ ସହିତ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ୨ ଜଣଙ୍କୁ ଖାଣ୍ଟି ଓଡ଼ିଆଣୀ ସମ୍ମାନ

**ପୁରୁଣା ଭୁବନେଶ୍ୱର,୧୬।୬ (ସୁବାସ ଚନ୍ଦ୍ର ପ୍ରଧାନ)**

ଭଞ୍ଜକଳା ମଣ୍ଡପରେ ସାଇ କଳା ସଂସଦ ପକ୍ଷରୁ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରୁ ମୟୂରଭଞ୍ଜର ପଲ୍ଲବୀ ମଲଖମ୍ବା ନୃତ୍ୟ, ବଲାଙ୍ଗୀରର ଲଡ଼ଙ୍ଗାଭଞ୍ଜ ଗଣ୍ଡବାଜା ଏବଂ କୋରାପୁଟର ସୁରଭି ସଙ୍ଗୀତ ପକ୍ଷରୁ ନୃତ୍ୟ ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା। ପରେ ଗୀତିକାରଙ୍କ ଦ୍ୱାରା ଭଜନ, ଲୋକଗୀତ ଏବଂ ସମ୍ବଲପୁରୀ ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ବକ୍ତାଭାବେ ଯୋଗଦେଇଥିବା ବେଳେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଡ. ସ୍ନେହପ୍ରଭା ସାମନ୍ତରାୟ ଏବଂ ଲୀନା ନନ୍ଦଙ୍କୁ ଖାଣ୍ଟି ଓଡ଼ିଆଣୀ-୨୩ ରେ ସମ୍ମାନିତ କରାଯାଇଥିଲା। ଏଥିସହ କୃତୀ ଛାତ୍ରୀ ସୁଶ୍ରୀ ସ୍ୱାତୀ ସୁଲଗ୍ନାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦିକା ପୁଷ୍ପାଞ୍ଜଳି ନାୟକ ଧନ୍ୟବାଦ ଦେଇଥିଲେ।

# ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିଭୋର

**ବଡ଼ମ୍ବା,୧୬।୬(ମାୟାଧର ମଲ୍ଲିକ)**

## ଗୋପମଥୁରା ରଜ ମହୋତ୍ସବର ତୃତୀୟ ସନ୍ଧ୍ୟା

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପମଥୁରା ଗ୍ରାମପଡିଆରେ ଚାଲିଥିବା ଗୋପମଥୁରା ଦ୍ୱିତୀୟ ବାର୍ଷିକ ରଜ ମହୋତ୍ସବର ଶୁକ୍ରବାର ତୃତୀୟ ସନ୍ଧ୍ୟାରେ ପହଞ୍ଚିଛି। ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବାର ବିଶିଷ୍ଟ ବ୍ୟବସାୟୀ ତଥା ଷ୍ଟିଚୱେଲ ପ୍ରୋପ୍ରାଇଟର ରବୀନ୍ଦ୍ର କୁମାର ମହାପାତ୍ର ଯୋଗଦେଇ ଉକ୍ତ ରଜ ମହୋତ୍ସବ ଅଞ୍ଚଳ ପାଇଁ ଗୌରବ ଆଣିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ସରପଞ୍ଚ ଅଶୋକ କୁମାର ଜଗଦେବ, ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ କମିଟି ସମ୍ପାଦକ ଅଭିମନ୍ୟୁ ସାହୁ, କମିଟି ସଦସ୍ୟ ହରିହର ରାଉତ ଓ ଭଗବାନ ରାଉତ ପ୍ରମୁଖ ଯୋଗଦେଇଥିଲେ। ତୃତୀୟ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ବାସୁଳିମାତା କଳାନିକେତନ, ବାଲିଆପାଳ ଅନୁଷ୍ଠାନର କଳାକାରମାନଙ୍କ ତରଫରୁ ପରିବେଷିତ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିଭୋର ହୋଇଯାଇଥିଲେ। ଶେଷରେ ଜାଗୃତି ଅନୁଷ୍ଠାନ କଳାକାରମାନେ ମେଲୋଡି କାର୍ଯ୍ୟକ୍ରମ କରିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କ ତରଫରୁ କରାଯାଇଥିବା ଖେଳକୁଦ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ।



ବଡ଼ମ୍ବା ଗୋପମଥୁରା ରଜ ମହୋତ୍ସବରେ ବାସୁଳି ମାତା କଳା ନିକେତନ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ୪ ବଖରା ଜଳିଗଲା: ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ନିମାପଡ଼ା,୧୬।୬ (ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଥାନା ଅନ୍ତର୍ଗତ ଧଳେଶ୍ୱର ପଞ୍ଚାୟତର ଉହାଙ୍ଗ ମଲ୍ଲିକସାହି ଗ୍ରାମରେ ଶୁକ୍ରବାର ମଧାହ୍ନରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ମଙ୍ଗୁଳି ମଲ୍ଲିକ ଓ ବିଜୟ ମଲ୍ଲିକ ୨ ଭାଇଙ୍କର ୪ ବଖରା ଜଳିଯାଇଥିବା ବେଳେ ଧାନ, ଚାଉଳ, ଲୁଗାପଟା, ବାସନକୁସନ, ଫର୍ନିଚର ଆଦି କାଠ ସାମଗ୍ରୀ ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ନିମାପଡ଼ା ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ସେବା ସଂସ୍ଥା ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ ଓ ଗ୍ରାମବାସୀ କହିଛନ୍ତି। କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଯୁବନେତା ଦୁଃଖିଶ୍ୟାମ ମଲ୍ଲିକ, ଜିତେନ୍ଦ୍ର ମଲ୍ଲିକଙ୍କ ସମେତ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନଙ୍କ ଜୟନ୍ତୀ

ଖୋର୍ଦ୍ଧା,୧୬।୬(ପ୍ରଭାତ ପାଣିଗ୍ରାହୀ) ଗୋକୁଳ ମୋହନ ରାୟ ଚୂଡ଼ାମଣି ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟ ଚୂଡ଼ାମଣିଙ୍କ ୧୧୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଡିଏ କଲୋନୀ ନିକଟ ପ୍ରତିମୂର୍ତ୍ତିରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଚୂଡ଼ାମଣିଙ୍କ ଜନ୍ମସ୍ଥାନ ପୁରୀ ଜିଲା ନିମାପଡ଼ାର ଭୋଦର ଗ୍ରାମରେ ହୋଇଥିବା ବେଳେ କର୍ମଭୂମି ଥିଲା ଖୋର୍ଦ୍ଧା। ସ୍ୱାଧୀନତା ସଂଗ୍ରାମରେ ଝାଶ ଦେଇ କାରାବରଣ କରିଥିଲେ। ସାମ୍ୟବାଦୀ ଆନ୍ଦୋଳନ, ଭାରତ ଛାଡ଼ ଆନ୍ଦୋଳନ, ଭାଗଚାଷୀ ଆନ୍ଦୋଳନ, ଗଡ଼ଜାତ ଆନ୍ଦୋଳନ, କୃଷକ ଆନ୍ଦୋଳନରେ ସାମିଲ ଥିଲେ। ଭାରତ ସ୍ୱାଧୀନତା ଲାଭ ପରେ ଖୋର୍ଦ୍ଧାରେ ପ୍ରଥମ ଜାତୀୟ ପତାକା ସେ ଉତ୍ତୋଳନ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ ସମୟରେ ସେ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସୁବାସ ଚନ୍ଦ୍ର ବୋଷ, ପ୍ରାଣନାଥ ପଟ୍ଟନାୟକ ପ୍ରମୁଖ ମହାନ୍ ସଂଗ୍ରାମୀଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ରଚିତ ପୁସ୍ତକ ରକ୍ତଶିକ୍ତ ଖୋର୍ଦ୍ଧା ମାଟିରେ ମୋର ସଂଗ୍ରାମ, ହଳେ ଚପଲ ଆଦି ଜନାଦୃତ ହୋଇଛି। ଶିକ୍ଷାବିତ୍ ମେଜର କ୍ଷୀରୋଦ ମହାନ୍ତି, ପୌର ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ସୁକନ୍ୟା ମନ୍ଦିରା ଦେ ରାୟଚୂଡ଼ାମଣି, ନାରୀନେତ୍ରୀ ବାସନ୍ତୀ ମହାପାତ୍ର, ନରେନ୍ଦ୍ର ପୃଷ୍ଟି, ସର୍ବେଶ୍ୱର ସାହୁ, ଡ. ବୃନ୍ଦାବନ ପଣ୍ଡା, ଅରଭିଲ୍ ମହାପାତ୍ର, ବସନ୍ତ ଦାଶ, ଅନନ୍ତ ମଙ୍ଗରାଜ, ସୁଧୀର ମାନସିଂହ, ଶିକ୍ଷାବିତ୍ ବୈକୁଣ୍ଠ ରାଜଗୁରୁ, ରାମଶଙ୍କର, ଜବାହରଲାଲ୍ ସୁବୁଦ୍ଧି, ପ୍ରଫୁଲ୍ଲ ସାମନ୍ତରାୟ, ଗୋପାଳ କୃଷ୍ଣ ଦାସ, ସତ୍ୟବାଦୀ ବଳିୟାରସିଂହ, ପ୍ରସନ୍ନ ମହାପାତ୍ର, ଡ. ଅମିୟ ଜେନାମଣି, ରାମନାରାୟଣ ଦାଶ, ବଦ୍ରିନାରାୟଣ ଦାଶ, ଗିରିଜା ପଟ୍ଟନାୟକ, ଇତିଶ୍ରୀ ସାହୁ, ରବୀନ୍ଦ୍ର ବେଉରା, ବିପ୍ରନାରାୟଣ ବେହେରାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

### ମୋ ବସ୍ ଭଙ୍ଗାରୁଜା, ଡ୍ରାଇଭରଙ୍କୁ ମାଡ଼ ଘଟଣା : ୨ ଗିରଫ

ନିମାପଡ଼ା,୧୬।୬ (ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଥାନା ଅନ୍ତର୍ଗତ ଧୀରପୁର ଛକରେ ବୁଧବାର ୩ଜଣ ଯୁବକ ମୋ ବସ୍‌କୁ ଅଟକାଇ ଇଟା ପଥର ଫିଙ୍ଗି ଗାଡ଼ିର କାଚ ଭାଙ୍ଗିଥିଲେ। ଏହାକୁ ବିରୋଧ କରିବାରୁ ଉତ୍ତ୍ୟକ୍ତ ଯୁବକମାନେ ଡ୍ରାଇଭରଙ୍କୁ ମାଡ଼ ମାରିଥିଲେ। ଏ ନେଇ ମୋ ବସ୍(ଓଡି ୦୨ ବିଜେ ୯୪୧୫)ର ଡ୍ରାଇଭର କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅନ୍ତର୍ଗତ କାକମାହା ଗ୍ରାମର ଅର୍ଜୁନ କୁମାର ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତକରି ଶୁକ୍ରବାର ୨ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଧୀରପୁର ଗ୍ରାମର ଅଟୋ ଚାଳକ ସୁବାସ ଚନ୍ଦ୍ର ପାଢ଼ୀ ଓ ବସନ୍ତ ବେହେରା। କୋର୍ଟ ୨ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ଜେଲକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଅନ୍ୟ ଜଣେ ଯୁବକ ଫେରାର ହୋଇଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୦୦/୨୩) ରୁଜୁକରି ଘଟଣାର ତଦନ୍ତ ଚାଲିଛି। ଏଥିସହ ଗିରଫ ଜଣେ ଅଭିଯୁକ୍ତଙ୍କଠାରୁ ଏକ ଅଟୋ ରିକ୍ସା ଜବତ କରିଛି।

# ମନରେ ନୂତନ ଉତ୍ସାହ ଭରିଦିଏ ରଜ

ଖୋର୍ଦ୍ଧା,୧୬।୬(ପ୍ରଭାତ ପାଣିଗ୍ରାହୀ)

**ବରୁଣେଇ ରଜ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା**


ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

ବରୁଣେଇ ପୀଠରେ ଜିଲା ପ୍ରଶାସନ ସହଯୋଗରେ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ 'ଦିଶାନ୍ତ' ଦ୍ୱାରା ଆୟୋଜିତ ୧୫ତମ ରଜ ମହୋତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଅନୁଷ୍ଠାନ ସଭାପତି ତଥା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାପତି ବାସନ୍ତୀ ମହାପାତ୍ର, ସାମାଜିକ କର୍ମୀ ଡ. ଉମାକାନ୍ତ ପଟ୍ଟନାୟକ, ପ୍ରଣୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

ରଜ ଆସିଲେ ପୁରପଲ୍ଲୀରେ ଏକ ନୂତନ ଉତ୍ସାହ ଭରିଯାଇଥାଏ। ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ଏହାର ମଜା ଉଠାଇଥାନ୍ତି। ପ୍ରକୃତି ସହ ରଜର ବିଶେଷତା ରହିଛି। ଓଡ଼ିଆଙ୍କ ଚାଲିଚଳଣି, ପର୍ବପର୍ବାଣି ମଧ୍ୟରେ ରଜ ଏକ ନିଆରା ପର୍ବ। ସବୁଠି ଉତ୍ସାହ ସହ ପିଠାପଣାରେ ମହକିଥାଏ ପରିବାର। ଗ୍ରାମୀଣ ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ କରି ରଖିଛି ଏହି ପର୍ବ। ସମସ୍ତଙ୍କୁ ସ୍ନେହର ବନ୍ଧନରେ ବାନ୍ଧି ରଖିବା ସହ ଭାଇଚାରାର ବାର୍ତ୍ତା ଦେଇଥାଏ। ନାରୀ ସର୍ବଦା ବନ୍ଦନୀୟା। ଭାରତବର୍ଷ ମହୀୟସୀ ମହିଳାଙ୍କ ଯୋଗୁ ଧନ୍ୟ ହୋଇଛି। ଆଜି ମହିଳାମାନେ ପ୍ରଗତି ପଥରେ ଆଗେଇ ଚାଲିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ, ରାଜନୈତିକ କ୍ଷେତ୍ରରେ ମହିଳାମାନେ ନିଜର ପାରଦର୍ଶିତା ଦେଖାଇଛନ୍ତି। ରାଜ୍ୟ ସରକାର ମଧ୍ୟ ମହିଳା ସଶକ୍ତୀକରଣ, ଆର୍ଥିକ ସ୍ୱାବଲମ୍ବନ ଉପରେ ଗୁରୁତ୍ୱ ଦେଉଛନ୍ତି। ଆଦର୍ଶ ପରିବାର ଗଠନରେ ମହିଳାଙ୍କ ପ୍ରମୁଖ ଭୂମିକା ରହିଛି। ମହିଳାଙ୍କ ପ୍ରଗତିରେ ଦେଶର ସମୃଦ୍ଧି ନିର୍ଭର କରେ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଯୋଗଦେଇଥିବା ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକୁ ଅତିଥିମାନେ ସମ୍ମାନିତ କରିଥିଲେ । ସମ୍ପାଦକ ଦିଲୀପ କୁମାର ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପସଭାପତି ନିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ ସନ୍ଧ୍ୟାରେ କଳାକାରଙ୍କ ବିଭିନ୍ନ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା।

# ରଜ ମହୋତ୍ସବରେ ପ୍ରତିଯୋଗିତା


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ ଏବଂ ଅନ୍ୟାମାନେ।

ବେଗୁନିଆ,୧୬।୬(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମା ନୂଆସାହିସ୍ଥିତ ଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ପତିତପାବନ ଯୁବକ ସଂଘ ପକ୍ଷରୁ ପାଳିତ ହୋଇଥିଲା ରଜ ମହୋତ୍ସବର ତୃତୀୟ ଦିବସ। ଏହି ପରିପ୍ରେକ୍ଷୀରେ ପୁଚି, ଅନ୍ଧପୁତୁଳି, କାନ୍ଦଣା, ଅନ୍ତାକ୍ଷରୀ ଓ କୁଇଜ୍ ଆଦି ପ୍ରତିଯୋଗିତା କରାଯାଇଥିଲା। କାନ୍ଦଣା ପ୍ରତିଯୋଗିତାରେ ପ୍ରତିମା ମୁଦୁଲି ପ୍ରଥମ, ସୁଲୋଚନା ବେହେରା ଦ୍ୱିତୀୟ, ବନ୍ଦିତା ଦାସ ଓ କୁମୁଦିନୀ ବେହେରା ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଂଘ ସଭାପତି ହିମାଂଶୁ ଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ମୁଖ୍ୟ ଅତିଥି, ଦିବାକର ସାହୁ ମୁଖ୍ୟ ବକ୍ତା ଓ ବ୍ୟଙ୍ଗକବି ବ୍ରଜବନ୍ଧୁ ସୁବୁଦ୍ଧି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରତାପ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁଶ୍ରୀ ଶ୍ରାବଣୀ ଶୁଭଦର୍ଶନୀ ବିଶୋୟୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଖବରଦାତା ଯୋଗେଶ୍ୱର ପଣ୍ଡା ଓ ଦୁର୍ଗାପ୍ରସାଦ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟ ଚୂଡ଼ାମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

### ଦୋଳି, ସେଲ୍ଫି ପଏଣ୍ଟ ମୁଖ୍ୟ ଆକର୍ଷଣ

ଖୋର୍ଦ୍ଧା,୧୬।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା କୋଣାର୍କ ନଗର ବିକାଶ ପରିଷଦ ପକ୍ଷରୁ ଚାଲିଥିବା ରଜ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପିଲାଙ୍କ ମଧ୍ୟରେ ଝୋଟି, ପୁଚି, ଚିତ୍ରାଙ୍କନ, ବେଲୁନ୍ ଫୁଙ୍କା ଏବଂ ମହିଳାମାନଙ୍କ ମଧ୍ୟରେ ରଜପାନ ଭଙ୍ଗା, ମ୍ୟୁଜିକ୍ ଚେୟାର, ମେହେନ୍ଦି ଆଦି ପ୍ରତିଯୋଗିତା ହୋଇଥିଲା। ରଜ ଦୋଳି ଏବଂ ସେଲ୍ଫି ପଏଣ୍ଟ ମୁଖ୍ୟ ଆକର୍ଷଣ ରହିଥିଲା। ଶିଶୁଠାରୁ ବୟସ୍କ, ସପରିବାର ରଜପାନ ଖାଇ ଦୋଳିର ମଜା ନେଇଥିଲେ। ଅନୁଷ୍ଠାନର ସଭାପତି ମାନସ ପଟ୍ଟନାୟକ, ସମ୍ପାଦକ ଅଭିଜିତ୍ ପଟ୍ଟନାୟକ, ସଞ୍ଜୟ ପଟ୍ଟନାୟକ, ଅନନ୍ତ କୁମାର ଦାସଙ୍କ ସମେତ ଅନ୍ୟମାନେ ଉତ୍ସବ ପରିଚାଳନା କରିଥିଲେ।

# ମହାପ୍ରଭୁଙ୍କ ଘଣାଲାଗି, ଖଳିଲାଗି ନୀତି ସମ୍ପନ୍ନ



ପୁରୀ, ୧୬।୬(ଅଜିତ୍ ମହାନ୍ତି)

ଆଷାଢ଼ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଶୁକ୍ରବାର ମହାପ୍ରଭୁଙ୍କ ଘଣାଲାଗି ନୀତି ସମ୍ପନ୍ନ ହେବା ସହ ସୁଦ୍ଧସୁଆରଙ୍କ ଘରୁ ଖଳି ଶ୍ରୀମନ୍ଦିରକୁ ବିଜେ ହୋଇଥିଲା। ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଦଇତାପତି ସେବକମାନେ ଖଳି ମହାପ୍ରସାଦ ଲାଗି ନୀତି ସମ୍ପନ୍ନ କରିଥିଲେ। ସେହିପରି ଦତ୍ତ ମହାପାତ୍ରଙ୍କ ଘରୁ ଆସିଥିବା ଖଡ଼ି ମହାପ୍ରଭୁଙ୍କୁ ଲାଗି କରାଯାଇଛି। ସୂଚନାଯୋଗ୍ୟ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନବେଦିରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇଥିଲେ। ଅଣସର ପିଣ୍ଡିରେ ଦଇତାପତି ଓ ପତିମହାପାତ୍ର ଶ୍ରୀବିଗ୍ରହମାନଙ୍କ ଗୁପ୍ତ ସେବା କରୁଛନ୍ତି। ଏହି କ୍ରମରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ତ୍ରୟୋଦଶୀ ତିଥିରେ ମହାପ୍ରଭୁଙ୍କ ଘଣା, ଖଳି ପ୍ରସାଦ ଓ ଖଡ଼ି ପ୍ରସାଦ ଲାଗି ନୀତି କରାଯାଇଛି। ଘଣା ଲାଗି ଓ ଶ୍ରୀପୟର ମୁଦ ଉପଲକ୍ଷେ ପାଟଡୋର, ଖଳି ପ୍ରସାଦ ଓ ଖଡ଼ି ପ୍ରସାଦ ଲାଗି ହୋଇଛି। ଅଣସର ଗୃହରେ ସମ୍ପୂର୍ଣ୍ଣ ଗୋପନୀୟ ଭାବେ ଶ୍ରୀବିଗ୍ରହମାନଙ୍କୁ ଘଣା ଲାଗି ପରେ ଖଳି ଲାଗି ଓ ତତ୍‌ପରେ ଖଡ଼ି ଲାଗି ହୋଇଛି। ଶ୍ରୀବିଗ୍ରହମାନଙ୍କ ଘଣା ଲାଗି ସମ୍ପନ୍ନ ପରେ ଘଣ୍ଟ, ଛତା, କାହାଳୀ ସହ ଖଳି ପ୍ରସାଦ ଶୁଦ୍ଧସୁଆରଙ୍କ ଘରଠାରୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଏହି ଖଳିକୁ ଶୁଦ୍ଧ ସୁଆରମାନେ ନିଜ ନିଜ ବାସଭବନରେ ଶୁଦ୍ଧପୁତ ଭାବେ ପ୍ରସ୍ତୁତ କରିଥାନ୍ତି। ଶୁଦ୍ଧ ସୁଆରଙ୍କ ବାସଭବନରେ ଖଳିହାଣ୍ଡିକୁ ଘରର ମହିଳାମାନେ ବନ୍ଦାପନା କରିଥିଲେ। ବିଜେ କାହାଳି ବାଜିବା ପରେ ଖଳି ଶ୍ରୀମନ୍ଦିରକୁ ବିଜେ କରିଥିଲା। ଶୁଦ୍ଧସୁଆର ଖଳିପ୍ରସାଦକୁ ନେଇ ଦଇତାପତିଙ୍କୁ ହସ୍ତାନ୍ତର କରିବା ପରେ ଏହି ଦିବ୍ୟ ପ୍ରଲେପକୁ ରୁପା ପିଙ୍ଗଣରେ ରଖି ଦଇତାପତି ସେବକ ଶ୍ରୀଅଙ୍ଗରେ ଲାଗି କରିଥିଲେ। ଗୋପନୀୟତା ରକ୍ଷା କରି ଏକ ସ୍ୱତନ୍ତ୍ର ଶୈଳୀରେ ମହାପ୍ରଭୁଙ୍କୁ ରକ୍ତବସ୍ତ୍ର ଆବରଣ କରାଯାଇଥିଲା। ସେହିପରି ପ୍ରଥମ ଭୋଗ ମଣ୍ଡପ ସମ୍ପନ୍ନ ପରେ ଦତ୍ତ ମହାପାତ୍ରଙ୍କ ଘରକୁ ଘଣ୍ଟ, ଛତା, କାହାଳୀ, ବୈଜୟନ୍ତୀ ବାଜା ଯାଇଥିଲା। ଦତ୍ତ ମହାପାତ୍ରଙ୍କ ଘରୁ ଖଡି ପ୍ରସାଦ ଶ୍ରୀମନ୍ଦିରକୁ ବିଜେ କରିଥିଲା।ପରେ ଖଡି ଲାଗି ନୀତି ସମ୍ପନ୍ନ ହୋଇଥିଲା। ଶନିବାର ଚତୁର୍ଦ୍ଦଶୀ ଅବସରରେ ଶ୍ରୀମନ୍ଦିରରୁ ଖଡ଼ି ପ୍ରସାଦକୁ ଦଇତାପତି ଏବଂ ପତି ମହାପାତ୍ରମାନେ ରାଜନଅରକୁ ବିଜେ କରାଇବେ।

# ଶୃଙ୍ଖଳିତ, ସୁରକ୍ଷିତ ରଥଯାତ୍ରା ପାଇଁ ମକ୍‌ଡ୍ରିଲ୍

ପୁରୀ, ୧୬।୬(ଅଜିତ୍ ମହାନ୍ତି)



ଚଳିତ ବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ସମ୍ପନ୍ନ କରିବା ନେଇ ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟ ରକ୍ଷା ନିମନ୍ତେ ଏକ ବୈଠକ ଶୁକ୍ରବାର ପୁରୀ ଟାଉନ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଶ୍ରୀମନ୍ଦିର ନିକଟରେ ମକ୍‌ଡ୍ରିଲ କରାଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସମର୍ଥ ବର୍ମା କହିଥିଲେ, ଚଳିତ ରଥଯାତ୍ରାରେ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ଆଶା କରାଯାଉଛି। ତେଣୁ ଯାତ୍ରୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ସମସ୍ତ କାର୍ଯ୍ୟକୁ ବିଭିନ୍ନ ବିଭାଗ ଠିକ୍ ଭାବେ ପରିଚାଳନା କରୁଥିବା ନେଇ ଏକ ବାସ୍ତବ ବ୍ୟବସ୍ଥାର ଅନୁଧ୍ୟାନ ପାଇଁ ମକ୍‌ଡ୍ରିଲର ପରିକଳ୍ପନା। ଏହାଦ୍ୱାରା ଆମେ ସଶକ୍ତ ହେବା ସହ କାର୍ଯ୍ୟକୁ ଖୁବ୍ ଭଲ ଭାବେ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିବା ବୋଲି ଜିଲାପାଳ କହିଥିଲେ। ଏସ୍‌ପି କନ୍‌ୱର ବିଶାଲ ସିଂ ସମସ୍ତ ବିଭାଗ ତାଙ୍କର ଦାୟିତ୍ୱକୁ ବୁଝିବା ଓ ଅନ୍ୟ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ଲକ୍ଷ୍ୟରେ ଏହି ମକ୍‌ଡ୍ରିଲ ସହାୟକ ହେବ ବୋଲି କହିଥିଲେ। ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି ମକ୍‌ଡ୍ରିଲ ସମ୍ପର୍କରେ ସବିଶେଷ ସୂଚନା ଓ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିଲେ। ଓସ୍‌ଡମା ଡିଜିଏମ୍ ସୁନୀଲ କୁମାର ସାହୁ, ସାର୍ଥକ ସୌରଭ ମହାପାତ୍ର ମକ୍‌ଡ୍ରିଲ୍‌ର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିବା ସହ ଏହାକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶେଷରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ବିଭିନ୍ନ ବିଭାଗର ଅଧିକାରୀ, ପୋଲିସ ଅଧିକାରୀ, ସ୍ୱେଚ୍ଛାସେବୀମାନେ ଏହି ମକ୍‌ଡ୍ରିଲରେ ଯୋଗଦେଇଥିଲେ। ପରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ, ମେଡିକାଲ, ପୋଲିସ, ପରିବହନ, ଆମ୍ବୁଲାନ୍ସ, ପୂର୍ତ୍ତ ବିଭାଗ, ପୌର ପ୍ରଶାସନ ଇତ୍ୟାଦି ବିଭାଗର ସମ୍ମିଳିତ ମକ୍‌ଡ୍ରିଲ୍ କାର୍ଯ୍ୟକୁ ଇଣ୍ଟିଗ୍ରେଟେଡ୍ ନିୟନ୍ତ୍ରଣ କକ୍ଷ ମାଧ୍ୟମରେ ପରିଚାଳନା କରାଯାଇଥିଲା। ରଥଯାତ୍ରା ସମୟରେ କୌଣସି ଘଟଣା କିମ୍ବା ଦୁର୍ଘଟଣା ଘଟିଲେ କିପରି ତା'ର ସଫଳ ମୁକାବିଲା ତ୍ୱରାନ୍ୱିତ ଭାବେ କରାଯାଇପାରିବ ସେନେଇ କୌଶଳ ପ୍ରଦର୍ଶନ ସହ ସଚେତନ କରାଯାଇଥିଲା। ଅପରାହ୍ନରେ ପୋଲିସ ପକ୍ଷରୁ ମକ୍‌ଡ୍ରିଲ କରାଯାଇଥିଲା। ରଥଯାତ୍ରା ସମୟରେ ଗହଳି ନିୟନ୍ତ୍ରଣ, ଯାତାୟାତ ସୁବିଧା, ଟ୍ରାଫିକ ବ୍ୟବସ୍ଥା ଆଦି ନେଇ ପୋଲିସର ସମସ୍ତ ବିଭାଗ ପକ୍ଷରୁ ଅଭ୍ୟାସ ବା ମକ୍‌ଡ୍ରିଲ ହୋଇଥିଲା।

### ଆଇନା ପକ୍ଷରୁ ରଜ ଉତ୍ସବ

ବେଗୁନିଆ,୧୬।୬(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡ଼ା ଗ୍ରାମର ମା' ବୁଢ଼ୀ ବଘେଇ ପୀଠ ପରିସରରେ ଶୁକ୍ରବାର ରଜ ଉତ୍ସବ ପାଳନ କରାଯାଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଇନା' ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ପୁଚି, କବାଡ଼ି, ମ୍ୟୁଜିକ୍ ଚେୟାର, ରଙ୍ଗୋଲି, ମେହେନ୍ଦି, ରଜ କୁଇନ୍ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଆୟୋଜକ ଅନୁଷ୍ଠାନର ନିର୍ଦ୍ଦେଶକ ଦିଲୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଭିଲିପ୍‌ସା ବିଶ୍ୱାଳ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଶାନ୍ତିଲତା ଦାସ, ସମ୍ମାନିତ ଅତିଥି ସମିତିସଭ୍ୟା ପୁଷ୍ପଲତା ପାଇକରାୟ, ଭିକାରୀ ଚରଣ ସାହୁ, ବିକ୍ରମ ସାହୁ, ଖବରଦାତା ଯୋଗେଶ୍ୱର ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ରଜ କୁଇନ୍ ସ୍ୱାଗତିକା ତୋଷଙ୍କୁ ପୁରସ୍କୃତ କରିଥିଲେ। ଏସିଭିଏସ୍ ଅନୁପମା ଧନ୍ୟବାଦ ଦେଇଥିଲେ।

# ଜମୁଛି ବରୁଣେଇ ରଜ ମହୋତ୍ସବ

ଖୋର୍ଦ୍ଧା,୧୬।୬ (ପ୍ରଭାତ ପାଣିଗ୍ରାହୀ)




ବରୁଣେଇ ପୀଠରେ ରଜ ମହୋତ୍ସବ ସହ ବରୁଣେଇ ମେଳା ଆୟୋଜନ ହୋଇଥାଏ। ଜିଲା ପ୍ରଶାସନର ସହଯୋଗରେ ସାଂସ୍କୃତିକ ଅନୁଷ୍ଠାନ ଦିଶାନ୍ତ ପକ୍ଷରୁ ୧୫ବର୍ଷ ଧରି ରଜ ମହୋତ୍ସବ ଆୟୋଜିତ ହୋଇଆସୁଛି। ତିନିଦିନ ବ୍ୟାପୀ ଏଠାରେ ଲକ୍ଷାଧିକ ଭକ୍ତ, ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ମା'ବରୁଣେଇ, କରୁଣେଇଙ୍କ ଆଶୀର୍ବାଦ ଲାଭ ସହ ରଜପାନ, ରଜଦୋଳିର ମଜା ଉଠାଇଥାନ୍ତି ପର୍ଯ୍ୟଟକ, ଶ୍ରଦ୍ଧାଳୁ। ଶୁକ୍ରବାର ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ତେବେ ମହୋତ୍ସବରେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଥିବା ଦେଖିବାକୁ ମିଳିଛି।

**ଆଲୋକୀକରଣ ବ୍ୟବସ୍ଥା ନାହିଁ**

ରଜ ଉତ୍ସବ ସମୟରେ ବରୁଣେଇ ପୀଠରେ ଶତାଧିକ ଲୋକଙ୍କ ସମାଗମ ହୋଇଥାଏ। ରଜ ସଂକ୍ରାନ୍ତି ଠାରୁ ୩ଦିନ ବ୍ୟାପୀ ମହୋତ୍ସବ ଆୟୋଜିତ ହୋଇଥାଏ। ଏହି ସମୟରେ ମା'ଙ୍କ ଦର୍ଶନ ସହ ମେଳା, ମହୋତ୍ସବ ମଜା ଉଠାଇବା ପାଇଁ ଖୋର୍ଦ୍ଧା ତଥା ଆଖପାଖ ଅଞ୍ଚଳର ଲୋକଙ୍କ ସମାଗମ ହୋଇଥାଏ। ସଞ୍ଜ ବଢ଼ିବା ସହ ଲୋକଙ୍କ ସଂଖ୍ୟା ମଧ୍ୟ ବଢ଼ିଥାଏ। ତେବେ ବରୁଣେଇ ମୁଖ୍ୟ ରାସ୍ତାରୁ ପୀଠକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାକାରମୟ। ଯଦିଓ ମହୋତ୍ସବ କମିଟି ପକ୍ଷରୁ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି, ତାହା ପର୍ଯ୍ୟାପ୍ତ ନୁହଁ। ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେବା ଜରୁରୀ।

**ପୋଲିସ, ସ୍ୱେଚ୍ଛାସେବୀ ନାକେଦମ**

ମହୋତ୍ସବରେ ଟ୍ରାଫିକ ବ୍ୟବସ୍ଥା ଅନିୟନ୍ତ୍ରିତ ହୋଇପଡ଼ିଛି। ଟ୍ରାଫିକ ନିୟନ୍ତ୍ରଣ ଲାଗି ୨ ପ୍ଲାଟୁନ ଫୋର୍ସ ସହ ଶହେରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିୟୋଜିତ ଅଛନ୍ତି। କୋଭିଡ କଟକଣା ଯୋଗୁ ଦୁଇ ବର୍ଷ ବନ୍ଦ ରହିଥିଲା ମହୋତ୍ସବ ଓ ବରୁଣେଇ ମେଳା। ଚଳିତବର୍ଷ ମହୋତ୍ସବରେ ପ୍ରବଳ ଜନସମାଗମ ହୋଇଛି। ପ୍ରସ୍ତାବିତ ପାଇକ ସ୍ମାରକୀ ସ୍ଥଳରେ ଚାରିଚକିଆ ଏବଂ ପାର୍କ ଏବଂ ନିକଟ ଦୁଇଟି ସ୍ଥାନ ମୋଟ ୩ଟି ସ୍ଥାନରେ ଗାଡ଼ି ଲାଗି ପାର୍କିଂ ବ୍ୟବସ୍ଥା କରାଯାଇଛି। ତେବେ ଲୋକଙ୍କ ଗହଳି ଲାଗି ରହିଥିବାରୁ ପାର୍କିଂରୁ ଯାନବାହନ ପ୍ରବେଶ ଏବଂ ପ୍ରସ୍ଥାନ ସମୟରେ ରାସ୍ତାରେ ଅସମ୍ଭାଳ ଭିଡ ରହୁଛି। ଭିଡ଼ ନିୟନ୍ତ୍ରଣ ଲାଗି ପୋଲିସ ଏବଂ ସ୍ୱେଚ୍ଛାସେବୀଙ୍କୁ ନାକେଦମ ହେବାକୁ ପଡ଼ିଛି।

**ଆଲୋଚନା ହେଉଛି, କାର୍ଯ୍ୟକାରୀ ନାହିଁ**

ପ୍ରତିବର୍ଷ ବରୁଣେଇ ମହୋତ୍ସବ ଆୟେଜନ ସମୟରେ ଜିଲା ପ୍ରଶାସନ, ପୌର ପ୍ରଶାସନ ଉପସ୍ଥିତିରେ ସମସ୍ତ ବ୍ୟବସ୍ଥା ଲାଗି ଆଲୋଚନା ହେଉଛି। ତେବେ ତାହା ବାସ୍ତବରେ କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ଆମ୍ବୁଲାନ୍ସ, ସ୍ୱଚ୍ଛତା, ବିଶୁଦ୍ଧ ପାନୀୟଜଳ, ଆଲୋକୀକରଣ, ଟ୍ରାଫିକ ସମସ୍ୟା ଉପରେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଜନ ଅସନ୍ତୋଷ ପ୍ରକାଶ ପାଇଛି।

**ମଜା ଉଠାଇଲେ ପିଲାମାନେ**

ବରୁଣେଇ ମହୋତ୍ସବରେ ମୁଖ୍ୟ ଆର୍କଷଣ ସାଜିଛି ପିଲାଙ୍କ ମିକି ମାଉସ, ରଜଦୋଳି, ମୀନାବଜାର। ଏଠାରେ ପିଲାମାନେ ଉପରକୁ ଉଠି ତଳକୁ ଆନନ୍ଦ ମନରେ ଖସୁଥିବା ଦେଖିବାକୁ ମିଳିଛି। ଗହଳି ବଢ଼ିବା ସହିତ ପିଲାଙ୍କ ସଂଖ୍ୟା ମଧ୍ୟ ବଢ଼ିଥିଲା।

**ବରକୋଳିର ବଢ଼ିଲା ଚାହିଦା**

ବରୁଣେଇରେ ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛି ବରକୋଳି। ଏଠାରେ ବର୍ଷସାରା ବିକ୍ରି ହେଉଥିଲେ ମଧ୍ୟ ରଜ ମହୋତ୍ସବରେ ଚାହିଦା ବୃଦ୍ଧି ପାଇଥିଲା। ମହୋତ୍ସବର ଗହଳି ମଧ୍ୟରେ ଯୁବତୀମାନେ ବରକୋଳିର ମଜା ନେଇଥିଲେ। ୧୦ରୁ ୨୦ଟଙ୍କା ଦର ରହିଥିବା ବେଳେ ଯୁବତୀ, ମହିଳା ମାନେ ହାତରେ ବରକୋଳି ଧରି ମହୋତ୍ସବ ଓ ମେଳାରେ ବୁଲି ମଜା ନେଇଥିଲେ।

**କପଡ଼ା ବ୍ୟାଗର ଚାହିଦା**

ମେଳାରେ ଓରମାସ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ବିଭିନ୍ନ ଘରକରଣା, ଘରୋଇ ସାଜସଜ୍ଜା, ଅଗରବତୀ, ବଡ଼ି, ଆଚାର, ପାମ୍ପଡ, କସମେଟିକ୍ସ ସାମଗ୍ରୀ ପସରା ପଡ଼ିଛି। କପଡ଼ାରେ ମହିଳାଙ୍କ ବିଭିନ୍ନ ଛୋଟବଡ଼ ମନିପର୍ସ, ଫୁଲଦାନୀ, ଟେରାକୋଟା ପ୍ରଭୃତି ଲୋକଙ୍କ ଆଗ୍ରହ ରହିଥିଲା।

**ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ନାହିଁ**

ବରୁଣେଇ ପୀଠରେ ରଜ ମହୋତ୍ସବ ଅବସରେ ପ୍ରବଳ ଜନସମାଗମ ରହିଛି। ବହୁ ଫାଷ୍ଟଫୁଡ ଦୋକାନ ସହ ଅନ୍ୟ ଦୋକାନ ଖୋଲିଛି। ସବୁ ଦୋକାନ ଗୋଟିଏ ଜାଗାରେ ପସରା ମେଲିଛି। ବରୁଣେଇ ପୀଠ ଚାରିପଟ ଅଳିଆ ଆବର୍ଜନା ଭରି ରହିଛି। କୁଢ଼କୁଢ଼ ଅଳିଆ ପଡି ରହିଥିବା ବେଳେ ପୌର ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଇ ନ ଥିବା ଦେଖିବାକୁ ମିଳିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୭ ଜୁନ୍, ୨୦୨୩



# ଅଦିନିଆ ରଥଯାତ୍ରାକୁ ବିରୋଧ

ପୁରୀ, ୧୬।୬(ଅଜିତ୍ ମହାନ୍ତି)

■୨୪ରେ ଇସ୍କନ ରଥଯାତ୍ରା ନେଇ ସୋସିଆଲ ମିଡିଆରେ ଘୂରିବୁଲୁଛି

■ନିବୃତ୍ତ ନ ହେଲେ କାର୍ଯ୍ୟାନୁଷ୍ଠାନ: ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ

ଅଦିନିଆ ରଥଯାତ୍ରାକୁ ନେଇ ପୁଣି ବିବାଦ ସୃଷ୍ଟି ହୋଇଛି। ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଚଳିତ ମାସ ୨୪ତାରିଖରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେବ ବୋଲି ସୋସିଆଲ ମିଡିଆରେ ଖବର ଘୂରିବୁଲୁଛି। ଏହି ଅଦିନିଆ ରଥଯାତ୍ରାକୁ ଓଡ଼ିଶାର ଜଗନ୍ନାଥପ୍ରେମୀ ଓ ଶ୍ରୀମନ୍ଦିର ସେବାୟତଙ୍କ ସମେତ ପରିଚାଳନା କମିଟି ସଦସ୍ୟ ତୀବ୍ର ବିରୋଧ କରିଛନ୍ତି।

ପରମ୍ପରା ଅନୁଯାୟୀ, ପ୍ରତ୍ୟେକ ବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ କେବଳ ପୁରୀ ନୁହେଁ ଦେଶ ବିଦେଶରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ତେବେ ଅନେକ ଥର ଦେଖିବାକୁ ମିଳିଛି ଯେ, ବାହାର ରାଜ୍ୟର କେତେକ ସଙ୍ଗଠନ ଉକ୍ତ ତିଥି ପରିବର୍ତ୍ତେ ମନଇଚ୍ଛା ସମୟରେ ରଥଯାତ୍ରା କରୁଛନ୍ତି। ଏହା ପରମ୍ପରା ବିରୋଧୀ। ପରମ୍ପରା ଅନୁଯାୟୀ, ଚଳିତ ମାସ ୨୦ ତାରିଖ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ତେବେ ଏହି ପରମ୍ପରାକୁ ଉଲ୍ଲଙ୍ଘନ କରାଯାଇ ଗ୍ୱାଲିୟରଠାରେ ୨୪ ତାରିଖରେ ରଥଯାତ୍ରା କରାଯିବାକୁ ସ୍ଥିର କରାଯାଇଛି। ପୂର୍ବରୁ ୧୮ ତାରିଖରେ ରଥଯାତ୍ରା ହେବାକୁ ଥିଲା, ତେବେ କିଛି ଅସୁବିଧା କାରଣରୁ ୨୪ ତାରିଖରେ ରଥଯାତ୍ରା ହେବାକୁ ଥିବା ଗ୍ୱାଲିୟର ଇସ୍କନ ସେଣ୍ଟର ପକ୍ଷରୁ ମହେନ୍ଦ୍ର ପ୍ରଭୁଜୀ ନାମକ ଅଧିକାରୀ ସୋସିଆଲ ମିଡିଆରେ ସୂଚନା ଦେଉଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ରଥର ଉଚ୍ଚତା ୨୪ ଫୁଟ, ଲମ୍ବ ୧୭ ଫୁଟ ଏବଂ ଚଉଡ଼ା ୧୦ ଫୁଟ ରହିଛି। ରଥ ନିର୍ମାଣରେ ୬ ଲକ୍ଷ ଟଙ୍କା ପ୍ରାୟ ଖର୍ଚ୍ଚ ହୋଇଛି। ଶ୍ରୀଜଗନ୍ନାଥଙ୍କ ଭକ୍ତମାନେ ରଥଯାତ୍ରାରେ ସାମିଲ ହେବା ସହ ଦାନ ଦେବାକୁ ଇସ୍କନ ପକ୍ଷରୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷରେ ପୂର୍ବରୁ ମଧ୍ୟ ଇସ୍କନ ପକ୍ଷରୁ ଅଦିନରେ ରଥଯାତ୍ରା କରାଯାଇଥିବାର ନଜିର ରହିଛି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନଠାରୁ ଆରମ୍ଭକରି ଜଗନ୍ନାଥପ୍ରେମୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା ବୈଠକରେ ଗଜପତି ମହାରାଜାଙ୍କ ଉପସ୍ଥିତିରେ ଇସ୍କନ କର୍ମକର୍ତ୍ତାମାନଙ୍କୁ ଡକାଯାଇ ଆଲୋଚନା କରାଯିବା ପରେ ମଧ୍ୟ ଅଦିନିଆ ରଥଯାତ୍ରା ଆୟୋଜନ କରୁଛନ୍ତି। ଏହା ଅତି ଦୁଃଖ ଓ କ୍ଷୋଭର ବିଷୟ। ଏହାଦ୍ୱାରା ଆମ ସଂସ୍କୃତି, ପରମ୍ପରା ନଷ୍ଟ ହେଉଛି। ଇସ୍କନପ୍ରେମୀ ସ୍କନ୍ଦ ପୁରାଣକୁ ଅନୁସରଣ କରନ୍ତୁ। ଅଦିନିଆ ରଥଯାତ୍ରାରୁ ଇସ୍କନ କର୍ତ୍ତୃପକ୍ଷ ବିରତ ରହନ୍ତୁ। ନଚେତ୍ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ଇସ୍କନ ଭକ୍ତଙ୍କୁ ପୁରୀରେ ପ୍ରବେଶ କରିବା ପାଇଁ ଅନୁମତି ଦିଆଯିବ ନାହିଁ। ସେ ଏନେଇ ଗଜପତି ମହାରାଜା ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା କରିବେ ବୋଲି ମହାପାତ୍ର କହିଛନ୍ତି। ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଏ ବିଷୟ ତାଙ୍କ ନଜରକୁ ଆସିନାହିଁ। ତାଙ୍କ ଦୃଷ୍ଟିକୁ ଆସିଲେ ଆଲୋଚନା କରାଯାଇ ଯାହାକିଛି ନିଷ୍ପତ୍ତି ନିଆଯିବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୬।୨୦୨୩

| | |
|---|---|
| ୭୦,୦୧୮ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୦୨ ଗ୍ରାମ୍ |

## ସଂକ୍ଷେପରେ

### ୨ ବାଇକ୍ ଧକ୍କା, ୨ ମୃତ

ଗୋପ,୧୬।୬ (ଭାରତୀ ଭୂଷଣ ଉପାଧ୍ୟାୟ) ଶୁକ୍ରବାର ରାତ୍ର ସାଢ଼େ ୧୦ଟା ସମୟରେ ଗୋପ -କୋଣାର୍କ ରାସ୍ତାର ବନାଖଣ୍ଡି ନିକଟରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ଘଟଣାସ୍ଥଳରେ ୨୫ ମିନିଟ ଧରି ହୋହାଲ୍ଲା ହେବା ପରେ ୨ଟି ୧୦୮ ଆମ୍ବୁଲାନ୍ସ ପହଞ୍ଚି ମୃତକ ଓ ଗୁରୁତରଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ମାତ୍ର କୋଣାର୍କ ପୋଲିସକୁ ସ୍ଥାନୀୟ ଲୋକମାନେ ଫୋନ କରିଥିଲେ ମଧ ଘଟଣାସ୍ଥଳକୁ ଆସି ନ ଥିଲା। ଗୋପ ଡାକ୍ତରଖାନାରେ ୨ଟି ଆମ୍ବୁଲାନ୍ସ ପହଞ୍ଚିବା ପରେ ଡାକ୍ତର ଶିବ ପ୍ରସାଦ ମଙ୍ଗରାଜ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଉଛନ୍ତି କୋଣାର୍କ ମାଉସୀ ମା' ସାହିର ବିଜୟ କୁମାର ବେହେରା (୨୯) ଓ କୋଣାର୍କ ନଳକଣ ଗ୍ରାମର କୈଳାସ ଦାସ (୩୨)। ଗୁରୁତର ହୋଇଥିବା ଖରା ଗାଁ ଗ୍ରାମର ରଞ୍ଜିତ ବେହେରା (୩୨)ଙ୍କୁ ଭୁବନେଶ୍ୱର ପଠାଯାଇଥିବା ବେଳେ କୋଣାର୍କ କରମଙ୍ଗା ବାଲିସାହି ଗ୍ରାମର ସୁବାସ ଦାସ (୩୫) ଗୋପ ଡାକ୍ତରଖାନାରେ ଚିକିତ୍ସା ହେଉଛନ୍ତି। ପ୍ରକାଶ ଯେ, ବିଜୟ ଓ ସୁବାସ କୌଣସି କାର୍ଯ୍ୟରେ ବାଇକ ଯୋଗେ ଭୁବନେଶ୍ୱର ଯାଉଥିଲେ। ଅପରପାର୍ଶ୍ୱରୁ ଏକ ବାଇକ୍‌ରେ ରଞ୍ଜିତ ଓ କୈଳାସ କୋଣାର୍କ ଯାଉଥିଲେ। ବନାଖଣ୍ଡି ଛକରେ ହଠାତ୍ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁଇ ବାଇକଙ୍କ ଗତି ଏତେ ଅଧିକ ଥିଲା ଯେ, ୨ଟିଯାକ ବାଇକର ୮୦ ଭାଗ ଭାଙ୍ଗିରୁଜି ରାସ୍ତାରେ ପଡ଼ିଛି। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସଙ୍କୁ ଫୋନ କରିବାରୁ ବିଳମ୍ବରେ ପହଞ୍ଚିବାରୁ ସ୍ଥାନୀୟ ଲୋକେ ପାଟିତୁଣ୍ଡ କରିଥିଲେ।

### ଟ୍ରକ୍ ଡ୍ରାଇଭର ମୃତ

ଯାଁଳା,୧୬।୬(ବୁଲା ବାରିକ): ଯାଁଳାରେ ଏକ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଜଣେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଢେଙ୍କାନାଳ ଜିଲା ଖଲିଣିଗୁଡ଼ା ଅଞ୍ଚଳର ପ୍ରତାପ ଚନ୍ଦ୍ର ପ୍ରଧାନ(୩୪)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଅଂଶୁଘାତରେ ତାଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ସୂଚନା ମୁତାବକ, ପ୍ରତାପ ଏକ ଆଇରନ ବୋଝେଇ ଟ୍ରକ ନେଇ କେନ୍ଦୁଝରରୁ ଗୋପାଳପୁର ଯାଉଥିଲେ। ଯାଁଳା କେକେ ପେଟ୍ରୋଲ ପମ୍ପ ନିକଟରେ ସେ ଅସୁସ୍ଥ ଅନୁଭବ କରିଥିଲେ। ଏହା ପରେ ଟ୍ରକ ଛିଡ଼ା କରି ତଳକୁ ଓହ୍ଲାଇ ଏକ ସ୍ଥାନରେ ବସିଥିଲେ। କିଛି ସମୟ ପରେ ସେଠାରେ ସେ ତଳେ ପଡ଼ିଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଏମ୍‌ସ ମେଡିକାଲକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୩ ରଥରେ ଲାଗିଲା କଳସ, ଓଲଟ ଶୁଆ

### ରଥଖଳାରୁ ...

ପୁରୀ, ୧୬।୬(ଅଜିତ୍ ମହାନ୍ତି): ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଆଉ ୩ ଦିନ ବାକି ଥିବାବେଳେ ରଥ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାର ଛାମୁଣ୍ଡିଆ ଶୁକ୍ରବାର ଖୋଲାଯାଇଛି। ତିନିରଥର ଦୁଆରବେଢ଼ାକୁ ବାନ୍ଧି ରଖିବା ପାଇଁ ଗୋଟିଏ ଲେଖାଏ 'ଧ୍ୱଜବତା' ଦୁଆରବେଢ଼ା ଚନ୍ଦ୍ରଶାଳି କାପରେ ସେଟିଂ କରାଯାଇ ମଝି ଭୂଇଁ ଛ' କାଠିରେ ଫିଟିଙ୍ଗ କରାଯାଇଥିଲା। ଏଥିସହ ତିନିରଥରେ କଣି ଫାଉଡ଼ା, ଧ୍ୱଳିଦଣ୍ଡା, ହାତୀ ଆଳ ମାଳ ଲାଗିଥିଲା। ଶୁକ୍ରବାର ଭୋଇ ସର୍ଦ୍ଦାର ତଥା ତିନିରଥର ମୁଖ୍ୟ ଭୋଇ ସେବକମାନଙ୍କ ସହଯୋଗରେ ଭୋଇ ସେବକମାନେ କଳସ, ଓଲଟ ଶୁଆ ଏବଂ ଅଁଳାକୁ ରଥ ଉପର ପୋଟଳ ଖପୁରି ମଧ୍ୟଭାଗରେ ରଖି ତିନିରଥରେ ସଂସ୍ଥାପନ କରିଛନ୍ତି। ଅଁଳା ଉପରେ ପିତ୍ତଳ କଳସ ସଂସ୍ଥାପନ ବାକି ରହିଛି। ଦୁଆରବେଢ଼ାକୁ ବାନ୍ଧି ରଖିବା ପାଇଁ ପ୍ରତି ନାଟଗୋଡ଼ ଦୁଇ ପାର୍ଶ୍ୱରେ ଦୁଇଟି ଲେଖାଏ 'ଦୁଆର ବାଣିଆ' ଚଉଦ ବାହାକା ସହ ଫିଟିଙ୍ଗ କରାଯାଇଛି। ଚିତ୍ର କାମ ସରିଥିବା 'କନ୍ୟାପଟା'ଗୁଡ଼ିକୁ ମହାରଣା ସେବକମାନେ ତିନିରଥରେ ଫିଟିଙ୍ଗ କରିଛନ୍ତି। ତାଳଧ୍ୱଜ ଓ ନନ୍ଦିଘୋଷ ରଥରେ ୧୨ଟି ଲେଖାଏ ଏବଂ ଦର୍ପଦଳନ ରଥରେ ୮ଟି କନ୍ୟାପଟା ଫିଟିଙ୍ଗ ହୋଇଛି। ରୂପକାର ସେବକମାନେ ତିନିରଥର ଗୋଟିଏ ଲେଖାଏ ଘୋଡ଼ା ଜୁଆଳି, ଦୁଇଟି ଲେଖାଏ ଆଶାବାଡ଼ି ଏବଂ ତାଳଧ୍ୱଜ, ନନ୍ଦିଘୋଷ ରଥ ସାରଥିଙ୍କ 'କିରଣ' ନିର୍ମାଣ ସାରି କିରଣରେ ପଦ୍ମପାଖୁଡ଼ା ଖୋଦେଇ କାର୍ଯ୍ୟ ଶେଷ କରିଛନ୍ତି। ଚିତ୍ରକାର ସେବକମାନେ ବାକି ରହିଥିବା ରଥ ବାହ୍ୟ ଅଂଶ ରଙ୍ଗ କରିବା ସହ ପ୍ରଭା ଏବଂ ତିନିରଥ ଘୋଡ଼ାରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦରଜି ସେବକମାନେ ରଥରେ କନା ପଡ଼ିବା ପାଇଁ କନା ଯୋଡ଼ା କାମ କରୁଛନ୍ତି।



# ମହାପ୍ରଭୁଙ୍କ ଘଣାଲାଗି, ଖଳିଲାଗି ନୀତି ସମ୍ପନ୍ନ

### ଆଜି ରାଜନଅରକୁ ଖଡ଼ିପ୍ରସାଦ ବିଜେ

ପୁରୀ, ୧୬।୬(ଅଜିତ୍ ମହାନ୍ତି)

ଆଷାଢ଼ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଶୁକ୍ରବାର ମହାପ୍ରଭୁଙ୍କ ଘଣାଲାଗି ନୀତି ସମ୍ପନ୍ନ ହେବା ସହ ଶୁଦ୍ଧସୁଆରଙ୍କ ଘରୁ ଖଳି ଶ୍ରୀମନ୍ଦିରକୁ ବିଜେ ହୋଇଥିଲା। ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଦଇତାପତି ସେବକମାନେ ଖଳି ମହାପ୍ରସାଦ ଲାଗି ନୀତି ସମ୍ପନ୍ନ କରିଥିଲେ। ସେହିପରି ଦତ୍ତ ମହାପାତ୍ରଙ୍କ ଘରୁ ଆସିଥିବା ଖଡ଼ି ମହାପ୍ରଭୁଙ୍କୁ ଲାଗି କରାଯାଇଛି। ସୂଚନାଯୋଗ୍ୟ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନବେଦିରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇଥିଲେ। ଅଣସର ପିଣ୍ଡିରେ ଦଇତାପତି ଓ ପତିମହାପାତ୍ର ଶ୍ରୀବିଗ୍ରହମାନଙ୍କ ଗୁପ୍ତ ସେବା କରୁଛନ୍ତି। ଏହି କ୍ରମରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ତ୍ରୟୋଦଶୀ ତିଥିରେ ମହାପ୍ରଭୁଙ୍କ ଘଣା, ଖଳି ପ୍ରସାଦ ଓ ଖଡ଼ି ପ୍ରସାଦ ଲାଗି ନୀତି କରାଯାଇଛି। ଘଣା ଲାଗି ଓ ଶ୍ରୀପୟର ମୁଦ ଉପଲକ୍ଷେ ପାଟଡୋର, ଖଳି ପ୍ରସାଦ ଓ ଖଡ଼ି ପ୍ରସାଦ ଲାଗି ହୋଇଛି। ଅଣସର ଗୃହରେ ସମ୍ପୂର୍ଣ୍ଣ ଗୋପନୀୟ ଭାବେ ଶ୍ରୀବିଗ୍ରହମାନଙ୍କୁ ଘଣା ଲାଗି ପରେ ଖଳି ଲାଗି ଓ ତପ୍ରେ ଖଡ଼ି ଲାଗି ହୋଇଛି। ଶ୍ରୀବିଗ୍ରହମାନଙ୍କ ଘଣା ଲାଗି ସମ୍ପନ୍ନ ପରେ ଘଣ୍ଟ, ଛତା, କାହାଳୀ ସହ ଖଳି ପ୍ରସାଦ ଶୁଦ୍ଧସୁଆରଙ୍କ ଘରଠାରୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଏହି ଖଳିକୁ ଶୁଦ୍ଧ ସୁଆରମାନେ ନିଜ ନିଜ ବାସଭବନରେ ଶୁଦ୍ଧପୂତ ଭାବେ ପ୍ରସ୍ତୁତ କରିଥାନ୍ତି। ଶୁଦ୍ଧ ସୁଆରଙ୍କ ବାସଭବନରେ ଖଳିହାଣ୍ଡିକୁ ଘରର ମହିଳାମାନେ ବନ୍ଦାପନା କରିଥିଲେ। ବିଜେ କାହାଳି ବାଜିବା ପରେ ଖଳି ଶ୍ରୀମନ୍ଦିରକୁ ବିଜେ କରିଥିଲା। ଶୁଦ୍ଧସୁଆର ଖଳିପ୍ରସାଦକୁ ନେଇ ଦଇତାପତିଙ୍କୁ ହସ୍ତାନ୍ତର କରିବା ପରେ ଏହି ଦିବ୍ୟ ପ୍ରଲେପକୁ ରୁପା ପିଙ୍ଗଣରେ ରଖି ଦଇତାପତି ସେବକ ଶ୍ରୀଅଙ୍ଗରେ ଲାଗି କରିଥିଲେ। ଗୋପନୀୟତା ରକ୍ଷା କରି ଏକ ସ୍ୱତନ୍ତ୍ର ଶୈଳୀରେ ମହାପ୍ରଭୁଙ୍କୁ ରକ୍ତବସ୍ତ୍ର ଆବରଣ କରାଯାଇଥିଲା। ସେହିପରି ପ୍ରଥମ ଭୋଗ ମଣ୍ଡପ ସମ୍ପନ୍ନ ପରେ ଦତ୍ତ ମହାପାତ୍ରଙ୍କ ଘରକୁ ଘଣ୍ଟ, ଛତା, କାହାଳୀ, ବୈଜୟନ୍ତୀ ବାଜା ଯାଇଥିଲା। ଦତ୍ତ ମହାପାତ୍ରଙ୍କ ଘରୁ ଖଡି ପ୍ରସାଦ ଶ୍ରୀମନ୍ଦିରକୁ ବିଜେ କରିଥିଲା। ପରେ ଖଡି ଲାଗି ନୀତି ସମ୍ପନ୍ନ ହୋଇଥିଲା। ଶନିବାର ଚତୁର୍ଦ୍ଦଶୀ ଅବସରରେ ଶ୍ରୀମନ୍ଦିରରୁ ଖଡ଼ି ପ୍ରସାଦକୁ ଦଇତାପତି ଏବଂ ପତି ମହାପାତ୍ରମାନେ ରାଜନଅରକୁ ବିଜେ କରାଇବେ।



ଶୁଦ୍ଧ ସୁଆରଙ୍କ ଗୃହରୁ ଖଳି ପ୍ରସାଦ ଶ୍ରୀମନ୍ଦିରକୁ ବିଜେ କରାଯାଉଛି।

## ଅଘୋଷିତ ବିଦ୍ୟୁତ୍ କାଟ୍ ପ୍ରତିବାଦରେ ଭାଜପାର ବିକ୍ଷୋଭ

କାକଟପୁର,୧୬।୬(ଶୁଭଦର୍ଶନ ମିଶ୍ର)

ଅଘୋଷିତ ବିଦ୍ୟୁତ୍ କାଟ ପ୍ରତିବାଦରେ ରାଜ୍ୟ ଭାଜପାର ଆହ୍ୱାନକ୍ରମେ କାକଟପୁର ଭାଜପାର ନେତା ଓ ଶତାଧିକ କର୍ମୀ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ବିଭିନ୍ନ ନାରା ଦେଇ କାକଟପୁର ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବତନ ବିଧାୟକ ବାଇଧର ମଲ୍ଲିକଙ୍କ ନେତୃତ୍ୱରେ ଓ ଯୁବ ସଂଗଠକ ସୁଦାମ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବିକ୍ଷୋଭରେ ପୂର୍ବତନ ବିଧାୟକ ପ୍ରାର୍ଥୀ ଈଶ୍ୱର ବେହେରା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମଙ୍ଗଳା ପ୍ରସାଦ ସାମନ୍ତରାୟ, ଲଳିତ ରଥ, ମଣ୍ଡଳ ସଭାପତି ସରୋଜ ମିଶ୍ର, ଉପେନ୍ଦ୍ର ସୁବୁଦ୍ଧି, ଦୀନବନ୍ଧୁ ମହାନ୍ତି, ପ୍ରଭାକର ନାୟକ, ଗୋଲେଖ ପ୍ରଧାନ, ନଟବର ସ୍ୱାଇଁ, ଅଧିକାରୀ ବେହେରା, ମଙ୍ଗଳା ପରିଡ଼ା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ଓ ଟାଟା କମ୍ପାନୀର ମଧୁଚନ୍ଦ୍ରିକାକୁ ତୀବ୍ର ସମାଲୋଚନା କରିବା ସହିତ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବାକୁ ଦାବି କରିଥିଲେ। ଏଥିସହିତ (୨୦୨୧) ମସିହାରୁ ଅନୁମୋଦିତ ହୋଇ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଗଣିପୁର, କାକଟପୁର ୩୩ କେଭି ବିଦ୍ୟୁତ୍ ସଂଯୋଗୀକରଣ କାର୍ଯ୍ୟକୁ ଆରମ୍ଭ କରିବା ପାଇଁ ଦାବି କରିଥିଲେ। ଦଳ ପକ୍ଷରୁ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।



ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ଶୁକ୍ରବାର ନୀଳାଦ୍ରି କଲଚରାଲ ଅନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ ନାଟକ 'ମଡର୍ନ ଯୁଗର ସଡନ୍ ସୀତା'ର ଏକ ଦୃଶ୍ୟ ।

## ଟୁଇଟ୍ ପରେ ବନଖଣ୍ଡ ବିଭାଗର ତତ୍ପରତା

ଗୋପ,୧୬।୬(ଭାରତୀ ଭୂଷଣ ଉପାଧ୍ୟାୟ)

### କାମ୍ପା ଯୋଜନାରେ ଅନିୟମିତତା ଅଭିଯୋଗ

ଗୋପ ଜଙ୍ଗଲ ବିଭାଗ ଅଧୀନ ଦିଘାଲୋସ୍ଥିତ କୁଶଭଦ୍ରା ନଦୀ ନିକଟରେ କାମ୍ପା ଯୋଜନାରେ ଅନିୟମିତତା ହୋଇଥିବା ନେଇ ଜିଲା ବନ ଅଧିକାରୀଙ୍କୁ ଟୁଇଟ୍ ଯୋଗେ ଅଭିଯୋଗ ହୋଇଥିଲା। ଏହି ପ୍ରସଙ୍ଗରେ ଜିଲା ବନଖଣ୍ଡ ବିଭାଗ ପକ୍ଷରୁ ତତ୍ପରତା ଦେଖାଇ ଏହି ଘଟଣାର ତଦନ୍ତ କରାଯାଇ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ପି. ରାମସ୍ୱାମୀ କହିଛନ୍ତି। ପ୍ରକାଶ ଯେ, ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପୁରୀ ଜିଲା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଗୋପ ବନ ବିଭାଗ ଅନ୍ତର୍ଗତ ଦିଘାଲୋସ୍ଥିତ କୁଶଭଦ୍ରା ନଦୀପଠାରେ ୧୦ ହେକ୍ଟର ଅର୍ଥାତ୍ ୨୫ ଏକର ବିଶିଷ୍ଟ ଜମିରେ କାମ୍ପା ଯୋଜନାରେ ଚାରା ରୋପଣ କରାଯାଇଥିଲା। ମାତ୍ର ଏହି ଚାରା ରୋପଣରେ ବ୍ୟାପକ ଅନିୟମିତତା ହେବା ସହ ଏବେ ଏହି ଜମିରେ କାଁ ଭାଁ ଚାରା ରହିଛି। ଏହି ଯୋଜନାରେ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିବା କାଗଜପତ୍ରରେ ଦେଖାଯାଇଥିବା ସମୟରେ ପ୍ରକୃତରେ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ତାହା ଏବେ ତଦନ୍ତ ସାପେକ୍ଷ ହୋଇପଡ଼ିଛି। ୩ ବର୍ଷ ଲାଗି ଏହି ଯୋଜନାରେ ଲକ୍ଷାଧିକ ଟଙ୍କାର ଯୋଜନା ପ୍ରସ୍ତୁତ କରାଯିବାକୁ ରାଜ୍ୟ ସରକାର ବ୍ୟବସ୍ଥା କରିଥିବା ବେଳେ ପ୍ରଥମ ବର୍ଷରେ ଲକ୍ଷାଧିକ ଟଙ୍କା ଏହି ଯୋଜନାରେ ତୋସରପାତ କରାଯାଇଥିବା ଅଭିଯୋଗ ହୋଇଛି। ଏପରି ଏକ ଖବର ଗତ ୧୧ ତାରିଖ ଧରିତ୍ରୀରେ ପ୍ରକାଶିତ ହେବା ପରେ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ ଭାଗୀରଥି ସ୍ୱାଇଁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀଙ୍କ ସହିତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ, ପୁରୀ ଜିଲା ବନଖଣ୍ଡ ଅଧିକାରୀ ପି .ରାମସ୍ୱାମୀଙ୍କୁ ମଧ୍ୟ ଟୁଇଟ କରି ତଦନ୍ତ ଦାବି କରିଥିଲେ। ଏହି ଟୁଇଟ୍ ପରେ ଖୁବ୍‌ଶୀଘ୍ର ଏହି କାମ୍ପା ଯୋଜନାର ଦାୟିତ୍ୱ ନେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ପୁରୀ: ଶୁକ୍ରବାର ରଥ ବ୍ରେକ୍ ମରାମତିର ଶୁଭାରମ୍ଭ କରାଯାଉଛି।



ଶାବର ଶ୍ରୀକ୍ଷେତ୍ର ରଥଯାତ୍ରା ପାଇଁ ପୁରୀ ବିମାନ ବଡୁସାହିରେ ସୋମନାଥ ପଟ୍ଟନାୟକ ମହାପ୍ରଭୁଙ୍କ ତାହିଆ ପ୍ରସ୍ତୁତ କରୁଛନ୍ତି।

## ବଡ଼ଦାଣ୍ଡରେ ଥିବା ଅସୁରକ୍ଷିତ କୋଠା ସିଲ୍

ପୁରୀ, ୧୬।୬ (ଅଜିତ୍ ମହାନ୍ତି):

ଚଳିତ ମାସ ୨୦ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଘୋଷଯାତ୍ରାରେ ସାମିଲ ହେବା ପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୋଲିସ ପକ୍ଷରୁ ବଡଦାଣ୍ଡରେ ଥିବା ଅସୁରକ୍ଷିତ କୋଠାଗୁଡ଼ିକୁ ସିଲ୍ କରାଯାଇଛି। ପୁରୀ ତହସିଲଦାର କ୍ଷୀରୋଦ ବେହରା ଓ ଡେପୁଟି କଲେକ୍ଟର ରାମ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଅସରକ୍ଷିତ କୋଠାଗୁଡ଼ିକୁ ସିଲ୍ କରାଯାଇଛି। ରଥଯାତ୍ରା ସମୟରେ ଭକ୍ତମାନେ ବଡ଼ଦାଣ୍ଡରେ ଥିବା କୋଠାରେ ଠିଆହୋଇ ରଥ ଟଣା ଦେଖନ୍ତି। ତେଣୁ ଭକ୍ତଙ୍କ ସୁରକ୍ଷା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ପୃକ୍ତ କୋଠା ସିଲ୍ ହେବା ଫଳରେ ଭକ୍ତମାନେ ଉକ୍ତ ସ୍ଥାନକୁ ଯାଇପାରିବେ ନାହିଁ। ସିଂହଦ୍ୱାର ଥାନା ଏବଂ ଟାଉନ ଥାନା ଅଧୀନ ବଡ଼ଦାଣ୍ଡରେ ଥିବା ଅସୁରକ୍ଷିତ କୋଠାଗୁଡ଼ିକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି।



ରଜ ମହୋତ୍ସବ ଅବସରରେ ପୁରୀ ବୁଢ଼ୀମା' ବଗିଚା ପରିସରରେ ସଙ୍ଗୀତ ପରିବେଷଣ ।

# ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ

ପୁରୀ, ୧୬।୬(ଅଜିତ୍ ମହାନ୍ତି):

ପୁରୀ ପାଇକସାହିର ଏକ ମଠ ନିକଟରେ ଅବଢ଼ା ପ୍ରସ୍ତୁତ ସହ ବିକ୍ରୟ କରାଯାଉଥିବା ସୂଚନା ମିଳିବା ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହା ନକଲି ଅବଢ଼ା ଏବଂ ବେଆଇନ ଭାବେ ବିକ୍ରି କରାଯାଇ ଭକ୍ତଙ୍କୁ ଠକାଯାଉଥିବା ଅଭିଯୋଗ ହେଉଛି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ କେତେଜଣ ବ୍ୟକ୍ତିବିଶେଷଙ୍କ ମତାମତ ସମ୍ବଳିତ ଉପସ୍ଥାପନା।

### ନକଲି ଅବଢ଼ା ପ୍ରସ୍ତୁତ ପ୍ରସଙ୍ଗ



### ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଖୋଜି ବାହାର କରାଯାଉ

ନକଲି ଅବଢ଼ା ପ୍ରସ୍ତୁତ ପଛରେ କିଏ ରହିଛନ୍ତି ତାଙ୍କୁ ଖୋଜି ବାହାର କରାଯିବା ଦରକାର। ଏଭଳି ହାଣ୍ଡିରେ ଅବଢ଼ା ଓ ଡାଲି ପ୍ରସ୍ତୁତି ହେବା ଦ୍ୱାରା ଭକ୍ତ ଜାଣିପାରୁନାହାନ୍ତି। ତେଣୁ ସେମାନେ ବାହାରେ ପ୍ରସ୍ତୁତ ହେଉଥିବା ଅନ୍ନକୁ ମହାପ୍ରସାଦ ବୋଲି ଭାବୁଛନ୍ତି। ତେବେ ମହାପ୍ରସାଦର ଗରିମା ସ୍ୱତନ୍ତ୍ର। ମହାପ୍ରଭୁଙ୍କ ନିକଟରେ ମହାପ୍ରସାଦ ଭୋଗ ହୋଇ ମା' ବିମଳାଙ୍କୁ ସମର୍ପଣ ହେବା ପରେ ତାହା ମହାପ୍ରସାଦ ଭାବେ ବିବେଚନା କରାଯାଇଥାଏ, ଯାହାକୁ ବ୍ରାହ୍ମଣ ଓ ଚଣ୍ଡାଳ ଏକାଠି ଖାଇଥାନ୍ତି। ମହାପ୍ରସାଦର ମହିମା ଓ ଗୁରୁତ୍ୱ ରହିଛି। ତେଣୁ ନକଲି ଅବଢା ପ୍ରସ୍ତୁତ ଘଟଣାକୁ ଗୁରୁତ୍ୱର ସହ ନେଇ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ମିଳିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଯିଏ ଏହି ବେଆଇନ କାମ କରୁଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ। ଏହା ପଛରେ ଯେଉଁମାନେ ଅଛନ୍ତି ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**– ବିନାୟକ ଦାସମହାପାତ୍ର, ବରିଷ୍ଠ ଦଇତାପତି ସେବକ**

### ନକଲି ମହାପ୍ରସାଦ ପ୍ରସ୍ତୁତିରେ ସେବାୟତଙ୍କ ହାତ ଥାଇପାରେ

ଭକ୍ତଙ୍କ ସହ ବିଶ୍ୱାସଘାତ କରାଯାଉଛି। ତେଣୁ ସମୟ ଆସିଛି, ମହାପ୍ରସାଦ ବଦଳରେ ନିର୍ମାଲ୍ୟରେ କାମ ଚଳାଇବା ଉଚିତ୍। ଏପରି କଲେ ଗର୍ବ ଭାଙ୍ଗିବା ସହ ଆନନ୍ଦ ବଜାରରେ ଅସଭ୍ୟ ବ୍ୟବହାର ମଧ୍ୟ କମିଯିବ। ଯେଉଁମାନେ ମହାପ୍ରସାଦକୁ ଅପମାନିତ କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ପ୍ରଶାସନ ନିଜ ଆଡୁ ସିଂହଦ୍ୱାର ଥାନାରେ ଅଭିଯୋଗ କରି ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରିବା ଉଚିତ। ଏପରି ନକଲି ମହାପ୍ରସାଦ ପ୍ରସ୍ତୁତ କରିବାରେ ସେବାୟତଙ୍କ ହାତ ଥାଇପାରେ। ସେବାୟତଙ୍କ ବିନା ସହଯୋଗରେ ଏପରି ରୋଷେଇ ହୋଇପାରିବ ନାହିଁ। ତେବେ ପ୍ରଶାସନ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**– ସୂର୍ଯ୍ୟନାରାୟଣ ରଥ, ଅଧ୍ୟକ୍ଷ, ଶ୍ରୀଜଗନ୍ନାଥ ଭକ୍ତ ପରିଷଦ**

### ସୁଆର ସୂପକାରଙ୍କ ଭୂମିକାକୁ ଏଡ଼ାଇ ଦିଆଯାଇ ନ ପାରେ

ନକଲି ଟଙ୍କ ତୋରାଣି, ନକଲି ଗୀତଗୋବିନ୍ଦ ପାଟ ଆଉ ଏବେ ନକଲି ମହାପ୍ରସାଦ ଦେଖିବାକୁ ମିଳିଲା। ଏହା ଦୁଃଖଦାୟକ ଘଟଣା। ଏହା ପଛରେ ସୁଆର ସୂପକାରଙ୍କ ଭୂମିକା ଥିବାକୁ ଏଡ଼ାଇ ଦିଆଯାଇ ନ ପାରେ। ଶ୍ରୀମନ୍ଦିର ଆଇନରେ ଲେଖାହୋଇନାହିଁ ଯେ, ଶ୍ରୀମନ୍ଦିର ପରିସରରେ ରାନ୍ଧୁଥିବା ବ୍ୟକ୍ତି ବାହାରେ ରାନ୍ଧିପାରିବେ ନାହିଁ। ଫଳରେ ଏଭଳି ଘଟଣା ଘଟୁଛି। ତେଣୁ ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ କରିବାର ସମୟ ଆସିଛି। ଯଦି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିୟମ କଡ଼ାକଡ଼ି କରା ନ ଯାଏ ତେବେ ଆଗକୁ ଏଭଳି ଅନେକ ଘଟଣା ଦେଖିବାକୁ ମିଳିବ। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ ।

**– ହେକ୍ଟର ମିଶ୍ର, ସାମାଜିକ କର୍ମୀ।**

### ପ୍ରଶାସନ ପକ୍ଷରୁ ତଦନ୍ତ ସହ ସତ୍ୟ ଉନ୍ମୋଚନ କରାଯାଉ

ମହାପ୍ରଭୁ ଏବଂ ମହାପ୍ରସାଦ ଉପରେ ଭକ୍ତଙ୍କର ଅଗାଧ ଆସ୍ଥା ଓ ବିଶ୍ୱାସ ରହିଛି। ଏପରି ଘଟଣା ଅଗଣିତ ଭକ୍ତଙ୍କ ମନକୁ ଆନ୍ଦୋଳିତ କରିବା ସହ ଆଘାତ ଦେଇଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଇ ସତ୍ୟ ଉନ୍ମୋଚନ କରାଯାଉ। ଘଟଣା ସତ୍ୟ ହୋଇଥିଲେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**–ଉତ୍ତମ ମହାନ୍ତି, ଶ୍ରଦ୍ଧାଳୁ ତଥା ପୁରୀ ବାସିନ୍ଦା**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜୁନ୍ ୧୭/୨୦୨୩ Bhubaneswar, Saturday, June 17/ 2023



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୨ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଶୁକ୍ରବାର ପୁରୁଷ ୧୦୦ ମିଟର ଫାଇନାଲ ଅବସରରେ ପ୍ରତିଯୋଗୀମାନେ। **(ଫଟୋ: ବିକାଶ ନାୟକ)**

# ପ୍ରତ୍ୟାବର୍ତ୍ତନ ରେସ୍‌ରେ ଅଞ୍ଜଳିଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୬।୬
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୨ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ୧୪ଟି ଇଭେଣ୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହରିୟାଣା, ପଞ୍ଜାବ ଓ ତାମିଲନାଡୁ ଦଳର ପ୍ରତିନିଧି ଆଧିପତ୍ୟ ବିସ୍ତାର କରିଛନ୍ତି। ୩୫ କି.ମି. ରେସ୍ ୱାକ୍ ପୁରୁଷରେ ହରିୟାଣାର ଜୁନେଦ, ମହିଳା ବର୍ଗରେ ପଞ୍ଜାବର ମଞ୍ଜୁ ରାଣୀ, ପୁରୁଷ ଡିସ୍କସ୍ ଥ୍ରୋରେ ପଞ୍ଜାବର କ୍ରିପାଲ ସିଂ, ମହିଳା ୧୦୦ ମିଟର ରେସ୍‌ରେ ଆନ୍ଧ୍ର ପ୍ରଦେଶର ଜ୍ୟୋତି ଆରାଜି, ପୁରୁଷ ବର୍ଗରେ ତାମିଲନାଡୁର ଶିବ କୁମାର ବି. ପ୍ରମୁଖ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୪୦୦ ମିଟର ରେସ୍‌ର ମହିଳା ବର୍ଗରେ ହରିୟାଣାର ଅଞ୍ଜଳି ଦେବୀ, ପୁରୁଷ ବର୍ଗରେ ଶ୍ରୀଲଙ୍କାର କଳିଙ୍ଗା କୁମାରାଗେ, ୧୫୦୦ ମିଟର ମହିଳାରେ ମଧ୍ୟପ୍ରଦେଶର କେ.ଏମ୍. ଦୀକ୍ଷା ଏବଂ ୮୦୦ ମିଟର ପୁରୁଷରେ ହରିୟାଣାର କ୍ରିଶନ କୁମାର ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ୩୦୦୦ ମିଟର ଷ୍ଟିପଲଚେଜ୍ ପୁରୁଷରେ ହରିୟାଣାର ବାଲ୍‌କିଷନ ଏବଂ ମହିଳାରେ ଉତ୍ତର ପ୍ରଦେଶର ପାରୁଲ ଚୌଧାରୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

## ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ

### ପୋଡିୟମ ମଣ୍ଡନ କରିଥିବା ଆଥ୍‌ଲେଟ

୩୫ କି.ମି. ରେସ୍ ୱାକ୍ (ପୁରୁଷ): ୧-ଜୁନେଦ (ହରିୟାଣା), ୩:୦୦:୩୭.୦୦, ୨-ଏକନାଥ ସମ୍ଭୁଜି ତୁରାମ୍ଭ (ମହାରାଷ୍ଟ୍ର), ୩:୦୩:୪୦.୦୦, ୩-ବିକାଶ କୁମାର ଯାଦବ (ରାଜସ୍ଥାନ), ୩:୦୬:୦୬.୦୦।
୩୫ କି.ମି. ରେସ୍ ୱାକ୍ (ମହିଳା): ୧-ମଞ୍ଜୁ ରାଣୀ (ପଞ୍ଜାବ), ୩:୨୧:୩୧.୦୦, ୨-ମମତା ପାଲ (ଉତ୍ତର ପ୍ରଦେଶ), ୩:୪୦:୨୬.୦୦, ୩-କୋମଲ (ହରିୟାଣା), ୩:୪୨:୪୧.୦୦।
ଡିସ୍କସ୍ ଥ୍ରୋ (ପୁରୁଷ): ୧-କ୍ରିପାଲ ସିଂ (ପଞ୍ଜାବ), ୫୭.୩୯ ମି., ୨-ଗଗନଦୀପ ସିଂ (ପଞ୍ଜାବ), ୫୫.୬୯ ମି., ୩-ନିର୍ଭୟ ସିଂ (ହରିୟାଣା), ୫୫.୨୧ମି.।
୧୦୦ ମିଟର (ମହିଳା): ୧-ଜ୍ୟୋତି ଆରାଜି (ଆନ୍ଧ୍ର ପ୍ରଦେଶ), ୧୧.୪୬ ସେ., ୨-ଶ୍ରାବଣୀ ନନ୍ଦ (ଓଡ଼ିଶା), ୧୧.୫୯ ସେ., ୩-ହିମାଶ୍ରୀ ରୟ (ହରିୟାଣା), ୧୧.୭୧ ସେକେଣ୍ଡ।
୧୦୦ ମିଟର (ପୁରୁଷ): ୧-ଶିବ କୁମାର ବି. (ତାମିଲନାଡୁ), ୧୦.୩୭ ସେ., ୨-ହର୍ଷିତ ସିଂ (ପଞ୍ଜାବ), ୧୦.୪୫ ସେ., ୩-ଇଲାକ୍କିୟାଦଶନ କେ. (ତାମିଲନାଡୁ), ୧୦.୪୭ ସେକେଣ୍ଡ।
୪୦୦ ମି. ରନ୍ (ମହିଳା): ୧-ଅଞ୍ଜଳି ଦେବୀ (ହରିୟାଣା), ୫୧.୪୮ ସେ., ୨-ହିମାଂଶି ମଲିକ (ହରିୟାଣା), ୫୧.୭୬ ସେ., ୩-ଆର. ଭିଥ୍ୟ ରାମରାଜ (ତାମିଲନାଡୁ), ୫୨.୪୯ ସେକେଣ୍ଡ।
୪୦୦ ମି. ରନ୍ (ପୁରୁଷ): ୧-କଳିଙ୍ଗା କୁମାରାଗେ (ଶ୍ରୀଲଙ୍କା), ୪୫.୪୬ ସେ., ୨-ମହମ୍ମଦ ୟାନାସ ୟାହିୟା (କେରଳ), ୪୫.୭୬ ସେ., ୩-ମହମ୍ମଦ ଆଜମଲ ଭି. (କେରଳ), ୪୫.୯୦ସେକେଣ୍ଡ।
୧୫୦୦ ମିଟର (ମହିଳା): ୧-କେ.ଏମ. ଦୀକ୍ଷା (ମଧ୍ୟ ପ୍ରଦେଶ), ୪:୦୬.୦୭ ସେ., ୨-ହରମିଲନ ବେନ୍ସ (ପଞ୍ଜାବ), ୫:୦୮.୫୦ ସେ., ୩-ଚନ୍ଦା (ଦିଲ୍ଲୀ), ୪:୯.୩୯ ସେକେଣ୍ଡ।
୮୦୦ ମିଟର (ପୁରୁଷ): ୧-କ୍ରିଶନ କୁମାର (ହରିୟାଣା), ୧:୪୬.୧୭ ସେ., ୨-ମହମ୍ମଦ ଅଫଜାଲ ପି. (କେରଳ), ୧:୪୭.୪୭ ସେ., ପ୍ରଦୀପ ସେନ୍ଥିଲ କୁମାର (ତାମିଲନାଡୁ), ୧:୪୮.୧୦ ସେକେଣ୍ଡ।
୩୦୦୦ ମିଟର ଷ୍ଟିପଲଚେଜ୍ (ପୁରୁଷ): ୧-ବାଲକିଷନ (ହରିୟାଣା), ୮:୩୮.୯୮, ୨-ସୁମିତ କୁମାର (ଦିଲ୍ଲୀ), ୮:୪୩.୪୫, ୩-ପ୍ରିନ୍ସ ରାଜ ମିଶ୍ର (ସିକିମ), ୮:୪୪.୫୫।
୩୦୦୦ ମିଟର ଷ୍ଟିପଲଚେଜ୍ (ମହିଳା): ୧-ପାରୁଲ ଚୌଧାରୀ (ଉତ୍ତର ପ୍ରଦେଶ), ୯:୩୪.୨୩, ୨-ପ୍ରୀତି ଲାମ୍ବା (ହରିୟାଣା), ୯:୫୨.୮୯, ୩-କୋମଲ ଚନ୍ଦ୍ରକାନ୍ତ ଜାଗ୍ (ମହାରାଷ୍ଟ୍ର), ୧୦:୧୩.୧୦।

### ଅଞ୍ଜଳିଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ

ଆହତ ସମସ୍ୟାରୁ ମୁକୁଳି ପାଖାପାଖି ୪ ବର୍ଷ ବ୍ୟବଧାନରେ ଟ୍ରାକ୍‌କୁ ଫେରିଥିବା ହରିୟାଣାର ଅଞ୍ଜଳି ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ଦେବାସହ ୪୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ସେ ଏସିଆନ ଗେମ୍ସପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅଞ୍ଜଳି ଏଠାରେ ୫୧.୪୮ ସେକେଣ୍ଡ ସମୟ ନେଇଛନ୍ତି। ପୂର୍ବରୁ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂଥିଲା ୫୨.୦୩ ସେକେଣ୍ଡ। ଫଳରେ ସେ ସହଜରେ ଏସିଆନ ଗେମ୍ସ ଯୋଗ୍ୟତାପାଇଁ ଉଦ୍ଦିଷ୍ଟ ୫୨.୮୯ ସେକେଣ୍ଡକୁ ବହୁ ପଛରେ ପକାଇ ଦେଇଛନ୍ତି। ଆହତ ସମସ୍ୟା ପାଇଁ ସେ ୨୦୧୯ରୁ ବାହାରେ ରହିଥିଲେ। ମହିଳା ୪୦୦ ମିଟରରେ ଟପ୍-୪ରେ ରହିଥିବା ପ୍ରତିଯୋଗୀ ଏସିଆନ୍ ଗେମ୍ସ ଯୋଗ୍ୟତା ମାନଦଣ୍ଡ ପୂରଣ କରିଛନ୍ତି।

# ଶ୍ରାବଣୀ ନନ୍ଦଙ୍କୁ ରୌପ୍ୟ ପଦକ



ଭୁବନେଶ୍ୱର, ୧୬।୬
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୨ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ଇଭେଣ୍ଟରେ ଓଡ଼ିଶାର ଶ୍ରାବଣୀ ନନ୍ଦ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୧୧.୫୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତେବେ ଆନ୍ଧ୍ର ପ୍ରଦେଶର ଜ୍ୟୋତି ଆରାଜି ଓ ତାମିଲନାଡୁର ଶିବ କୁମାର ବି. ଯଥାକ୍ରମେ ଦ୍ରୁତତମ ଧାବିକା ଓ ଧାବକ ବିବେଚିତ ହୋଇଛନ୍ତି। ୧୦୦ ମିଟର ମହିଳାରେ ଜ୍ୟୋତି ୧୧.୪୬ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେ ସମ୍ପ୍ରତି ଭୁବନେଶ୍ୱରସ୍ଥିତ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ଟ୍ରେନିଂ ନେଉଛନ୍ତି। ହରିୟାଣାର ହିମାଶ୍ରୀ ରୟ ୧୧.୭୧ ସେକେଣ୍ଡ ସହିତ

### ଜ୍ୟୋତି, ଶିବ କୁମାର ଦ୍ରୁତତମ ଧାବିକା ଧାବକ

ବ୍ରୋଞ୍ଜ ପଦକ ପାଇଛନ୍ତି। ୧୦୦ ମିଟର ପୁରୁଷରେ ତାମିଲନାଡୁର ଶିବ କୁମାର ବି. ୧୦.୩୭ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପଞ୍ଜାବର ହର୍ଷିତ ସିଂ ୧୦.୪୫ ସେକେଣ୍ଡ ସହିତ ଦ୍ୱିତୀୟ ଏବଂ ତାମିଲନାଡୁର ଇଲାକ୍କିୟାଦଶନ କେ. ୧୦.୪୭ ସେକେଣ୍ଡ ନେଇ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଜାତୀୟ ରେକର୍ଡଧାରୀ ଅମିୟ କୁମାର ମଲିକ ୧୦.୫୮ ସେକେଣ୍ଡ ସମୟ ନେଇ ୮ମ ସ୍ଥାନରେ ରହିଥିଲେ। ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଆ ଆଥଲେଟ୍ ସୁସ୍ମିତା ଟିଗା ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।



ମହିଳା ଲଙ୍ଗଜମ୍ପ ଇଭେଣ୍ଟ ଅବସରରେ ଜଣେ ପ୍ରତିଯୋଗୀ।

# କଳିଙ୍ଗ ଭାରତର ନୂଆ ଲଞ୍ଚ ପ୍ୟାଡ୍

ଭୁବନେଶ୍ୱର, ୧୬।୬
(ବିଜୟ ରଣା)

ଅନ୍ତର୍ଜାତୀୟ ଓ ଜାତୀୟ ଟୁର୍ନାମେଣ୍ଟ ପାଇଁ କଳିଙ୍ଗ ଷ୍ଟାଡିୟମ ଆଥଲେଟଙ୍କ ସକାଶେ ଭାରତର ନୂଆ ଲଞ୍ଚ ପ୍ୟାଡ୍ ଭାବେ କାର୍ଯ୍ୟକରୁଛି। ଏକଥା କହିଛନ୍ତି ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସଚିବ ଆର୍. ଭିନିଲ କ୍ରିଷ୍ଣା। ବର୍ଷସାରା ଚଳଚଞ୍ଚଳ ରହିଥିବା ଏହି ଷ୍ଟାଡିୟମରେ ବର୍ତ୍ତମାନ ହିରୋ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଓ ୬୨ତମ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍ ଚାଲିଛି। କଳିଙ୍ଗରେ କାହିଁକି ଏକ ସମୟରେ ଦୁଇଟି ବଡ଼ ଇଭେଣ୍ଟର ଆୟୋଜନ ଅନେକଙ୍କୁ ବିସ୍ମିତ କରିଥିବ। କାରଣ ଏକ ସମୟରେ ଉପରୋକ୍ତ ଦୁଇଟି ବଡ଼ ଇଭେଣ୍ଟର ସୁଚାରୁ ରୂପେ ଆୟୋଜନ ସହଜ କଥା ନୁହେଁ। ଏଭଳି ଟୁର୍ନାମେଣ୍ଟ ଆୟୋଜନ ନିଶ୍ଚିତ ଆମ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ସଦୃଶ। ହେଲେ ଆମେ ସକ୍ଷମ। ଏନେଇ ଆମ ଟିମ୍‌ର ଦୃଢ ଆତ୍ମବିଶ୍ୱାସ ରହିଛି। ଅତୀତରେ ଆମେ



ଆର. ଭିନିଲ କ୍ରିଷ୍ଣା

ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍ ସଫଳତାର ସହ ଆୟୋଜନ କରିପାରିଛୁ। ଏଥିରୁ ଆମେ ଯଥେଷ୍ଟ ଅଭିଜ୍ଞତା ହାସଲ କରିଛୁ। ବର୍ତ୍ତମାନ ଆଥଲେଟିକ୍ସ ଚାମ୍ପିୟନଶିପ୍ ସକାଳେ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହେଉଛି। ପରେ ଇଣ୍ଟରକଣ୍ଟିନେଣ୍ଟାଲ ଅପରାହ୍ନ ୪ଟାରୁ ଆରମ୍ଭ ହେଉଛି। ଦୁଇଟି ଇଭେଣ୍ଟ ମଧ୍ୟରେ ଯେଉଁ ସ୍ୱଳ୍ପ ବ୍ୟବଧାନ ରହିଛି ଷ୍ଟାଡିୟମ ଦୃଶ୍ୟପଟ୍ଟ ବଦଳେଇ ଦିଆଯାଉଛି। ଆଥଲେଟିକ ଚାମ୍ପିୟନଶିପ୍‌ରେ ଶ୍ରୀଲଙ୍କା ଓ ମାଳଦ୍ୱୀପରୁ ଆମନ୍ତ୍ରିତ ଆଥଲେଟ୍‌ମାନେ ଅଂଶଗ୍ରହଣ କରିଛନ୍ତି। ସେମାନେ ଓଡ଼ିଶାରୁ ସେମାନଙ୍କ ଅନୁଭୂତି ନେଇ ଫେରିବେ। ସେମାନେ ଆମ ବ୍ରାଣ୍ଡ ଆମ୍ବାସାଡର ପାଲଟିଯିବେ।

ଭାରତ ଓ ସମଗ୍ର ବିଶ୍ୱର ଶ୍ରେଷ୍ଠ ଆଥଲେଟମାନଙ୍କୁ ନେଇ ବିଶ୍ୱଶ୍ରେଣୀର ଇଭେଣ୍ଟଗୁଡ଼ିକ ଆୟୋଜନ ଲାଗି କଳିଙ୍ଗ ଷ୍ଟାଡିୟମ ସବୁବେଳେ ପ୍ରସ୍ତୁତ ଥିବା କ୍ରୀଡ଼ା ସଚିବ କହିଛନ୍ତି। ଷ୍ଟାଡିୟମରେ ରହିଥିବା ସମସ୍ତ କମ୍ପ୍ଲେକ୍ସର ସଦୁପଯୋଗ ହେଉ ବୋଲି ଆମେ ଚାହୁଁଛୁ। ଏପର୍ଯ୍ୟନ୍ତ ସବୁ ଠିକ୍‌ଠାକ୍ ଚାଲିଛି। ତେଣୁ ଭବିଷ୍ୟତରେ ଆମ ଷ୍ଟାଡିୟମରେ ଏହିଭଳି ଅଧିକ ଇଭେଣ୍ଟ ଆୟୋଜନ ହୋଇପାରିବ।



ଦ୍ରୁତତମ ଧାବିକା ଓ ଧାବକ ଜ୍ୟୋତି ଆରାଜି ଓ ଶିବ କୁମାର ବି. ପଦକ ପ୍ରଦର୍ଶନ କରୁଛନ୍ତି।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଭିନ୍ନ ଅଞ୍ଚଳର ପିଲାମାନେ।

## ଜେଏସ୍‌ପି ଫାଉଣ୍ଡେଶନ, ଡିଟିଏସ୍‌ଏଫ୍ ପକ୍ଷରୁ ମେଗା କାର୍ଯ୍ୟକ୍ରମ

# ତୃଣମୂଳ ହକିକୁ ପ୍ରୋତ୍ସାହନ ଲକ୍ଷ୍ୟ

ରାଉରକେଲା, ୧୬।୬ (ସଙ୍ଗୀତା ଜେନା)

ଜେଏସ୍‌ପି ଫାଉଣ୍ଡେଶନ ଓ ଦିଲ୍ଲୀପ ତିର୍କୀ ସ୍ପୋର୍ଟସ ରିସର୍ଚ୍ଚ ଆଣ୍ଡ୍ ଡେଭଲପ୍‌ମେଣ୍ଟ ଫାଉଣ୍ଡେଶନ (ଡିଟିଏସ୍‌ଆର୍‌ଡିଏଫ୍) ଆନୁକୂଲ୍ୟରେ ରାଉରକେଲା ସେକ୍ଟର-୫ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଶୁକ୍ରବାର ସକାଳେ ତୃଣମୂଳ ହକିକୁ ପ୍ରୋତ୍ସାହନ କରିବା ପାଇଁ ମେଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ରାଉରକେଲା ସମେତ ବିଭିନ୍ନ ବ୍ଲକର ୨୧୫ ଗ୍ରାମରୁ ପ୍ରାୟ ୫ହଜାର ପିଲାଙ୍କୁ ହକି କିଟ୍ ବଣ୍ଟନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀପ ତିର୍କୀ ସ୍ପୋର୍ଟସ ରିସର୍ଚ୍ଚ ଫାଉଣ୍ଡେଶନର ଅଧ୍ୟକ୍ଷ ତଥା ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଅଧ୍ୟକ୍ଷତା କରି କହିଥିଲେ, ଉପଯୁକ୍ତ ପ୍ରତିଭା ଖୋଜିବା ଏବଂ ସେମାନଙ୍କୁ ତାଲିମ ଦେବା ଆମର ଦାୟିତ୍ୱ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଶ୍ରମ ଓ ଇଏସ୍‌ଆଇ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ, ଅଲିମ୍ପିଆନ ଅଶୋକ ଧ୍ୟାନଚାନ୍ଦ, ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ, ଏସ୍‌ଡିସି ଅଧ୍ୟକ୍ଷ ବିନୟ ଟପ୍ପୋ, ପୂର୍ବତନ ବିଧାୟକ ମଙ୍ଗଳା କିଷାନ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ପୂର୍ବତନ ବିଧାୟକ ଭୀମ ଚୌଧୁରୀ, ହକି ତାରକା ବୀରେନ୍ଦ୍ର ଲାକ୍ରା, ସୁଭଦ୍ରା ପ୍ରଧାନ, ଆରଏସ୍‌ପି ଇଡି (ପିଏଣ୍ଡଏ) ଏସ୍. ଆର. ସୂର୍ଯ୍ୟବଂଶୀ, ବିଜେଡି ବରିଷ୍ଠ ନେତା ଆନନ୍ଦ ମହାନ୍ତି, ପୂର୍ବତନ ହକି କୋଚ୍ ଅଜୟ ବଂଶଲଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ମଞ୍ଚାସୀନ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜେଏସ୍‌ପି ଫାଉଣ୍ଡେଶନର ଅଧ୍ୟକ୍ଷା ସାଲୁ ଜିନ୍ଦଲ ଭିଡିଓ କନ୍‌ଫରେନ୍ସ ଜରିଆରେ କହିଥିଲେ, ଛୋଟବେଳୁ ପିଲାମାନଙ୍କ ଶାରୀରିକ କ୍ଷମତାକୁ ଦୃଷ୍ଟିରେ ରଖି ହକି ଖେଳିବାକୁ ପ୍ରୋତ୍ସାହିତ କରାଯାଉଛି। ତେଣୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପିଲାମାନେ ନିଶ୍ଚୟ ସୁଯୋଗ ପାଇବେ ବୋଲି ସେ ଆଶାପ୍ରକଟ କରିଥିଲେ। ଅନୁରୂପ ଭାବେ ଅଧ୍ୟକ୍ଷ ନବୀନ ଜିନ୍ଦଲ ସନ୍ଦେଶରେ କହିଲେ, ଅନୁଗୋଳରେ ଆଗାମୀ ଦିନରେ ୨୭ ମିଲିୟନ ଇସ୍ପାତ କାରଖାନା ନିର୍ମାଣ ସହ ୧ଲକ୍ଷ ୫୦ ହଜାର ରୋଜଗାର ଉତ୍ପନ୍ନ ହେବ। ଏହାଦ୍ୱାରା ଦେଶର ବିକାଶ ଅଧିକ ତ୍ୱରାନ୍ୱିତ ହେବ। ଏହାସହ ହକି ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ହକି ତାରକାମାନେ ନିକଟସ୍ଥ ଗ୍ରାମମାନଙ୍କରୁ ୨୫୧ ଜଣ ପିଲାଙ୍କୁ ନୂତନ ଭାବେ ହକିରେ ସାମିଲ କରିଥିଲେ। କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲ ଓ ପାୱାର କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରମୁଖ ପ୍ରଶାନ୍ତ ହୋତା ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ। ଜେଏସ୍‌ପି ପାରିପାର୍ଶ୍ୱିକ ଅଞ୍ଚଳ ବିକାଶ ଡିଜିଏମ୍ ଭର୍ଜିଲ ଲାକ୍ରା, ରାକେଶ ମହାନ୍ତି, ରାଜୁ ମହାନ୍ତି ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ